# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୫/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, April 5/2025 | Page 16 | ₹ 7.00

୫୧ଶ ଭାଗ ୧୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 130 | ମୂଲ୍ୟ ₹୭/-




## 'ଖତ୍‌ରୋଁ କା ଖିଲାଡି ୧୫': ମଲ୍ଲିକାଙ୍କୁ ନେଇ ଚର୍ଚ୍ଚା

ଷ୍ଟଣ୍ଟ୍ ରିଅ୍ୟଲିଟି ଶୋ' 'ଖତ୍‌ରୋଁ କା ଖିଲାଡି'ର ୧୫ଶ ସିଜନ୍‌ରେ ଅଭିନେତ୍ରୀ ମଲ୍ଲିକା ଶେରାୱତଙ୍କୁ ଦେଖିବାକୁ ମିଳିପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

୧୪

୧୬

## ପାଣ୍ଡ୍ୟାଙ୍କ ୫ଉଇକେଟ ସଫଳତା

ଲକ୍ଷ୍ନୌ ସୁପର ଜାଏଣ୍ଟ ବିପକ୍ଷ ଆଇପିଏଲ ମ୍ୟାଚରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା।



# ଓଡ଼ିଶାରେ ୧୧ରୁ 'ଆୟୁଷ୍ମାନ'

ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)

ଆସନ୍ତା ୧୧ ତାରିଖରେ ଓଡ଼ିଶାରେ ଆୟୁଷ୍ମାନ୍-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଏହି ଯୋଜନାର ଶୁଭାରମ୍ଭ କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ମନମୋହନ ଗଣମାଧ୍ୟମକୁ ସୂଚନା ଦେଇ ଶୁକ୍ରବାର କହିଛନ୍ତି, ନଡ୍ଡା ୧୦ ତାରିଖ ବିଳମ୍ବିତ ରାତିରେ ଓଡ଼ିଶାରେ ପହଞ୍ଚିବେ। ୧୧ ତାରିଖରେ ଆୟୁଷ୍ମାନ୍ ☞ପୃଷ୍ଠା-୪






# ମନୋଜ କୁମାରଙ୍କ ପରଲୋକ

ମୁମ୍ବାଇ, ୪।୪

ହିନ୍ଦୀ ସିନେମା ଜଗତର ବର୍ଷିଆନ ଅଭିନେତା ମନୋଜ କୁମାରଙ୍କର ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଶୁକ୍ରବାର ଭୋର୍ ୩ଟା ୩୦ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସେ ଗତ କିଛିମାସ ଧରି ଡିକମ୍ପେନସେଟେଡ୍ ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟ ବିଗିଡ଼ିବାରୁ ତାଙ୍କୁ ଗତ ଫେବୃଆରୀ ୨୧ରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ମୁମ୍ବାଇ ଜୁହୁସ୍ଥିତ ତାଙ୍କ ବାସଭବନକୁ ଯାଇ ମନୋଜଙ୍କ ଶେଷଦର୍ଶନ କରିଛନ୍ତି। ଶନିବାର ସକାଳେ ଜୁହୁସ୍ଥିତ ହଂସ ଶ୍ମଶାନରେ ମନୋଜଙ୍କ ଅନ୍ତିମ ସଂସ୍କାର କରାଯିବ।

୧୯୩୭ ଜୁଲାଇ ୨୪ରେ ବ୍ରିଟିଶ୍ ରାଜ୍ ଚାଲିଥିବାବେଳେ ମନୋଜ ବର୍ତ୍ତମାନର ପାକିସ୍ତାନର ଆବୋଟାବାଦ ସହରରେ ଜନ୍ମ ହୋଇଥିଲେ। ତାଙ୍କର ମୂଳ ନାମ ହରିକୃଷ୍ଣ ଗିରି ଗୋସ୍ୱାମୀ ଥିଲା। 'ଉପକାର', 'ପୂର୍ବ ଔର ପଶ୍ଚିମ', 'ରୋଟି କପଡ଼ା ଔର ମକାନ', 'କ୍ରାନ୍ତି', 'ଦୋ ବଦନ', 'ହରିୟାଲୀ ଔର ରାସ୍ତା', 'ଗୁମନାମ' ଆଦି ଅନେକ ହିଟ୍ ଫିଲ୍ମ ସେ ଦେଇଥିଲେ। ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ୧୯୬୭ରେ ରିଲିଜ୍ ହୋଇଥିବା ଦେଶାତ୍ମବୋଧ ଚଳଚ୍ଚିତ୍ର 'ଉପକାର'ରେ ମନୋଜଙ୍କ ଭାରତ କୁମାର ଚରିତ୍ର ଘରେ ଘରେ ତାଙ୍କୁ ଲୋକପ୍ରିୟ କରାଇଥିଲା। ତାଙ୍କ ମୃତ୍ୟୁକୁ ନେଇ ବଲିଉଡ୍‌ରେ ଶୋକର ଛାୟା ଖେଳିଯାଇଛି। ମନୋଜ ଅନେକ ପ୍ରତିଷ୍ଠିତ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ☞ପୃଷ୍ଠା-୪



# ଜାତି ଗଲା, ପେଟ ପୂରିଲାନି

ସଂସଦରେ ଗୁରୁବାର ବିଳମ୍ବିତ ରାତିରେ ମଞ୍ଜୁରୀ ଲାଭ କରିଥିବା କେନ୍ଦ୍ରର ୱାକ୍‌ଫ ସଂଶୋଧନ ବିଲ୍, ୨୦୨୫ ଉପରେ ବିଜେଡିର ବିଭାଜିତ ଆଭିମୁଖ୍ୟକୁ ନେଇ ଓଡ଼ିଶା ରାଜନୀତି ସରଗରମ ହୋଇଛି। ରାଜ୍ୟ ସଭାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସଦସ୍ୟଙ୍କ ସଂଖ୍ୟା ୧୧୭ ଥିବାବେଳେ ଏହି ବିବାଦୀୟ ବିଲ୍‌କୁ ପାରିତ କରାଇବା ପାଇଁ ୧୧୯ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ଥିଲା। କିନ୍ତୁ ଶେଷରେ ୱାକ୍‌ଫ ବିଧେୟକ ସପକ୍ଷରେ ୧୨୮ ଓ ବିରୋଧରେ ୯୫ ଭୋଟ ପଡ଼ିଥିଲା। ବିଜେଡି ଭଳି ଅଣଏନ୍‌ଡିଏ ଏବଂ ଅଣଇଣ୍ଡିଆ ଦଳଗୁଡ଼ିକର କେତେଜଣ ସଦସ୍ୟଙ୍କ ଭିତିରି ସମର୍ଥନ ଯୋଗୁ ବିଲ୍ ପାରିତ ହୋଇଥିବା ଚର୍ଚ୍ଚା ହେଉଛି। ବିଜେଡିରେ ଆହୁରି ଆଲୋଚନା ହେଉଛି ଯେ, ଉକ୍ତ ବିଲ୍ ବିରୋଧରେ ରାଜ୍ୟ ସଭାରେ ଭୋଟ ଦେବା ପାଇଁ ପୂର୍ବରୁ ଦଳର ସଭାପତି ନବୀନ ପଟ୍ଟନାୟକ ୭ ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମେ ମୁଜିବୁଲ୍ଲା (ମୁନ୍ନା) ଖାଁ ଏହା ବିରୋଧରେ ଭୋଟ ଦେଇଥିବାବେଳେ ସସ୍ମିତ ପାତ୍ର କିନ୍ତୁ ବିଲ୍ ସପକ୍ଷରେ ମତଦାନ କରିଥିଲେ। ଅନ୍ୟପକ୍ଷେ ଦଳର ପରିବର୍ତ୍ତିତ ଆଭିମୁଖ୍ୟକୁ ନେଇ ଅସନ୍ତୁଷ୍ଟ ହୋଇ ଦେବାଶିଷ ସାମନ୍ତରାୟ ମତଦାନରୁ ବିରତ ରହିଥିବା କହିଛନ୍ତି। ଦଳ ଭିତରେ ନବୀନଙ୍କ ନିର୍ଦ୍ଦେଶକୁ ଅବଜ୍ଞା ସହ ଭିନ୍ନମତ ପ୍ରକାଶ ପାଇବା ପରେ ନେତାଙ୍କ ମଧ୍ୟରେ କମ୍ପନ ସୃଷ୍ଟି ହୋଇଛି। ଏଭଳି ସମୟରେ ନିଜ ସ୍ଥିତି ମଜଭୁତ୍ କରିବା ଲକ୍ଷ୍ୟରେ ଥିବା କଂଗ୍ରେସକୁ ମାଗଣାରେ ଆଉ ଏକ ଅସ୍ତ୍ର ମିଳିଯାଇଛି। ପୂର୍ବତନ ଭାଜପା ଓ ବିଜେଡି ମେଣ୍ଟ ଏବେ ମଧ୍ୟ କଳବଲରେ ରହିଥିବା କହି କଂଗ୍ରେସ ୨ ପୂର୍ବତନ ମେଣ୍ଟ ସହଯୋଗୀଙ୍କୁ ସମାଲୋଚନା କରିଛି। ବର୍ତ୍ତମାନ ରାଷ୍ଟ୍ରପତିଙ୍କ ଅନୁମୋଦନ ଅପେକ୍ଷାରେ ଥିବା ୱାକ୍‌ଫ ବିଲ୍‌କୁ ନେଇ ବିଜେଡିର ଅସ୍ପଷ୍ଟ ମତ ଆଗକୁ ଦଳ ପାଇଁ କ୍ଷତିକାରକ ହୋଇପାରେ ବୋଲି କୁହାଯାଉଛି। ବିଜେଡିର ଏଭଳି ଆଭିମୁଖ୍ୟକୁ ଦେଖି ଦଳର ଜାତି ଗଲା, ତଥାପି ପେଟ ପୂରିଲାନି ବୋଲି ଅନେକେ କହିଛନ୍ତି।

## ବିଜେଡିର ବିଭାଜିତ ଆଭିମୁଖ୍ୟ, କଂଗ୍ରେସ କହିଲା 'ଡିଲ୍'

ଭୁବନେଶ୍ୱର, ୪।୪(ବ୍ୟୁରୋ)

ରାଜ୍ୟ ସଭାରେ ଗୁରୁବାର ୱାକ୍‌ଫ ବିଲ୍ ପାରିତ ହୋଇଯାଇଛି। ହେଲେ ଶେଷ ମୁହୂର୍ତ୍ତରେ ବିଜେଡି ଯେଭଳି ଏହି ବିଲ୍‌କୁ ନେଇ ନିଜ ଆଭିମୁଖ୍ୟ ବଦଳାଇଲା, ସେଥିପାଇଁ ସବୁଆଡୁ ସମାଲୋଚନା ଆରମ୍ଭ ହୋଇଗଲାଣି। ନିଜର ରାଜନୈତିକ ସ୍ୱାର୍ଥ ବଞ୍ଚାଇବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳକୁ ବ୍ୟବହାର କରିବେଲେ ବୋଲି କୁହାଯାଉଥିବାବେଳେ ଦଳ ଭିତରେ ଏକପ୍ରକାର କମ୍ପନ ସୃଷ୍ଟି ହୋଇଛି। ୨୦୨୪ ନିର୍ବାଚନରେ ବିଜେଡି ଶାସନରୁ ଯିବା ପରେ ଯେଉଁ କେତେଜଣ ନେତା ସବୁ କଥା ଭୁଲି ଦଳକୁ ମଜଭୁତ କରିବେ ବୋଲି ଆଗଭର ହୋଇ ବାହାରିଥିଲେ, ଏହି ଦୃଶ୍ୟ ଦେଖିବା ପରେ ସେମାନଙ୍କ ଚିନ୍ତା ଚେତନା ବଦଳିଯାଇଛି। ଇଏଙ୍କ ସ୍ୱାର୍ଥ ରକ୍ଷା କରିବାକୁ ନବୀନ ଯେଉଁ ପଦକ୍ଷେପ ନେଇଛନ୍ତି, ସେଥିରେ ବିଜେଡିର ବ୍ୟାପକ କ୍ଷତି ହୋଇଗଲା ବୋଲି ଦଳର ନେତାମାନେ କୁହାକୁହି ହେଲେଣି। ଏହି ବିଲ୍‌କୁ ବିରୋଧ କରିବାକୁ ବିଜିନ ଜାଗାରେ ୩ ଥର ମତ ରଖିଥିବା ନବୀନ ହଠାତ୍ କାହିଁକି ଦଳର ଆଭିମୁଖ୍ୟ ବଦଳାଇଲେ ବୋଲି ବରିଷ୍ଠ ନେତାମାନେ ପ୍ରଶ୍ନ କରିବା ବେଳକୁ ବିଜେଡି ସଭାପତି ଖ୍ରୀଷ୍ଟିଆନ-ମୁସଲମାନ ଗପ ଶୁଣାଇଛନ୍ତି। ନବୀନଙ୍କ ଭିତରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ପାଇଁ ଏବେ ଜାତି ଗଲା, ହେଲେ ପେଟ ପୂରିଲାନି ବୋଲି କେତେଜଣ ଦଳୀୟ ନେତା ମତ ଦେଇଛନ୍ତି। ☞ପୃଷ୍ଠା-୪


DSPL-15






ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଓଡ଼ିଆ ପକ୍ଷ ପାଳନ
## ଐତିହ୍ୟ ଗଣ ଦୌଡ଼

୫ ଏପ୍ରିଲ୍ ୨୦୨୫

ସକାଳ ୫.୩୦ ଘଟିକା | ଖଣ୍ଡଗିରି, ଭୁବନେଶ୍ୱର

କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର

OIPR-29001/13/0070/2425




## ୱାକ୍‌ଫ ବିଲ୍‌କୁ ଜୋରଦାର ବିରୋଧ

### ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

କୋଲକାତା/ ଚେନ୍ନାଇ/ ନୂଆଦିଲ୍ଲୀ, ୪।୪

ପାର୍ଲାମେଣ୍ଟରେ ବହୁଚର୍ଚ୍ଚିତ ୱାକ୍‌ଫ ବିଲ୍ ଗୃହୀତ ହେବା ପରେ ଏହାର ପ୍ରତିବାଦରେ କୋଲକାତା, ଚେନ୍ନାଇ ଏବଂ ଅହମଦାବାଦରେ ଶୁକ୍ରବାର ଜୋରଦାର ବିକ୍ଷୋଭ ହୋଇଛି। ମୁସଲମାନ ସମ୍ପ୍ରଦାୟର ନମାଜ ପାଠ ପରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ। ପଶ୍ଚିମବଙ୍ଗ ରାଜଧାନୀ କୋଲକାତାରେ ବହୁସଂଖ୍ୟାରେ ଲୋକେ ଜାତୀୟ ପତାକା ଧରି ସାଧାରଣ ସଭା ସ୍ଥଳରେ ଏକାଠି ହେବା ସହ ଆମେ ୱାକ୍‌ଫ ସଂଶୋଧନକୁ ପ୍ରତ୍ୟାଖ୍ୟାନ କରୁଛୁ ଏବଂ ଏହି ବିଲ୍‌କୁ ବାତିଲ କରାଯାଉ ବୋଲି ଦାବି କରିଥିଲେ। ୱାକ୍‌ଫ ସୁରକ୍ଷା ମିଳିତ ଫୋରମ୍ ପକ୍ଷରୁ ଅଧିକାଂଶ ବିକ୍ଷୋଭର ଆୟୋଜନ କରାଯାଇଥିଲା। ସେହିପରି ଅହମଦାବାଦରେ ବହୁସଂଖ୍ୟାରେ ଲୋକେ ବିକ୍ଷୋଭରେ ସାମିଲ ହୋଇଥିବାବେଳେ ପୋଲିସ ବଳପୂର୍ବକ ସେମାନଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲା। ଚେନ୍ନାଇରେ ମଧ୍ୟ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଛି। ଅଭିନେତା ବିଜୟଙ୍କ ଦଳ ତାମିଲଗା ଭେଟ୍ରି କାଝାଗାମ (ଟିଭିକେ) ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଘୋଷଣା କରାଯାଇଥିଲା। ଟିଭିକେ କର୍ମୀମାନେ ଚେନ୍ନାଇ ସମେତ କୋଏମ୍ବାଟୁର, ତିରୁଚିରାପଲ୍ଲୀ ଆଦି ବିଭିନ୍ନ ସହରରେ ଏକାଠି ହୋଇ ୱାକ୍‌ଫ ବିଲ୍ ବିରୋଧରେ ସ୍ଲୋଗାନ ଦେଇଥିଲେ। ଲୋକ ସଭାରେ ବୁଧବାର ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିତର୍କ ପରେ ୱାକ୍‌ଫ ସଂଶୋଧନ ବିଧେୟକ ଗୃହୀତ ହୋଇଥିଲା। ☞ପୃଷ୍ଠା-୪


ଆଜିର ସମ୍ପାଦକୀୟ
ବିଚିତ୍ର ନିଯୁକ୍ତି


### ଆଜିର ମନ୍ତବ୍ୟ

"ପାର୍ଲାମେଣ୍ଟରେ ୱାକ୍‌ଫ ବିଲ୍ ଗୃହୀତ ହେବା ସାମାଜିକ-ଅର୍ଥନୈତିକ ନ୍ୟାୟ, ସ୍ୱଚ୍ଛତା ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ଭାରତର ସାମୂହିକ ଅଭିଯାନର ଏକ ଐତିହାସିକ ମୁହୂର୍ତ୍ତ।"

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

No. T-

## ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା **ତା୦୭.୦୪.୨୦୨୫ ରିଖ (ସୋମବାର)** ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା ୦୪.୦୪.୨୦୨୫ ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତିସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0081/2425


# ଭୁବନେଶ୍ୱରରେ ବୃହତ୍ ବିକ୍ରୟ
## ଆନ୍ତର୍ଜାତୀୟ ବ୍ରାଣ୍ଡର ପୋଷାକ

SALE
ANNUAL STOCK CLEARANCE SALE



Exclusive Offer
ସର୍ବାଧିକ 90% ରିହାତି
ବିକ୍ରୟ କେବଳ ୨ ଦିନ ପାଇଁ
୫ ଓ ୬ ଏପ୍ରିଲ, ୨୦୨୫

ଆମ କମ୍ପାନୀ ଏହାର ଲକ୍ସୁରୀ ବ୍ରାଣ୍ଡର ପୋଷାକଗୁଡ଼ିକୁ ସିଙ୍ଗାପୁର, ଦୁବାଇ, ନୋଏଡା, କୋଚି, ହାଇଦ୍ରାବାଦ, ନାଗପୁର, ଭୋପାଳ ସହରରେ ପୂର୍ବରୁ ବିକ୍ରୟର ବ୍ୟବସ୍ଥା କରିସାରିଛି। ବର୍ତ୍ତମାନ ଆମେ ଭୁବନେଶ୍ୱରରେ ଏହାକୁ ଆୟୋଜନ କରୁଛୁ। ଏହି ବିକ୍ରୟରେ ଆମେ ଏହି ସବୁ ଲକ୍ସୁରୀ ବ୍ରାଣ୍ଡର ପୋଷାକଗୁଡ଼ିକୁ ଆନ୍ତର୍ଜାତିକ ବଜାର ତୁଳନାରେ ଖୁବ୍ କମ୍ ମୂଲ୍ୟରେ ବିକ୍ରିପାଇଁ ସୁଯୋଗ ଦେଉଛୁ, ଯଦ୍ୱାରା ଭାରତର ଲୋକମାନେ ଏହି ସବୁ ବ୍ରାଣ୍ଡର ପୋଷାକକୁ କିଣି ପାରିବେ।

ମାତ୍ର ଦୁଇ ଦିନ ପାଇଁ, ୯୦% ଡିସକାଉଣ୍ଟ ସହିତ ଉଦଯାପନ ପାଇଁ କଲେକ୍ସନ ସ୍ପେଶାଲ ବିକ୍ରୟ



ଦୁବାଇଠାରେ ଆମର ବିକ୍ରୟ | ସିଙ୍ଗାପୁରରେ ଆମର ବିକ୍ରୟ | ହାଇଦ୍ରାବାଦରେ ଆମର ବିକ୍ରୟ

| | | | |
|---|---|---|---|
| ପୁରୁଷଙ୍କ ପୋଷାକ | @ ₹150 ରୁ ₹ 1000 | ମୂଳ ମୂଲ୍ୟ ₹895 | ₹ 9995 |
| ମହିଳାଙ୍କ ପୋଷାକ | @ ₹150 ରୁ ₹ 600 | ମୂଳ ମୂଲ୍ୟ ₹995 | ₹ 5995 |
| ପିଲାଙ୍କ ପୋଷାକ | @ ₹150 ରୁ ₹ 600 | ମୂଳ ମୂଲ୍ୟ ₹1195 | ₹ 2495 |
| ବ୍ରାଣ୍ଡେଡ୍ ଫୁଟ୍ ୱିୟର | @ ₹1000 ରୁ ₹ 2000 | ମୂଳ ମୂଲ୍ୟ ₹4995 | ₹ 12995 |

ବିପୁଳ ଫ୍ରେଶ ବ୍ରାଣ୍ଡେଡ୍ କଲେକ୍ସନ • ଟ୍ରାଉଜର • ଶାର୍ଟ • ସ୍ୱେଟର୍ସ • ଜିନ୍ସ • ମହିଳାଙ୍କ ପୋଷାକ • ପିଲାଙ୍କ ପୋଷାକ • ସ୍ପୋର୍ଟସ ୱିୟର ଓ ସୁଜ

## ହୋଟେଲ ନ୍ୟୁ ମ୍ୟାରିୟନ
୬, ଜନପଥ ରୋଡ୍, ଶିଳ୍ପାଞ୍ଚଳ, ଖାରବେଳ ନଗର, ଭୁବନେଶ୍ୱର, ଓଡ଼ିଶା

ସମୟ: ସକାଳ ୧୦ ଘଟିକାରୁ ରାତ୍ରି ୧୦ ଘଟିକା | ସବୁ କାର୍ଡ ଓ ଡିଜିଟାଲ ପେମେଣ୍ଟ ଗ୍ରହଣୀୟ | ପ୍ରବେଶ ଓ ପାର୍କିଂ ମୁକ୍ତ

## ସଂକ୍ଷେପରେ

### ୱାକ୍‌ଫ ବିଲ୍‌କୁ ନେଇ ଜେଡିୟୁରେ ଫାଟ

#### ଇସ୍ତଫା ଦେଲେଣି ୫ ନେତା

ନୂଆଦିଲ୍ଲୀ,୪।୪

ୱାକ୍‌ଫ ସଂଶୋଧନ ବିଲ୍‌କୁ ସମର୍ଥନ ନେଇ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରେ ଫାଟ ସୃଷ୍ଟି ହୋଇଛି। ଦଳୀୟ ନିଷ୍ପତ୍ତିରେ ଅସନ୍ତୋଷ ବ୍ୟକ୍ତ କରି ଜେଡିୟୁର ୫ ନେତା ଇସ୍ତଫା ଦେଲେଣି। ଇସ୍ତଫା ଦେଇଥିବା ନେତାମାନେ ହେଲେ ରାଜୁ ନାୟାର, ତାବ୍‌ରେଜ ସିଦ୍ଦିକି ଆଲିଗ୍, ମହମ୍ମଦ ଶାହନୱାଜ ମଲିକ, ମହମ୍ମଦ କାସିମ ଅନ୍‌ସାରୀ ଏବଂ ନଦିମ୍ ଅଖତର। ଶାହନୱାଜ ଏବଂ ଅନ୍‌ସାରୀ ଗୁରୁବାର ଇସ୍ତଫା ଦେଇଥିବାବେଳେ ନଦିମ୍, ରାଜୁ ଏବଂ ତାବ୍‌ରେଜ ଶୁକ୍ରବାର ଦଳ ଛାଡ଼ିଛନ୍ତି। ମୁସଲମାନମାନେ ବିରୋଧ କରୁଥିବା ବିଲ୍ ସପକ୍ଷରେ ଜେଡିୟୁ ଭୋଟ ଦେବା ଗଭୀର ଆଘାତ ଦେଇଛି ବୋଲି ରାଜୁ ନାୟାର ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ସେ ଜେଡିୟୁ ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପଦ ଏବଂ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

### ଏମ୍ପୁରାନ୍ ନିର୍ମାତାଙ୍କ କାର୍ଯ୍ୟାଳୟରେ ଇଡି ଚଢ଼ାଉ

କୋଚି,୪।୪

ବିଦେଶ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଳାଇଥିବା ତଦନ୍ତର ଅଂଶବିଶେଷ ସ୍ୱରୂପ ଏମ୍ପୁରାନ୍ ନିର୍ମାତା କେରଳ ବ୍ୟବସାୟୀ ଗୋକୁଲମ୍ ଗୋପାଳନଙ୍କ ଗୋକୁଲମ୍ ଗ୍ରୁପର ଚେନ୍ନାଇ ଏବଂ କେରଳରେ ଥିବା କାର୍ଯ୍ୟାଳୟ ଉପରେ ଶୁକ୍ରବାର ଚଢ଼ାଉ କରିଛି। କୋଚି ଏବଂ ଚେନ୍ନାଇରେ ଥିବା ଇଡି କାର୍ଯ୍ୟାଳୟର ଅଧିକାରୀମାନେ ମୋଟ ୨୧ଟି ସ୍ଥାନରେ ରେଡ୍ କରିଥିଲେ। କେତେଜଣ ପ୍ରବାସୀ ଭାରତୀୟଙ୍କ ସହ ହୋଇଥିବା ବେଆଇନ କାରବାରରେ ୧,୦୦୦ କୋଟି ଟଙ୍କାର ଫେମା ଉଲ୍ଲଂଘନ ଅଭିଯୋଗ ହୋଇଥିଲା।


ଗୋକୁଲମ୍ ଗୋପାଳନ

### ନେପାଳରେ ଭୂକମ୍ପ, ଉତ୍ତର ଭାରତରେ ଝଟ୍‌କା

କାଠମାଣ୍ଡୁ/ନୂଆଦିଲ୍ଲୀ,୪।୪

ନେପାଳରେ ଶୁକ୍ରବାର ରାତି ୭ଟା ୫୨ ମିନିଟ୍ ସମୟରେ ୫.୦ ତୀବ୍ରତାର ଭୂକମ୍ପ ହୋଇଛି। ଏହାର କମ୍ପନ ଉତ୍ତର ଭାରତର ବିଭିନ୍ନ ଭାଗରେ ଅନୁଭୂତ ହୋଇଛି। ୨୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରବିନ୍ଦୁ ଥିବା ନ୍ୟାଶନାଲ ସେଣ୍ଟର ଫର୍ ସିସ୍‌ମୋଲୋଜି ପକ୍ଷରୁ କୁହାଯାଇଛି। ତେବେ ଭୂକମ୍ପଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ, ଗତମାସ ୨୮ରେ ମ୍ୟାନ୍ମାରରେ ଭୟାବହ ଭୂକମ୍ପରେ ୩,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୪,୫୦୦ ଆହତ ହୋଇଥିଲେ।

# ଭାରତର ଜିଡିପି ୫୦ ବେସିସ୍ ପଏଣ୍ଟ ଖସିବ





ନୂଆଦିଲ୍ଲୀ,୪।୪

### ଆମେରିକା ଟାରିଫ୍‌ର ପ୍ରଭାବକୁ ନେଇ ବିଶେଷଜ୍ଞଙ୍କ ଆକଳନ

ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକାର ଟ୍ରମ୍ପ ପ୍ରଶାସନ ୨୬ ପ୍ରତିଶତ ଶୁଳ୍କ ଲଗାଇଥିବାରୁ ଦେଶର ଜିଡିପି ଅଭିବୃଦ୍ଧି ୫୦ ବେସିସ୍ ପଏଣ୍ଟ ହ୍ରାସ ପାଇ ୬ ପ୍ରତିଶତରେ ରହିବ ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଏଥିସହିତ ଆମେରିକା ସହ ଭାରତର ରପ୍ତାନି ମଧ୍ୟ ୨ରୁ ୩ ପ୍ରତିଶତ କମିଯିବ ବୋଲି ସେମାନେ ମତ ଦେଇଛନ୍ତି। ତେବେ ଭାରତ ଆମେରିକାରୁ ଶକ୍ତି ଏବଂ ଉଚ୍ଚ ପ୍ରଯୁକ୍ତି ଉପାଦାନ ଆମଦାନୀ ବଢ଼ାଇ ଏହି ପ୍ରଭାବକୁ କମ୍ କରିପାରିବ ବୋଲି ବିଶେଷଜ୍ଞମାନେ ପ୍ରସ୍ତାବ ଦେଇଛନ୍ତି। ଇୱାଇ ଇଣ୍ଡିଆର ମୁଖ୍ୟ ନୀତି ଉପଦେଷ୍ଟା ଡି.କେ. ଶ୍ରୀବାସ୍ତବ କହିଛନ୍ତି, ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଉପରେ ସର୍ବାଧିକ ପ୍ରତିକୂଳ ପ୍ରଭାବ ୫୦ ବେସିସ୍ ପଏଣ୍ଟଠାରୁ ଅଧିକ ହେବନାହିଁ। ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ପୂର୍ବରୁ ଆକଳନ କରାଯାଇଥିବାବେଳେ ଏହା ୬ ପ୍ରତିଶତକୁ ଖସିଆସିପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। (ବାଦ୍ ପଡ଼ିଥିବା ସାମଗ୍ରୀକୁ ବିଚାରକୁ ନେବା ପରେ) ଆମେରିକା ରପ୍ତାନି ହେଉଥିବା ଭାରତୀୟ ସାମଗ୍ରୀ ଉପରେ ଯଦି ଟାରିଫ୍ ୨୦% ବଢ଼େ, ତେବେ ଜିଡିପି ୩୫ରୁ ୪୦ ବେସିସ୍ ପଏଣ୍ଟ ହ୍ରାସ ପାଇବ ବୋଲି ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ଭାରତ ମୁଖ୍ୟ ଅର୍ଥନୀତି ଗବେଷକ ଅନୁଭୂତି ସହାୟ କହିଛନ୍ତି। ତେବେ ଚୂଡ଼ାନ୍ତ ପ୍ରଭାବ ଭାରତ ଏବଂ ଆମେରିକା ଉପରେ ବାଣିଜ୍ୟ କାରବାର ଚୁକ୍ତିନାମା ଉପରେ ନିର୍ଭର କରୁଛି। ତେବେ ଭାରତ ତୁଳନାରେ ଅନ୍ୟ ଏସୀୟ ଦେଶଗୁଡ଼ିକ ଟାରିଫ ଯୋଗୁ ଅଧିକ ପ୍ରଭାବିତ ହେବେ। କାରଣ ସେହି ଦେଶଗୁଡ଼ିକ ଉପରେ ଆମେରିକା ଅଧିକ ଟାରିଫ୍ ଲଗାଇଛି। ଆମେରିକାର ଶୁଳ୍କ ବୃଦ୍ଧି ଦେଶର ବିନିମୟ ହାର ଉପରେ ଅନୁକୂଳ ପ୍ରଭାବ ପକାଇପାରେ। କାରଣ ମୁଦ୍ରାସ୍ଫୀତି ବଢ଼ିବା ଯୋଗୁ ଆମେରିକାରେ ଡଲାର ଚାପରେ ରହିବ ବୋଲି ଶ୍ରୀବାସ୍ତବ କହିଛନ୍ତି।

### ଆମେରିକା ସାମଗ୍ରୀ ଉପରେ ୩୪% ଶୁଳ୍କ ଲଗାଇଲା ଚାଇନା

ବେଜିଂ,୪।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ୩୪ ପ୍ରତିଶତ ପାରସ୍ପରିକ ଶୁଳ୍କ ଲଗାଇବାକୁ ଘୋଷଣା କରିବାର ଦିନକ ପରେ ବେଜିଂ ମଧ୍ୟ ଯେସାକୁ ତେସା ନୀତି ଗ୍ରହଣ କରିଛି। ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଚାଇନା ମଧ୍ୟ ୧୦ ତାରିଖରୁ ୩୪ ପ୍ରତିଶତ ଟାରିଫ୍ ଲଗାଇବ ବୋଲି ଶୁକ୍ରବାର କହିଛି। ଆମେରିକାରୁ ଆମଦାନୀ ହେଉଥିବା ସମସ୍ତ ସାମଗ୍ରୀ ଉପରେ ଅତିରିକ୍ତ ଭାବେ ୩୪% ଟାରିଫ ଲାଗୁ ହେବ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବେଜିଂର ବାଣିଜ୍ୟ ମନ୍ତ୍ରଣାଳୟ ମଧ୍ୟ ଗାଡୋଲିନିୟମ ଭଳି ୭ଟି ରେଆର୍ ଆର୍ଥ ଉପାଦାନ ଉପରେ ବାଣିଜ୍ୟ କଟକଣା ଲଗାଇଛି। ଏହା ବ୍ୟତୀତ ଟ୍ରମ୍ପଙ୍କ ରେସିପ୍ରୋକାଲ ଟାରିଫ୍‌କୁ ବିରୋଧ କରି ବେଜିଂ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ରେ ମାମଲା ଦାଏର କରିଛି। ଟ୍ରମ୍ପ ବୁଧବାର ଭାରତ ସମେତ ବାଣିଜ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ୧୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ ଲାଗୁ କରି ବୈଶ୍ୱିକ ସ୍ତରରେ ବାଣିଜ୍ୟ ଯୁଦ୍ଧକୁ ଇନ୍ଧନ ଯୋଗାଇଛନ୍ତି।

## ଶେଷ ହେଲା ବଜେଟ ଅଧିବେଶନ

ନୂଆଦିଲ୍ଲୀ,୪।୪

### ସଂସଦର ଉଭୟ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ



ଜାନୁଆରୀ ୩୧ରୁ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଶୁକ୍ରବାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ ଗୃହରେ ହଟ୍ଟଗୋଳ ହେବା ସହ ମୁଲତବୀ ରଖାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଗଲା ବୋଲି ଘୋଷଣା କରିଥିଲେ। ବଜେଟ ଅଧିବେଶନରେ ଲୋକ ସଭାରେ ୧୬ଟି ବିଲ୍ ଗୃହୀତ ହୋଇଥିବାବେଳେ ଗୃହ ୧୧୮ ପ୍ରତିଶତ ଫଳପ୍ରଦ ହୋଇଥିବା ବିର୍ଲା କହିଛନ୍ତି। ବିଭିନ୍ନ ମନ୍ତ୍ରଣାଳୟର ଖର୍ଚ୍ଚଦାବି ସମେତ ଅର୍ଥ ବିଲ୍ ଗୃହୀତ ହୋଇଥିଲା। ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିବା ମଣିପୁର ପାଇଁ ମଧ୍ୟ ସ୍ୱତନ୍ତ୍ର ବଜେଟ ଗୃହର ଅନୁମୋଦନ ଲାଭ କରିଥିଲା। ଅଧିବେଶନର ଶେଷ ଭାଗରେ ୱାକ୍‌ଫ ସଂଶୋଧନ ବିଲ୍ ଉପରେ ଉଭୟ ଗୃହରେ ଦୀର୍ଘ ୨୭ ଘଣ୍ଟାର ବିତର୍କ ପରେ ଏହା ଗୃହୀତ ହୋଇଥିଲା। ଲୋକ ସଭାରେ ବିଲ୍ ସପକ୍ଷରେ ୨୮୮ ଏବଂ ବିରୋଧରେ ୨୩୨ ଭୋଟ ଯାଇଥିବାବେଳେ ରାଜ୍ୟ ସଭାରେ ସପକ୍ଷରେ ୧୨୮ ଏବଂ ବିରୋଧରେ ୯୫ ଭୋଟ ପଡ଼ିଥିଲା। ତେବେ ବିନା ଆଲୋଚନାରେ ୱାକ୍‌ଫ ବିଧେୟକ ପାରିତ ହେବା ଦୁର୍ଭାଗ୍ୟଜନକ ଏବଂ ଗୃହ ମର୍ଯ୍ୟାଦା ବିରୋଧୀ ବୋଲି କଂଗ୍ରେସ ନେତ୍ରୀ ସୋନିଆ କହିବାରୁ ବାଚସ୍ପତି ଏନେଇ ଦେଇଥିବା ମନ୍ତବ୍ୟକୁ ବିରୋଧକରି ବିପକ୍ଷ ଦଳର ସଦସ୍ୟମାନେ ସ୍ଲୋଗାନ ଦେଇଥିଲେ।

ପଶ୍ଚିମବଙ୍ଗର ୨୫,୭୦୦ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ରଦ୍ଦ କରିବାକୁ ନେଇ ରାଜ୍ୟ ସଭାରେ ଶୁକ୍ରବାର ଶାସକ ଦଳର ସଦସ୍ୟମାନେ ହୋହଲ୍ଲା କରିଥିଲେ। ହଟ୍ଟଗୋଳ ଜାରି ରହିବାରୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ।



ୱାକ୍‌ଫ ସଂଶୋଧନ ବିଲ୍‌କୁ ବିରୋଧ କରି ଶୁକ୍ରବାର ଅହମଦାବାଦରେ ବିକ୍ଷୋଭ କରୁଥିବା ଲୋକଙ୍କୁ ପୋଲିସ ଉଠାଇ ନେଉଛି।

## କୂଅରେ ଖସିଲା ଟ୍ରାକ୍ଟର-ଟ୍ରଲି, ୮ ମହିଳା ମୃତ

ଛତ୍ରପତି ସମ୍ଭାଜିନଗର, ୪।୪ (ପି.ଟି.)

ମହାରାଷ୍ଟ୍ରର ନାନ୍ଦେଡ଼ ଜିଲ୍ଲାସ୍ଥିତ ଲିମ୍ବଗାଓଁ ଥାନା ଅନ୍ତର୍ଗତ ଓଲେଗାଁଓ ଗ୍ରାମରେ ଏକ ଟ୍ରାକ୍ଟର-ଟ୍ରଲି ନିୟନ୍ତ୍ରଣ ହରାଇ କୂଅରେ ପଡ଼ିଯିବାରୁ କ୍ଷେତରେ କାମ କରୁଥିବା ୮ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବାବେଳେ ୨ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଥିଲା। ସେହିପରି ଘଟଣାସ୍ଥଳରୁ ୮ ମୃତଦେହକୁ ମଧ୍ୟ ଜବତ କରାଯାଇଥିଲା। ଉକ୍ତ ଟ୍ରାକ୍ଟର-ଟ୍ରଲିରେ ୧୦ ମହିଳା କ୍ଷେତକୁ କାମ କରିବାକୁ ଯାଉଥିଲେ ବୋଲି ଜିଲ୍ଲା ସୂଚନା ଅଧିକାରୀ (ଡିଆଇଓ) ପ୍ରବୀଣ ତାକେ କହିଛନ୍ତି। ଉକ୍ତ କୂଅ ପାଣିରେ ଭରପୂର ଥିବା ସେ କହିଛନ୍ତି।

## ସଂଖ୍ୟାଲଘୁଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇଲେ ମୋଦି

### ବ୍ୟାଙ୍କକ୍‌ରେ ୟୁନୁସ୍‌ଙ୍କ ସହ ବୈଠକ

ବ୍ୟାଙ୍କକ୍,୪।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍‌ଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ବାଂଲାଦେଶରେ ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁମାନଙ୍କ ସୁରକ୍ଷାକୁ ନେଇ ଭାରତର ଉଦ୍‌ବେଗ ସମ୍ପର୍କରେ ୟୁନୁସ୍‌ଙ୍କୁ ଜଣାଇଥିଲେ। ବାଂଲାଦେଶ ସରକାର ହିନ୍ଦୁଙ୍କ ବିରୋଧରେ ଅତ୍ୟାଚାର ମାମଲାଗୁଡ଼ିକର ଉପଯୁକ୍ତ ତଦନ୍ତ କରିବା ସହ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବ ବୋଲି ମୋଦି ଆଶାବ୍ୟକ୍ତ କରିଛନ୍ତି। ବିମ୍‌ଷ୍ଟେକ୍ (ବେ ଅଫ୍ ବେଙ୍ଗଲ୍ ଇନିସିଏଟିଭ୍ ଫର୍ ମଲ୍ଟିସେକ୍ଟରାଲ ଆଣ୍ଡ ଟେକ୍ନିକାଲ କୋ-ଅପରେଶନ) ରାଷ୍ଟ୍ରଗୋଷ୍ଠୀ ବୈଠକରେ ଯୋଗଦେବା ପାଇଁ ଉଭୟ ନେତା ଥାଇଲାଣ୍ଡ ଆସିଛନ୍ତି।



ବ୍ୟାଙ୍କକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବାଂଲାଦେଶ ଉପଦେଷ୍ଟା ମହମ୍ମଦ ୟୁନୁସ୍।

ଗତବର୍ଷ ଅଗଷ୍ଟରେ ଶେଖ୍ ହାସିନା କ୍ଷମତାଚ୍ୟୁତ ହେବା ପରେ ୟୁନୁସ୍ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ହୋଇଛନ୍ତି। ୟୁନୁସ୍‌ଙ୍କ ସହ ମୋଦିଙ୍କର ଏହା ପ୍ରଥମ ବୈଠକ। ପରିବେଶକୁ ଖରାପ କଲା ଭଳି ବାକ୍‌ପଟୁତାରୁ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ୟୁନୁସ୍‌ଙ୍କୁ କହିଥିବା ବହିର୍ବ୍ୟାପାର ସଚିବ ବିକ୍ରମ ମିଶ୍ରି ସୂଚନା ଦେଇଛନ୍ତି। ଗଣତାନ୍ତ୍ରିକ, ଶାନ୍ତିପୂର୍ଣ୍ଣ, ପ୍ରଗତିଶୀଳ ବାଂଲାଦେଶ ପ୍ରତି ଭାରତର ସମର୍ଥନ ଜାରି ରହିବ ବୋଲି ମୋଦି ଦୋହରାଇଛନ୍ତି।

## ତାମିଲନାଡୁର ଏନ୍‌ଇଇଟି ବିରୋଧୀ ବିଲ୍‌କୁ ସ୍ୱୀକୃତି ଦେଲାନି କେନ୍ଦ୍ର

ଚେନ୍ନାଇ,୪।୪(ପି.ଟି.)

ତାମିଲନାଡୁକୁ ଏନ୍‌ଇଇଟି (ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା)ରୁ ବାଦ୍ ଦେବା ପାଇଁ ରାଜ୍ୟ ବିଧାନସଭାରେ ଗୃହୀତ ପ୍ରସ୍ତାବକୁ ସ୍ୱୀକୃତି ଦେବାକୁ କେନ୍ଦ୍ର ସରକାର ମନା କରିଦେଇଛନ୍ତି। ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିବା ଏହି ପ୍ରସ୍ତାବ ଖାରଜ ହେବା ସଂଘବାଦରେ ଏକ କଳା ଅଧ୍ୟାୟ ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ତେବେ ନ୍ୟାଶନାଲ ଇଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ଉଚ୍ଛେଦ ଲାଗି ରାଜ୍ୟ ସଂଘର୍ଷ ଜାରି ରଖିବ ବୋଲି ଷ୍ଟାଲିନ୍ କହିବା ସହ ଏନେଇ ୯ ତାରିଖରେ ବିଧାୟକ ଦଳ ନେତାମାନଙ୍କ ବୈଠକ ଡାକିଛନ୍ତି। ଏନ୍‌ଇଇଟି ବଦଳରେ ରାଜ୍ୟରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମାର୍କ ଆଧାରରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁମତି ଦେବା ନିମନ୍ତେ ବିଲ୍‌ରେ ପ୍ରସ୍ତାବ ରଖାଯାଇଥିଲା। ୨୦୨୧ରେ ବିଲ୍ ତାମିଲନାଡୁ ବିଧାନସଭାରେ ଗୃହୀତ ହୋଇଥିବାବେଳେ ରାଜ୍ୟପାଳ ଆର୍.ଏନ୍. ରବି ପ୍ରତିବାଦ ଜଣାଇବାରୁ ତା' ପରବର୍ଷ ପୁନର୍ବାର ପାରିତ ହୋଇଥିଲା। ଅନ୍ୟପକ୍ଷରେ ଜାତୀୟ ସ୍ତରର ପରୀକ୍ଷା ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀ ରାଜନୀତି କରୁଥିବା ଏଆଇଏଡିଏମ୍‌କେ ମୁଖ୍ୟ ତଥା ବିରୋଧୀ ଦଳ ନେତା ଏଡାପାଡି କେ. ପାଲାନିସ୍ୱାମୀ ଅଭିଯୋଗ କରିଛନ୍ତି। ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି। ସେମାନେ ୨୦୨୬ ବିଧାନସଭା ନିର୍ବାଚନରେ ଡିଏମ୍‌କୁ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ପାଲାନିସ୍ୱାମୀ କହିଛନ୍ତି।

# ଘୋଷ୍ଟ ରାଇଟରରୁ 'ଭାରତ କୁମାର'

ମୁମ୍ବାଇ

ବଲିଉଡ୍‌ର ପ୍ରସିଦ୍ଧ ଅଭିନେତା ମନୋଜ କୁମାରଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ବଲିଉଡ୍‌ରେ ଶୋକର ଛାୟା ଖେଳିଯାଇଛି। ସେ କେବଳ ଅଭିନେତା ନ ଥିଲେ ବରଂ ଜଣେ ସଫଳ ନିର୍ଦ୍ଦେଶକ, ସ୍କ୍ରିପ୍ଟ ରାଇଟର, ଲିରିଷ୍ଟ ଏବଂ ଏଡିଟର ମଧ୍ୟ ଥିଲେ। ୧୯୩୭ ଜୁଲାଇ ୨୪ରେ ମନୋଜ ଆବୋଟାବାଦ ସହରରେ ଜନ୍ମ ହୋଇଥିଲେ। ସେତେବେଳେ ତାଙ୍କ ନାମ ହରିକୃଷ୍ଣ ଗିରି ଗୋସ୍ୱାମୀ ରଖାଯାଇଥିଲା। ତେବେ ଦେଶ ବିଭାଜନ ବେଳେ ୧୦ ବର୍ଷ ବୟସରେ ସେ ପରିବାର ସହ ଦିଲ୍ଲୀ ଚାଲିଆସିଥିଲେ। ୧୯୪୯ରେ ରିଲିଜ୍ ହୋଇଥିବା 'ଶବନମ୍' ଫିଲ୍ମରେ ଦିଲୀପ 'ମନୋଜ କୁମାର' ଭାବେ ଏକ ଚରିତ୍ର କରିଥିଲେ, ଯାହା ବେଶ୍ ପ୍ରସିଦ୍ଧି ଲାଭ କରିଥିଲା। ସେଥିପାଇଁ ସେତେବେଳେ ମନୋଜ ତାଙ୍କ ସ୍କୁଲ ନାମକୁ ବଦଳାଇ ହରିକୃଷ୍ଣ ଗିରି ଗୋସ୍ୱାମୀରୁ 'ମନୋଜ କୁମାର' କରିଥିଲେ। ମନୋଜ ଦିଲ୍ଲୀର ହିନ୍ଦୁ କଲେଜରୁ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଚଳଚ୍ଚିତ୍ରରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ମୁମ୍ବାଇ ଆସି ତାଙ୍କୁ ପ୍ରଥମେ କିଛି ମାସ ପାଇଁ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ବିଭିନ୍ନ ଷ୍ଟୁଡିଓ ପାଇଁ ଘୋଷ୍ଟ ରାଇଟର ଭାବେ କାମ କରୁଥିଲେ। ସେତେବେଳେ ତାଙ୍କୁ ପ୍ରତି ଦୃଶ୍ୟ ପିଛା ୧୧ ଟଙ୍କା ମିଳୁଥିଲା। ୧୯୫୭ରେ ରିଲିଜ୍ ହୋଇଥିବା 'ଫେଶନ ବ୍ରାଣ୍ଡ' ଫିଲ୍ମ ସହ ସେ ତାଙ୍କ ଅଭିନୟ କ୍ୟାରିୟରର ଡେବ୍ୟୁ କରିଥିଲେ। ତେବେ ଏହାପରେ ମନୋଜ ଆଉ ପଛକୁ ଫେରି ନ ଥିଲେ। 'ଉପକାର', 'ପୂର୍ବ ଔର ପଶ୍ଚିମ', 'ରୋଟି କପଡ଼ା ଔର ମକାନ', 'କ୍ରାନ୍ତି', 'ଦୋ ବଦନ', 'ହରିୟାଲୀ ଔର ରାସ୍ତା', 'ଗୁମନାମ' ଆଦି ଅନେକ ହିଟ୍ ଫିଲ୍ମରେ ସେ ତାଙ୍କ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କୁ ବିମୋହିତ କରି ପାରିଥିଲେ।



ମନୋଜ କୁମାର
ଜନ୍ମ: ୨୪ ଜୁଲାଇ ୧୯୩୭
ତିରୋଧାନ: ୪ ଏପ୍ରିଲ ୨୦୨୫

### ଦେଶାତ୍ମବୋଧ ଚଳଚ୍ଚିତ୍ର ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲା

ମନୋଜ ତାଙ୍କ ଦେଶାତ୍ମବୋଧ ଚଳଚ୍ଚିତ୍ର ପାଇଁ ଘରେ ଘରେ ଲୋକପ୍ରିୟତା ହାସଲ କରିଥିଲେ। 'ଉପକାର', 'ପୂର୍ବ ଔର ପଶ୍ଚିମ', 'କ୍ରାନ୍ତି' ପରି ଦେଶାତ୍ମବୋଧ ଫିଲ୍ମରେ ମନୋଜଙ୍କ ଅଭିନୟ ତାଙ୍କୁ ୬୦ ଓ ୮୦ ଦଶକରେ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲା। ୧୯୬୫ ଭାରତ, ପାକିସ୍ତାନ ଯୁଦ୍ଧ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ 'ଜୟ ଯବାନ, ଜୟ କିଷାନ'ର ସ୍ଲୋଗାନ ଦେଇଥିଲେ। ଏହି ସ୍ଲୋଗାନକୁ ଆଧାର କରି ଏବଂ ଭାରତ, ପାକିସ୍ତାନ ଯୁଦ୍ଧକୁ ନେଇ ଏକ ଫିଲ୍ମ ନିର୍ମାଣ କରିବାକୁ ଲାଲ୍ ବାହାଦୁର ମନୋଜଙ୍କୁ ଅନୁରୋଧ କରିଥିଲେ। ୧୯୬୭ରେ ମନୋଜ ନିର୍ଦ୍ଦେଶନାରେ ଡେବ୍ୟୁ କରିବା ସହ ୧୯୬୫ରେ ହୋଇଥିବା ଭାରତ, ପାକିସ୍ତାନ ଯୁଦ୍ଧକୁ ନେଇ 'ଉପକାର' ଫିଲ୍ମ ଆଣିଥିଲେ। ଫିଲ୍ମରେ ଭାରତ କୁମାର ଚରିତ୍ରରେ ସେ ଅଭିନୟ କରିଥିଲେ, ଯେଉଁ ନାମରେ ସେ ଘରେ ଘରେ ପରିଚୟ ପାଇଥିଲେ।

### ଥିଲେ ସଫଳ ନିର୍ଦ୍ଦେଶକ

୧୯୬୭ରେ 'ଉପକାର' ଫିଲ୍ମରେ ପ୍ରଥମଥର ପାଇଁ ନିର୍ଦ୍ଦେଶନା ଦେବା ପରେ ମନୋଜ ଜଣେ ସଫଳ ନିର୍ଦ୍ଦେଶକ ଭାବେ ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରିରେ ପରିଚୟ ପାଇଥିଲେ। 'ଉପକାର' ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ୧୯୬୮ରେ ଫିଲ୍ମ ଫେୟାର ଆୱାର୍ଡ ଜିତିଥିଲେ। ଶ୍ରେଷ୍ଠ ଫିଲ୍ମ, ଶ୍ରେଷ୍ଠ ସଂଳାପ ଓ ଶ୍ରେଷ୍ଠ କାହାଣୀ ଶ୍ରେଣୀରେ 'ଉପକାର'କୁ ଫିଲ୍ମ ଫେୟାର ଆୱାର୍ଡ ମିଳିଥିଲା। ସେହିପରି ତାଙ୍କ ନିର୍ଦ୍ଦେଶିତ 'କଲିଯୁଗ ଔର ରାମାୟଣ (୧୯୮୭)', 'କ୍ଲର୍କ (୧୯୮୯)', ମୈଦାନ-ଏ ଜଙ୍ଗ (୧୯୯୫), ଜୟ ହିନ୍ଦ (୧୯୯୯) ମଧ୍ୟ ହିଟ୍ ହୋଇଥିଲା।

### ଶାହରୁଖଙ୍କ ସହ ରହିଥିଲା ବିବାଦ

୨୦୦୭ରେ ରିଲିଜ୍ ହୋଇଥିବା 'ଓମ୍ ଶାନ୍ତି ଓମ୍' ଫିଲ୍ମକୁ ନେଇ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ସହ ମନୋଜ କୁମାରଙ୍କ ବିବାଦ ଦେଖାଦେଇଥିଲା। ଫରାହ ଖାନ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଏକ ଦୃଶ୍ୟରେ ଶାହରୁଖ ମନୋଜଙ୍କ ଶୈଳୀକୁ ନକଲ କରିଥିଲେ, ଯାହାକୁ ନେଇ ମନୋଜ ଆପତ୍ତି ଉଠାଇଥିଲେ। ତେଣୁ ସେ ଫରାହ ଓ ଶାହରୁଖଙ୍କ ବିରୋଧରେ ୧୦୦ କୋଟି ଟଙ୍କାର ମାନହାନି ମକଦମା ରୁଜୁ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଏହି ପ୍ରସଙ୍ଗକୁ ନେଇ ଉଭୟ ଫରାହ ଓ ଶାହରୁଖ୍ ମନୋଜଙ୍କୁ କ୍ଷମା ମାଗିଥିଲେ।

### ଶେଷ ଦର୍ଶନ କଲେ ସେଲିବ୍ରିଟି

ଅଭିନେତା ମନୋଜ କୁମାରଙ୍କ ଜୁହୁସ୍ଥିତ ବାସଭବନରେ ଶୁକ୍ରବାର ବହୁ ସେଲିବ୍ରିଟି ତାଙ୍କ ଶେଷ ଦର୍ଶନ କରିଛନ୍ତି। ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ର, ଅଭିନେତା ଚଙ୍କି ପାଣ୍ଡେ, ଅଭିନେତ୍ରୀ ଭାଗ୍ୟଶ୍ରୀ ପ୍ରମୁଖ ମନୋଜଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।



୨୦୧୨ରେ ଇଶା ଦେଓଲଙ୍କ ବିବାହ ଉତ୍ସବରେ ହେମାମାଳିନୀ ଓ ଧର୍ମେନ୍ଦ୍ରଙ୍କ ସହ ମନୋଜ।



୨୦୧୦ରେ ଫାଲ୍‌କେ ରତ୍ନ ଆୱାର୍ଡ ଇଭେଣ୍ଟରେ ଭେଟେରାନ ଅଭିନେତା ଦେବାନନ୍ଦ ଓ ପ୍ରାନ୍‌ଙ୍କ ସହ ମନୋଜ।

# ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ସ୍ପଷ୍ଟ ଓଡ଼ିଆରେ ଲେଖିବାକୁ ଆହ୍ୱାନ

ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)

**ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା**



ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ସଚେତନତା ରଥ ଓ ଶୋଭାଯାତ୍ରା।

ଓଡ଼ିଆ ପକ୍ଷ ପାଳନ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକରେ ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ପଦଯାତ୍ରାକୁ ଉଦ୍‌ଘାଟନ କରି ରାଜ୍ୟର ବ୍ୟବସାୟୀ ଭଉଣୀଭାଇମାନେ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ଓଡ଼ିଆରେ ସ୍ପଷ୍ଟ ଭାବେ ଲେଖିବାକୁ ଆହ୍ୱାନ ଦେଇଥିଲେ। ମାତୃଭାଷା ହେଉଛି ଗୋଟିଏ ଜାତିର ଅସ୍ତିତ୍ୱ ଓ ଭବିଷ୍ୟତ। ତେଣୁ ଆମ ମାତୃଭାଷା ଓଡ଼ିଆର ବ୍ୟାପକ ପ୍ରଚାର ପ୍ରସାର ଓ ଠିକ୍ ବ୍ୟବହାର ଉପରେ ରାଜ୍ୟ ସରକାର ବିଶେଷ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହି ଅବସରରେ ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ଲେଖିବା ସୁନିଶ୍ଚିତ କରିବା ପାଇଁ ରାଜ୍ୟରେ ବ୍ୟାପକ ଅଭିଯାନ ଆରମ୍ଭ ହୋଇଥିବା ମନ୍ତ୍ରୀ କହିଥିଲେ। ସେହିପରି ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ (୧୯୫୬) ଅନୁଯାୟୀ ସ୍ପଷ୍ଟ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ବାଧ୍ୟତାମୂଳକ। ଖିଲାପକାରୀଙ୍କ ବିରୋଧରେ ମକଦ୍ଦମା ରୁଜୁ ସହ ଜରିମାନା ଆଦାୟ ଭଳି ଦଣ୍ଡବିଧାନ ରହିଛି। ନିୟମ ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ଯେଉଁମାନେ ଏପର୍ଯ୍ୟନ୍ତ ନିଜ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖି ନାହାନ୍ତି, ସେମାନେ ଯଥାଶୀଘ୍ର ଏଥିପ୍ରତି ଯତ୍ନବାନ୍ ହୁଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ।

ପଦଯାତ୍ରାରେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ରାଜେଶ ଅଗ୍ରୱାଲ, ଡିଭିଜନାଲ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁ ଓ ମଦନମୋହନ ପାଇକ, ଖୋର୍ଦ୍ଧା ଉପଜିଲାପାଳ ମନୋରଞ୍ଜନ ସାହୁ ସାମିଲ ହୋଇଥିଲେ। ମହିଳା ଓ ପୁରୁଷମାନେ ପ୍ଲାକାର୍ଡ ଧରି ମାଷ୍ଟରକ୍ୟାଣ୍ଟିନ ଛକରୁ ରାମମନ୍ଦିର ଓ ରାମମନ୍ଦିର ଛକଠାରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇ ଓଡ଼ିଆରେ ନାମଫଳକ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିଥିଲେ। ପଦଯାତ୍ରାରେ ସଚେତନତା ରଥ ସାମିଲ ହୋଇଥିଲା। ନୟାପଲ୍ଲୀ ଦୁର୍ଗାମଣ୍ଡପ, ଲିଙ୍ଗରାଜ ଷ୍ଟେଶନ ଓ କଳ୍ପନା ଛକଠାରେ ମଧ୍ୟ ଓଡ଼ିଆ ନାମଫଳକ ଅଭିଯାନ ସମ୍ବନ୍ଧୀୟ ବ୍ୟାପକ ସଚେତନତା କରାଯାଇଥିଲା।

# ଘୋଷଣାରେ ସୀମିତ ନଦୀଭିତ୍ତିକ ବନ୍ଦର

ପାରାଦୀପ,୪।୪(ଶରତ ରାଉତ)



ପାରାଦୀପ ବନ୍ଦର ପୋତାଶ୍ରୟ

**ଆଜି ଜାତୀୟ ନୌବାଣିଜ୍ୟ ଦିବସ**

ଆଜି ହେଉଛି ବିଶ୍ୱ ନୌବାଣିଜ୍ୟ ଦିବସ। ନୌବାଣିଜ୍ୟ ଓଡ଼ିଶାର ପ୍ରାଚୀନ ପରମ୍ପରା ମଧ୍ୟରେ ଅନ୍ୟତମ ବୋଲି କୁହାଯାଏ। ପଣ୍ୟ କାରବାରରେ ବୃହତ୍ ବନ୍ଦର ମଧ୍ୟରେ ପାରାଦୀପ ବନ୍ଦର ଦେଶର ୧ ନଂ. ବନ୍ଦର ଭାବେ ସ୍ଥାନ ପାଇଛି। ଏହାସତ୍ତ୍ୱେ ନୌବାଣିଜ୍ୟର ବିକାଶ ପାଇଁ ରାଜ୍ୟରେ ଅନେକ କାର୍ଯ୍ୟ ଏବେ ବି ବାକି ରହିଛି। ନଦୀଭିତ୍ତିକ ବନ୍ଦର ଘୋଷଣାରେ ସୀମିତ ଥିଲାବେଳେ ଓଡ଼ିଶାର ଏକମାତ୍ର ନୌବାଣିଜ୍ୟ ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର ହୋଇପାରିନାହିଁ।

ସମ୍ପ୍ରତି ଦେଶର ୯୫ ପ୍ରତିଶତ ପଣ୍ୟ କାରବାର ଜଳପଥରେ ହେଉଛି। ଏହା ଦେଶର ଅର୍ଥନୀତି ମଧ୍ୟରୁ ୭୦ ଭାଗ। ଜଳପଥରେ ପଣ୍ୟ କାରବାରକୁ ନୌବାଣିଜ୍ୟ କୁହାଯାଏ। ଓଡ଼ିଶାରୁ ଆରମ୍ଭ ହୋଇଥିବା ପ୍ରାଚୀନ ପରମ୍ପରାରକୁ ମନେ ପକାଇବା ପାଇଁ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଏ। ଏହାବାଦ୍ ଏପ୍ରିଲ୍ ୫ରେ ସରକାରୀଭାବେ ଜାତୀୟ ନୌବାଣିଜ୍ୟ ଦିବସ ପାଳନ କରାଯାଏ। ଶନିବାର ୬୨ତମ ନୌବାଣିଜ୍ୟ ଦିବସ ଦେଶର ସମସ୍ତ ବନ୍ଦରରେ ପାଳନ କରାଯାଉଛି।

ଏହି ଦିବସ ପାଳନ କରିବା ସମ୍ପର୍କରେ ଅବସରପ୍ରାପ୍ତ କ୍ୟାପଟେନ ପ୍ରେମାନନ୍ଦ ରାଉତ କୁହନ୍ତି,୧୯୧୯ରେ ଭାରତର ସିଣ୍ଡିଆ ସିଷ୍ଟମ ନାଭିଗେଶନ କମ୍ପାନୀ ପକ୍ଷରୁ ପ୍ରଥମ କରି ଏକ ପଣ୍ୟବାହୀ ଜାହାଜ ଏସ୍‌ଏସ୍ ଲୟାଲିଟି ବମ୍ବେରୁ ଲଣ୍ଡନ ସଫଳତାର ସହ ଯାତ୍ରା କରିଥିଲା। ସେହି ସ୍ମୃତିରେ ଏପ୍ରିଲ ୫କୁ ନୌବାଣିଜ୍ୟ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସରେ ଜାହାଜର ନାବିକମାନଙ୍କ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଏ। ଚଳିତ ଥର ରାଜ୍ୟର ପାରାଦୀପ ବନ୍ଦର ମଧ୍ୟରେ କାମ କରୁଥିବା ବିଭିନ୍ନ କମ୍ପାନୀ ଯଥା ଷ୍ଟିଭେଡର୍ସ ସଂସ୍ଥା, ଏଜେଣ୍ଟ, ସାମୁଦ୍ରିକ କମ୍ପାନୀଗୁଡ଼ିକରେ ସପ୍ତାହେ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରାଯିବ।

ଦେଶର ସର୍ବାଧିକ ଖଣିଜ ସମ୍ପଦ ଓଡ଼ିଶାରେ ରହିଛି। ସେହି ଖଣିଜ ପଦାର୍ଥ ଲୁହାପଥର, କୋଇଲା, ଚୂନପଥର, ବକ୍ସାଇଟ, ଫେରୋକ୍ରୋମ, ଚାର୍ଜକ୍ରୋମ ଆଦି ବିଦେଶକୁ ରପ୍ତାନି ଓ ଆମଦାନୀ ହେଉଛି। ସେଥିରେ ପାରାଦୀପ ବନ୍ଦରର ପ୍ରମୁଖ ଭୂମିକା ରହିଛି। ଦେଶର ୧୨ଟି ବୃହତ୍ ବନ୍ଦର ମଧ୍ୟରେ ଏବେ ଏହି ବନ୍ଦର ୧ନମ୍ବର ସ୍ଥାନରେ ରହିଛି। ରାଜ୍ୟର ୪୮୨ କିମି ଉପକୂଳରେ ଏକଦା ୧୨ରୁ ଅଧିକ ବନ୍ଦର ଥିଲା ବୋଲି ନୌବାଣିଜ୍ୟ ପରମ୍ପରା କିମ୍ବଦନ୍ତୀରୁ ଜଣାଯାଏ। ମାତ୍ର ସମୟାନୁକ୍ରମେ ସେଗୁଡ଼ିକ ବନ୍ଦ ହୋଇଯାଇଛି।

୧୯୬୨ରେ ପାରାଦୀପ ବନ୍ଦର ପ୍ରତିଷ୍ଠା ହୋଇଥିଲା। ଏଠାରେ କାରବାର ବୃଦ୍ଧି ପାଇବା ପରେ ରାଜ୍ୟରେ ଅଧିକ ବନ୍ଦର କରିବା ପାଇଁ ପୂର୍ବତନ ସରକାର ଘୋଷଣା କରିଥିଲେ।

ସେଗୁଡ଼ିକ ହେଲା ଗଞ୍ଜାମ ଜିଲ୍ଲାର ଗୋପାଳପୁର, ସୁଭଦ୍ରାପୁର, ପାଲୁର, ପୁରୀ ଜିଲ୍ଲାର ଅସ୍ତରଙ୍ଗ, ଭଦ୍ରକ ଜିଲ୍ଲାର ଧାମରା, କେନ୍ଦ୍ରାପଡା ଜିଲ୍ଲାର ହୁକିତୋଳା। ସେଥିରୁ ଗୋପାଳପୁର ଓ ଧାମରା ବନ୍ଦର ଏବେ ସୁଦ୍ଧା ହୋଇଛି। ଅନ୍ୟ ବନ୍ଦର ପାଇଁ ଘୋଷଣା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏହାବାଦ୍ ୧୨ଟି ନଦୀଭିତ୍ତିକ ବନ୍ଦର ହେବ ବୋଲି କୁହାଯାଇଥିଲା। ସେଥିମଧ୍ୟରୁ କେବଳ ଗୋଟିଏ ପାରାଦୀପର ଇଫ୍‌କୋ କାରଖାନା ପଛପଟ ମହାନଦୀରେ ହୋଇଛି। ଏହାମଧ୍ୟ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ ହୋଇନାହିଁ। ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ରଷିକୁଲ୍ୟା ମୁହାଣ ନିକଟରେ ବନ୍ଦର ହେବାର ଭଲ ଭିତ୍ତିଭୂମି ଅଛି ବୋଲି ପୂର୍ବତନ ଉପସଂରକ୍ଷକ କ୍ୟାପଟେନ ଅତୁଲ୍ୟ ମହାପାତ୍ର କହିଛନ୍ତି। ତାହା ମଧ୍ୟ ଏପର୍ଯ୍ୟନ୍ତ ହୋଇପାରିନାହିଁ। ରାଜ୍ୟରେ ନୂତନ ସରକାର ଆସିଲା ପରଠାରୁ ଆଉ ବନ୍ଦର ସମ୍ପର୍କରେ ଚର୍ଚ୍ଚା ହେଉନାହିଁ।

ଓଡ଼ିଶାର ଏକମାତ୍ର ନୌବାଣିଜ୍ୟ ଶିକ୍ଷାନୁଷ୍ଠାନ (ଓଡ଼ିଶା ମେରିଟାଇମ ଏକାଡେମୀ) ପାରାଦୀପରେ ଅଛି। ସେଠାରେ ପାଠପଢ଼ିବା ପାଇଁ ବର୍ଷକୁ ୮୦ଟି ସିଟ୍ ରହିଛି। ସେଥିରେ ରାଜ୍ୟ ଓ ଅନ୍ୟ ରାଜ୍ୟର ୪୦ ଜଣ ଲେଖାଏ ପିଲା ପଢ଼ିବାର ବ୍ୟବସ୍ଥା ରହିଛି। କିନ୍ତୁ ସେଠାରେ ଝିଅମାନଙ୍କ ପଢ଼ିବା ପାଇଁ ଏପର୍ଯ୍ୟନ୍ତ ସୁବିଧା ହୋଇନାହିଁ। ୧୯୯୨ରୁ ଉକ୍ତ ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ତା'ର ବିକାଶ ହୋଇନାହିଁ। ସରକାର ଶିଳ୍ପ ସଂସ୍ଥାର ବିକାଶ ପାଇଁ ଘୋଷଣା କରୁଛନ୍ତି। କିନ୍ତୁ ବନ୍ଦର ବିକାଶ ଉପରେ ନୀରବତା ଅବଲମ୍ବନ କରୁଛନ୍ତି। ଏଥିରେ ଅର୍ଥନୀତିରେ ସୁଧାର କିପରି ହେବ ବୋଲି ଆଲୋଚନା ହେଉଛି। ଦେଶର ୭୫୧୬ କିମି ଉପକୂଳରେ ଏବେ ସରକାରୀ ଭାବେ ୧୨ଟି ବୃହତ୍‌ବନ୍ଦର ଓ ୨୦୦ରୁ ଅଧିକ ଛୋଟ ମଧ୍ୟମ ବନ୍ଦର ରହିଛି। ଏହାର ବିକାଶ ପାଇଁ କେନ୍ଦ୍ର ସରକାର ସାଗରମାଳା ଯୋଜନା ଆରମ୍ଭ କରିଛନ୍ତି। କିନ୍ତୁ କେବେ ଅଧିକ ବନ୍ଦର ଓ ଜାହାଜ ଚଳାଚଳ ହେବ ତାହା ଦେଖିବାକୁ ରହିଲା।

# ଫଳକରେ ଓଡ଼ିଆ ବନାନ ତ୍ରୁଟି




ସୁନାବେଡ଼ା/ସେମିଳିଗୁଡା,୪।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। କିନ୍ତୁ ଏହାର ସୁଫଳ ମିଳୁ ନ ଥିବା କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲାଗିଥିବା ଫଳକରୁ ଜଣାପଡୁଛି। ଏହି ଫଳକଗୁଡ଼ିକରେ ଓଡ଼ିଆ ବନାନରେ ତ୍ରୁଟି ରହିଛି।

କେନ୍ଦ୍ର ସରକାରଙ୍କ ଭାରତ ମାଳା ଯୋଜନାରେ ରାୟପୁରରୁ ବିଶାଖାପାଟଣା ପର୍ଯ୍ୟନ୍ତ ୬ ଧାଡ଼ିଆ ରାସ୍ତା ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଦେଇ ଯାଇଥିବା ଏହି ରାସ୍ତା ପାର୍ଶ୍ୱରେ ଚିହ୍ନଟ ପାଇଁ ସ୍ଥାନ ଗୁଡିକର ନାମ ଫଳକ ଲଗାଯାଇଛି। ଫଳକ ଗୁଡ଼ିକ ଓଡ଼ିଆ ଓ ଇଂଲିଶରେ ଲେଖା ରହିଛି। କିନ୍ତୁ ଅନେକ ଫଳକରେ ଓଡ଼ିଆ ନାଁ ଗୁଡିକରେ ତ୍ରୁଟି ପରିଲକ୍ଷିତ ହୋଇଛି। ଫଳକରେ କୁନ୍ଧୁଲି ବଦଳରେ କୁଣ୍ଡୁଲି ଓ ପଟ୍ଟାଙ୍ଗି ବଦଳରେ ପୋଟାଙ୍ଗି ରହିଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ପର୍ଯ୍ୟନ୍ତ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରୁ ଇଂଲିଶ ନାମ ଫଳକ ହଟାଇବାରେ ସରକାର ବିଫଳ ହୋଇଥିବା ବୁଦ୍ଧିଜୀବି ପ୍ରକାଶ କରିଛନ୍ତି। ପୂର୍ବ ସରକାର ଏଥିପାଇଁ ନିୟମ ସହ ଦଣ୍ଡ ବିଧାନ ବ୍ୟବସ୍ଥା କରିଥିଲେ। କିନ୍ତୁ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଓଡ଼ିଆରେ ନାମ ଫଳକ ଲଗାଇବାକୁ ଶୁକ୍ରବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଛାତ୍ରୀଛାତ୍ର ବିଭିନ୍ନ ପ୍ଲାକାର୍ଡ ଓ ବ୍ୟାନର ଧରି ସହର ପରିକ୍ରମା କରିଥିଲେ। ଅନ୍ୟ ରାଜ୍ୟଗୁଡ଼ିକ ଆଞ୍ଚଳିକ ଭାଷାକୁ ପ୍ରାଧାନ୍ୟ ଦେଉଥିବା ବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ ହେଉଥିବା ବୁଦ୍ଧିଜୀବୀ କହିଛନ୍ତି।

ଏ ସମ୍ପର୍କରେ କୋରାପୁଟ ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କୁ ପଚାରିବାରୁ ହୋଇଥିବା ତ୍ରୁଟି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବା ସହ ସ୍ଥାନୀୟ ବ୍ୟକ୍ତିଙ୍କ ସହଯୋଗରେ ସେଥିରେ ସୁଧାର କରାଯିବ ବୋଲି ସେ କହିଛନ୍ତି।

# ତରଭୁଜ ଚାଷକରି ଶିକ୍ଷକ ଲକ୍ଷପତି

କେନ୍ଦୁଝର,୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ପେସାରେ ଶିକ୍ଷକ, ନିଶା ତାଙ୍କର ଚାଷ। ଶିକ୍ଷକ ଚାକିରି ପରେ ବି କୁଳ ବେଉସାକୁ ଭୁଲି ପାରିନାହାନ୍ତି। ଚାକିରି ସହ ତରଭୁଜ ଚାଷକରି ଅନେକ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ହେଲେ କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ମୁଣ୍ଡାସାହିର ଶିକ୍ଷକ ସତ୍ୟଜିତ ଲାଗୁରୀ। ୧୧ ଏକର ଜମିରେ ତରଭୁଜ ଚାଷ କରି ଲକ୍ଷପତି ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।



ସତ୍ୟଜିତ ଲାଗୁରୀ

ସତ୍ୟଜିତ୍ ସଦର ବ୍ଲକ୍ ଅନ୍ତର୍ଗତ ମହାଦେଇଯୋଡ଼ା ପ୍ରାଥମିକ ବିଦ୍ୟାଳୟରେ ଓ ତାଙ୍କ ସ୍ତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲାରେ ଶିକ୍ଷକତା କରନ୍ତି। ସେ ୩ ବର୍ଷ ଧରି ତରଭୁଜ ଚାଷ କରି ଭଲ ରୋଜଗାର କରୁଛନ୍ତି। ଗୋଲ, ଲମ୍ବା କିରଣ ଆଦି ୨ ପ୍ରକାରର ତରଭୁଜ ଚାଷ ପାଇଁ ଡିସେମ୍ବରରେ ମଞ୍ଜି ଆଣିଥିଲେ। ନୂଆ ମୋଲଚିଂ ପଦ୍ଧତିରେ ଚାଷ କରିବାକୁ ପ୍ରଥମେ ଟ୍ରେ ଯୋଗେ ଭଲ ତରଭୁଜ ବିହନ ଚାରା ପକାଇଥିଲେ। ପରେ ଶ୍ରମିକଙ୍କୁ ଲଗାଇ କ୍ଷେତରେ ଚାରାରୋପଣ କରି ସେ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଏବେ କ୍ଷେତରେ କଳାରଙ୍ଗର ଗୋଲ ତରଭୁଜ ଫଳିଛି। ଭଲ କିସମର ତରଭୁଜ ଚାଷ ହୋଇଥିବାରୁ ଜିଲ୍ଲା ସମେତ ରାଜ୍ୟ ବାହାର ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦିର ବ୍ୟବସାୟୀ ଗାଡ଼ି ଯୋଗେ କ୍ଷେତରୁ ତରଭୁଜ କିଣି ନେଉଛନ୍ତି। ଗତ ଏକ ମାସ ମଧ୍ୟରେ ସେ ପ୍ରାୟ ୭ ଲକ୍ଷ ଟଙ୍କାର ତରଭୁଜ ବିକ୍ରି କରିଥିବା କହିଛନ୍ତି।



**ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ବହିଷ୍କୃତ**

ସିଓଲ୍: ଦକ୍ଷିଣ କୋରିଆର ସାମ୍ବିଧାନିକ ଅଦାଲତ ଦେଶର ରାଷ୍ଟ୍ରପତି ପଦରୁ ୟୁନ୍ ସୁକ୍ ୟେଓଲଙ୍କୁ ଶୁକ୍ରବାର ବହିଷ୍କାର କରିଛନ୍ତି। ତାଙ୍କ ରାଷ୍ଟ୍ରପତିତ୍ୱ କାର୍ଯ୍ୟକାଳ ଶେଷ ହୋଇଥିବାବେଳେ ଖୁବ୍‌ଶୀଘ୍ର ନିର୍ବାଚନ ହେବାକୁ ଯାଉଛି। ୪ ମାସ ପୂର୍ବରୁ ଦେଶରେ ସାମରିକ ଅଇନ ଘୋଷଣା କରିବାରୁ ୟୁନ୍‌ଙ୍କ ବିରୋଧରେ ବିରୋଧୀ ଦଳ ମହାଭିଯୋଗ ପ୍ରସ୍ତାବ ଗୃହୀତ କରାଇଥିଲା। ଫଳରେ ତାଙ୍କ ହାତରୁ କ୍ଷମତା କାଢ଼ିନିଆଯାଇଥିଲା। ସାମ୍ବିଧାନିକ ଅଦାଲତର ୮ ଜଣିଆ ବେଞ୍ଚ୍ ୟୁନ୍‌ଙ୍କ ଇମ୍ପିଚ୍‌ମେଣ୍ଟକୁ କାଏମ୍ ରଖିଥିବା କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମୁନ୍ ହ୍ୟୁଙ୍ଗ୍-ବାଏ ରାୟ ଘୋଷଣା କରିଛନ୍ତି। ଦେଶରେ ସାମରିକ ଶାସନ ଲାଗୁକରି ୟୁନ୍ ସମ୍ବିଧାନ ଏବଂ ଅନ୍ୟାନ୍ୟ ଆଇନର ଗୁରୁତର ଉଲ୍ଲଂଘନ କରିଥିବା ଅଦାଲତ କହିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାୟ ରାମାନନ୍ଦ ସ୍ମୃତି ପରିଷଦ ପକ୍ଷରୁ ଓଡ଼ିଶୀ ସଙ୍ଗୀତ ଦିବସ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର ପରିସର ନୂତନ ସଭାଗୃହ, ସମୟ: ସକାଳ ୯ଟା ୩୦।
- ଗ୍ରାଜୁଏଶନ ଡେ, ସ୍ଥାନ: ଏନ୍‌ଏମ୍‌ଆଇଇଟି କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ତୃତୀୟ ବାର୍ଷିକ ନୃତ୍ୟ ଉତ୍ସବ ଏବଂ ସୌରପ୍ରଭା ସମ୍ମାନ-୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ନାବିକ ସଂଘ ଓଡ଼ିଶା ପକ୍ଷରୁ ଜାତୀୟ ସାମୁଦ୍ରିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଦ ଏଆରସ୍, ଆଇବିଏଲ୍ ହାଉସ୍, ସାଇ ମନ୍ଦିର ଅପରପାର୍ଶ୍ୱ, ଟଙ୍କପାଣି ରୋଡ୍, ସମୟ: ସନ୍ଧ୍ୟା ୬ଟା।
- ବାବା ବକ୍ରେଶ୍ୱର କଳା ପରିଷଦ ଆଗୁଳ୍ପକଙ୍କ ନାଟକ 'କିଏ ପୋଛି ଦେ ଆଖିର ଲୁହ' ପରିବେଷଣ, ସ୍ଥାନ: ଭିଙ୍ଗାରପୁରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ରାତି ୧୧ଟା।

## କଟକ
- ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ବାର୍ଷିକ ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ପୁରୁଣା ସଚିବାଳୟ ରୋଡ୍, ସମୟ: ପୂର୍ବାହ୍ନ ୧୧ଟା।
- ଆମେ ଓଡ଼ିଆ ଅନୁଷ୍ଠାନ ପକ୍ଷରୁ ଇଦ୍ ମିଲନ୍, ସ୍ଥାନ: କଟକ ଟାଉନ୍ ହଲ୍, ସମୟ: ସନ୍ଧ୍ୟା ୫ଟା।
- ୫୪ତମ ନିଖିଳ ଉତ୍କଳ ଶ୍ରୀ ଅରବିନ୍ଦ ଷ୍ଟଡି ସର୍କଲ ସମ୍ମିଳନୀର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କଟକ ମାତୃଭବନ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ନାଟ୍ୟ ନିର୍ଦ୍ଦେଶକ ଉମେଶ ଦାଶଙ୍କ ନିର୍ଦ୍ଦେଶିତ ନାଟକ ପରିବେଷଣର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ
- ୱାକାଥନ, ସ୍ଥାନ: ସ୍ପୋର୍ଟସ୍ କମ୍ପ୍ଲେକ୍ସ, ସମୟ: ସକାଳ ୬ଟା।
- ରାଧାକୃଷ୍ଣ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶ୍ରୀରାମ ମନ୍ଦିର ପରିସର, ୱାଟର ୱାର୍କ୍ସ ରୋଡ୍, ସମୟ: ଅପରାହ୍ନ ୨ଟା।
- ଗଙ୍ଗାଧର ମହାପାତ୍ରଙ୍କ ସ୍ମୃତି ସଭା, ସ୍ଥାନ: ଗାନ୍ଧୀ ସ୍ମୃତି ପୀଠ, ସମୟ: ଅପରାହ୍ନ ୫ଟା ।

## ଖୋର୍ଦ୍ଧା
- ଶ୍ରୀରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା।
- .ପ୍ରବଚନ, ଜ୍ଞାନଯଜ୍ଞ ଓ ଆଧାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

## ଭଦ୍ରକ
- ଓଡ଼ିଆ ପକ୍ଷ ଅବସରରେ ଗଣଦୌଡ଼, ସ୍ଥାନ: ଚୁଡ଼ାମଣି ଲବଣ ତୀର୍ଥ, ବାସୁଦେବପୁର, ସମୟ: ସକାଳ ୬ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: ତିହିଡ଼ି, ସମୟ: ସକାଳ ୭ଟା।
- ୧୦୮ ହନୁମାନ ଚାଳିଶା ପାଠ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ଯଜ୍ଞ, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।

## ଭୁବନେଶ୍ୱର (ଅବଶିଷ୍ଟ)
- ନାଟ୍ୟ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ରଘୁନାଥପୁର, ଭଣ୍ଡାରିପୋଖରୀ, ସମୟ: ରାତି ୯ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ରାତି ୯ଟା।

## କେନ୍ଦୁଝର
- ଐତିହାସିକ ଗଣଦୌଡ଼, ସ୍ଥାନ: ପୁରୁଣା ସହର ଶ୍ରୀ ବଳଦେବଜୀଉ ମନ୍ଦିର, କେନ୍ଦୁଝର ଗଡ, ସମୟ: ପ୍ରାତଃ ୫ଟା ୩୦।
- ବନଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: କେନ୍ଦୁଝର ପୁରୁଣା ସହର ରାଜବାଟି, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ୫୨ତମ ମା' ବାସନ୍ତୀ ପୂଜାର ମହାଷ୍ଟମୀ ପୂଜା, ସ୍ଥାନ:ଭୀମଦା ବଡ଼ସାହି ବ୍ଲକ,ସମୟ: ସକାଳ ୫ଟା।
- ମା' ଭୈରବୀଙ୍କ ପୀଠରେ ମହାଷ୍ଟମୀ ପୂଜା, ସ୍ଥାନ:ମଧୁବନ, ବାରିପଦା,ସମୟ: ସକାଳ ୭ଟା।
- ଆମ ସୀମାନ୍ତ ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ, ଝାରପୋଖରିଆ, ସମୟ: ଅପରାହ୍ନ ୫ଟା।
- ବାସନ୍ତୀ ପୂଜା ଉପଲକ୍ଷେ ସନ୍ଧି ପୂଜା,ସ୍ଥାନ: ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପରିସର, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା ୩୩ ।
- ରାଜାଲୋକା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବୈଦିକ ମଙ୍ଗଳାଚରଣ, ଘୃତଯଜ୍ଞ ଓ ପୂର୍ଣ୍ଣାହୁତି ପ୍ରଦାନ ଏବଂ ରାମ ନବମୀ ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ,ସ୍ଥାନ: ଶ୍ରୀରାମ ମନ୍ଦିର, ରାଜାଲୋକା, ସାରସକଣା, ସମୟ: ରାତି ୧୦ଟା।

## ଗଞ୍ଜାମ
- ରାଜମ୍ମା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା, ସ୍ଥାନ: ଧୋବାପଲ୍ଲୀ, ଆସିକା ବ୍ଲକ, ସମୟ: ସକାଳ ୭ଟା।
- ପଞ୍ଚୁଦଣ୍ଡ ମହାମିଳନ, ସ୍ଥାନ: ବାଲୁଙ୍କେଶ୍ୱର ବିହାର, କଲେଜ ଛକ, ଆସିକା, ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି
- ଆଶୁ ଚିକିତ୍ସା ତାଲିମ ଶିବିର, ସ୍ଥାନ: ଏସ୍‌ଏସ୍‌ଡି ହାଇସ୍କୁଲ ମୋହନା, ସମୟ: ଅପରାହ୍ନ ୩ ଟା।

## ଢେଙ୍କାନାଳ
- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ବଳରାମ ମନ୍ଦିର ସମ୍ମୁଖ, ସମୟ: ସକାଳ ସାଢେ ୫ଟା।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ମେରାଇନ ବିଭାଗ ପକ୍ଷରୁ ଜାତୀୟ ନୌବାଣିଜ୍ୟ ଦିବସ କାର୍ଯ୍ୟକ୍ରମ,ସ୍ଥାନ: ମେରାଇନ ବର୍ଥ, ବନ୍ଦର ନିଷିଦ୍ଧାଞ୍ଚଳ,ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ରେଲୱେ ବିଭାଗ କର୍ମଚାରୀ ୟୁନିୟନ ପକ୍ଷରୁ ଆର୍ଥିକ ବର୍ଷ ଉପଲକ୍ଷେ ବନ୍ଧୁମିଳନ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ବାସନ୍ତୀ ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ମା' ବାସନ୍ତୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ନାଉକୋଣା, ରାଜନଗର, ସମୟ: ସକାଳ ୬ଟା।
- ଉଦ୍ୟମ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମହାବୀର ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ସକାଳ ୭ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକର ଶାନ୍ତି ବଜାର ନିକଟ ମିଡୋଜ୍ କୋଟୱାର୍ଡ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟ ଗଣଦୌଡ଼, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିରଠାରୁ ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ, ସମୟ: ସକାଳ ୬ଟା ୧୫।
- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ନବମ ଦିବସରେ ମହାଷ୍ଟମୀ ପର୍ବ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ଼, ସମୟ: ସକାଳ ୮ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଅଙ୍ଗଦ ଚିଟାଉ ଓ ରାବଣ ବଦ୍ଧ, ସ୍ଥାନ: ଭାପୁର ବ୍ଲକର ଫତେଗଡ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ଓଡ଼ିଆ ପକ୍ଷ ପାଳନ ଅବସରରେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: କାଳି ମନ୍ଦିର ଛକଠାରୁ ସଦ୍‌ଭାବନା ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ରାୟଗଡା, ସମୟ: ସକାଳ ୫ଟା ୩୦ ।
- ରାମ ନବମୀ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଜାମଗୁଡାସ୍ଥିତ ତ୍ରିନାଥ ମନ୍ଦିର, ଚିକିଟି, ସମୟ: ଅପରାହ୍ନ ୪ ଟା ।

## ନବରଙ୍ଗପୁର
- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ନବରଙ୍ଗପୁର ସଦାଶିବ ତ୍ରିପାଠୀ ପାର୍କରୁ ପୋଲିସ ପଡ଼ିଆ ପର୍ଯ୍ୟନ୍ତ, ସମୟ: ସକାଳ ୬ଟା।

## କୋରାପୁଟ
- ଓଡ଼ିଶା ପକ୍ଷ ନେଇ ଗଣ ଦୌଡ଼, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୬ଟା।
- ଶାବର ଶ୍ରୀକ୍ଷେତ୍ରରେ ମା' ବିମଳାଙ୍କ ମହାଗୌରୀ ବେଶ, ସ୍ଥାନ:ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସକାଳ ୭ଟା।

## ସମ୍ବଲପୁର
- ଚୈତ୍ର ନବରାତ୍ରୀ ଅଷ୍ଟମୀ ପୂଜା, ସ୍ଥାନ: ଭୂତାପଡା ସ୍ଥିତ ମାଁ ମଙ୍ଗଳା ମନ୍ଦିର, ସମୟ: ସକାଳ ୮ଟା।
- ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଅବସରରେ ଦେବୀଙ୍କ ମହାସ୍ନାନ, ପ୍ରାଣପ୍ରତିଷ୍ଠା, ସ୍ଥାନ:ଭତରା ସ୍ଥିତ ଶଙ୍କରମଠ ପରିସର, ସ୍ଥାନ:ପୂର୍ବାହ୍ନ ୧୦ ଟା।
- ମିଷ୍ଟର ଆଣ୍ଡ ମିସ ଇଣ୍ଡିଆ ପ୍ରତିଯୋଗୀଙ୍କ ସମଲେଇ ମନ୍ଦିର ପରିଦର୍ଶନ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପୂର୍ବାହ୍ନ ୮ଟା

## ବଲାଙ୍ଗୀର
- ବଲାଙ୍ଗୀର ଚାମ୍ପିୟନ୍ସ ଲିଗ୍ ୨୦୨୫, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ।
- ଲୋଇସିଂହାରେ ବାସନ୍ତିକ ଦୁର୍ଗାପୂଜା ଉପଲକ୍ଷେ ଝାମୁଯାତ୍ରା, ସ୍ଥାନ: ଲୋଇସିଂହା ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦ ମିନିଟ।

## ରାଉରକେଲା
- ଅଶୋକାଷ୍ଟମୀ ପୂଜା, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୩ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡିଶା ଭାଷା ବିକାଶ ମଞ୍ଚ ପକ୍ଷରୁ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ଇନଭେଷ୍ଟିଚ୍ୟୁର ସେରିମୋନି, ସ୍ଥାନ:କୁଆଁରମୁଣ୍ଡା ଡନବସ୍କୋ ସ୍କୁଲ ପରିସର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ, ସମୟ: ସକାଳ ୮ଟା।
- ଶଙ୍କର୍ଷଣ ନାଏକ ମେମୋରିଆଲ ପାରିଜାତ ଜୈବ ବିବିଧ ଉଦ୍ୟାନର ଉଦ୍‌ଘାଟନ ସମାରୋହ, ସ୍ଥାନ: ବନଦୁର୍ଗା ବିହାର ନିକଟ, ସମୟ: ସକାଳ ୮ଟା ୩୦।

## ବରଗଡ଼
- ସମଲେଶ୍ୱରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା,ସମୟ: ସକାଳ ୭ଟା।

## କଳାହାଣ୍ଡି
- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକଠାରୁ ଘୋଡାଘାଟ ଛକ, ସମୟ: ସକାଳ ୬ଟା ୩୦।
- ସମାଜବାଦୀ ପାର୍ଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ବାସନ୍ତୀକ ନବରାତ୍ର ପୂଜା ଅନ୍ତିମ ଦିବସ ଓ ପୂର୍ଣ୍ଣାହୁତି, ସ୍ଥାନ: ଶନି ମନ୍ଦିର, ଗୋହରୀ ପୋଖରୀ ପାଖ, ସମୟ: ପୂର୍ବାହ୍ନ ୧୧ଟାରୁ ଆରମ୍ଭ।
- ମା' କନକ ଦୁର୍ଗାଙ୍କ ଚୈତ୍ୟ ନବରାତ୍ର ଅନ୍ତିମ ଦିବସ ଓ ପୂର୍ଣ୍ଣାହୁତି, ସ୍ଥାନ: କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟାରୁ ଆରମ୍ଭ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ୟୁଏସ୍ ପୋର୍ଟାଲ୍ ତାଲିମ୍ ଶିବିର ଉଦ୍‌ଯାପିତ, ସ୍ଥାନ: ବୀରମହାରାଜପୁର ବାଳକ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରକଳ୍ପସ୍ତରୀୟ ମାଷ୍ଟର ପ୍ରଶିକ୍ଷଣ ତାଲିମ୍ ଶିବିର ଉଦ୍‌ଯାପିତ, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପାରମ୍ପରିକ ପୋଷାକ ପରିଧାନ, ସ୍ଥାନ: ବୀରମହାରାଜପୁର ବରିଷ୍ଠ ନାଗରିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ, ସ୍ଥାନ:ସୋନପୁର ସୁରେଶ୍ୱରୀ ମନ୍ଦିର ପରିସର, ସମୟ:ସକାଳ ୬ଟା।
- ସୋନପୁର ପିଏମ୍ ଶ୍ରୀ ମହାରାଜା ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ:ହାଇସ୍କୁଲ ସମ୍ମିଳନୀ କକ୍ଷ, ସମୟ:ସକାଳ ୭ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ:ଶନି ମନ୍ଦିର ପରିସର, ସମୟ:ସନ୍ଧ୍ୟା ୬ଟା।

## ନୂଆପଡ଼ା
- ମାରାଗୁଡା ଲୋକ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ସ୍ଥାନୀୟ ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।
- ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ୩୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ରାଣିପୁର ଗାଁ, ସମୟ: ସକାଳ ୮ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ସିଆଳଲଟି ଗାଁ, ସମୟ: ପ୍ରାତଃ ୫ଟା।

## ଝାରସୁଗୁଡ଼ା
- ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: କୁରେମାଲ ନାମ ଯଜ୍ଞମଣ୍ଡପ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୁଃସ୍ଥାନରେ ଗ୍ରହଯୁଦ୍ଧ ଯୋଗୁ ଯାତ୍ରା, ଅର୍ଥ ସମ୍ପର୍କ, ପାରିବାରିକ ବ୍ୟତିକ୍ରମ ଦେଖାଦେଇପାରେ।କୋଣାଧିପ ରବି ଅଷ୍ଟମସ୍ଥ ଯୋଗୁ ପଦସ୍ଥ ବ୍ୟକ୍ତିଙ୍କ ସହିତ ଭୁଲ୍ ବୁଝାମଣାର ଆଶଙ୍କା ରହିଛି। ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ଚନ୍ଦ୍ରଙ୍କ ଦୃଷ୍ଟି ସାହାଯ୍ୟ କରିବ। ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ** ମୁଖଭାବରେ ଚନ୍ଦ୍ର ଥିବାରୁ ହସି ହସି କଥା କହିବେ ଏବଂ କର୍ମାରମ୍ଭ ପାଇଁ ଅନୁକୂଳତା ପ୍ରାପ୍ତ ହେବ। ଘର ତିଆରି, ଯାନ ମରାମତି, ଦୋକାନର ଉନ୍ନତୀକରଣ ଓ ସଭାସମିତି କ୍ଷେତ୍ରରୁ ଉପକୃତ ହେବେ। ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ନିଜ ସହ ଭଲ ସମ୍ପର୍କ ରଖୁନଥିବା ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** ବୁଧଙ୍କ ବଳହୀନତା କାରଣରୁ ସତର୍କତା କିମ୍ବା ଅନ୍ୟମନସ୍କତା ହେତୁ ଟଙ୍କା, ପଇସା, ଦରକାରୀ କାଗଜପତ୍ର ହଜାଇ ଦେଇପାରନ୍ତି। ସହକର୍ମୀ, ଭାଇ କିମ୍ବା ପଡ଼ୋଶୀଙ୍କ ସହ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଆଜି ଯାହା କରିବେ ଅବଶ୍ୟ କ୍ଷତି ହେବନି,ମାତ୍ର ଏକ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ।

**କର୍କଟ** ଆଜି ମାନସିକ ସ୍ଥିତି ଭଲ ନ ଥିଲେ ମଧ୍ୟ କାମରେ ଅବହେଳା କରିବେ ନାହିଁ। ମଙ୍ଗଳଙ୍କ ଦୁର୍ବଳତାରୁ ପ୍ରତ୍ୟେକ କ୍ଷେତ୍ରରେ ପଛେଇ ରହିବେ। ସମ୍ମୁଖରେ ନ କହି ପଛରେ କେହି ସମାଲୋଚନା କରିବେ। ଆର୍ଥିକ ଦିଗଟି ଭଲ ରହିବ ଏବଂ ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ପାଇବେ। ଶନିଙ୍କ ଦୁଷ୍ପ୍ରଭାବରୁ କଚେରି ମାମଲା ମନ୍ଥର ହୋଇପାରେ।

**ସିଂହ** କର୍ମସ୍ଥାନରେ ବୃହସ୍ପତି ଆପଣଙ୍କ ଗୃହନିର୍ମାଣ, ଯାନବାହନ, ପାରିବାରିକ ଶାନ୍ତି କ୍ଷେତ୍ରରେ ସହାୟକ ହେବେ। ବୁଧଙ୍କ ପ୍ରଭାବରେ ବନ୍ଧୁ ବିରୋଧୀ ହେବେ ଏବଂ ଅର୍ଥ ସଂକଟ ଲାଗି ରହିପାରେ। ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଶିଳ୍ପ, ବାଣିଜ୍ୟରୁ ଭଲ ଲାଭ ପାଇବେ କିନ୍ତୁ ବିବାଦରୁ ଦୂରେଇ ରହିବା ଭଲ ହେବ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ କିନ୍ତୁ ବ୍ୟୟଭାର ବୃଦ୍ଧି ପାଇବା ସମ୍ଭାବନା ରହିଛି। ହାତରେ ଧନ ନଥିଲେ ମଧ୍ୟ କୌଣସି ଆବଶ୍ୟକତା ଅପୂରଣୀୟ ରହିବନାହିଁ। ଶତ୍ରୁତା କରୁଥିବା ଲୋକମାନେ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ପ୍ରକାଶନ, ପ୍ରଶାସନ, ରଚନାତ୍ମକ କ୍ଷେତ୍ରରେ ଶୁଭଫଳ ପାଇବାର ଆଶା ରହିଛି।

**ତୁଳା** ଗୁରୁଙ୍କ କୃପାଦୃଷ୍ଟିରୁ ବୈଷୟିକ ଅଭିବୃଦ୍ଧି ସାଙ୍ଗକୁ ସମସ୍ତ କାର୍ଯ୍ୟ ସାଧନ କରିବେ। ଅସୁସ୍ଥତା ଅନୁଭବ କଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ। ସାହିତ୍ୟ, ପ୍ରଶାସନ, ସଭାସମିତି, ସାମ୍ବାଦିକତା ଓ ରାଜନୈତିକ ସ୍ତରରେ ପ୍ରଶଂସିତ ହେବେ। ଚିତ୍ରା ନକ୍ଷତ୍ରର ସବୁ ସୁବିଧା ଥିଲେ ମଧ୍ୟ ଅବହେଳା କାରଣରୁ ସୁଯୋଗ ହରାଇବେ।

**ବିଛା** ଦେହ କିମ୍ବା ମନ କମ୍‌ଜୋର୍ ରହିଥିଲେ ମଧ୍ୟ କୌଣସି କ୍ଷେତ୍ରରେ ପଛକୁ ଫେରିବେ ନାହିଁ। କୌଣସି ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିବାର ସୂଚନା ରହିଛି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ** ଚନ୍ଦ୍ରଙ୍କ ଦୃଷ୍ଟିଜନିତ ବିଭିନ୍ନ ସମସ୍ୟା ହେତୁକ ମାନସିକ ସ୍ଥିତି ବିପନ୍ନଜନିତ ଟେନ୍ସନ ଲାଗିରହିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ ଅବଶ୍ୟ ଖର୍ଚ୍ଚର ମାତ୍ରା ବୃଦ୍ଧି ପାଇପାରେ। ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତତା ହେତୁ ଶାରୀରିକ ସୁସ୍ଥତା ବ୍ୟାହତ ହୋଇପାରେ। ପରିବାରରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ।

**ମକର** ଆଜିର ଗ୍ରହସ୍ଥିତି ଭଲ ହେତୁ ଦିନଟି ଭଲରେ ଅତିବାହିତ ହେବ। ଅର୍ଥଲାଭ, କାର୍ଯ୍ୟସିଦ୍ଧି, ପାରିବାରିକ ସୌଖ୍ୟ ଓ ମିତ୍ରମାନଙ୍କ ସମାଗମରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବୈବାହିକ ସମ୍ପର୍କ ପରିପ୍ରେକ୍ଷୀରେ ନୂତନ ବନ୍ଧୁସମ୍ପର୍କ ସ୍ଥାପନ ହେବା କାରଣରୁ ଖୁସି ରହିପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଅଥବା ଯେଉଁଠି ଯାହା କହିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ବିଦ୍ୟମାନ ସ୍ଥିତିରୁ ସହସା ମୁକ୍ତି ମିଳିବ ଓ ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ ଅବଶ୍ୟମ୍ଭାବୀ। ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରିବେ। ନୀଚ ସଂସର୍ଗରୁ ଦୂରେଇ ରୁହନ୍ତୁ ଅନ୍ୟଥା ଅପବାଦର ବୋଝ ମୁଣ୍ଡାଇବାକୁ ପଡ଼ିବ।

**ମୀନ** ମନ ଯେମିତି ଉଚ୍ଚ ଆପଣଙ୍କ ଆଜିର କାମ ମଧ୍ୟ ତଦନୁରୂପ ହେବାରୁ ସବୁଠି ପ୍ରଶଂସାର ପାତ୍ର ହେବେ। ବାଣିଜ୍ୟ, ପରିବହନ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। ରାଜନୀତି ଓ ସାଂଗଠନିକ ସ୍ତରରେ ଉଚ୍ଚକର୍ତ୍ତୃପକ୍ଷଙ୍କ ଚାପର ସମ୍ମୁଖୀନ ହେବେ। ସଭାସମିତିରେ ସଫଳତା ହାସଲ କରିବେ କିନ୍ତୁ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ।

ଆଜି ଏପ୍ରିଲ୍ ୫ ତାରିଖ, ସମତା ଦିବସ, ରାଷ୍ଟ୍ରୀୟ ନୌସେନା ଦିବସ, ରାଷ୍ଟ୍ରୀୟ ସାମୁଦ୍ରିକ ଦିବସ, ଜଗଜ୍ଜୀବନରାମଙ୍କ ଜୟନ୍ତୀ, ଚୈତ୍ର ଶୁକ୍ଳପକ୍ଷର ଅଶୋକାଷ୍ଟମୀ, ଶନିବାର। ଶ୍ରୀଲିଙ୍ଗରାଜ ଦେବଙ୍କ ରୁକୁଣା ରଥଯାତ୍ରା, ପିଠେ ବାସନ୍ତିକ ମହାନବମୀ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୬ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା ।ସକାଳ ଘ.୦୮।୪୫ ଗତେ ଘ.୧୦।୧୭ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ୱାକ୍‌ଫ ବିଲ୍‌କୁ ...




କୋଲକାତାରେ ଶୁକ୍ରବାର ୱାକ୍‌ଫ ସଂଶୋଧନ ବିଲ୍ ବିରୋଧରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଲୋକ ସଭାରେ ବିଲ୍ ସପକ୍ଷରେ ୨୮୮ ଭୋଟ ପଡ଼ିଥିବାବେଳେ ବିରୋଧରେ ୨୩୨ ଜଣ ଭୋଟ ଦେଇଥିଲେ। ସେହିପରି ଗୁରୁବାର ପାଖାପାଖି ୧୪ ଘଣ୍ଟାର ଆଲୋଚନା ପରେ ବିଳମ୍ବିତ ରାତିରେ ବିଲ୍‌କୁ ମଞ୍ଜୁରୀ ମିଳିଥିଲା। ଉଚ୍ଚ ସଦନରେ ବିଲ୍‌କୁ ୧୨୮ ଭୋଟ ମିଳିଥିବାବେଳେ ଏହା ବିରୋଧରେ ୯୫ ଭୋଟ ପଡ଼ିଥିଲା। ବିପକ୍ଷ ଦଳଗୁଡ଼ିକର ତୀବ୍ର ବିରୋଧ ସତ୍ତ୍ୱେ ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିସାରିଥିବାରୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହେବ। ତେବେ ଏହାର ପ୍ରତିବାଦରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସଦସ୍ୟମାନେ କୋଲକାତାର ପାର୍କ ସର୍କସ କ୍ରସିଂଠାରେ ଶୁକ୍ରବାର ବିକ୍ଷୋଭ କରିବା ସହ ତୁରନ୍ତ ବିଲ୍ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ଦେଶକୁ ବିଭାଜନ କରିବା ପାଇଁ ଏହି ବିଲ୍ ଭାଜପାର ଏକ ଚାଲ୍ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ଆମେ ରାଜ୍ୟର ମୁସଲମାନମାନଙ୍କୁ ସେମାନଙ୍କ ସମ୍ପତ୍ତି ହରାଇବାକୁ ଦେବୁ ନାହିଁ। କେନ୍ଦ୍ରରେ ନୂଆ ସରକାର ଆସିଲେ ଏହି ବିଲ୍‌କୁ ଅକାମୀ କରିବା ନିମନ୍ତେ ସଂଶୋଧନ ଅଣାଯିବ ବୋଲି ସେ କହିଛନ୍ତି। ବିକ୍ଷୋଭ ଯୋଗୁ ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ୱାକ୍‌ଫ ସଂଶୋଧନ ବିଲ୍ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରୁଥିବା ଦର୍ଶାଇ କଂଗ୍ରେସ ଏମ୍‌ପି ମହମ୍ମଦ ଜାୱେଦ ଶୁକ୍ରବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ମଧ୍ୟ ବିଲ୍‌କୁ ବିରୋଧକରି ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଛନ୍ତି। କଂଗ୍ରେସ ଏମ୍‌ପି ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ବିଲ୍ ୱାକ୍‌ଫ ସମ୍ପତ୍ତି ଏବଂ ସେଗୁଡ଼ିକର ପରିଚାଳନା ଉପରେ ମନମାନି କଟକଣା ଲଦିଦେଇଛି। ଏଥିରେ ମୁସଲମାନ ସମ୍ପ୍ରଦାୟର ଧର୍ମୀୟ ସ୍ୱାଧୀନତାକୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଆଇନଜୀବୀ ଅନସ ତନୱିରଙ୍କ ଜରିଆରେ ଦାଏର ହୋଇଥିବା ଏହି ବିଲ୍‌ରେ ମୁସଲମାନ ସମ୍ପ୍ରଦାୟ ପ୍ରତି ପାତର ଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଓୱାଇସି ତାଙ୍କ ପିଟିଶନରେ ଦର୍ଶାଇଛନ୍ତି, ୱାକ୍‌ଫ (ସଂଶୋଧନ) ବିଲ୍, ୨୦୨୫ରେ ରହିଥିବା ବ୍ୟବସ୍ଥା ମୁସଲମାନ ତଥା ମୁସ୍‌ଲିମ୍ ସମ୍ପ୍ରଦାୟର ମୌଳିକ ଅଧିକାରର ଉଲ୍ଲଂଘନ। ୱାକ୍‌ଫ ବିଲ୍ ବିରୋଧରେ ଡିଏମ୍‌କେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହେବ ବୋଲି ଗୁରୁବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଘୋଷଣା କରିଥିଲେ। କଂଗ୍ରେସ ମଧ୍ୟ ଖୁବ୍ ଶୀଘ୍ର ବିଲ୍‌ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଶୁକ୍ରବାର କହିଥିଲେ।

## ଜାତି ଗଲା...

ସୂଚନା ମୁତାବକ, ରାଜ୍ୟ ସଭା ସଦସ୍ୟମାନଙ୍କୁ ୱାକ୍‌ଫ ବିଲ୍ ବିରୋଧରେ ଆଭିମୁଖ୍ୟ ରଖିବା ଲାଗି ନବୀନ ପ୍ରଥମରୁ ନିର୍ଦ୍ଦେଶ ଦେଇଥିଲେ। ଏ କଥା ଦଳର ଏମ୍‌ପି ସସ୍ମିତ ପାତ୍ର ମଧ୍ୟ କହିଥିବାର ଭିଡିଓ ସର୍ବସମ୍ମୁଖରେ ବୁଲୁଥିବାବେଳେ ଅନ୍ୟଜଣେ ଏମ୍‌ପି ମୁଜିବୁଲ୍ଲା (ମୁନ୍ନା) ଖାଁ ମଧ୍ୟ ସମାନ କଥା ଦୋହରାଇଛନ୍ତି। ଇଦ୍ ପର୍ବରେ ନବୀନ ଯୋଗଦେବା ନିମନ୍ତେ ନିମନ୍ତ୍ରଣ କରିବାକୁ ଯେତେବେଳେ ମୁସଲମାନ ପ୍ରତିନିଧି ଦଳ ନବୀନ ନିବାସ ଆସିଥିଲେ, ସେତେବେଳେ ବିଜେଡି ସଭାପତି ବିଲ୍‌କୁ ବିରୋଧ କରିବା କଥା କହିଥିଲେ। ଏହାପରେ ଇଦ୍ ପର୍ବରେ ଯୋଗଦେବାବେଳେ ମଧ୍ୟ ନବୀନ ବିଲ୍‌କୁ ବିରୋଧ କରିବା କଥା କହିଥିଲେ। ହେଲେ ଏକ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, କିଛିଦିନ ତଳେ ନବୀନ ନିବାସକୁ ଜଣେ କେନ୍ଦ୍ରମନ୍ତ୍ରୀ ଫୋନ୍ କରିଥିଲେ। ୱାକ୍‌ଫ ବିଲ୍‌କୁ ସମର୍ଥନ ଦେବା ଲାଗି ତାଙ୍କ ଏମ୍‌ପିମାନଙ୍କୁ ନିର୍ଦ୍ଦେଶ ଦେବା ନେଇ କେନ୍ଦ୍ରମନ୍ତ୍ରୀ ଜଣକ ନବୀନଙ୍କ ଘନିଷ୍ଠ ସହଯୋଗୀଙ୍କୁ କହିଥିଲେ। ଏହାପରେ ନବୀନ ଓ ତାଙ୍କ ସହଯୋଗୀ ଦିଲ୍ଲୀ ଯିବା କଥା ସମସ୍ତଙ୍କୁ ଜଣା। କେନ୍ଦ୍ରମନ୍ତ୍ରୀଙ୍କ କଥାକୁ କାର୍ଯ୍ୟକାରୀ କରିବା ଲାଗି ନିଜ ସ୍ତ୍ରୀଙ୍କ ଭିଆର୍‌ଏସ୍ କଥାକୁ କାର୍ଯ୍ୟକାରୀ କରାଇବାରେ ନବୀନଙ୍କ ସହଯୋଗୀ ମଧ୍ୟ ସଫଳ ହୋଇଗଲେ। ଏହାପରେ ହଠାତ୍ ବିଲ୍‌କୁ ନେଇ ବିଜେଡି ଭିନ୍ନ ମତ ଦେଇଥିଲା। ସସ୍ମିତଙ୍କ ଏକ୍ସ ଆକାଉଣ୍ଟରେ ବିବେକାନୁଯାୟୀ ବିଲ୍ ଉପରେ ଭୋଟ ଦେବା ନେଇ ଦଳ ନିଷ୍ପତ୍ତି କରିଥିବା କୁହାଗଲା। ଏକଥା ସତ ଯେ, ସସ୍ମିତଙ୍କର ଏତେ ସାହସ ନାହିଁ, ଦଳର ନିଷ୍ପତ୍ତି ନିଜ ଇଚ୍ଛାରେ କହିଦେବେ। ହେଲେ ସସ୍ମିତ ଏହି ପୋଷ୍ଟ କରିବା ପୂର୍ବରୁ ରେଳମନ୍ତ୍ରୀ ବିଜେଡିର ସବୁ ରାଜ୍ୟ ସଭା ସଦସ୍ୟଙ୍କୁ ଭେଟି ବିଲ୍‌କୁ ସମର୍ଥନ ଦେବା ଲାଗି କହିଥିଲେ। ଏକଥା ମଧ୍ୟ ବହୁ ରାଜ୍ୟ ସଭା ସଦସ୍ୟ ସ୍ୱୀକାର କରିଛନ୍ତି। ହେଲେ ବିଜେଡିର ଭିନ୍ନମତକୁ ସବୁ ଏମ୍‌ପି ଗ୍ରହଣ କରିପାରି ନାହାନ୍ତି। ଜଣେ ଏମ୍‌ପି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସସ୍ମିତ ଏବଂ ସୁଲତା ଦେଓ ବିଲ୍ ସପକ୍ଷରେ ଭୋଟ ଦେଇଥିବାବେଳେ ମୁନ୍ନା ଖାଁ, ମାନସ ମଙ୍ଗରାଜ, ଶୁଭାଶିଷ ଖୁଣ୍ଟିଆ ଏବଂ ନିରଞ୍ଜନ ବିଶି ବିପକ୍ଷରେ ଭୋଟ୍ ଦେଇଛନ୍ତି। ଅନ୍ୟପଟେ ଦେବାଶିଷ ସାମନ୍ତରାୟ ଭୋଟ ବର୍ଜନ କରିଥିବା କହିଛନ୍ତି। ହେଲେ ଏଭଳି କରିବା ଦ୍ୱାରା କେନ୍ଦ୍ରର ଭାଜପା ସମର୍ଥିତ ଏନ୍‌ଡିଏ ସରକାର ନା ଇଣ୍ଡିଆ ମେଣ୍ଟ, କାହାକୁ ମଧ୍ୟ ଖୁସି କରିବାରେ ନବୀନଙ୍କ ସହଯୋଗୀ ସଫଳ ହୋଇପାରିନାହାନ୍ତି, କେବଳ ନିଜ କାର୍ଯ୍ୟ ହାସଲ କରିପାରିଛନ୍ତି।

ବିଲ୍ ବାବଦରେ ଏଭଳି ଆଭିମୁଖ୍ୟ ପରେ ଦଳର ବରିଷ୍ଠ ନେତାମାନେ ବିରକ୍ତିଭାବ ପ୍ରକାଶ କରି ଶଙ୍ଖ ଭବନଠାରେ ଏକାଠି ହୋଇଛନ୍ତି। ସେଠାରେ ଦଳର ଆଭିମୁଖ୍ୟ କାହିଁକି ଏପରି ରହିଲା ବୋଲି ନବୀନଙ୍କୁ ପଚାରିବେ ବୋଲି ସେମାନଙ୍କ ଉଦ୍ଦେଶ୍ୟ ରହିଥିଲା। ଏପରି କି କେତେଜଣ ନେତା ଦରକାର ପଡ଼ିଲେ କିଛି ବଡ଼ ପଦକ୍ଷେପ ନେବା କଥା ସେହି ସମୟରେ ଉଠାଇଥିବା ଜଣାଇଛନ୍ତି। ଏହାପରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଶଶିଭୂଷଣ ବେହେରା, ରଘୁନାଥ ସାହୁ, ପଦ୍ମନାଭ ବେହେରା, ଦେବୀପ୍ରସାଦ ମିଶ୍ର ପ୍ରମୁଖ ଶୁକ୍ରବାର ସନ୍ଧ୍ୟାରେ ନବୀନ ନିବାସ ଯିବାପରେ ସେମାନଙ୍କୁ ଖ୍ରୀଷ୍ଟିଆନ-ମୁସଲମାନ ପାଠ ପଢ଼ାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନବୀନ ବରିଷ୍ଠ ନେତାମାନଙ୍କୁ କହିଛନ୍ତି, ସେ କେବେହେଲେ ଏହି ବିଲ୍‌କୁ ବିରୋଧ କରିବା କଥା ନିଜ ମୁହଁରେ କହିନାହାନ୍ତି। ରାଜ୍ୟରେ ୨.୧୭ ପ୍ରତିଶତ ଖ୍ରୀଷ୍ଟିଆନ ଏବଂ ୧.୭ ପ୍ରତିଶତ ମୁସଲମାନ ଅଛନ୍ତି। ତେଣୁ ବିଲ୍‌କୁ ସମର୍ଥନ କଲେ ଖ୍ରୀଷ୍ଟିଆନମାନଙ୍କ କ୍ଷତି ହେବ ବୋଲି କହିଛନ୍ତି। ଏହାସହ ବର୍ତ୍ତମାନ ସମୟରେ ଏହି ବିଷୟକୁ ନେଇ ଦଳକୁ ବଞ୍ଚାଅ ବୋଲି କୁଆଡ଼େ ନବୀନ କହିଥିବା ଜଣାପଡ଼ିଛି। ନବୀନଙ୍କ ମୁହଁରୁ ଏଭଳି କଥା ଶୁଣିବା ପରେ ବରିଷ୍ଠ ନେତାମାନେ ବାହାରେ ଆସି ଭିନ୍ନ ଗପ ଚଳାଇଛନ୍ତି। ଦଳ ସଭାପତିଙ୍କ ଘନିଷ୍ଠ ସହଯୋଗୀ ନିଜକୁ ବଞ୍ଚାଇବା ଲାଗି ଏଭଳି କଥା ନବୀନଙ୍କ ମୁହଁରୁ କୁହାଇ ଯେଉଁ ପାଠ ପଢ଼ାଇବାକୁ ଚେଷ୍ଟା କରୁଛନ୍ତି, ସେଥିରୁ ଦଳ ଉପରୁ ତୃଣମୂଳସ୍ତରରୁ ଲୋକଙ୍କ ବିଶ୍ୱାସ ଉଠିଯିବ ବୋଲି ମତ ପ୍ରକାଶ ପାଇଛି।

## ଓଡ଼ିଶାରେ ୧୧ରୁ ...

ଭାରତ ଯୋଜନାର ଶୁଭାରମ୍ଭ କରିବେ। ସେ ସିପେଟ୍ ଏବଂ ଏମ୍ସ ଯିବା କାର୍ଯ୍ୟକ୍ରମ ରହିଛି। ସେହିଦିନ ବିଧାୟକମାନଙ୍କ ଟ୍ରେନିଂ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ୧୨ ତାରିଖରେ ସେ ଫେରିଯିବେ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ସତ୍ୟଭମାପୁର କାର୍ଯ୍ୟକ୍ରମରେ ଯୋଗଦେଇ ୨ ସପ୍ତାହ ଭିତରେ ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ ହେବ ବୋଲି ସେ କହିଥିଲେ। ରାଜ୍ୟର ୩ କୋଟି ୫୨ ଲକ୍ଷ ଲୋକ ସ୍ୱାସ୍ଥ୍ୟବୀମାର ସୁଫଳ ପାଇବେ। ଏହି ଯୋଜନାରେ ରାଜ୍ୟ ଭିତରେ ଏବଂ ବାହାରେ ୨୯ ହଜାର ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ପୂର୍ବ ସରକାର ସମୟରେ ୯ ଶହ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳୁଥିବା ବେଳେ ଆୟୁଷ୍ମାନ୍ ଯୋଜନାକୁ ରାଜନୈତିକ ଉଦ୍ଦେଶ୍ୟରେ ଲାଗୁ କରାଉ ନ ଥିଲେ। ଗତ ମାର୍ଚ୍ଚ ୨୧ରେ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିଲା। ଏନେଇ ଗୃହରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ରାଜ୍ୟରେ ଆୟୁଷ୍ମାନ୍ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ ଲାଗୁହେବ। ଏହି ଯୋଜନାରେ ମହିଳାଙ୍କୁ ବାର୍ଷିକ ୧୦ ଲକ୍ଷ ଏବଂ ପୁରୁଷଙ୍କୁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ମିଳିବ। ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବା ଆଶା କରାଯାଉଛି। ଏହାସହ ୭୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ପାଇଁ ଆୟୁଷ୍ମାନ୍ ବୟୋବନ୍ଦନ ଯୋଜନା ଲାଗୁ କରାଯିବ।

## ମନୋଜ କୁମାରଙ୍କ ...

ତାଙ୍କ ନାମରେ ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାର ଏବଂ ଭିନ୍ନ ଭିନ୍ନ ଶ୍ରେଣୀରେ ୭ଟି ଫିଲ୍ମ ଫେୟାର ପୁରସ୍କାର ରହିଛି। ଭାରତୀୟ ଚଳଚ୍ଚିତ୍ର ଜଗତ ପ୍ରତି ମନୋଜଙ୍କ ଅବଦାନକୁ ଦୃଷ୍ଟିରେ ରଖି ୧୯୯୨ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୫ରେ ସେ ଭାରତୀୟ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ପୁରସ୍କାର ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ପୁରସ୍କୃତ ହୋଇଥିଲେ। ମନୋଜଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରି କହିଛନ୍ତି, ଭାରତୀୟ ଚଳଚ୍ଚିତ୍ର ପ୍ରତି ତାଙ୍କ ଅବଦାନ ଅତୁଳନୀୟ। ସେ ପିଢ଼ି ପରେ ପିଢ଼ି ଧରି କଳାକାରମାନଙ୍କ ପାଇଁ ପ୍ରେରଣା ହୋଇ ରହିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ମନୋଜଙ୍କ ଦେଶାତ୍ମବୋଧ ଚଳଚ୍ଚିତ୍ରଗୁଡ଼ିକର ପ୍ରଭାବ ଆଜିବି ଲୋକଙ୍କ ହୃଦୟରେ ରହିଛି।




# କଳାପଥର ଖାଦାନରେ ଟେଣ୍ଡର ଫିକ୍ସିଂ

ଯାଜପୁର ଜିଲାରେ କଳାପଥର, ବାଲି ଭଳି ଲଘୁ ଖଣିଜ ଖାଦାନ ଲିଜ୍ ନିମନ୍ତେ ବଡ଼ଧରଣର ଟେଣ୍ଡର ଫିକ୍ସିଂ ହୋଇଛି। ଅନେକ ଆବେଦନକାରୀ ସମ୍ପର୍କୀୟ ବିଡରଙ୍କୁ ଢାଲ କରି ଶାଗମାଛ ଦରରେ ଖାଦାନ ଅକ୍ତିଆର କରିଥିବାବେଳେ ସେମାନଙ୍କ ଉଦ୍ଦେଶ୍ୟ ସଫଳ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ସହଯୋଗୀ ସାଜିଛନ୍ତି। ଏଭଳି ଉପାୟରେ ଗତ ପ୍ରାୟ ୧୦ ବର୍ଷ ମଧ୍ୟରେ ଧର୍ମଶାଳା ତହସିଲ ଅଞ୍ଚଳରେ ଟେଣ୍ଡର ଫିକ୍ସିଂ କରାଯାଇ ବିଡର ଚୟନରେ ବ୍ୟାପକ ଅନିୟମିତତା ହୋଇଛି। ଗତ ବୁଧବାର ବିଧାନସଭାରେ ଉପସ୍ଥାପିତ ଭାରତର ମହାଲେଖା ନିୟନ୍ତ୍ରକ ଓ ପରୀକ୍ଷକ (ସିଏଜି)ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। ଫଳରେ ରାଜ୍ୟ ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି।



**ଯାଜପୁର ଜିଲା**

**ସମ୍ପର୍କୀୟ ବିଡରଙ୍କୁ ଢାଲ କରି ରାଜସ୍ୱ ଲୁଟ**

ଯାଜପୁର,୪।୪ (ହର୍ଷବର୍ଦ୍ଧନ ବେହେରା)

ଲଘୁ ଖଣିଜ ଖାଦାନ ଲିଜ୍ ପାଇଁ ଓଡ଼ିଶା ମାଇନର ମିନେରାଲ କନସେସନ୍ (ଓଏମ୍ଏମ୍ସି) ଅଧିନିୟମ-୨୦୧୬ର ନିୟମ ୨୭(୨) ଅନୁଯାୟୀ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଟେଣ୍ଡର ବିଜ୍ଞପ୍ତି ଜାରି ହୋଇଥାଏ। ଏଥିପାଇଁ ଇଚ୍ଛୁକ ଆବେଦନକାରୀ ଆବଶ୍ୟକ କାଗଜପତ୍ର ସଂଲଗ୍ନ କରି ଏକ ବନ୍ଦ ଲଫାପାରେ ଆବେଦନ କରିପାରିବେ। ଏହି କ୍ରମରେ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯାଇଥାଏ। ହେଲେ ଯାଜପୁର ଜିଲାରେ ଖାଦାନ ଲିଜ୍ ପାଇଁ ଯେଉଁଭଳି ଟେଣ୍ଡର ଫିକ୍ସିଂ ହୋଇଛି, ସେଥିରୁ ସରକାରୀ ଆଇନ ବ୍ୟବସ୍ଥା ମୂଲ୍ୟହୀନ ହୋଇପଡ଼ିଛି।

ସିଏଜି ସମୀକ୍ଷାରେ ଲକ୍ଷ୍ୟ କରାଯାଇଛି ଯେ, କେତେକ ସ୍ଥଳେ ପ୍ରଥମ ଏବଂ ଦ୍ୱିତୀୟ ସର୍ବୋଚ୍ଚ ବିଡରମାନେ ପରସ୍ପର ସମ୍ପର୍କୀୟ ଥିଲେ। ସେମାନଙ୍କ ବ୍ୟକ୍ତିଗତ ବିବରଣୀ ଏବଂ ଆବାସିକ ଠିକଣାରୁ ଏହା ଜଣାପଡ଼ିଥିଲା। ସମସ୍ତ ମାମଲାରେ ତହସିଲଦାର ସର୍ବୋଚ୍ଚ ବିଡରଙ୍କୁ ଚୟନକରି ୧୫ ଦିନ ମଧ୍ୟରେ ସେମାନଙ୍କ ସମ୍ମତି ଜଣାଇବା ପାଇଁ ସେମାନଙ୍କୁ ଚିଠି ପ୍ରଦାନ କରିଥିଲେ। ହେଲେ ନିଜ ସମ୍ପର୍କୀୟ ତଥା ଦ୍ୱିତୀୟ ବିଡରଙ୍କୁ ସୁଯୋଗ ଦେବାକୁ ଯାଇ ସର୍ବୋଚ୍ଚ ବିଡରମାନେ ଟେଣ୍ଡର ପ୍ରକ୍ରିୟାରୁ ଓହରି ଯାଇଥିଲେ। ଫଳସ୍ୱରୂପ ତହସିଲଦାର ସର୍ବୋଚ୍ଚ ବିଡ୍ ପରିବର୍ତ୍ତେ ଦ୍ୱିତୀୟ ବିଡ୍‌କୁ ଚୟନ କରିଥିଲେ। ଏଥିଯୋଗୁ ସରକାର ଘନମିଟରର ପିଛା ପ୍ରାୟ ୧୪୦ରୁ ୧୦୪୫ ଟଙ୍କା ଯାଏ କମ୍ ପାଇଥିଲେ। ଏଭଳି ଅନିୟମିତତା କାରଣରୁ ଲିଜ୍ ହୋଇଥିବା ଖାଦାନଗୁଡ଼ିକରେ ପ୍ରତିଯୋଗିତାମୂଳକ ମୂଲ୍ୟ ପାଇବାରୁ ସରକାର ବିଫଳ ହୋଇଥିଲେ। ଅନ୍ୟପକ୍ଷେ ସର୍ବୋଚ୍ଚ ବିଡର ଭାବେ ମନୋନୀତ ହେବା ପରେ ଟେଣ୍ଡର ପ୍ରକ୍ରିୟାରୁ ଓହରିଯିବା ଏବଂ ଜିଲା ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି ଦଣ୍ଡର ବ୍ୟବସ୍ଥା ନ କରିବା ଯୋଗୁ ସରକାର ରାଜସ୍ୱ ହରାଇଥିଲେ। ଏହାଦ୍ୱାରା ୩ଟି ବାଲି ଓ କଳାପଥର ଖାଦାନରେ ୫ ବର୍ଷର ଲିଜ୍ ଅବଧି ମଧ୍ୟରେ ୭୨,୭୫୩ ଘନମିଟର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ ପାଇଁ ୧.୧୮ କୋଟି ଟଙ୍କା ରାଜସ୍ୱ ନଷ୍ଟ ହେଲା ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଏହି ୩ଟି ଖାଦାନ କେବଳ ଉଦାହରଣ ମାତ୍ର, ଏକାଧିକ ଖାଦାନରେ ଏଭଳି ଟେଣ୍ଡର ଅନିୟମିତତା କରି ଲିଜ୍‌ଧାରୀମାନେ ମାଲାମାଲ ହୋଇଥିବା ସନ୍ଦେହ କରାଯାଇଛି। ତଥାପି ସମ୍ପୃକ୍ତ ତହସିଲଦାର ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜରକୁ ଆଣି ନ ଥିଲେ।

ଟେଣ୍ଡର ଜାଲିଆତିକୁ ନେଇ ସିଏଜି ଉଲ୍ଲେଖ କରିଥିବା ତଥ୍ୟ ଅନୁଯାୟୀ, ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଆରୁହା କଳାପଥର ଖାଦାନ ୧ ପାଇଁ ୨୦୧୭-୧୮ ନିମନ୍ତେ ସର୍ବୋଚ୍ଚ ବିଡ୍ ଘନମିଟର ପିଛା ୨୨୦ ଟଙ୍କା ରହିଥିଲା। ଏହାର ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ୮୦ ଟଙ୍କା ହୋଇଥିବାରୁ ଘନମିଟର ପିଛା ୧୪୦ ଟଙ୍କାର ପାର୍ଥକ୍ୟ ହୋଇଥିଲା। ଏଥିଯୋଗୁ ୯୫ ଲକ୍ଷ ୪୯ ହଜାର ୬୮୦ ଟଙ୍କା କ୍ଷତି ହୋଇଥିଲା। ସେହିପରି ୨୦୧୮-୨୦୧୯ରୁ ୨୦୨୨-୨୩ ଯାଏ ବରଦା କଳାପଥର ଖାଦାନ ୧ ନିମନ୍ତେ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସର୍ବୋଚ୍ଚ ବିଡ୍ ୧୧,୯୫ ଟଙ୍କା ରହିଥିଲାବେଳେ ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ମାତ୍ର ୧୫୦ ଟଙ୍କା ରହିଥଲା। ଏଥିରେ ସର୍ବୋଚ୍ଚ ବିଡର ଓହରିଯିବା ପରେ ଦ୍ୱିତୀୟ ବିଡରଙ୍କୁ ଲିଜ୍ ସୁଯୋଗ ମିଳିଥିଲା। ଫଳରେ ସରକାର ୭୬ ଲକ୍ଷ ୭୪ ହଜାର ୪୮୦ ଟଙ୍କା କ୍ଷତି ସହିଥିଲେ। ଏହାସହ ବୁଦ୍ଧ ବାଲୁକା ନଦୀ ଭାଗବତପୁର ବାଲି ଖାଦାନ ପାଇଁ (୨୦୧୮-୧୯ରୁ ୨୦୨୨-୨୩ ପର୍ଯ୍ୟନ୍ତ) ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସର୍ବୋଚ୍ଚ ବିଡ୍ ୨,୧୦୧ ଟଙ୍କା ରହିଥିଲାବେଳେ ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ୧,୫୭୫ ଟଙ୍କା ଥିଲା। ଏଥିଯୋଗୁ ସରକାର ୨୭ ଲକ୍ଷ ୬୫ ହଜାର ୭୦୮ ଟଙ୍କା କ୍ଷତିରେ ପଡ଼ିଥିଲେ। ଏହାବାଦ୍ ଜିଲାର ରାହାଡ଼ପୁର କଳାପଥର ଖାଦାନ ଲିଜ୍ ପାଇଁ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ୫ ବର୍ଷ ଲାଗି ଟେଣ୍ଡର ଆମନ୍ତ୍ରଣ କରାଯାଇଥିଲା। ଏଥିରେ ୪ ଜଣ ବିଡରଙ୍କ ମଧ୍ୟରୁ ସର୍ବାଧିକ ବିଡର ମୂଳ ବ୍ୟାଙ୍କ ଗ୍ୟାରେଣ୍ଟି ପରିବର୍ତ୍ତେ ତାହାର ଏକ ଫଟୋ କପି ଦାଖଲ କରିଥିଲେ। ଏହି କାରଣରୁ ଉକ୍ତ ବିଡରଙ୍କ ଆବେଦନ ପ୍ରତ୍ୟାଖ୍ୟାନ କରାଯିବା ବଦଳରେ ତହସିଲଦାର ତାଙ୍କ ସପକ୍ଷରେ ଲିଜ୍ ଚୂଡ଼ାନ୍ତ କରିଥିଲେ। ଏହାପରେ ୨୦୧୭-୧୮ ବର୍ଷ ପାଇଁ ୧.୧୩ କୋଟି ସରକାରୀ ଦେୟ ଜମା କରିବାକୁ ବିଡରଙ୍କୁ ବାରମ୍ବାର ଚିଠି କରାଯାଇଥିଲା। କିନ୍ତୁ ବିଡର ମାତ୍ର ୪୩.୯୭ ଲକ୍ଷ ଟଙ୍କା ଜମା କରି କଳାପଥର ଖନନ କରିଥିଲେ। ଯେହେତୁ ଉପଯୁକ୍ତ ଭାବେ ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ ହୋଇ ନ ଥିଲା, ତହସିଲଦାର ଧାର୍ଯ୍ୟ ଦେୟ ଜମା କରିବାକୁ ଚାପ ପ୍ରୟୋଗ କରି ନ ପାରିବାରୁ ୬୯.୨୭ ଲକ୍ଷ ଟଙ୍କା ଅନାଦାୟ ରହିଥିଲା। ପରବର୍ତ୍ତୀ ସମୟରେ ସୁଧ ଟଙ୍କାକୁ ମିଶାଇ ୧.୪୯ କୋଟି ଟଙ୍କା ଲିଜ୍‌ଧାରୀ ଜମା କରି ନ ଥିଲେ ବି ତହସିଲଦାର ତାଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏଭଳି ଭାବେ ଏକାଧିକ ଖାଦାନ ଖନନରେ ଅଯୋଗ୍ୟ ବିଡର ଚୟନ ଯୋଗୁ ରାଜ୍ୟ ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଓଡ଼ିଶା ପାଇଁ ୨ ରେଳ ପ୍ରକଳ୍ପ ମଞ୍ଜୁର ହୋଇଥିବାରୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୪(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଇଏ) ବର୍ତ୍ତମାନ ସାରା ଦେଶରେ ୪ଟି ରେଳ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ ସେଥିରୁ ୨ଟି ପ୍ରକଳ୍ପ ଓଡ଼ିଶା ପାଇଁ ଉଦ୍ଦିଷ୍ଟ। ଓଡ଼ିଶାର ଏହି ଦୁଇଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ତାଙ୍କ ଏକ୍ସରେ ପୋଷ୍ଟକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଫୋକସ ରହିଆସିଛି ଏବଂ କେନ୍ଦ୍ର ସରକାର ନିୟମିତ ଭାବେ ଓଡ଼ିଶା ପ୍ରତି ଯେଉଁଭଳି ଗୁରୁତ୍ୱପୂର୍ଣ୍ଣ ବିକାଶ ପ୍ରକଳ୍ପ ମଞ୍ଜୁର କରୁଛନ୍ତି, ଏହା ତା'ର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ନିଶ୍ଚିତ ଭାବେ ଦେଶର ଏକ ଗ୍ରୋଥ୍ ଇଞ୍ଜିନ ଭାବେ ବିକଶିତ ହେବ ବୋଲି ସେ ମତ ଦେଇଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ଏହି ୨ ପ୍ରକଳ୍ପ ହେଉଛି ସମ୍ବଲପୁର-ଜରପଡ଼ା(ତାଳଚେର, ଅନୁଗୋଳ) ତୃତୀୟ ଓ ଚତୁର୍ଥ ଲାଇନ୍ ଏବଂ ଝାରସୁଗୁଡ଼ା-ଶାସନ(ସମ୍ବଲପୁର) ତୃତୀୟ ଓ ଚତୁର୍ଥ ଲାଇନ୍। ସମ୍ବଲପୁର-ଜରପଡ଼ା ପ୍ରକଳ୍ପ ପାଇଁ ୩,୯୧୭ କୋଟି ଟଙ୍କା ବିନିଯୋଗ ହେବାକୁ ଥିବାବେଳେ ଝାରସୁଗୁଡ଼ା-ଶାସନ ପ୍ରକଳ୍ପ ପାଇଁ ୧,୧୮୭ କୋଟି ଟଙ୍କା ବିନିଯୋଗ ହେବ। ଉଭୟ ପ୍ରକଳ୍ପ ପାଇଁ ୫,୧୦୪ କୋଟି ଟଙ୍କା ବିନିଯୋଗ ହେବ। ଏହି ମଲ୍ଟିଟ୍ରାକ୍ ପ୍ରକଳ୍ପଗୁଡ଼ିକ ଦ୍ୱାରା ସମ୍ବଲପୁର, ଅନୁଗୋଳ ଓ ଝାରସୁଗୁଡ଼ା ଜିଲାରେ ରେଳ ପରିବହନ କ୍ଷେତ୍ରରେ ବ୍ୟାପକ ଗତିଶୀଳତା ଆସିବ। ଏହି ପ୍ରକଳ୍ପଗୁଡ଼ିକ ରେଳ ପରିଚାଳନାକୁ ସହଜ କରିବା ସହ ଭିଡ଼ ହ୍ରାସ କରିବ। ପ୍ରଧାନମନ୍ତ୍ରୀଙ୍କ ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଅନୁଯାୟୀ ମଲ୍ଟି ମୋଡାଲ ସଂଯୋଗ ପାଇଁ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯିବ।

# ଆଜି ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

**ଅପରାହ୍ନ ୩ଟା ୩୦ରେ ରଥଟଣା**



ପୁରୁଣା ଭୁବନେଶ୍ୱର,୪।୪(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଶନିବାର ଅନୁଷ୍ଠିତ ହେବ। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ରଥଖଳାରେ ଥିବା ରୁକୁଣା ରଥ ପ୍ରତିଷ୍ଠା କାର୍ଯ୍ୟ ମଧ୍ୟ ବିଧି ମୁତାବକ ସମ୍ପନ୍ନ ହୋଇଛି। ଦୈନିକ ନୀତି ଠାକୁରାଣୀ ସନ୍ଧ୍ୟା ଧୂପ, ନବପତ୍ରିକା ପୂଜା ସରିବା ପରେ ପତ୍ରୀ ସେବକ ଘଣ୍ଟ, କାହାଳି ଓ ମଶାଲ ସହିତ ମୁକ୍ତେଶ୍ୱର ମନ୍ଦିରକୁ ଯାତ୍ରା କରିଥିଲେ। ସେଠାରେ ମନ୍ଦିର ପରିସରରେ ଥିବା ମରୀଚି କୁଣ୍ଡରୁ ୨ଘଡ଼ା(ମାଠିଆ) ପାଣି ଆଣାଯାଇ ରଥଖଳା ନିକଟରେ ଥିବା ରଥ ପ୍ରତିଷ୍ଠା ମଣ୍ଡପରେ ରଖାଯାଇଥିଲା। ଏହାପରେ ମନ୍ଦିର ପୁରୋହିତ ମନୋରଞ୍ଜନ ଦାଶ ଏବଂ ପୁରୀ ରାଜଗୁରୁଙ୍କ ସହ କ୍ଷେତ୍ରବାସୀ ବ୍ରାହ୍ମଣ ସେବାୟତ ରଥ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରିଥିଲେ। ରାଜଗୁରୁ କର୍ତ୍ତାଭାବେ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହାପରେ ରଥରେ ପତାକା ଓ ରଥ ବସ୍ତ୍ର ତଥା କପଡ଼ା ଲଗାଯାଇଥିଲା। ପାଳିଆ ପୂଜାପଣ୍ଡା ସେବକ ଦକ୍ଷିଣିଘରୁ ଶ୍ରୀଲିଙ୍ଗରାଜଙ୍କ ପ୍ରତିନିଧି ପଞ୍ଚବକ୍ତ୍ରଙ୍କୁ ଧରି ରଥ ଉପରେ ପହଞ୍ଚିଥିଲେ। ଏହାପରେ ପତ୍ରୀ ସେବକ ଠା' କରିସାରିବା ପରେ ପଞ୍ଚ ଉପଚାରରେ ଭୋଗ ନୈବେଦ୍ୟ କରାଯାଇ ଆଳତି କରାଯାଇଥିଲା। ସୂଚନାଥାଉ କି, ରଥ ନିର୍ମାଣ କାର୍ଯ୍ୟ ତଦାରଖ ନିମନ୍ତେ ପଞ୍ଚବକ୍ତ୍ର ରଥକୁ ଯାଇଥିଲେ। ଏହାପରେ ପଞ୍ଚବକ୍ତ୍ର ମନ୍ଦିରକୁ ବିଜେ କରିଥିଲେ। ପରେ ବଡ଼ସିଂହାର କରାଯାଇ ମନ୍ଦିର ପହୁଡ଼ ପଡ଼ିଥିଲା।

### ରଥ, ପଥ ପ୍ରସ୍ତୁତ

ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ, ଜଳସମ୍ପଦ ବିଭାଗ, ବିଏମ୍ସି, ବିଦ୍ୟୁତ୍ ବିଭାଗ ପରି ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ରଥଯାତ୍ରାରେ ସହଯୋଗ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ମଧ୍ୟ ମନ୍ଦିର ପ୍ରଶାସନ ପକ୍ଷରୁ ଆମନ୍ତ୍ରଣ କରାଯାଇଛି। ମନ୍ଦିର ସିଂହଦ୍ୱାରକୁ ଫୁଲରେ ସଜାଯାଇଥିବା ବେଳେ ଆଲୋକୀକରଣ ମଧ୍ୟ କରାଯାଇଛି। ଶନିବାର ଦୈନିକ ନୀତି ସମାପନ ପରେ ଅପରାହ୍ନ ୩ଟା ୩୦ରେ ରଥ ଟଣାଯିବ ବୋଲି ସ୍ଥିର ହୋଇଛି। ରଥଯାତ୍ରା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୩୭ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ଶ୍ରୀଲିଙ୍ଗରାଜ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି।

# ବଢ଼ିଲା ଆପରାଧିକ ତଦନ୍ତ ଖର୍ଚ୍ଚ

ଭୁବନେଶ୍ୱର,୪।୪(ରବିନାରାୟଣ ଜେନା)

ରାଜ୍ୟ ସରକାର ଓଡ଼ିଶା ଭିତରେ ଓ ବାହାରେ ବିଭିନ୍ନ ପ୍ରକାର ଆପରାଧିକ ମାମଲାର ତଦନ୍ତ ଖର୍ଚ୍ଚ ବୃଦ୍ଧି କରିଥିବା ନେଇ ଶୁକ୍ରବାର ଅର୍ଥ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ଦ୍ଦେଶନାମାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଦର୍ଶାଇଛନ୍ତି, 'ତଦନ୍ତ ପାଣ୍ଠି'ରୁ ବିଭିନ୍ନ ପ୍ରକାର ଆପରାଧିକ ତଦନ୍ତ ଲାଗି ଖର୍ଚ୍ଚ ହେଉଥିବା ଅର୍ଥରାଶିକୁ ସଂଶୋଧିତ କରାଯାଇଛି। ହତ୍ୟା ମାମଲାରେ ତଦନ୍ତ ବେଳେ ମୃତ ଶରୀରକୁ ନେବା ଆଣିବା ଏବଂ ଏହାର ବ୍ୟବଚ୍ଛେଦ ସହିତ ପ୍ୟାକିଂ କରିବା ଓ ସାଇଣ୍ଟିଫିକ୍ ଟିମ୍ ଗସ୍ତ କରି ଛାନଭିନ୍ କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ ପ୍ରତ୍ୟେକ ମାମଲାରେ ୨୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ।

ସେହିପରି ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ରାଜ୍ୟ ବାହାରୁ ତଦନ୍ତ ଲାଗି ଆଣିବା ଓ ଅନ୍ୟାନ୍ୟ ଅନୁସନ୍ଧାନ ପାଇଁ ୩୭ହଜାର ଟଙ୍କା ଖର୍ଚ୍ଚର ପ୍ରାବଧାନ କରାଯାଇଥିବାବେଳେ ରାଜ୍ୟ ଭିତରେ ଅଭିଯୁକ୍ତଙ୍କ ଲାଗି ୧୮ ହଜାର ଟଙ୍କା ଖର୍ଚ୍ଚ କରାଯିବ। ଏଥିରେ ଅଭିଯୁକ୍ତ ଏବଂ ଏତଲାକାରୀଙ୍କୁ ନେବା ଆଣିବା ସହିତ ସାଇଣ୍ଟିଫିକ୍ ଟିମ୍ ପ୍ରମାଣ ସଂଗ୍ରହ କରିବା ବ୍ୟବସ୍ଥା ରହିଛି। ଶାଶ୍ୱତ ଦର୍ଶାଇଛନ୍ତି ଯେ, ଅପହରଣ କ୍ଷେତ୍ରରେ ରାଜ୍ୟ ବାହାରେ ଅଭିଯୁକ୍ତଙ୍କୁ ନେବା ଆଣିବା ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା କାର୍ଯ୍ୟକ୍ରମ ବାବଦକୁ ୩୦ହଜାର ଟଙ୍କା ଖର୍ଚ୍ଚ କରାଯାଇପାରିବ। ମାତ୍ର ରାଜ୍ୟ ବାହାରେ ଏହି ଖର୍ଚ୍ଚ ବାବଦକୁ ୧୦ ହଜାର ଦିଆଯିବ। ଅପମୃତ୍ୟୁ ମାମଲାରେ ଉଭୟ ରାଜ୍ୟ ଭିତରେ ଓ ବାହାରେ ତଦନ୍ତ ଲାଗି ୧୩ହଜାର ଟଙ୍କା ଖର୍ଚ୍ଚ କରାଯିବାକୁ ରହିଥିବାବେଳେ ସାଇବର ଅପରାଧ କ୍ଷେତ୍ରରେ ଏହାର ପରିମାଣ ରାଜ୍ୟ ବାହାର ପାଇଁ ୪୫ହଜାର ଟଙ୍କା ଏବଂ ରାଜ୍ୟ ଭିତରେ ତଦନ୍ତ ଲାଗି ୨୫ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି।

# ନୂଆପଡ଼ା ଉପାନ୍ତ ନୁହେଁ, ସମୃଦ୍ଧ ଜିଲା: ମୁଖ୍ୟମନ୍ତ୍ରୀ




ସଭାରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିବୃନ୍ଦ।

ନୂଆପଡ଼ା,୪।୪(ମକାରୁ ବେମାଲ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରି ମାରାଗୁଡା ଲୋକ ମହୋତ୍ସବରେ ଯୋଗ ଦେଇଥିଲେ। ଭୁବନେଶ୍ୱରରୁ ସେ ବିମାନ ଯୋଗେ ଗୋଟମା ଉଡାଜାହାଜ ପଡିଆରେ ଅବତରଣ କରି ସଡକ ପଥରେ ନୂଆପଡା ଆସିଥିଲେ। ନୂଆପଡା ଗାୟତ୍ରୀ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ମିନି ଷ୍ଟାଡିୟମ ମାରାଗୁଡା ମଞ୍ଚ ପର୍ଯ୍ୟନ୍ତ ଯାଇଥିଲେ। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମାଝୀ ମୁଖ୍ୟଅତିଥି, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ନୂଆପଡା ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଲେଖକ ଓ ପ୍ରବକ୍ତା ଦାଶ ବେନହୁର ଯୋଗଦେଇ ୧୨ ବର୍ଷରେ ଥରେ ଜଗନ୍ନାଥଙ୍କ ନବକଳେବର ହୋଇଥାଏ। ମାରାଗୁଡା ଲୋକ ମହୋତ୍ସବ ମଧ୍ୟ ୧୨ବର୍ଷ ପରେ ପୁଣି ଆରମ୍ଭ ହୋଇଛି ବୋଲି କହିଥିଲେ। ମଞ୍ଚରେ ମୁଖ୍ୟମନ୍ତ୍ରୀ ୨୧୮.୮୯ କୋଟିର ଟଙ୍କାର ୩୭ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ୧୦୩.୪୯ କୋଟି ଟଙ୍କାର ୨୬ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ନୂଆପଡା ଏକ ଉପାନ୍ତ ଜିଲା ନୁହେଁ, ଏହା ସମୃଦ୍ଧ ଜିଲାରେ ପରିଣତ ହୋଇଗଲାଣି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଛତିଶଗଡ ସୀମାନ୍ତରେ ଥାଇ ମଧ୍ୟ ନୂଆପଡାର ବହୁତ ବିକାଶ ହୋଇଛି ଓ ଆଗକୁ ହେବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



"ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ ବାଧ କର- ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। -ଶ୍ରୀଅରବିନ୍ଦ

-ଅଶୋକାଷ୍ଟମୀ, ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥଯାତ୍ରା, ଶ୍ରୀ ବାସନ୍ତିଦୁର୍ଗା ଦେବ୍ୟାଃ ମହାନବମୀ ପୂଜା



# ବିଚିତ୍ର ନିଯୁକ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପୂର୍ବତନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟ ସଞ୍ଜୟ କୁମାର ମିଶ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍)ର ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଦେଖିବାକୁ ଗଲେ ଜଣେ ତଦନ୍ତକାରୀ ଏବେ ଆର୍ଥିକ ନୀତି ଉପରେ ପରାମର୍ଶ ଦେଉଛନ୍ତି। ଆମେ ଅର୍ଥନୀତିଜ୍ଞମାନଙ୍କୁ ଛାଡ଼ି ଦେଉଛନ୍ତି ନା ଅର୍ଥ ବ୍ୟବସ୍ଥା ଫୋରେନ୍‌ସିକ ଆନାଲିସିସ୍ ବିଷୟ ପାଲଟିଗଲାଣି ? ଇଡିରେ ଥିବା ସମୟରେ ମିଶ୍ର ହାଇ ପ୍ରୋଫାଇଲ ତଦନ୍ତଗୁଡ଼ିକରେ ଉଲ୍ଲେଖନୀୟ କାମ କରିଥିଲେ ଏବଂ ଆର୍ଥିକ ହେରଫେର ପ୍ରତି ଏକ ଗମ୍ଭୀର ଦୃଷ୍ଟିକୋଣ ଆପଣାଇଥିଲେ। ଜଟିଳ ଆର୍ଥିକ ଅପରାଧଗୁଡ଼ିକୁ ସଞ୍ଚାଳନ କରିବାରେ ତାଙ୍କର ଅଭିଜ୍ଞତା ଇଏସି-ପିଏମ୍ ପାଇଁ ନୂତନ ଦୃଷ୍ଟିକୋଣ ଆଣିପାରେ। ଆର୍ଥିକ ଅପରାଧଗୁଡ଼ିକର ଦୁର୍ବଳ ଭାଗକୁ ବୁଝିବାରେ ସେ ଦକ୍ଷ ଥିଲେ, ଯାହା ଆମ ଅର୍ଥ ବ୍ୟବସ୍ଥାକୁ କ୍ଷତି କରୁଥିବା ଛିଦ୍ରକୁ ଠାବ କରିବାରେ ତାଙ୍କୁ ଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରିବ। କିନ୍ତୁ ପରାମର୍ଶଦାତା ଭୂମିକାରେ ରହିବା ଲାଗି ଚାହୁଁଥିବା ଅର୍ଥନୀତିଜ୍ଞଙ୍କ ପାଇଁ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେବାର ଏକ ପ୍ରମାଣ କି? ଇଏସି-ପିଏମ୍‌ର ପୂର୍ବତନ ଅଧ୍ୟକ୍ଷ ବିବେକ ଦେବରାୟଙ୍କ ଆକସ୍ମିକ ମୃତ୍ୟୁ ଯୋଗୁ ଏହି ପଦବୀ ପୂରଣ କରିବାର ଆବଶ୍ୟକତା ପଡ଼ିଲା। ଦେବରାୟ ଜଣେ ଅର୍ଥନୀତିଜ୍ଞ ଭାବେ ବ୍ୟାପକ ଜ୍ଞାନର ଅଧିକାରୀ ଥିଲେ। ଏଭଳି ଜଣେ ଦକ୍ଷତାସମ୍ପନ୍ନ ବିଶାଳ ବ୍ୟକ୍ତିଙ୍କ ସ୍ଥାନ ନେବା କିଛି କମ୍ କଥା ନୁହେଁ। ତେବେ ନୀତି ପରାମର୍ଶର ଦୌଡ଼ରେ ପ୍ରବେଶ କରିବାକୁ ଅଭିଜ୍ଞ ଅର୍ଥନୀତିଜ୍ଞମାନଙ୍କ ଅନିଚ୍ଛା ସ୍ପଷ୍ଟ ହୋଇଛି। ନୂତନ ଦୃଷ୍ଟିକୋଣ ଅପରିହାର୍ଯ୍ୟ ଥିବାବେଳେ ଅଭିଜ୍ଞ ଅର୍ଥନୀତିଜ୍ଞଙ୍କ ଅନୁପସ୍ଥିତି ପରିଷଦରେ ଗଭୀର ଆର୍ଥିକ ଆଲୋଚନା ଉପରେ ପ୍ରଶ୍ନ ଉଠାଇଛି। ଏଣୁ ମିଶ୍ରଙ୍କ ନିଯୁକ୍ତି ସଙ୍କେତ ଦେଉଛି ଯେ, ଆମ ଅର୍ଥ ବ୍ୟବସ୍ଥାରେ ରହିଥିବା ବିତ୍ତୀୟ ଦୁର୍ବଳତା ବା ଛିଦ୍ରକୁ ଠାବ କରି ତାହାକୁ ଦୂରକରିବା ପାଇଁ ଏକ ଯାଞ୍ଚର ଆବଶ୍ୟକତା ଅଛି।

### ପରିବର୍ତ୍ତନକୁ ଗୁରୁତ୍ୱ

୨୦୧୪ ବ୍ୟାଚ୍ ଆଇଏଫ୍ଏସ୍ ଅଧିକାରୀ ତଥା କୂଟନୀତିଜ୍ଞ ନିଧି ତିୱାରୀଙ୍କୁ ପ୍ରଧାନମନ୍ତ୍ରଙ୍କ ବ୍ୟକ୍ତିଗତ ସଚିବ ନିଯୁକ୍ତି ଦିଆଯାଇଛି। ସାଧାରଣତଃ ଏହି ପଦବୀରେ ଆଇଏଏସ୍ ଅଧିକାରୀଙ୍କ ପ୍ରାଧାନ୍ୟ ରହିଥାଏ। କିନ୍ତୁ ଦେଖାଯାଉଛି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ତା' କାର୍ଯ୍ୟରେ ଉନ୍ନତି ଆଣିବା ଲାଗି ପରିବର୍ତ୍ତନ କରୁଛି। ମାତ୍ର ୨୪ ବର୍ଷ ବୟସରେ ତିୱାରୀ ୟୁପିଏସ୍‌ସି ସିଭିଲ ସର୍ଭିସ୍ ପରୀକ୍ଷାରେ ସଫଳତାର ସହ ୯୬ତମ ସ୍ଥାନ ହାସଲ କରିଥିଲେ। ପରେ ଭାରତର କୂଟନୈତିକ ପଦବୀଗୁଡ଼ିକରେ ତାଙ୍କ କ୍ୟାରିୟରର ଯାତ୍ରା ଭିନ୍ନ ଥିଲା। ବର୍ତ୍ତମାନ ପିଏମ୍ଓରେ ଉପ ସଚିବ ଭାବେ ତାଙ୍କ ନିଯୁକ୍ତି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ପ୍ରସ୍ତୁତ କରିଛି। କିନ୍ତୁ ଏହି ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି। ପାରମ୍ପରିକ ଭାବେ ଏହି ପଦବୀରେ ଆଇଏଏସ୍ ଅଧିକାରୀମାନେ ରୁହନ୍ତି, ଯେଉଁମାନେ ବିଶାଳ ଶାସନ ପ୍ରକ୍ରିୟାକୁ ସଞ୍ଚାଳନ କରିଥାନ୍ତି। ଅନ୍ୟପଟେ ଆଇଏଫ୍ଏସ୍ ହେଉଛି ଡିପ୍ଲୋମାଟ୍ କ୍ୟାଡର। ଏହି ନିଯୁକ୍ତି ପିଏମ୍ଓ ଗତିଶୀଳତାରେ ଏକ ସୂକ୍ଷ୍ମ ତଥା ରହସ୍ୟମୟ ପରିବର୍ତ୍ତନକୁ ସୂଚିତ କରୁଛି। ଜଣେ ଆଇଏଫ୍ଏସ୍ ଅଧିକାରୀ ଏହି ପଦବୀରେ ରହିବା ଏକ ରଣନୀତିକ କରିସ୍ମା ହୋଇପାରେ। ଏକଥା ମଧ ଭୁଲିଯିବା ଉଚିତ ନୁହେଁ ଯେ, ବିଶ୍ୱସ୍ତରରେ ମୋଦିଙ୍କ ଅଗ୍ରଗତି ତାଙ୍କ ନେତୃତ୍ୱ ଶୈଳୀର ଏକ ପ୍ରମୁଖ୍ୟ ଅଂଶ ହୋଇଯାଇଛି। ପିଏମ୍ଓରେ ଏହା କେବଳ ଏକ ଅନିୟମିତ ନିଯୁକ୍ତି ନୁହେଁ। ଆଇଏଏସ୍‌ଙ୍କ ପ୍ରାଧାନ୍ୟ ଥିବା ଏହି ପଦବୀରେ ବାହାରୁ ବିଶେଷଜ୍ଞଙ୍କୁ ଅଣାଯାଇ ନିଯୁକ୍ତ କରାଯିବା ଧାରା ଆମେ ଦେଖୁଛୁ। ଯଦି ଏହି ଧାରା ଜାରି ରହେ, ତେବେ ଆମେ ଭାରତର ସର୍ବୋଚ୍ଚ କାର୍ଯ୍ୟାଳୟର କାର୍ଯ୍ୟଧାରାରେ ଏକ ସମ୍ପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିପାରିବା।

### ସାରଦାଙ୍କ ପ୍ରତିକ୍ରିୟା

ଗୋରାଙ୍କ ପ୍ରତି ଭାରତର ଆସକ୍ତି ଅଧିକ ହେବାରେ ଲାଗିଛି। ଆମ ଚଳଚ୍ଚିତ୍ର, ବିବାହ ବିଜ୍ଞାପନ ଏବଂ ଏପରିକି ଅନୌପଚାରିକ ପ୍ରଶଂସାରେ ଏହା ରହିଛି। କିନ୍ତୁ କେରଳର ମୁଖ୍ୟ ଶାସନ ସଚିବ ସାରଦା ମୁରଲିଧରନ ଏକ ବର୍ଣ୍ଣଗତ ଟିପ୍ପଣୀର ଶିକାର ହୋଇଥିଲେ। ସେ କେବଳ ଏଭଳି ମନ୍ତବ୍ୟକୁ ଏଡ଼ାଇଯାଇ ନ ଥିଲେ, ବରଂ ଏହାକୁ ଆତ୍ମବିଶ୍ୱାସ ଓ ଗରିମାର ଏକ ବିଷୟକୁ ବଦଳାଇ ଦେଇଥିଲେ। ଏହି ପଦବୀରେ ସାରଦାଙ୍କ ପୂର୍ବରୁ ତାଙ୍କ ସ୍ୱାମୀ ଥିଲେ। ସୋସିଆଲ ମିଡିଆରେ ସାରଦାଙ୍କ ନେତୃତ୍ୱ ଓ ତାଙ୍କ ସ୍ୱାମୀଙ୍କ ନେତୃତ୍ୱ ମଧ୍ୟରେ ତୁଳନାକରି 'କଳା ବନାମ ଗୋରା' କ୍ୟାମ୍ପେନର ପ୍ରତିକ୍ରିୟାରେ ସେ ନିଜକୁ ନିରୀହ ବୋଲି ପ୍ରତିପାଦିତ କରି ନ ଥିଲେ। ଏହା ବଦଳରେ ସେ କଳା ବର୍ଣ୍ଣ ସପକ୍ଷରେ ଦୃଢ ମତ ରଖିଥିଲେ। ସେ କଳା ବର୍ଣ୍ଣକୁ ଶକ୍ତିଶାଳୀ କହିଥିଲେ। କଳା ହିଁ ସର୍ବ ବିଦ୍ୟମାନ ଏବଂ ବ୍ରହ୍ମାଣ୍ଡର ସତ୍ୟ। ଏହି ପଦ୍ୟାତ୍ମକ ମନ୍ତବ୍ୟ ଜଣକୁ ଆଶ୍ଚର୍ଯ୍ୟ କରିଦେବ ଯେ, ସମାଜ ଆରମ୍ଭରୁ କାହିଁକି କଳାକୁ ବଦନାମ କରି ଆସିଛି। ଆଇଏଏସ ସଂଘ ତାଙ୍କୁ ଦୃଢ଼ ସମର୍ଥନ କରିଥିଲା। ଶରୀରର ବର୍ଣ୍ଣରୁ ଜଣେ ଅଧିକାରୀଙ୍କ ଦକ୍ଷତା ମାପ କରାଯାଏନି ବୋଲି କହିଥିଲେ। କିନ୍ତୁ ବାସ୍ତବତା ହେଉଛି, ୨୦୨୫ରେ ଏଭଳି ସମର୍ଥନ ଦରକାର। ଏଭଳି କଳା ଲୋକଙ୍କ ପ୍ରତି ଭେଦଭାବ କେବଳ ଅତୀତରୁ ରହିଆସିଛି ତାହା ନୁହେଁ, ଏବେ ବି ଏହା ବଳବତ୍ତର ରହିଛି। ଏହା ଲିଙ୍ଗଗତ, ଜାତିଗତ ଓ ସାମାଜିକ ସ୍ଥିତିଗୁଡ଼ିକରେ ଗମ୍ଭୀର ଭାବେ ରହିଛି। ମୁରଲିଧରନଙ୍କ ପ୍ରତିକ୍ରିୟା କେବଳ ଏକ ଖରାପ ମନ୍ତବ୍ୟକୁ ଟାଳିଦେବା ପାଇଁ ନ ଥିଲା, ବରଂ ଏହା ବିଷୟକୁ ସମ୍ପୂର୍ଣ୍ଣ ବଦଳାଇଦେଇଥିଲା।

Email: dilipcherian@gmail.com

# ଶିଶୁ ବାଟିକାରେ ଶିଶୁ ହସିବେ



ଅକ୍ଷୟ କୁମାର ମିଶ୍ର

ଦଳ ମତ ନିର୍ବିଶେଷରେ ସଭିଏ ଏ କଥା କୁହନ୍ତି- ଶିଶୁ ହସିଲେ ଦୁନିଆ ହସେ। କିନ୍ତୁ ସତରେ କ'ଣ ସମସ୍ତ ଶିଶୁ ଏଠାରେ ହସନ୍ତି ନା ସେମାନଙ୍କର ହସ ଦେଖିବା ପାଇଁ କାର୍ଯ୍ୟକ୍ରମ ନିଆଯାଏ? ହଁ, ଏହା ତ ନିଶ୍ଚୟ ଶିଶୁ ହାତରେ ଖେଳନାଟିଏ ଧରାଇଦେଲେ, ଚକୋଲେଟ୍‌ଟିଏ ଦେଲେ ସେ ହସିବ। କିନ୍ତୁ ସେ ହସ କ୍ଷଣସ୍ଥାୟୀ। ସେ କେମିତି ଚିରଦିନ ପାଇଁ ହସିବ ଅର୍ଥାତ୍ ସେ ବଡ଼ ହେବ, ଆଗକୁ ବଢ଼ିବ, ତା'ର ଅନ୍ତର୍ନିହିତ ପ୍ରତିଭାର ଉନ୍ମେଷ ଘଟିବ, ତା' ଭିତରେ ଜିଜ୍ଞାସା ବଢ଼ିବ, ସେ କେମିତି ପ୍ରଶ୍ନ ପଚାରିବ, ସର୍ବୋପରି ସେ ଜଣେ ଭଲ ମଣିଷ ଭାବରେ ଦୁନିଆ ଦାଣ୍ଡରେ ଉଭା ହେବ ଏଥିପାଇଁ ଯେଉଁ ଆନ୍ତରିକତା ଆବଶ୍ୟକ ତାହା ସମସ୍ତଙ୍କ ଠି ଅଛି ନା ସବୁକିଛି ପ୍ରଚାରସର୍ବସ୍ୱ ଏହା ହିଁ ବଡ଼ ପ୍ରଶ୍ନ।

ସମ୍ପ୍ରତି ସରକାରଙ୍କର ଏକ ନିଷ୍ପତ୍ତି ଦ୍ୱନ୍ଦ୍ୱରେ ପକାଉଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଏପ୍ରିଲ ୨ ତାରିଖ ଦିନ ଆମ ରାଜ୍ୟ ତମାମ୍ ପ୍ରବେଶ ଉତ୍ସବ ସାଙ୍ଗକୁ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଗଲା। ଖଡ଼ିଛୁଆଁ କାର୍ଯ୍ୟକ୍ରମଟି ନୂତନ ଭାବେ ହାତକୁ ନିଆଯାଇଥିବା ବେଳେ ପ୍ରବେଶ ଉତ୍ସବ ବେଶ୍ କିଛି ବର୍ଷ ହେଲା ପ୍ରାଥମିକ ବିଦ୍ୟାଳୟରେ ପାଳନ ହୋଇ ଆସୁଛି। ଆମ ରାଜ୍ୟର ନୂଆ ସରକାର ନୂତନ ଜାତୀୟ ଶିକ୍ଷାନୀତି-୨୦୨୦କୁ ବିଧିବଦ୍ଧ ଭାବେ ଲାଗୁ କରିଛନ୍ତି। ମୁଁ ତଥା ଅନ୍ୟାନ୍ୟ ଲେଖକମାନେ ଏହି ଜାତୀୟ ଶିକ୍ଷାନୀତି ଉପରେ ବିଶ୍ଳେଷଣାତ୍ମକ ଲେଖା ଲେଖିବା ବେଳେ ଏଥିରେ ଥିବା ବିଦ୍ୟାଳୟ ଶିକ୍ଷାଟି କେମିତି ଚାରୋଟି ସ୍ତରରେ ବିଭକ୍ତୀକରଣ ହୋଇଛି ସେ ସମ୍ପର୍କରେ ଉଲ୍ଲେଖ କରିଛୁ। ଏହି ସ୍ତରର ପ୍ରଥମ ସୋପାନଟି ହେଲା ପ୍ରାରମ୍ଭିକ ସ୍ତର, ଯାହା ପାଞ୍ଚଟି ଶ୍ରେଣୀକୁ ନେଇ ଗଠିତ। ତିନି ବର୍ଷ ପ୍ରାକ୍ ପ୍ରାଥମିକ ଯାହାକୁ ଶିଶୁ-୧, ଶିଶୁ-୨, ଶିଶୁ-୩ ଏବଂ ପ୍ରାଥମିକ ବିଦ୍ୟାଳୟର ଥିବା ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ ଏଥିରେ ଅନ୍ତର୍ଭୁକ୍ତ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ପ୍ରଥମ ତିନୋଟି ଶ୍ରେଣୀ ଅଙ୍ଗନୱାଡିରେ ଖୋଲାଯିବ କିମ୍ବା ଅନ୍ୟାନ୍ୟ ଘରୋଇ ଶିକ୍ଷାନୁଷ୍ଠାନରେ ଏହି ଶିକ୍ଷା ଗ୍ରହଣ କରିପାରିବେ। ନୀତିରେ ଥିବା ପ୍ରାବଧାନ ଅନୁଯାୟୀ ଶିଶୁଟି ତିନି ବର୍ଷ ହେଲେ ସେ ଭର୍ତ୍ତିହେବ ଶିଶୁ-୧ରେ ଏବଂ ଛଅ ବର୍ଷ ହେଲେ ପ୍ରାଥମିକ ବିଦ୍ୟାଳୟରେ ଥିବା ପ୍ରଥମ ଶ୍ରେଣୀରେ। ମାତ୍ର ଆମ ରାଜ୍ୟରେ ପାଞ୍ଚ ବର୍ଷ ହେଲେ ଶିଶୁମାନେ ଭର୍ତ୍ତି ହେବେ ଶିଶୁ ବାଟିକାରେ, ଯାହା ସଦ୍ୟତମ ନିଷ୍ପତ୍ତି ଅନୁଯାୟୀ ୨୦୨୫-୨୬ ଶିକ୍ଷା ବର୍ଷଠାରୁ ପ୍ରଥମକରି ୪୫ ହଜାର ପ୍ରାଥମିକ ବିଦ୍ୟାଳୟରେ



ଖୋଲିବ। ତେବେ ଖଡ଼ିଛୁଆଁ କେଉଁଠି ହେବ? ଶିଶୁ-୧ରେ ନା ଶିଶୁ-୩ରେ ଭର୍ତ୍ତିହେବା ପରେ? ଯଦି ଶିଶୁ-୩ରେ ଅକ୍ଷର ଶିକ୍ଷା ଆରମ୍ଭ ହେବ ତେବେ ଶିଶୁ-୧ ଓ ୨ ରେ କ'ଣ ହେବ?

ଅଙ୍ଗନୱାଡିର ଅବସ୍ଥାକୁ ବୋଧହୁଏ ସରକାର ହୃଦୟଙ୍ଗମ କରିଛନ୍ତି। ଏଇଥିପାଇଁ ଶିଶୁ ବାଟିକା ନାମରେ ଆଉ ଏକ ନୂତନ ସୋପାନ ପ୍ରାଥମିକ ବିଦ୍ୟାଳୟ ସହିତ ସଂଯୁକ୍ତ କରି ଶିକ୍ଷାକୁ ଆଗେଇ ନେବାପାଇଁ ପରିକଳ୍ପନା କରିଛନ୍ତି। ହେଲେ ଆମ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ତଦ୍ରୂପ। ପଚାଶ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଶୂନ୍ୟ ପଡ଼ିଛି। ଆଉ ଯଦି ପ୍ରତି ଶ୍ରେଣୀକୁ ଜଣେ ଶିକ୍ଷକ ହିସାବ କରାଯାଏ ତେବେ ଲକ୍ଷାଧିକ ଶିକ୍ଷକ ଆବଶ୍ୟକ। ଏଥିପ୍ରତି ଧ୍ୟାନ ନ ଦେଇ ସରକାର କାମ ଚଳେଇ ନେବା ମତଲବରେ ଅଛନ୍ତି। ଅନେକ ବିଦ୍ୟାଳୟ ଅଛି ଯେଉଁଠାରେ ଆଠଟି ଶ୍ରେଣୀ; ମାତ୍ର ଶିକ୍ଷକ ଅଛନ୍ତି ଦୁଇ କିମ୍ବା ତିନି ଜଣ। ଶିକ୍ଷକ ଅଭାବ ଯୋଗୁ ପ୍ରାଥମିକ ଶିକ୍ଷା ଯେତେବେଳେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ, ଗୁଣାତ୍ମକ ଶିକ୍ଷା କଥା ଦୂରେ ଥାଉ ଛାତ୍ରୀଛାତ୍ରଙ୍କର ଶ୍ରେଣୀଗତ ଦକ୍ଷତା ନାହିଁ ବୋଲି ଯେତେବେଳେ ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଉଛି ସେତିକି ବେଳେ ଆଉ ୪୫ହଜାର ଶ୍ରେଣୀ ଏଥିରେ ଯୋଡ଼ି ହୋଇଛି। ଶିଶୁ ବାଟିକା ଖୋଲିବା ନିଷ୍ପତ୍ତି ଅଗ୍ରହଣୀୟ ନୁହେଁ। କିନ୍ତୁ ଶିକ୍ଷକ ନିଯୁକ୍ତି ନ ଦେଇ ଏଭଳି ନିଷ୍ପତ୍ତି ନେବା ଶିଶୁର ବୌଦ୍ଧିକ ବିକାଶର ପରିପନ୍ଥୀ। କିଏ ଏମାନଙ୍କୁ ପଢ଼ାଇବେ? କୌଣସି ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନାହାନ୍ତି। ଏମାନଙ୍କର ଯତ୍ନ ନେବ କିଏ ? ଏମିତି ସ୍ଥିତିରେ ଶିଶୁମାନେ ହସିବେ ତ?

ଅର୍ଦ୍ଧାଧିକ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ନିମ୍ନମାନର। ଆବଶ୍ୟକ ଶ୍ରେଣୀ ଗୃହ ନାହିଁ। ଗୋଟିଏ କୋଠରିରେ ଏକାଧିକ ଶ୍ରେଣୀ ଚାଲୁଛି। ପାନୀୟ ଜଳର ସୁବନ୍ଦୋବସ୍ତ ଏପର୍ଯ୍ୟନ୍ତ ସବୁ ବିଦ୍ୟାଳୟରେ ହୋଇପାରି ନାହିଁ। ବହୁ ବିଦ୍ୟାଳୟରେ ଶୌଚାଳୟ ନାହିଁ। ନିଜସ୍ୱ ଖେଳପଡ଼ିଆ ନାହିଁ। ଇନ୍‌ଡୋର ଷ୍ଟାଡିୟମ୍ କଥା ସ୍ୱପ୍ନ। ଏଭଳି ପରିବେଶରେ କୋମଳମତି ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ କେତେ ତ୍ୱରାନ୍ୱିତ ହେବ ତାହା ହିଁ ବିଚାର୍ଯ୍ୟ। ଯଦି ଶୈଶବ ଅବସ୍ଥାରେ ଶିଶୁ ପାଇଁ ଯାହା ଲୋଡ଼ା ତାହା ସେ ନ ପାଏ, ତେବେ ଭବିଷ୍ୟତ ହସିବ କେମିତି ?

ପ୍ରବେଶ ଓ ଖଡ଼ିଛୁଆଁ ନିଶ୍ଚୟ ଖୁସିର ଖବର। ପ୍ରେରଣା ଯୋଗାଇବ। କିନ୍ତୁ ଶିଶୁ ବାଟିକାରେ କ'ଣ ପଢ଼ାଯିବ, ତା'ର ପାଠ୍ୟଖସଡ଼ା କ'ଣ ହେବ, ସେଥିପାଇଁ ଯେଉଁ ପୁସ୍ତକ ଆବଶ୍ୟକ ତାହା ଛପା ହେଲାଣି କି ନାହିଁ ଏ ସମ୍ପର୍କରେ ଶିକ୍ଷା ଅଧିକାରୀମାନେ ନିରୁତ୍ତର। ସରକାର ମଧ୍ୟ ନୀରବ। ତେବେ କ'ଣ ଏମାନଙ୍କ କ୍ଷେତ୍ରରେ ମଧ୍ୟ ସେହି ସମାନ କଥା ଘଟିବ, ଯାହା ଏଯାବତ୍ ଘଟି ଚାଲିଛି। ଅର୍ଥାତ୍ ଶିକ୍ଷା ବର୍ଷ ଅଧାଅଧି ହେଲେ ଯାଇ ପାଠ୍ୟ ପୁସ୍ତକ ଆସିବ? ପ୍ରବେଶ ଖଡ଼ିଛୁଆଁ ଉତ୍ସବ ସରିଗଲେ ଯେ ଯାହା ବାଟରେ। ଆଉ ଯାହା ହେବ କାଗଜ କଲମରେ। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ଶିଶୁର ବସ୍ତାନି ଖାଲି, ପାଠ ଘର ଶୂନ।

ସବୁଠାରୁ ବଡ଼ କଥା ହେଲା ଶିଶୁମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କର ମନକଥା ବୁଝିବା। ସାମାନ୍ୟ ମାନସିକ ବୋଝ ଏମାନଙ୍କର ନିରୀହ ମନରେ ଗଭୀର କ୍ଷତ ସୃଷ୍ଟି କରିବାର ସମ୍ଭାବନା ଥାଏ। ଆମ ଦେଶରେ ହେଉ ବା ରାଜ୍ୟରେ ହେଉ ଏହି ଅକାଟ୍ୟ ସତ୍ୟଟିକୁ ସରକାରମାନେ ବୁଝିବାକୁ ନାରାଜ। ଏଠାରେ କଥାରେ ସଭିଏ କହନ୍ତି ଶିଶୁ ଦେଶର ଭବିଷ୍ୟତ। କିନ୍ତୁ କାର୍ଯ୍ୟରେ ତାହା ପ୍ରତିଫଳନ ହୁଏ ନାହିଁ। ସମସ୍ତେ କଥାରେ କହନ୍ତି ଶିଶୁର ଅଭାବ ଅସୁବିଧାକୁ ଆଜି ହିଁ ପୂରଣ କରିବା ବାଞ୍ଛନୀୟ। କିନ୍ତୁ ଏହା ନ କରି ସୁବିଧା ହେଲେ ବୁଝିବା, ଭବିଷ୍ୟତରେ ପୂରଣ ହୋଇଯିବ ବୋଲି ମିଛ ପ୍ରତିଶ୍ରୁତି ଦେବା ଚିରାଚରିତ ଅଭ୍ୟାସରେ ପରିଣତ ହୋଇଗଲାଣି। ଏହା କେବଳ ଭୁଲ୍ ନୁହେଁ, ଅପରାଧ। କାରଣ ବହୁ ବିଶେଷଜ୍ଞଙ୍କ ମତ ଛଅ ବର୍ଷ ଭିତରେ ଶିଶୁ ମସ୍ତିଷ୍କର ୮୫ ଶତକଡ଼ା ବିକାଶ ଘଟିଥାଏ। ଅର୍ଥାତ୍ ଶାରୀରିକ, ମାନସିକ ତଥା ବୌଦ୍ଧିକତାର ତଡ଼ିତ ଅଭିବୃଦ୍ଧିର ସମୟ ହେଉଛି ଶୈଶବ। ଏହି ସମୟରେ ସାମାନ୍ୟତମ ତ୍ରୁଟି, ଅବହେଳା, ଅଣଦେଖା ଶିଶୁର ଭବିଷ୍ୟତକୁ ନଷ୍ଟ କରିଦେବା ସହିତ ଏକ ଭିନ୍ନ ଦୁନିଆ ଭିତରକୁ ଠେଲି ଦେଇପାରେ। ଏଣୁ ଯାହା ତାଙ୍କର ଲୋଡ଼ା ତାହା ଆଜି ଦିଆଯାଉ କାଲିକୁ ନୁହେଁ। ଅପେକ୍ଷା ପାଇଁ ବେଳ କାହିଁ ? ଏହାକୁ ଗମ୍ଭୀରତାର ସହିତ ଚିନ୍ତନ ନ କଲେ ଅପେକ୍ଷା ଉପେକ୍ଷାରେ ପରିଣତ ହେବ।

ସଭାପତି, ଓଷ୍ଟା
ମୋ : ୯୯୩୮୭୬୩୨୩୭

# ପେଟ୍ରୋଲ ଟାଙ୍କିର ମନିବ୍ୟାଗ



ଶୁଭନାରାୟଣ ଶତପଥୀ

ମନିବ୍ୟାଗ ହେଉଛି ଅର୍ଥ ରଖିବାର ମୁଣା। ମନି ବ୍ୟାଗ୍‌ର ରଙ୍ଗ, ଦିଗ, ସାଙ୍କେତିକ ଚିହ୍ନ, ସ୍ୱଚ୍ଛତା ଆଦିକୁ ବାସ୍ତୁବିଦ୍ୟାରେ ବର୍ଣ୍ଣନା କରାଯାଇଛି। ବିଶେଷ କରି ବ୍ୟବସ୍ଥିତ ଓ ସଫା, ସୁନ୍ଦର ମନିବ୍ୟାଗ ହେଉଛି ସମ୍ମାନ, ଧନଧାନ୍ୟ ଓ ସକାରାତ୍ମକ ଶକ୍ତିର ନିଦର୍ଶନ। ପେଟ୍ରୋଲ ଟାଙ୍କି କର୍ମଚାରୀଙ୍କ କାନ୍ଧରେ ଝୁଲୁଥିବା ମନିବ୍ୟାଗ ଏହି ଆଲେଖ୍ୟର ପ୍ରସଙ୍ଗ। ଯେଉଁମାନେ ପେଟ୍ରୋଲ ଟାଙ୍କିକୁ ଯାଇ ଗାଡ଼ିରେ ପେଟ୍ରୋଲ ପକାଇଛନ୍ତି ସେମାନେ ଉଭୟ କର୍ମଚାରୀ ଓ ମନିବ୍ୟାଗ ସହିତ ପରିଚିତ। ଏହି ମନିବ୍ୟାଗ ଗାଡ଼ିରେ ପେଟ୍ରୋଲ ଭରୁଥିବା କର୍ମଚାରୀଙ୍କ କାନ୍ଧରେ ଝୁଲୁଥାଏ ଓ ଏହା ତାଙ୍କ ହାତ ପାହାନ୍ତାରେ ରହିଥାଏ। ସେଥିରେ ଟଙ୍କା ରଖିବା ଓ ଗ୍ରାହକଙ୍କୁ ଦେବା ସହଜ ହୋଇଥାଏ। ଅଧିକାଂଶ ସମୟରେ ଦେଖାଯାଏ ସେହି ବ୍ୟାଗ୍‌ର ଚେନ୍ କାମ କରୁ କି ନ କରୁ ଖୋଲା ରହିଥାଏ ଓ କର୍ମଚାରୀମାନେ ଗ୍ରାହକଙ୍କ ସାମ୍ନାରେ ଟଙ୍କା ଦେଣନେଣ କରନ୍ତି।

ଥରେ ରମେଶବାବୁ ନିଜ ସ୍କୁଟିଟି ନେଇ ପେଟ୍ରୋଲ ପକାଇବାକୁ ପେଟ୍ରୋଲ ଟାଙ୍କିକୁ ଗଲେ। କଥା ପ୍ରସଙ୍ଗରେ ପେଟ୍ରୋଲ ପକାଇବାକୁ ଆମେ ତେଲ ପକାଇବା କହୁ। ତେବେ ରମେଶବାବୁ ଗାଡ଼ିରେ ତେଲ ପକାଇସାରିବା ପରେ ଦୁଇଟି ଖଡ଼ଖଡ଼ିଆ ଦୁଇଶହ ଟଙ୍କିଆ ନୋଟ ବଢ଼ାଇଦେଲେ ପେଟ୍ରୋଲ ପକାଇଥିବା କର୍ମଚାରୀଙ୍କୁ। ଯୁବ କର୍ମଚାରୀ ଜଣକ ଦେଖିବାକୁ ବେଶ୍ ହ୍ୟାଣ୍ଡସମ। ନିଜର ଶାର୍ଟ ପ୍ୟାଣ୍ଟ ଜୋତା ଟୋପି ମଧ୍ୟ ବେଶ୍ ପରିଷ୍କାର ରଖିଛନ୍ତି। ତେବେ ରମେଶବାବୁଙ୍କଠାରୁ ଉକ୍ତ ନୋଟ୍‌କୁ ହସହସ ମୁହଁରେ ସେ ଗ୍ରହଣ କରି ନିଜର କାନ୍ଧରେ ପଡ଼ିଥିବା ମନିବ୍ୟାଗରେ ରଖିଲେ। ମନିବ୍ୟାଗଟି ନୋଟ୍ ଓ କଏନରେ ଭାରାକ୍ରାନ୍ତ ହୋଇ ରହିଥାଏ। ରମେଶବାବୁ ନିରେଖି ଦେଖିଲେ ସେହି ମନିବ୍ୟାଗଟିକୁ। ବ୍ୟାଗଟି ପୂରାପୂରି କୋତରା ବା ମଇଳାପୂର୍ଣ୍ଣ। ପ୍ରତିଦିନର ବ୍ୟବହାରରେ ଧୂସର ବ୍ୟାଗଟି କଳା ପଡ଼ିଗଲାଣି। ଆଉ ସେହି ବ୍ୟାଗର ଚାରୋଟି ପକେଟ୍‌ର କୌଣସି ଚେନ୍ କାମ କରୁନାହିଁ। ଅର୍ଥାତ୍ ଚାରିମୁଣାଯାକ ଖୋଲା ପଡ଼ିଛି। ସବୁଦିନ ଓ ପ୍ରତି ମୁହୂର୍ତ୍ତରେ ବ୍ୟବହାର ଓ ହାତବାଜି ମୁଣାର ପ୍ରତିଟି ଧାର ଓ ଚାରିପାଖ କଳା ପଡ଼ିଯାଇଛି। କେଉଁଠି କେଉଁଠି ମୁଣା ସିଲେଇ ହୋଇଥିବା ଦେଖିବାକୁ ମିଳେ। ରମେଶବାବୁ ବ୍ୟାଗ ଆଡ଼କୁ ଲକ୍ଷ୍ୟକରି ଯୁବକଙ୍କୁ ବ୍ୟଙ୍ଗାତ୍ମକ ଢଙ୍ଗରେ କହିଲେ, ଭାଇ ଇଏ ତୁମ ବ୍ୟାଗ ତୁମ ସହ ଜମାରୁ ମ୍ୟାଚ କରୁନି। ଯୁବକ ଜଣକ ମୁରୁକି ହସିଦେଲେ। ରମେଶବାବୁ ସେଠାରୁ ଚାଲିଗଲେ। ଯୁବକଜଣକ ରମେଶବାବୁଙ୍କ କଥାକୁ ଠଉରେଇ ପାରିଥିଲେ କି ନାହିଁ କହିହେବ ନାହିଁ। ଠିକ୍ ସାତଦିନ ପରେ ରମେଶବାବୁ ସହରର ଆର ମୁଣ୍ଡରେ ଥିବା ଅନ୍ୟ ଏକ ଟାଙ୍କିକୁ ତେଲ ପକାଇବାକୁ ଗଲେ। ସେଠାରେ ମଧ୍ୟ ସମାନ ଅବସ୍ଥା। ଗାଡ଼ିରେ ତେଲ ପକାଉଥିବା ଯୁବତୀଜଣକ ନିଜର ବେଶପୋଷାକକୁ ଯେତିକି ପରିଷ୍କାର ପରିଚ୍ଛନ୍ନ ଓ ସୁନ୍ଦର ରଖିଛନ୍ତି, ତାଙ୍କ କାନ୍ଧରେ ପଡ଼ିଥିବା ମନିବ୍ୟାଗ୍‌ର ଅବସ୍ଥା ସେତିକି ଅପରିଷ୍କାର ଓ ଚେନ୍ ଛିଡ଼ା। ବାସ୍ତବରେ ଏହି ମନିବ୍ୟାଗରେ ଦିନକୁ ଲକ୍ଷାଧିକ ଟଙ୍କା କାରବାର



ହୁଏ। ଏ ଦୃଷ୍ଟିରୁ ବ୍ୟାଗର ଗୁରୁତ୍ୱ ଢେର ବେଶି। କିନ୍ତୁ ସେହି ବ୍ୟାଗର ଅବସ୍ଥା କହିଲେ ନ ସରେ।

ପୁନର୍ବାର ରମେଶବାବୁ ଯେତେବେଳେ ଦୁଇମାସ ପରେ ଗାଡ଼ିରେ ତେଲ ପକାଇବାକୁ ପ୍ରଥମ ପେଟ୍ରୋଲ ଟାଙ୍କିକୁ ଗଲେ ରମେଶବାବୁ ଦେଖିବାକୁ ପାଇଲେ ଯେ ସେହି ଯୁବ କର୍ମଚାରୀଜଣକ ଚାକିରି ଛାଡ଼ି ଚାଲିଯାଇଛନ୍ତି। ତାଙ୍କ ବଦଳରେ ସେଠାରେ ଆଉ ଜଣେ ଯୁବକ କାମ କରୁଛନ୍ତି। ତେଲ ପକାଇସାରି ଟଙ୍କା ଦେଲାବେଳେ ରମେଶବାବୁ ପୁଣି ସେହି ବ୍ୟାଗଟିକୁ ନିରୀକ୍ଷଣ କଲେ। ପଚାରିଲେ ଆଚ୍ଛା ବାବୁ, ଏହି ବ୍ୟାଗ ବୋଧହୁଏ ତୁମ ପୂର୍ବରୁ କାମ କରୁଥିବା ଯୁବକ ଜଣକ ବ୍ୟବହାର କରୁଥିଲେ ? ଯୁବକଟି ହଁ କହିଲା। ରମେଶବାବୁ ନିଶ୍ଚିତ ହୋଇଗଲେ ଯେ ଯେତେ କର୍ମଚାରୀ ଆସନ୍ତୁ ବା ଯାଆନ୍ତୁ ପଛକେ ମନିବ୍ୟାଗ ବଦଳେ ନାହିଁ। ତେବେ ତାଙ୍କ ମତରେ ଅନ୍ତତଃ ପକ୍ଷେ ମନିବ୍ୟାଗର ମହତ୍ତ୍ୱ ଓ ଇଜତକୁ ସମ୍ମାନ ଦେବା କଥା। କାରଣ ଯେଉଁବ୍ୟାଗ ଦ୍ୱାରା ପେଟ୍ରୋଲ ଟାଙ୍କିର ଆର୍ଥିକ ଦେଣ ନେଣ ହୁଏ ଯଦି ସେ ବ୍ୟାଗର ଏମିତି ଅବସ୍ଥା ରହିବ ତେବେ ସେଠାରେ ରହୁଥିବା ସମସ୍ତ ବ୍ୟକ୍ତିଙ୍କ ମାନସିକତା କିପରି ହୋଇଥିବ? ଏପ୍ରଶ୍ନ ରମେଶବାବୁଙ୍କ ମନକୁ ଆନ୍ଦୋଳିତ କରୁଥାଏ। ଏ ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ କଥା। କାରଣ ସ୍ୱଚ୍ଛତାର ପାରମ୍ପରିକ ରୂଢ଼ି ପରି ଆଧୁନିକତାର ସ୍ପର୍ଶରେ କୁହାଯାଇପାରେ 'ଟାଙ୍କି ପରିମଳ ମନିବ୍ୟାଗରୁ'। ଏହି କଥା ରମେଶବାବୁ ସେହି ଟାଙ୍କିର ମାଲିକଙ୍କୁ କହିବାରୁ ମାଲିକ ଜଣକ କହିଲେ ଆପଣ ଡିଜିଟାଲ ପେମେଣ୍ଟ କାହିଁକି କରୁ ନାହାନ୍ତି ? ଏକଥା ଶୁଣି ରମେଶବାବୁ ଟିକେ ରହିଗଲେ ଆଉ ତାଙ୍କ ମନ ପରିବର୍ତ୍ତନ ହୋଇଗଲା। ମନିବ୍ୟାଗ ଅସ୍ୱଚ୍ଛ ହୋଇପାରେ କିନ୍ତୁ ମାଲିକଙ୍କ ଏହି ବାର୍ତ୍ତା ଆର୍ଥିକ ସ୍ୱଚ୍ଛତାର ବାର୍ତ୍ତା ବହନ କରେ। ରମେଶବାବୁ ନିଷ୍ପତ୍ତି କଲେ ଯେ ପରବର୍ତ୍ତୀ ସମୟରେ ଟାଙ୍କିରେ ତେଲପକାଇବା ବେଳେ ଏଥର ଡିଜିଟାଲ ପେମେଣ୍ଟ କରିବେ। ଆଉ ମନିବ୍ୟାଗକୁ ତାଙ୍କ ଟଙ୍କା ଯିବନି କି ସେଠାରୁ ଆସିବନି। ତଥାପି କୋଭିଡ୍ ଭଳି ଭୟଙ୍କର ସଂକ୍ରମଣର ବାହାକ ଏହି ମନିବ୍ୟାଗ ନ ହେବ ତା'ର ଗ୍ୟାରେଣ୍ଟି କିଏ ଦେବ ? ସେ ଯାହାହେଉନା କାହିଁକି ରମେଶବାବୁଙ୍କ ଏପରି ଚିନ୍ତା ବାସ୍ତବିକ ଚିନ୍ତାର ବିଷୟ। ସେ ପେଟ୍ରୋଲଟାଙ୍କିର ମନିବ୍ୟାଗ ହେଉ ବା ପିଲାଙ୍କ ସ୍କୁଲ ବ୍ୟାଗ, ବ୍ୟକ୍ତିଗତ ମନିପର୍ସ ହେଉ ବା ମହିଳାଙ୍କ ଭ୍ୟାନିଟି ବ୍ୟାଗ ଏ ସବୁର ଏକ ବ୍ୟବହାରିକ ସୀମା ବା ଭାଲିଡିଟି ବା ଏକ୍ସପାଏରି ରହିବା ଉଚିତ। ନଚେତ୍ ଏହି ବ୍ୟାଗ କେତେ ପୁରୁଷ ଯାଏ ଏହାର ବ୍ୟବହାର ହେଉଥିବ ତାହା କହିହେବ ନାହିଁ। ପ୍ରତିଦିନ ଶହଶହ ଗ୍ରାହକ ତେଲ ପକାଇବାକୁ ଟାଙ୍କିକୁ ଯାଆନ୍ତି। ଆଜି ମଧ୍ୟ ଅର୍ଦ୍ଧାଧିକ ଗ୍ରାହକ ନୋଟ, କଏନର ନଗଦ ବ୍ୟବହାର କରି ଗାଡ଼ିରେ ତେଲ ପକାନ୍ତି। ସେଥିପାଇଁ ତ ଏ ମନିବ୍ୟାଗ ଅଛି। ଏକ ରିସର୍ଚ୍ଚ ରିପୋର୍ଟରୁ ଜଣାଯାଏ ଯେ ଅଧିକ ବ୍ୟବହାର ହେଉଥିବା, ବିଭିନ୍ନ ସ୍ଥାନ ଓ ନିରନ୍ତର ହାତ ସଂସ୍ପର୍ଶରେ ଆସୁଥିବାରୁ ଏହି ବ୍ୟାଗ କୀଟାଣୁମୟ ହୋଇଥାଏ। ଏପରି ହ୍ୟାଣ୍ଡବ୍ୟାଗଗୁଡ଼ିକ ଖୁବ୍ କମ୍ ସଫା ବା ପରିଷ୍କାରପରିଚ୍ଛନ୍ନ କରାଯାଉଥିବାରୁ ସେଥିରେ ଏକ ଟଏଲେଟ ସିଟ୍‌ରେ ଥିବା ବ୍ୟାକ୍ଟେରିଆର ପରିମାଣଠାରୁ ୨୦ ଶତକଡ଼ା ଅଧିକ ରହିଥାନ୍ତି। ଯେପର୍ଯ୍ୟନ୍ତ ଅର୍ଥ ଦେଣନେଣ ସମ୍ପୂର୍ଣ୍ଣ ଡିଜିଟାଇଜେଶନ ନ ହୋଇଛି ସେ ପର୍ଯ୍ୟନ୍ତ ଏହି ମନିବ୍ୟାଗ ରହିବ। ତେବେ କାର୍ଯ୍ୟ କରୁଥିବା ଯୁବତୀଯୁବକଙ୍କ କାନ୍ଧରେ ଏକ ସୁସ୍ଥ ମନିବ୍ୟାଗଟିଏ ଥିଲେ ଏହା କାମ କରିବାର ସ୍ପୃହାକୁ ଦ୍ୱିଗୁଣିତ କରିବ ଓ ଗ୍ରାହକ ନାକ ଟେକିବେ ନାହିଁ। ତେବେ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ କହିବାକୁ ଗଲେ ମନିବ୍ୟାଗ୍‌ର ଅବସ୍ଥା ଦେଖି ରମେଶବାବୁଙ୍କ ଭଳି ଅନେକ ବ୍ୟକ୍ତି ମନି ଡିଜିଟାଇଜେଶନ ପଦ୍ଧତିକୁ ଆପଣେଇ ନ ଥିବେ ବୋଲି କହିହେବ ନାହିଁ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଏଇ ଭାରତରେ

ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣର ସଫଳତା କଥା ଯେତିକି ଜୋର କୁହାଯାଉଛି ତାହାର ବାସ୍ତବତା ସେତିକି ନୁହେଁ। ଦେଶରେ ଏମିତି ଅଞ୍ଚଳ ରହିଛି ଯେଉଁଠି ଏବେ ବି ପାନୀୟ ଜଳର ଅଭାବ ରହିଛି। ପିଲାମାନେ ସ୍କୁଲରେ ମଧ ତାହା ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ଡ. ଅନିଲ ରାଜବଂଶୀଙ୍କ ସୌରଶକ୍ତି ଚାଳିତ ୱାଟର ପ୍ୟୁରିଫିକେଶନ ପଦ୍ଧତି ଏହି ସମସ୍ୟାର ଅନେକାଂଶରେ ସମାଧାନ କରିପାରିବ। ରାଜବଂଶୀ ମହାରାଷ୍ଟ୍ରର ଏକ ନିମ୍ବାକର ଏଗ୍ରିକଲଚରାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଭାବେ କାମ କରୁଛନ୍ତି। ଏହି ପଦ୍ଧତିରେ ପିଲାମାନଙ୍କଠାରେ ଦେଖାଯାଉଥିବା ସଂକ୍ରମଣ ହ୍ରାସ କରିବା ସହ ସେମାନଙ୍କୁ ସୁସ୍ଥ ରଖିବ ବୋଲି କହନ୍ତି ରାଜବଂଶୀ। ସେ ଏହି ପଦ୍ଧତିକୁ ବ୍ୟବହାର କରି ମହାରାଷ୍ଟ୍ରର ସତାର ଜିଲା ଫାଲଟନ ଅଞ୍ଚଳରେ ସ୍କୁଲ ପିଲାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ପିଲା ଏବେ ଏଥିରେ ଉପକୃତ ହେଉଛନ୍ତି। ବଡ଼ କଥା ହେଉଛି, ଏହି ୱାଟର ପ୍ୟୁରିଫିକେଶନ ପଦ୍ଧତିରେ ଦିନକୁ ୧୦୦ରୁ ୨୦୦ ଲିଟର ସ୍ୱଚ୍ଛ ପାନୀୟ ଜଳ ଯୋଗାଯାଇପାରୁଛି। ଏହି ପଦ୍ଧତିରେ ସଂଗୃହୀତ ବର୍ଷାଜଳକୁ ଫିଲଟର କରାଯାଇ ତାହାକୁ ସାଧାରଣ ଶାଢ଼ି ମାଧ୍ୟମରେ ଫିଲଟର ବ୍ୟବସ୍ଥା କରାଯାଇଛି। ପରେ ସେହି ଫିଲଟର ପାଣିକୁ ସୋଲାର ଥର୍ମାଲ ଟେକ୍ନୋଲୋଜିରେ ଜୀବାଣୁ ମୁକ୍ତ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଏପ୍ରିଲ ୧୯୭୬

- ଭୁବନେଶ୍ୱର ଓ ରାଉରକେଲାରେ କଲୋନୀ ତିଆରି ପାଇଁ ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ସହରାଞ୍ଚଳ ଉନ୍ନୟନ କର୍ପୋରେସନ ପକ୍ଷରୁ ରାଜ୍ୟ ଗୃହ ନିର୍ମାଣ ବୋର୍ଡକୁ ୨୭ ଲକ୍ଷ ୫୨ ହଜାର ଟଙ୍କା ମଞ୍ଜୁର।
- ବେରୁଟ ଓ ସହରତଳି ଅଞ୍ଚଳରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ସୈନ୍ୟମାନଙ୍କ ମଧ୍ୟରେ ପ୍ରବଳ ଗୁଳିଗୋଳା ଘଟି ୩୦ ନିହତ।
- ରାଷ୍ଟ୍ରପତି ଫ୍ରାନ୍‌ସିସୋ ଡା କୋଷ୍ଟା ଗୋମ୍ସ ପର୍ତ୍ତୁଗାଲର ନୂତନ ସମ୍ବିଧାନ ଜାରୀ କରିଛନ୍ତି।

## ସୁଡୋକୁ

su|do|ku Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 1 | | 4 | | | 8 | 3 |
| | | | | 8 | | | | |
| 6 | | | | 5 | | 2 | 9 | 4 |
| 4 | | | 3 | | | 5 | | |
| | 6 | 5 | | | | | 7 | |
| | 7 | | | | | | | |
| | | | | 7 | | | 2 | |
| | 9 | | | | 8 | | | |
| 7 | 4 | | | | 2 | 3 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 5 | 3 | 4 | 9 | 8 | 7 | 1 |
| 3 | 8 | 1 | 7 | 5 | 6 | 9 | 4 | 2 |
| 7 | 9 | 4 | 1 | 8 | 2 | 5 | 6 | 3 |
| 5 | 3 | 7 | 6 | 9 | 1 | 4 | 2 | 8 |
| 6 | 2 | 9 | 4 | 3 | 8 | 1 | 5 | 7 |
| 4 | 1 | 8 | 5 | 2 | 7 | 6 | 3 | 9 |
| 8 | 5 | 3 | 2 | 1 | 4 | 7 | 9 | 6 |
| 9 | 4 | 6 | 8 | 7 | 3 | 2 | 1 | 5 |
| 1 | 7 | 2 | 9 | 6 | 5 | 3 | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଧାନସଭା ଆସନ ବୃଦ୍ଧି ହେଉ

ମହାଶୟ,

ରାଜ୍ୟ ବିଧାନସଭାର ଆସନ ସଂଖ୍ୟାକୁ ବୃଦ୍ଧି କରାଯାଉ, ଯାହା ଦୀର୍ଘ ବର୍ଷରୁ ଯେତିକି ସେତିକି ଅଛି। ଲୋକସଂଖ୍ୟା ଦୃଷ୍ଟିରୁ ପ୍ରଶାସନର ସୁପରିଚାଳନା ପାଇଁ ଏହା ୧୭୦ରୁ ୧୮୦ ମଧ୍ୟରେ ବୃଦ୍ଧି କରାଗଲେ ଭଲ ହୁଅନ୍ତା। ଆମ ରାଜ୍ୟରେ ଲୋକସଭା ନିର୍ବାଚନ ମଣ୍ଡଳୀ ସଂଖ୍ୟା କମ୍ ଥିବାରୁ ଅନ୍ୟ ରାଜ୍ୟ ତୁଳନାରେ ସଦସ୍ୟ ସଂଖ୍ୟା ବୃଦ୍ଧି ହୋଇପାରୁନାହିଁ। ସେହିପରି ରାଜ୍ୟ ସଭା ଆସନ ସଂଖ୍ୟା ବି ଯଥେଷ୍ଟ କମ୍। ଏଣୁ ଉଭୟ ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଁ ପ୍ରସ୍ତାବ ଦିଆଯାଉ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

### ଚିରନ୍ତନୀ

କାହିଁରେ ମନ ହଜାଇ ଦେଇ
ଯୁବତୀ ସଖୀ ଦୁଇ
ଜୀବିତ କରି କୋମଳ ପଦେ
ନିଦାଘ ବନ ଭୂଇଁ।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଭାଜପା ମୁଖ୍ୟଙ୍କ ଖାତାକୁ ରାଜା ଚକ୍ର ଟଙ୍କା ଦେବା ପ୍ରସଙ୍ଗ ତେଜିଲା**

# ନ୍ୟାୟିକ ତଦନ୍ତ ଦାବିକଲେ ତାରା

ଭୁବନେଶ୍ୱର,୪।୪ (ରବିନାରାୟଣ ଜେନା)

ଭାଜପା ରାଜ୍ୟ ମୁଖ୍ୟଙ୍କ ଖାତାକୁ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜା ଚକ୍ର ଦେଇଥିବା ନେଇ ତାଙ୍କ ଓକିଲ ଗଣମାଧ୍ୟମ ସମ୍ମୁଖରେ ମନ୍ତବ୍ୟ ଦେବା ପରେ ରାଜନୀତି ଜୋର ଧରିଛି। ଏହି ପ୍ରସଙ୍ଗକୁ ନେଇ ଶୁକ୍ରବାର କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜା ଚକ୍ରଙ୍କଠାରୁ ୧କୋଟି ୩୩ ଲକ୍ଷ ଟଙ୍କା ଭାଜପା ନେଇଛି। ରାଜାଙ୍କଠାରୁ କେବଳ ଭାଜପା ଏବେ ଟଙ୍କା ନେଇଛି ତାହା ନୁହେଁ, ପୂର୍ବରୁ ବିଜେଡି ସରକାର ବିପୁଳ ପରିମାଣର ଚାନ୍ଦା ନେଇଛନ୍ତି।

ତାରା କହନ୍ତି, କେବଳ ରାଜା ଚକ୍ର ନୁହନ୍ତି, ବିଶିଷ୍ଟ ଖଣି ବ୍ୟବସାୟୀ ପ୍ରଭାକରନ୍‌ଙ୍କଠାରୁ ଭାଜପା କେତେ ଟଙ୍କା ନେଇଛି ତାହା ସ୍ପଷ୍ଟ କରୁ। ପ୍ରଭାକରନ୍ କିଭଳି ଅନାୟାସରେ ତାଙ୍କ ସାମ୍ରାଜ୍ୟ ରାଜ୍ୟରେ ଚଳାଉଛନ୍ତି ଏବଂ ଏହାପଛରେ କାହାର ହାତ ରହିଛି ତାହା ଲୋକଲୋଚନକୁ ଆସିବା ଦରକାର। ପ୍ରଭାକରନ୍ କେତେ ଖଣି ଲିଜ୍ ନେଇଛନ୍ତି, କେତେ ରାଜସ୍ୱ ସରକାରଙ୍କୁ ଦେଇଛନ୍ତି, କେତେ ଠକିଛନ୍ତି ତା'ର ତଦନ୍ତ ହେବାର ଆବଶ୍ୟକତା ରହିଛି। ପ୍ରଭାକରନ୍ ପୂର୍ବରୁ ବିଜେଡିର ଡାହାଣ ହାତ ଥିଲେ, ଏବେ ସେ ଭାଜପାର ଡାହାଣ ହାତ ହୋଇଛନ୍ତି। ତେଣୁ ବିଜେଡି-ଭାଜପା ସଲାସୁତରାରେ ଖଣି ଲୁଟ୍ ହେଉଛି, ସିଏଜିଙ୍କ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ସେ କହିଛନ୍ତି, ଏହି ପ୍ରସଙ୍ଗ ବିଧାନସଭାରେ ବହୁ ଥର ଉଠିଥିଲା। ସେତେବେଳେ ମୁଁ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ସ୍ୱର ଉଠାଇଥିଲୁ। ବର୍ତ୍ତମାନ ସେ ସରକାରରେ ଥାଇ ପ୍ରମାଣ କରିଛନ୍ତି ଯେ, କୋଟି କୋଟି ଟଙ୍କା ନେଉଛନ୍ତି। ଓଡ଼ିଶାରେ ଯେତେ ଖଣି ଖାଦାନ ଅଛି ତାକୁ ପ୍ରଭାକରନ୍‌ଙ୍କ ପାଖରେ ବିକି ଦେଇଛନ୍ତି। ସିବିଆଇ ତଦନ୍ତ ହେଲେ ସବୁ ସ୍ପଷ୍ଟ ହେବ। ସେ ପୁଣି କହିଛନ୍ତି, ସିବିଆଇ ହେଉଛି ଭାଜପାର ଚାଟୁକର। ତେଣୁ ଜଣେ ହାଇକୋର୍ଟ ବିଚାରପତିଙ୍କୁ ନେଇ ଏହାର ତଦନ୍ତ କରାଯାଉ। ଯଦି ସରକାର ଏହା ନ କରିବେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ତାରା କହିଛନ୍ତି।


କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ପିସିସି ପୂର୍ବତନ ସଭାପତି ପ୍ରସଦ ହରିଚନ୍ଦନ ଓ ବିଧାୟକ ତାରାପ୍ରସାଦ ବାହିନୀପତି।

**ସ୍ପଷ୍ଟୀକରଣ ରଖିଲେ ମନମୋହନ**

ଏହାର ଜବାବରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଆମ ଦଳ ହେଉଛି ଖୋଲା ବହି। ଆମ ନେତା ମଧ୍ୟ ଖୋଲା। ଯେଉଁମାନେ ଅଭିଯୋଗ ଆଣିଛନ୍ତି ସେମାନେ ବ୍ୟାଙ୍କ୍ ଆକାଉଣ୍ଟ ନମ୍ବର ନେଇ ଯାଞ୍ଚ କରନ୍ତୁ। ସବୁ ସତ ଜାଣିପାରିବେ। ଦଳର ଭାବମୂର୍ତ୍ତି ବହୁ ତ୍ୟାଗ ଓ ତପସ୍ୟାରେ ତିଆରି ହୋଇଛି। ମନ୍ତବ୍ୟ ଦେବା ପୂର୍ବରୁ ଏସବୁ ଦେଖିବାର ରହିଛି। ଗଣମାଧ୍ୟମ ତା'ର ବିଶ୍ୱସନୀୟତା ବଜାୟ ରଖୁ ବୋଲି ମନମୋହନ କହିଛନ୍ତି।

# ତଦନ୍ତକୁ ବାଟବଣା ପାଇଁ ଉଦ୍ୟମ: ଅଞ୍ଜନ

କେନ୍ଦୁଝର,୪।୪(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ୍ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ବିଜେଡି ନେତା ରାଜା ଚକ୍ରଙ୍କ ସମେତ ୪ ଜଣଙ୍କୁ ଗିରଫ କରି ଖୋଲତାଡ କରୁଛି। ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟରେ ରାଜା ହାଜର ହେବା ବେଳେ ତାଙ୍କ ଓକିଲ ଗଣମାଧ୍ୟମକୁ ବିସ୍ଫୋରକ ବୟାନ ଦେଇ ଏହି ଘଟଣାରେ ଭାଜପା ନେତାଙ୍କ ସମ୍ପୃକ୍ତି ଥିବା କହିଥିଲେ। ଯାହାକୁ ନେଇ ରାଜନୀତି ଜୋର ଧରିଛି। ଏଭଳିସ୍ଥଳେ କେନ୍ଦୁଝର ଭାଜପା ନେତା ଅଞ୍ଜନ ଅଞ୍ଜନ ଶୁକ୍ରବାର ଖବରଦାତା ସମ୍ମିଳନୀରେ ସ୍ପଷ୍ଟୀକରଣ ରଖି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅଞ୍ଜନ କହିଛନ୍ତି, ତଦନ୍ତକୁ ବାଟବଣା କରିବାକୁ ଏଭଳି ଉଦ୍ୟମ କରାଯାଉଛି। ଇଓଡବ୍ଲ୍ୟୁ ପାଖରେ ସବୁ ତଥ୍ୟ ଅଛି। ମିଥ୍ୟା କାହାଣୀ କହି ସାଧାରଣ ଲୋକ ଓ ତଦନ୍ତ ସଂସ୍ଥାକୁ ଭ୍ରମିତ କରାଯାଉଛି। ସେ ୨୦୧୭ରୁ ୨୦୨୦ ଯାଏ ଏଜେନ୍ସିର ସମ୍ପାଦକ ଥିଲେ। ପରେ ଏଜେନ୍ସି ଅନ୍ୟମାନଙ୍କ ହାତକୁ ଯାଇଥିଲା। ରାଜା କ୍ଷମତା ଉପଭୋଗ କରୁଥିଲେ ବୋଲି ଇଓଡବ୍ଲ୍ୟୁ ପୂର୍ବରୁ କହିଛି। ଏଜେନ୍ସିରେ ମିଥ୍ୟା ଦସ୍ତଖତରେ ସମସ୍ତ ରିଜୋଲୁ୍ୟଶନ ପାସ୍ ହୋଇଥାଏ ବୋଲି ରଞ୍ଜନ୍ କହିଛନ୍ତି। ସୂଚନାଯୋଗ୍ୟ, ରାଜାଙ୍କ ଓକିଲ କହିଥିଲେ, ଭାଜପା ସରକାର ୨୦୨୪ ଜୁନ୍‌ରେ ଶପଥ ନେବା ବେଳେ ସୋସାଇଟିକୁ ୧୪ ଲକ୍ଷ ଟଙ୍କା ମଗାଯାଇ ନିଆଯାଇଥିଲା। ଏଥିସହ ଶପଥଗ୍ରହଣ ଉତ୍ସବ ପରେ ଭାଜପା ନେତା ଅଞ୍ଜନ ଓ ସୁଶାନ୍ତ ବାରିକ୍ ସୋସାଇଟି କର୍ତ୍ତୃପକ୍ଷଙ୍କୁ ପୁଣି ଭାଜପା ରାଜ୍ୟ ମୁଖ୍ୟଙ୍କୁ ଟଙ୍କା ଦେବାକୁ ଦାବି କରିବାରୁ ଏଜେନ୍ସି ପକ୍ଷରୁ ୧ କୋଟି ୩ ଲକ୍ଷ ଟଙ୍କା ପଠାଯାଇଥିଲା।

ସୂଚନାଯୋଗ୍ୟ, ରାଜାଙ୍କ ଓକିଲ କହିଥିଲେ, ଭାଜପା ସରକାର ୨୦୨୪ ଜୁନ୍‌ରେ ଶପଥ ନେବା ବେଳେ ସୋସାଇଟିକୁ ୧୪ ଲକ୍ଷ ଟଙ୍କା ମାଗି ନେଇଥିଲେ। ପରେ ଭାଜପା ନେତା ଅଞ୍ଜନ ଓ ସୁଶାନ୍ତ ବାରିକ୍ ସୋସାଇଟି କର୍ତ୍ତୃପକ୍ଷଙ୍କୁ ପୁଣି ଭାଜପା ରାଜ୍ୟ ମୁଖ୍ୟଙ୍କୁ ଟଙ୍କା ଦେବାକୁ ଦାବି କରିବାରୁ ୧ କୋଟି ୩ ଲକ୍ଷ ଟଙ୍କା ପଠାଯାଇଥିଲା।




# ପୋଲିସ କାର୍ଯ୍ୟଶୈଳୀ ତଦନ୍ତସାପେକ୍ଷ: କଂଗ୍ରେସ

ଭୁବନେଶ୍ୱର,୪।୪ (ରବିନାରାୟଣ ଜେନା)

ରାଜ୍ୟରେ ପୋଲିସ ଡିଜି ରାଜନୈତିକ କର୍ମୀଙ୍କ ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଆଇନ ଶୃଙ୍ଖଳାର ଦୁହାଇ ଦେଇ ପୋଲିସ ରାଜନୀତି କରୁଛି ବୋଲି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି। ଶୁକ୍ରବାର କଂଗ୍ରେସଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରସାଦ କହିଥିଲେ, ନାରୀ ସୁରକ୍ଷା ପାଇଁ ସ୍ୱର ଉଠାଇବାରୁ ୧୪ କଂଗ୍ରେସ ବିଧାୟକଙ୍କୁ ଗୃହରୁ ନିଲମ୍ବନ କରାଗଲା। ବିଧାନସଭା ୨୧୬ ନିୟମାବଳୀ କହୁଛି, ବିଧାନସଭା ଅଧିବେଶନ ନ ଥିବାବେଳେ ବାଚସ୍ପତିଙ୍କର କୌଣସି କର୍ତ୍ତୃତ୍ୱ ନାହିଁ। ଯଦି କଂଗ୍ରେସ ବିଧାୟକମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିରୋଧ କଲେ ତେବେ ତାଙ୍କୁ ପୋଲିସ ଲଗେଇ ବିଧାନସଭା ଗୃହରୁ କାଢ଼ିବା କେତେଦୂର ଯୁକ୍ତିଯୁକ୍ତ। ବାଚସ୍ପତି ଯଦି ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦେଇନାହାନ୍ତି ତେବେ ପୋଲିସ କେମିତି ଗୃହ ଭିତରକୁ ପ୍ରବେଶ କଲା ତା'ର ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ସିଏଜିଙ୍କ ପକ୍ଷରୁ ଯେଉଁ ଖଣିଜ ସମ୍ପଦ ଲୁଟ୍ କଥା ଅବତାରଣା କରାଯାଇଛି ସେଥିରୁ ପୂର୍ବ ସରକାରଙ୍କ ଖଣି ଚୋରି ସ୍ପଷ୍ଟ ଜଣାପଡୁଛି। ଏବେ ବି ବହୁ ଖଣି ମାଫିଆ ସରକାରଙ୍କୁ ଅନେକ ହଜାର କୋଟି ଟଙ୍କାର ରାଜସ୍ୱ ଦେଇ ନାହାନ୍ତି। ଶାହା କମିଶନ ଖଣି ମାଲିକଙ୍କଠାରୁ ଯେଉଁ ଦେଢ଼ଲକ୍ଷ କୋଟି ଟଙ୍କାର ଜରିମାନା ଆଦାୟ କରିବା ଲାଗି ରିପୋର୍ଟ ଦେଇଥିଲେ ତାହା କୁଆଡ଼େ ଗଲା ? ବିଜେଡି ଓ ଭାଜପା ଦୁହେଁ ମିଳିମିଶି ଖଣି ଓ ରାଜ୍ୟବାସୀଙ୍କୁ ଲୁଟୁଛନ୍ତି ବୋଲି ସେ କହିଥିଲେ।

# ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସ୍ଥଗିତ

ମହାକାଳପଡ଼ା, ୪।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଶାସକ ଦଳର ୪୧ ପଞ୍ଚାୟତ ପ୍ରତିନିଧିମାନେ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଉପଜିଲାପାଳ ଅଭିଯୋଗକୁ ଭିତ୍ତିକରି ଆଇନଗତ ତର୍ଜମା ଓ ସମସ୍ତ ନଥିପତ୍ର ଯାଞ୍ଚ କରିବା ପରେ ଶନିବାର ପୂର୍ବାହ୍ନ ୧୧ଟାରେ ବ୍ଲକ ସଭା ଗୃହରେ ଅନାସ୍ଥା ପ୍ରସ୍ତାବ ଉପରେ ବୈଠକ ପାଇଁ ସ୍ଥିରୀକୃତ ହୋଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିଲା। ହେଲେ ବ୍ଲକର ୯ ଜଣ ପଞ୍ଚାୟତ ପ୍ରତିନିଧି ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଶନିବାର ଅନାସ୍ଥା ବୈଠକରେ ଯୋଗଦେଇ ପାରିବେ ନାହିଁ ବୋଲି ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଫଳରେ ଉପଜିଲାପାଳ ଏମାନଙ୍କ ଅଭିଯୋଗକୁ ବିଚାରକୁ ନେଇ ଶନିବାର ସ୍ଥିରୀକୃତ ହୋଇଥିବା ଅନାସ୍ଥା ପ୍ରସ୍ତାବ ବୈଠକକୁ ଚିଠି ନଂ. ୪୨୭୬/ ୪।୪। ୨୫ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସ୍ଥଗିତ ରହିଲା ବୋଲି ଉଲ୍ଲେଖ କରିଛନ୍ତି। ଏହାର ଏକ କିତା ନକଲ ବିଡିଓଙ୍କୁ ଚିଠି ନଂ. ୪୨୭୭ ପ୍ରକାଶ ପାଇଥିଲା। ଏ ନେଇ ଚିଠି ନଂ. ୪୨୭୮ ତହସିଲଦାର ମହାକାଳପଡ଼ାଙ୍କୁ ପ୍ରେରଣ କରାଗଲା ବୋଲି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

# କଂଗ୍ରେସର ୩୫ ସାଙ୍ଗଠନିକ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୪।୪(ରବିନାରାୟଣ ଜେନା)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ କଂଗ୍ରେସର ୩୫ ଗୋଟି ସାଂଗଠନିକ ଜିଲା ନିମନ୍ତେ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ନିମନ୍ତେ ଲଲାଟେନ୍ଦୁ ଦାସ ଓ ଅନିମା ମିଞ୍ଜ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ବେଳେ ବାଲେଶ୍ୱର ପାଇଁ ବନ୍ଦିତା ପରିଡ଼ା ଓ ପଦ୍ମାକର ଗୁରୁ, ବରଗଡ଼ ଲାଗି ଘାସିରାମ ମାଝୀ ଓ ଫାରୁକ୍ ମହମ୍ମଦ, ଭଦ୍ରକ ପାଇଁ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଅଜିତ ଜେନା (ମୟୂରଭଞ୍ଜ) ରହିଛନ୍ତି। ସେହିପରି ଭୁବନେଶ୍ୱର ସାଙ୍ଗଠନିକ ଜିଲା ପାଇଁ ଡ. ଦେବାଶିଷ ପଟ୍ଟନାୟକ, ବଲାଙ୍ଗୀର- ନୀଳମାଧବ ହିକ୍କା ଓ ମନୋଜ ବିଶ୍ୱାଳ, ବୌଦ୍ଧ-ସଂଗ୍ରାମ କେଶରୀ ମହାନ୍ତି, କଟକ-ଡ. ଲଲାଟେନ୍ଦୁ ମହାପାତ୍ର, କଟକ ସିଟି- ମନୋଜ ଜେନା ଓ ହିମାଂଶୁ ଲେଙ୍କା, ଦେଓଗଡ଼-ସଂଗ୍ରାମ କେଶରୀ ଦାସ, ଢେଙ୍କାନାଳ- ଚିନ୍ମୟ ସୁନ୍ଦର ଦାସ ଓ ବିଶ୍ୱଜିତ ଦାଶ, ଗଞ୍ଜାମ (ପୂର୍ବ)-ବିଧାୟକ ପ୍ରଫୁଲ୍ଲ ପ୍ରଧାନ ଓ ପ୍ରଦୀପ କୁମାର ଦାସ, ଗଞ୍ଜାମ (ପଶ୍ଚିମ)- ଅଭିମନ୍ୟୁ ବେହେରା ଓ ବିଜୟ କୁମାର ପ୍ରଧାନ, ଗଜପତି- ଦୁର୍ଗା ପଣ୍ଡା, ଜଗତ୍‌ସିଂହପୁର-ରାଜକିଶୋର ବାରିକ ଓ ସିଦ୍ଧାର୍ଥ ମହାନ୍ତି, ଯାଜପୁର-ଚିନ୍ମୟ ପ୍ରସାଦ ବେହୁରା ଓ ସୁଦର୍ଶନ ଦାସ, ଝାରସୁଗୁଡ଼ା- ସିଦ୍ଧାର୍ଥ ସ୍ୱରୂପ ଦାସ, କଳାହାଣ୍ଡି-ମନୋରଞ୍ଜନ ତ୍ରିପାଠୀ ଓ ଅଜିତ ଦାସ, କନ୍ଧମାଳ-ବିଧାୟକ ରମେଶ ଚନ୍ଦ୍ର ଜେନା, କେନ୍ଦ୍ରାପଡ଼ା-ଶାନ୍ତାୟନ ମିଶ୍ର, କେନ୍ଦୁଝର- ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଓ ସସ୍ମିତା ବେହେରା, ଖୋର୍ଦ୍ଧା-ସୁଜିତ ପାଢ଼ୀ ଓ ବାଙ୍କନିଧି ବେହେରା, କୋରାପୁଟ- ବିଧାୟକ ସତ୍ୟଜିତ ଗମାଙ୍ଗ, ମୟୂରଭଞ୍ଜ (ପୂର୍ବ)- ଯଶୋବନ୍ତ ଲାଗୁରି ଓ ତରୁଣ ମିଶ୍ର, ମୟୂରଭଞ୍ଜ (ପଶ୍ଚିମ) ନଳିନୀ ମହାନ୍ତି, ମାଲକାନଗିରି- ବିଧାୟକ ପବିତ୍ର ସାଉଁତା ଓ ଦ୍ୱାରିକା ମହାପାତ୍ର, ନବରଙ୍ଗପୁର-ବଳଭଦ୍ର ମାଝୀ ଓ ପୁରୁଷୋତ୍ତମ ଗୁପ୍ତା, ନୂଆପଡ଼ା-ମୁରଲୀଧର ନାୟକ, ନୟାଗଡ଼- ଅମିୟ ପଟ୍ଟନାୟକ ଓ ୟାସିର ନୱାଜ, ପୁରୀ-ମନୋରଞ୍ଜନ ଦାଶ ଓ ମନୋରଞ୍ଜନ ପଟ୍ଟନାୟକ, ରାୟଗଡ଼ା-ଦ୍ରୌପଦୀ ମାଝୀ ଓ ପ୍ରଦୀପ ମହାପାତ୍ର, ରାଉରକେଲା-ରାଜ କିଶୋର ଷଡ଼ଙ୍ଗୀ, ସମ୍ବଲପୁର- ସନ୍ତୋଷ ସିଂ ସାଲୁଜା ଓ ବିଜୟାନନ୍ଦ ଚାଉଳିଆ, ସୁବର୍ଣ୍ଣପୁର-ରତିକାନ୍ତ କାନୁନ୍‌ଗୋ ଓ ଗଣେଶ ସାହୁ, ସୁନ୍ଦରଗଡ଼-ମାନସ ମଲ୍ଲିକ ଓ ରଞ୍ଜନ ସେଠୀ ଦାୟିତ୍ୱରେ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ୱାକ୍‌ଫ ବିଲ୍‌କୁ ନେଇ ଅଡୁଆରେ ବିଜେଡି

ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)

ୱାକ୍‌ଫ ବିଲ୍‌କୁ ନେଇ ବିଜେଡି ଆଭିମୁଖ୍ୟ ପରେ ରାଜ୍ୟ ରାଜନୀତି ସରଗରମ ହୋଇଛି। ପୂର୍ବରୁ ବିଲ୍‌କୁ ବିରୋଧକରିବା ଲାଗି କହୁଥିବା ବିଜେଡି ପରବର୍ତ୍ତୀ ସମୟରେ ବିବେକାନୁମୋଦିତ ଭୋଟ ଦେବା ଲାଗି ବିଜେଡି କହିବା କଥାକୁ ନେଇ ଦଳ ଭିତରେ ଏବଂ ବାହାରେ କମ୍ପନ ଆରମ୍ଭ ହୋଇଛି। ଏହି ଘଟଣାରେ ବିଜେଡି-ଭାଜପା ୨ ଦଳ ଏକାଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପଟେ ବିଜେଡି ଦୁଇଫାଳ ବୋଲି କହି ଭାଜପା ତେରଛା ବାଣ ମାରିଛି। ନେତୃତ୍ୱ ବିହୀନ ହେଲେ ଦଳ ଏଭଳି ନଷ୍ଟହେବାରେ ଲାଗେ ବୋଲି ଭାଜପା କହିଛି। ବିଜେଡି ନେତାମାନେ ମଧ୍ୟ ସିଧାସଳଖ ଏହି ପ୍ରସଙ୍ଗରେ ଦଳର ନେତୃତ୍ୱକୁ ଚ୍ୟାଲେଞ୍ଜ କରିବା ଆରମ୍ଭ କରିଛନ୍ତି। ଅନ୍ୟପଟେ ବିଜେଡି ରାଜ୍ୟ ସଭା ସଦସ୍ୟ ଗଣମାଧ୍ୟମ ଆଗରେ ୨ ପ୍ରକାର ମତ ଦେବାକୁ ନେଇ ବିଜେଡି ନେତା ପ୍ରଫୁଲ୍ଲ ସାମଲ ନବୀନଙ୍କୁ ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠି ଜରିଆରେ ସସ୍ମିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଅନ୍ୟପଟେ ବିଜେଡି ନେତାମାନେ ମଧ୍ୟ ଏଭଳି ନିଷ୍ପତ୍ତିକୁ ନେଇ ଦଳ ବିରୋଧରେ ମୁହଁ ଖୋଲିବା ଆରମ୍ଭ କରିଦେଇଛନ୍ତି। ଶଙ୍ଖ ଭବନରେ ଏହାକୁ ନେଇ ଦୀର୍ଘ ସମୟ ବୈଠକ ହେବା ପରେ ନବୀନଙ୍କୁ ବହୁ ବରିଷ୍ଠ ନେତା ଭେଟିଛନ୍ତି। ଅନ୍ୟପଟେ ୱକଫ୍ ବିଲ୍ ପାଇଁ ବିବେକ ଅନୁମୋଦିତ ଭୋଟ ଦେବା ନିଷ୍ପତ୍ତି କାହାର ସ୍ପଷ୍ଟ କରାଯାଉ ବୋଲି କଟକ ଜିଲା ବିଜେଡି ସଂଖ୍ୟାଲଘୁ ସେଲ୍ ଦାବି କରିଛି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ମଝିରେ ନବୀନ ଏବଂ ପାଣ୍ଡିଆନ ଦିଲ୍ଲୀ ଆସିଥିଲେ। ସେଥିରେ କ'ଣ ଡିଲ୍ ହେଲା ପାର୍ଲାମେଣ୍ଟ ପାର୍ଟି ବୈଠକ ବାହାରେ ଯାଇ କାମ କଲେ। ତାଙ୍କର ଯେଉଁ ସିବିଆଇ, ଇଡିକୁ ନେଇ ଭୟ ରହିଛି ସେସବୁରୁ ଦୂରେଇ ଶାନ୍ତିରେ ରହିବା ଲାଗି ଏପରି କରିଥାଇପାରନ୍ତି। ବିଜେଡି-ଭାଜପା ଏବେ ବି ଗୋଟିଏ ହୋଇ ଅଛନ୍ତି। ନିଜ ମାନସପୁତ୍ରକୁ ଖୁସି କରିବା ଲାଗି ନବୀନ ଏପରି କରିଥାଇପାରନ୍ତି। ନ ହେଲେ ବିଜେଡି-ଭାଜପା ମିଶିଯାଇପାରନ୍ତି। ଫଳରେ ନବୀନ ଆଉ ଥରେ ମୁଖ୍ୟମନ୍ତ୍ରୀ ହେବେ ଏବଂ ପାଣ୍ଡିଆନ ସୁପର ଚିଫ୍ ମିନିଷ୍ଟର ହେବାକୁ ଲକ୍ଷ୍ୟ ରଖି କାମ କରୁଥାଇପାରନ୍ତି ବୋଲି ଭକ୍ତ କହିଛନ୍ତି। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ଗୋଟେ ପଟେ ଜେଲ ଯିବାର ଡର ଅନ୍ୟପଟେ ନିଜ ଘର ଭିତରର ଡର ରହିଛି। ବନ୍ଦୀ ନ ହେଲେ ଗୃହବନ୍ଦୀ। ନବୀନ କେଉଁ ପରିସ୍ଥିତିରେ ସେ ସମ୍ପୂର୍ଣ୍ଣ ପଲଟିଗଲେ ସ୍ପଷ୍ଟ କରନ୍ତୁ ବୋଲି ପ୍ରସାଦ କହିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ବିଜେଡିର ଯେତେ ମାଫିଆ ଅଛନ୍ତି ସେମାନେ ଗିରଫ ହେବା ଭୟରେ ପାର୍ଲାମେଣ୍ଟରେ ଭାଜପାକୁ ସମର୍ଥନ କଲେ। ସକାଳେ ଗୋଟେ, ଉପରବେଳା ଆଉ ଗୋଟେ କଥା ନବୀନ କହୁଛନ୍ତି ବୋଲି ସେ କହିଛନ୍ତି।

ଭାଜପା ବିଧାୟକ ବାବୁ ସିଂ କହିଛନ୍ତି, ଦିଲ୍ଲୀ କଥା ଖାଲି ନୁହେଁ, ବିଧାନସଭାରେ ମଧ୍ୟ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ଭୋଟିଂ ହୋଇଥିଲେ ସମାନ ଅବସ୍ଥା ହୋଇଥାଆନ୍ତା। ବିଧାନସଭାରେ ବିଲ୍ ଉପରେ ୩ ଜଣ ବିଜେଡି ବିଧାୟକ ସମର୍ଥନରେ କହିଥିବା ବେଳେ ୩ ଜଣ ବିରୋଧରେ କହିଥିଲେ। ସେମାନଙ୍କ ଦଳ ଏବେ ଦୁଇ ଭାଗ। ଦଳ ଭିତରେ ସମ୍ମତି ନାହିଁ। ଦଳ ନେତୃତ୍ୱ ବିହୀନ ହୋଇଗଲେ ଏପରି ସହମତି ରହେ ନାହିଁ, ଦଳ ବିଭାଜନ ଆଡକୁ ଯାଇଥାଏ। ଲୋକଙ୍କ ବିଶ୍ୱାସ ହରାଇଛନ୍ତି, ଧୀରେ ଧୀରେ ଦଳୀୟ କର୍ମୀଙ୍କ ବିଶ୍ୱାସ ହରାଇବେ। ଯେପରି ଦେଖାଯାଉଛି ଆଗକୁ ବିଜେଡି ଅନ୍ଧକାର ଭିତରକୁ ଚାଲିଯିବ। ହୁଇପ୍ ଜାରି ହେବା ନ ହେବା ଦରକାର ପଡେନି। ଦଳ ନିର୍ଦ୍ଦେଶ ଜଣା ନ ପଡିବ ଯଦି ବିଧାୟକ, ଏମ୍‌ପି ହୋଇ ଲାଭ ନାହିଁ। ଲୋକଙ୍କ ଆସ୍ଥା ହରାଇଛନ୍ତି, ଆଗକୁ ଦଳ ବୁଡିଯିବ ବୋଲି ବାବୁ କହିଛନ୍ତି।

ବିଜେଡି ବିଧାୟକ ବଦ୍ରିନାରାୟଣ ପାତ୍ର କହିଛନ୍ତି, ୱକଫ ବିଲ୍‌କୁ ନେଇ ଦଳ ଭିତରେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ଏହାକୁ ନେଇ ଦଳର ସଭାପତି ନିଷ୍ଠାପର ଭାବେ ଏହି ବିଲ୍‌କୁ ବିରୋଧ କରିବା ଲାଗି ନିର୍ଦ୍ଦେଶ ଦେବାପରେ ଏହା କିପରି ହେଲା ତାହା ଚିନ୍ତାର ବିଷୟ ପାଲଟିଛି। ଉପରୁ ଏହାକୁ ନେଇ ଚାପ ପଡ଼ିଥାଇପାରେ। ଏମ୍‌ପି ମୁନା ଖାଁଙ୍କୁ ବିଲ୍‌କୁ ବିରୋଧକରିବା ଲାଗି ନବୀନ ଦୁଇ ଥର କହିବା ପରେ ଏହା କିପରି ହେଲା ଆଶ୍ଚର୍ଯ୍ୟଜନକ। କିଏ ଏହା ଭିତରେ ଖେଳ କଲା ତାହା ଖୋଜା ଚାଲିଛି ବୋଲି ବଦ୍ରି କହିଛନ୍ତି। ବରିଷ୍ଠ ନେତା ଶଶିଭୂଷଣ ବେହେରା କହିଛନ୍ତି, ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଦଳ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପାର୍ଲାମେଣ୍ଟ କମିଟି ବୈଠକରେ ନବୀନ ବିରୋଧ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାହିଁକି ନିଷ୍ପତ୍ତି ବଦଳିଲା ଏବଂ କେଉଁ ପରିସ୍ଥିତିରେ ଏପରି ହେଲା ସେକଥା ସଭାପତିଙ୍କ ସହ ଆଲୋଚନା ପରେ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ନବୀନଙ୍କୁ ଭେଟି ଫେରିବା ପରେ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଜେଡି ଏକ ଧର୍ମନିରପେକ୍ଷ ଦଳ ଥିଲା, ରହିଛି ଏବଂ ରହିବ ବୋଲି ନବୀନ କହିଥିଲେ। ସେ ନିୟମରେ କୌଣସି ପରିବର୍ତ୍ତନ ହୋଇନାହିଁ କି ହେବନାହିଁ ବୋଲି ପ୍ରସନ୍ନ କହିଛନ୍ତି।

- ବିଜେଡି-ଭାଜପା ଏବେ ବି ଗୋଟିଏ ହୋଇ ଅଛନ୍ତି: ଭକ୍ତ
- ଗୋଟେପଟେ ଜେଲ ଯିବାକୁ ଅନ୍ୟପଟେ ଘର ଭିତର ଡର: ପ୍ରସାଦ
- ବିଜେଡି ଏବେ ୨ଫାଳ ହୋଇଗଲାଣି: ବାବୁ
- ଏହା ଚିନ୍ତାର ବିଷୟ: ବଦ୍ରି



**ମେଘନାଦ ପାଚେରିରେ ମଗରମୁଣ୍ଡ ପୁନଃ ସଂଯୋଗ ହେବ**

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟ ମେଘନାଦ ପାଚେରିରେ ଲାଗିଥିବା ମଗରମୁଣ୍ଡ ଭଙ୍ଗାଯାଇଥିବାବେଳେ ଏହାକୁ ପୁନଃସଂଯୋଗ କରାଯିବ ବୋଲି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। କିଛି ମାସ ତଳେ ମେଘନାଦ ପାଚେରିରେ ଲିକେଜ୍ ହୋଇଥିବା ଜଣାପଡ଼ିଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ଏଏସ୍ଆଇକୁ ଅବଗତ କରାଯାଇଥିଲା। ଯେପରି ଶ୍ରୀମନ୍ଦିରରୁ ପାଣି ନିଷ୍କାସନରେ ସମସ୍ୟା ନ ହେବ ସେଥିପାଇଁ ନୂତନ ପାଇପ୍ ବିଛାଯାଇଥିବାରୁ ଏହି ମଗରମୁଣ୍ଡକୁ ଭଙ୍ଗାଯାଇଥିଲା। ତେବେ କାର୍ଯ୍ୟ ଶେଷ ହେବା ପରେ ଉକ୍ତ ମଗରମୁଣ୍ଡକୁ ପୁନର୍ବାର ଲଗାଯିବ ବୋଲି ସ୍ୱାଇଁ କହିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ବଞ୍ଚାଇବାକୁ ଯାଇ ଦୁର୍ଘଟଣାର ଶିକାର ହେଲେ ବାଇକ୍ ଚାଳକ

ବାଲିଅନ୍ତା, ୪।୪(ନୀଳମାଧବ ସାହୁ)- ହଂସପାଳ-ବନମାଳିପୁର ଜୟଦେବ ରାସ୍ତାର ବାଲିଅନ୍ତା କଲ୍ୟାଣମଣ୍ଡପ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଏକ କାର୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। କାର୍ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ବାଇକ୍ ଚାଳକ ଚକା ତଳେ ଚାପିହୋଇ କିଛିବାଟ ଘୋଷାଡ଼ି ହୋଇ ଯାଇଥିଲେ। ହେଲ୍‌ମେଟ ପିନ୍ଧିଥିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗି ନ ଥିଲା। କିନ୍ତୁ ବାଇକ୍ ଚାଳକଙ୍କ ପିଠି, ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଦୁର୍ଘଟଣାରେ ଆହତ ଜଣେ ଯୁବକଙ୍କୁ ବଞ୍ଚାଇବାକୁ ଯାଇ ନିଜେ ଦୁର୍ଘଟଣାର ଶିକାର ହୋଇଥିବା କୁହାଯାଇଛି। ସୂଚନାଯୋଗ୍ୟ, କାର ଚାଳକ ହଂସପାଳ ନିକଟରେ ଏକ ସ୍କୁଟି ଚାଳକଙ୍କୁ ପ୍ରଥମେ ସାଇଡ୍ ମାରିଥିଲେ। ସ୍କୁଟି ଚାଳକ କାର୍ ପିଛାକରି ଅଟକାଇବାକୁ ଚେଷ୍ଟା କରିଥିଲେ। ଏହା ଦେଖି ପଛରେ ଆସୁଥିବା ଜଣେ ବାଇକ୍ ଚାଳକ ସାହସ ଦେଖାଇ କାର୍ ଆଗକୁ ଆସି ଗାଡ଼ିଟିକୁ ଅଟକାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ କାର୍‌ଟି ବାଇକ୍ ଚାଳକଙ୍କୁ କିଛି ଦୂର ଘୋଷାଡ଼ି ନେଇଥିଲେ। ବାଇକ୍ ଚାଳକ ଚକାତଳେ ଚାପିହୋଇ ରହିଯାଇଥିଲେ। ଲୋକେ କାର୍‌କୁ ଅଟକାଇବା ପରେ ଚକାତଳୁ ବାଇକ୍ ଚାଳକଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ।

### ଫେସବୁକ୍‌ରେ ଭିଡିଓ ଅପ୍‌ଲୋଡକରି ଜୀବନ ହାରିଲେ ଯୁବକ

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ): ପାରିବାରିକ ଅଶାନ୍ତିର ଏକ କରୁଣ ଚିତ୍ର ଖୋର୍ଦ୍ଧାରେ ଦେଖିବାକୁ ମିଳିଛି। ଜଣେ ଯୁବକ ଫେସ୍‌ବୁକରେ ଲାଇଭ୍ ଭିଡିଓ ଅପ୍‌ଲୋଡ କରି ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା କୁମାରବସ୍ତ ଗ୍ରାମର ରାମଚନ୍ଦ୍ର ବଡ଼ଜେନା। ଏନେଇ ତାଙ୍କ ବଡ଼ଭାଇ ହୃଦାନନ୍ଦ ତାପଙ୍ଗ ଷ୍ଟେଶନ ମାଷ୍ଟରଙ୍କୁ ଲିଖିତ ଅଭିଯୋଗ କରି ସାନଭାଇର ମୃତଦେହ ଚିହ୍ନଟ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ରାମଚନ୍ଦ୍ରଙ୍କ ବର୍ଷକର ଝିଅ ରହିଛି। ଗୁରୁବାର ସକାଳେ ମେଡିକାଲ ଯାଉଛି କହି ରାମଚନ୍ଦ୍ର ଘରୁ ବାହାରି ଯାଇଥିଲେ। ହୃଦାନନ୍ଦ ଫେସ୍‌ବୁକରେ ସାନଭାଇ ଏକ ଭିଡିଓ ଅପଲୋଡ କରି ଶ୍ୱଶୁରଘର ଲୋକଙ୍କୁ ଦାୟୀ କରି ଆତ୍ମହତ୍ୟା କରିବାକୁ ଯାଉଥିବା ଦେଖି ପରିବାର ଓ ସମ୍ପର୍କୀୟଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ଟ୍ରେନ ଲାଇନରେ ରାମଚନ୍ଦ୍ରଙ୍କ ମୃତଦେହ ପଡିଥିବା ଦେଖିଥିଲେ।

# ପରେଡ଼୍‌ରେ ଭାଗନେବେ ମହାବିଦ୍ୟାଳୟ ଛାତ୍ରୀଛାତ୍ର

## ରାଜଧାନୀ ପ୍ରତିଷ୍ଠା ଦିବସ ନେଇ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୪।୪ (ବନ୍ଦନା ସେଠୀ)



ବୈଠକରେ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ସହ ଅନ୍ୟମାନେ।

ଏବର୍ଷ ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଆସନ୍ତା ୧୩ ଓ ୧୪ ତାରିଖ ଦୁଇଦିନ ଧରି ପାଳନ ହେବ। ଏନେଇ ଶୁକ୍ରବାର ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ କ୍ୟାପିଟାଲ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି କେବଳ ବିଭିନ୍ନ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରେଡ୍ ଅନୁଷ୍ଠିତ ହେବ। ସେହିଭଳି ବିଦ୍ୟାଳୟ ଓ ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ମଧ୍ୟରେ 'ଆମ ରାଜଧାନୀ' ପ୍ରସଙ୍ଗରେ ନୃତ୍ୟ ଓ ସଙ୍ଗୀତକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତା ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହେବା ସହ ଉକ୍ତ ଦୁଇଦିନ ସନ୍ଧ୍ୟାରେ ଉତ୍କଳ ମଣ୍ଡପଠାରେ ସଭାକାର୍ଯ୍ୟ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମରେ ଆଇନ୍ ଶୃଙ୍ଖଳା, ପାନୀୟ ଜଳ ଏବଂ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ସରକାରୀ, ବେସରକାରୀ, ବାଣିଜ୍ୟିକ ପ୍ରତିଷ୍ଠାନ କୋଠାଗୁଡିକୁ ଆଲୋକୀକରଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।
ବୈଠକରେ ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ଓ ରାଜଧାନୀ ପ୍ରତିଷ୍ଠା ଦିବସ ଆୟୋଜନ କମିଟି ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ପ୍ରତିଷ୍ଠା ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ବିଏମ୍‌ସି ଆସିଷ୍ଟାଣ୍ଟ କମିଶନର ଏନ୍. ଗଣେଶ ବାବୁ, ମାଧ୍ୟମିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ହିମାଂଶୁ ଶେଖର ବେହେରା, ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା, ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ମଙ୍ଗରାଜ, ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପି ଜେ ଶିକ୍ଷାନୁଷ୍ଠାନର ସମର କୋର୍ସ ଆରମ୍ଭ

ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)

ଭୁବନେଶ୍ୱରସ୍ଥିତ ପଞ୍ଚାନନ ଜେନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମର କୋର୍ସ ଆରମ୍ଭ ହୋଇଛି। କରୋନାରେ ଦୁର୍ବଳ ହୋଇଯାଇଥିବା ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଗୁଣବତ୍ତାକୁ ପୂରଣ କରିବା ପାଇଁ ଶିକ୍ଷାବିତ ଡ. ରାଜୀବ କୁମାର ପଣ୍ଡାଙ୍କୁ ଅନୁଷ୍ଠାନର ଶିକ୍ଷା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ଦୀର୍ଘ ବର୍ଷର ଶିକ୍ଷାନୁଭୂତି ଓ ପିଲାଙ୍କ ଶିକ୍ଷା ଗ୍ରହଣ କରିବାର ଅବସ୍ଥାକୁ ଅନୁଧ୍ୟାନ କରି ସ୍ଥାୟୀ ଓ ଅତିଥି ଅଧ୍ୟାପିକାଅଧ୍ୟାପକଙ୍କ ସହଯୋଗରେ ଡ. ପଣ୍ଡା ସମର କୋର୍ସ ଆରମ୍ଭ କରିଛନ୍ତି। ଆଧୁନିକ ଗବେଷଣା ଅନୁସାରେ ବହୁ ଉପଯୋଗୀ ଷ୍ଟଡ଼ି ମ୍ୟାଟେରିଆଲ ତିଆରି କରାଯାଇଛି, ଯାହା ପିଲାଙ୍କ ବିଜ୍ଞାନ ପାଠ ପଢ଼ିବାରେ ବେଶ୍ ସହାୟକ ହେବ। ଏହା ବ୍ୟତୀତ ସ୍ମାର୍ଟ ବୋର୍ଡ ସାହାଯ୍ୟରେ ଶିକ୍ଷା ପ୍ରଦାନ ସହିତ ସ୍ପୋକନ ଇଂଲିଶ, କମ୍ପ୍ୟୁଟର ଫଣ୍ଡାମେଣ୍ଟାଲ କୋର୍ସ, ତର୍କ, ରଚନା, ନାଚ ଓ ସଙ୍ଗୀତ ପ୍ରତିଯୋଗିତା କରାଯିବ। ଏଠାରେ ମନୋରଞ୍ଜନ ଓ ଖେଳକୁଦ ସହ ଜ୍ଞାନ ଆହରଣ ପିଲାଙ୍କ ମଧ୍ୟରେ ଉତ୍ସାହ ଭରିଦେବ। ଦୁଇ ମାସର ଏହି ସମର କୋର୍ସ ମାଗଣା ହୋଇଥିବାବେଳେ କେବଳ ରହିବା ଓ ଖାଇବା ପାଇଁ ଦେୟ ଦେବାକୁ ହେବ। ଅଭିଭାବକମାନେ କ୍ୟାମ୍ପସକୁ ଆସି ସମସ୍ତ ସୁବିଧା ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ପଞ୍ଚାନନ ଜେନା ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଜେନା କହିଛନ୍ତି।

# ସଙ୍ଗୀତ, ନୃତ୍ୟରେ ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି




ସାଂସ୍କୃତିକ କାର୍ଯ୍ୟକ୍ରମ 'ସ୍ପନ୍ଦନିକା'ରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ମହାବିଦ୍ୟାଳୟର ନାଟ୍ୟ ସଂସଦ ଚିରନ୍ତନୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସ୍ପନ୍ଦନିକା' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଦ୍ୱାରା ଅଭିନୀତ ଚଳଚ୍ଚିତ୍ରର ସଙ୍ଗୀତ ଏବଂ ନୃତ୍ୟ ମାଧ୍ୟମରେ ଛାତ୍ରୀଛାତ୍ରମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ହୃଷୀକେଶ ପାତ୍ର ଏହାକୁ ଉଦଘାଟନ କରି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ର ସଂସଦର ଉପଦେଷ୍ଟା ଡ. ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ନାଟ୍ୟ ସଂସଦ ଉପଦେଷ୍ଟା ଡ. ଚକ୍ରଧର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦର ଅଡିଓ ଭିଜୁଆଲ ମାଧ୍ୟମରେ ସେ ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନାଟ୍ୟ ସଂସଦ ସଭାପତି ସାର୍ଥକ କୁମାର ରାଉତ ଓ ଉପସଭାପତି ସୌମ୍ୟ ରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ଚକ୍ରଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ସ୍ୱର୍ଗତ ମହାନ୍ତିଙ୍କର ବିଭିନ୍ନ ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା। ଓଡ଼ିଆ ସିନେ ଜଗତକୁ ତାଙ୍କର ଅତୁଳନୀୟ ଅବଦାନକୁ ସମସ୍ତେ ସ୍ମରଣ କରିଥିଲେ।



ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ 'ନୃତ୍ୟାୟନ'ରେ ଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଦଳଗତ ଓଡ଼ିଶୀ ନୃତ୍ୟ ବିମୋହିତ କଲା

ଭୁବନେଶ୍ୱର,୪।୪(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ନୃତ୍ୟାୟନ' ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଗୁରୁ ମୀରା ଦାସ, ଓଡ଼ିଶୀ ନୃତ୍ୟଗୁରୁ ଅଶୋକ କୁମାର ଘୋଷାଲ ଓ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଗୁରୁ ଚନ୍ଦନ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଛଉନୃତ୍ୟ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ମହାଦେବ ଓ ସାଗର ସଙ୍ଗମ ପରିବେଷଣ କରାଯାଇଥିଲା। ବାଦ୍ୟ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ପ୍ରଦ୍ୟୁମ୍ନ ମହାନ୍ତି ଓ ଗୁରୁ ଗୌରି ମୋହନ ମହାନ୍ତି। ପରେ ଓଡିଶୀ ନୃତ୍ୟ ବିଭାଗର ଛାତ୍ରୀଛାତ୍ର ଶ୍ରୀଗଣେଶ ଓ ବସୁଧା ଦଳଗତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଲିଙ୍ଗରାଜ ପ୍ରଧାନ ଓ ଗୁରୁ ପଙ୍କଜ କୁମାର ପ୍ରଧାନ। ବିଶ୍ୱଜିତ୍ ବଳିୟାରସିଂ ମଞ୍ଚ ପରିଚାଳନା କରିଥିଲେ।

# ସିଫାରେ ମତ୍ସ୍ୟ ଜ୍ଞାନ ଉତ୍ସବ ପାଳିତ

ବାଳକାଟୀ,୪।୪(ମନୋଜ ମଣ୍ଡଳ)

କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ସଂସ୍ଥାନ(ସିଫା)ରେ ମତ୍ସ୍ୟ ଜ୍ଞାନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଜ୍ଞାନ ପ୍ରଦର୍ଶନୀ, ଜୀବନ୍ତ ମାଛ ପ୍ରଦର୍ଶନ ଓ ଶିକ୍ଷାର୍ଥୀ ଓ ବୈଜ୍ଞାନିକଙ୍କ ମଧ୍ୟରେ ଭାବ ବିନିମୟ ହୋଇଥିଲା। ଭୁବନେଶ୍ୱର, ପୁରୀ ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍କୁଲ ଓ କଲେଜର ପ୍ରାୟ ୧ହଜାର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ମଧୁର ମାଛ ସମ୍ପର୍କରେ ଜ୍ଞାନ ଆହୋରଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ମାଛମାନଙ୍କର ପ୍ରଜାତି ଚିହ୍ନଟ ସହ ମାଛଚାଷ କିପରି ଖାଦ୍ୟ ନିରପେକ୍ଷତା ଉପରେ ସାହାଯ୍ୟ କରୁଛି ଜୀବିକା ନିର୍ବାହର ମାଧ୍ୟମ ଓ ପରିବେଶ ସୁରକ୍ଷାରେ ସହାୟକ ହେଉଛି ସେ ସମ୍ପର୍କରେ ଅବଗତ କରାଯାଇଥିଲା। ଆୟୋଜିତ ପ୍ରଦର୍ଶନୀରେ ୨୫ଟି ଆକ୍ୱାରିଅମ୍‌ରେ ଥିବା ଜୈବ ବିବିଧତାସମ୍ପନ୍ନ ମଧୁର ମାଛ ଗୁଡ଼ିକ ଛାତ୍ରୀଛାତ୍ରମାନେ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର, ମିଶନ ଶକ୍ତି, ଷ୍ଟେଟ ବ୍ୟାଙ୍କ ଓ ଓମ୍‌ଫେଡ ପକ୍ଷରୁ ଷ୍ଟଲ ପଡ଼ିଥିଲା। ଏହି ଅବସରରେ ସିଫାର ନିର୍ଦ୍ଦେଶକ ଡ. ପି କେ ସାହୁ ଯୋଗଦେଇ ମତ୍ସ୍ୟ ଜ୍ଞାନ ଉତ୍ସବ କିଶୋରମାନଙ୍କ ବୈଜ୍ଞାନିକ ଅନୁସନ୍ଧିତ୍ସୁତାକୁ ବୃଦ୍ଧି କରିବ ଓ ସେମାନଙ୍କ ବିଜ୍ଞାନକୁ ଗଭୀର ଭାବରେ ବୁଝିବା ସହିତ ମତ୍ସ୍ୟ ବିଜ୍ଞାନରେ କ୍ୟାରିଅର ଗଠନ ପାଇଁ ଉତ୍ସାହିତ କରିବ ବୋଲି ଅତିଥିମାନେ କହିଥିଲେ।

# ଉତ୍କଳମଣି ସରକାରୀ ସ୍କୁଲରେ ଶିକ୍ଷା ସଚେତନତା ରଥ

ତ୍ରିଶୁଳିଆ,୪।୪(ତୁଷାରକାନ୍ତ ବେହେରା)

ଚଳିତ ବର୍ଷରୁ ଖୋଲିଥିବା ଶିଶୁ ବାଟିକା ଶ୍ରେଣୀ ପାଇଁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମକୁ ସଫଳ କରାଇବାକୁ ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ପରିକ୍ରମା କରୁଥିବା ସଚେତନତା ରଥ ଶୁକ୍ରବାର ଉତ୍କଳମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତୀ ମଣି ସିଂଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଶିକ୍ଷକ ସଂଗ୍ରାମ କେଶରୀ ପଟ୍ଟନାୟକ, ଧିରେନ କୁମାର ସାହୁ, ଶିକ୍ଷୟିତ୍ରୀ ସୀମାରାଣି ବେହେରାଙ୍କ ସମେତ ଛାତ୍ରୀଛାତ୍ର ଓ ପରିଚାଳନା କମିଟି ଧୂପଦୀପ ଓ ଫୁଲ ଦେଇ ସ୍ୱାଗତ କରିଥିଲେ। ପରେ ଦାଢ଼ା, ରଘୁନାଥପୁର, କଲ୍ୟାଣପୁର, ବରିମୁଣ୍ଡ, ଇଞ୍ଚଣା ଆଦି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟ ଅଭିମୁଖେ ଯାତ୍ରା କରିଥିଲା।

# ଶ୍ରୀଶ୍ରୀ ଜ୍ଞାନମନ୍ଦିର ଶିକ୍ଷକଙ୍କ ଦକ୍ଷତାବୃଦ୍ଧି କର୍ମଶାଳା

ବାରଙ୍ଗ,୪।୪(ଲିଙ୍ଗରାଜ ରାଉତ)



କର୍ମଶାଳାରେ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଙ୍କ ସହ ଅନ୍ୟମାନେ।

ଶ୍ରୀଶ୍ରୀ ଜ୍ଞାନମନ୍ଦିର (ଆର୍ଟ ଅଫ୍ ଲିଭିଂ) ଓଡ଼ିଶା ତରଫରୁ ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଏକ ୫ଦିନିଆ କର୍ମଶାଳା ଗୁରୁବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଯୋଗଦେଇ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାରେ ଏକ ଶିଶୁର ଅଭିଜ୍ଞତା ସାଙ୍ଗକୁ ବୟସ ବଢ଼ିବା ସହ ଶିକ୍ଷାଲାଭର ପ୍ରତ୍ୟେକ ପର୍ଯ୍ୟାୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। କର୍ମଶାଳାରେ ରାଜ୍ୟର ୧୩ଟି ଜ୍ଞାନ ମନ୍ଦିରରୁ ୮୫ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଉଛନ୍ତି। ଏହି ୫ଦିନିଆ କର୍ମଶାଳାରେ ଜାତୀୟ ଶିକ୍ଷାନୀତି, ବୃତ୍ତିଗତ ଦକ୍ଷତା ବୃଦ୍ଧି, ବିଭିନ୍ନ ବିଷୟରେ ଶୈକ୍ଷିକ ଦକ୍ଷତା ବୃଦ୍ଧି, ପ୍ରଯୁକ୍ତି ବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତା ଓ ଅନୁଭୂତିଭିତ୍ତିକ ଶିକ୍ଷା ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି। ଶ୍ରୀଶ୍ରୀ ଜ୍ଞାନ ମନ୍ଦିର (ଆର୍ଟ ଅଫ ଲିଭିଂ)ର ରାଜ୍ୟସ୍ତରୀୟ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରୁଛନ୍ତି। କାର୍ଯ୍ୟକ୍ରମରେ 'ଟିଇ ଏଣ୍ଡ ଏସସିଇଆରଟି'ର ଅବସରପ୍ରାପ୍ତ ସହନିର୍ଦ୍ଦେଶକ ପ୍ରଶାନ୍ତ ରଥ, କେନ୍ଦୁଝର ଡିଆଇଇଟିର ବରିଷ୍ଠ ପ୍ରଶିକ୍ଷିକା ଦେବସ୍ମିତା ଚକ୍ର ପ୍ରମୁଖ ସାଧନକର୍ମୀ ଭାବେ ଯୋଗ ଦେଇଛନ୍ତି।

# ପୋଲିସ ବିଭାଗର ସବୁ ଦାବି ପୂରଣ ହେବ: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

କଟକ,୪।୪(କାର୍ତ୍ତିକ ସାହୁ)



ଉତ୍ସବକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରୁଛନ୍ତି।

ଓଏସ୍‌ଏପି ଷଷ୍ଠ ବାଟାଲିୟନ ହାବିଲଦାର, କନ୍‌ଷ୍ଟେବଲ୍ ଓ ସିପାହି ଶାଖା ସଂଘର ୪୬ତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ବାଟାଲିୟନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ସରକାର ପୋଲିସ ବିଭାଗ ପ୍ରତି ସଚେତନ ଅଛନ୍ତି। ଆସନ୍ତା ଆର୍ଥିକ ବର୍ଷରେ ସରକାର ସମସ୍ତ ଦାବି ପୂରଣ କରିବେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉତ୍ସବକୁ ଉଦ୍‌ଘାଟନକରି ବାଟାଲିୟନ୍‌ର ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ ନିମନ୍ତେ ଆବେଦନ କଲେ ସରକାର ତାହାକୁ ପୂରା କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇଦେବାକୁ ଘୋଷଣା କରିଥିଲେ। ନବରଙ୍ଗପୁର ବିଧାୟକ ଗୌରିଶଙ୍କର ମାଝୀ, ଦୁର୍ଗର ମୁଖ୍ୟ ଦୁର୍ଗପତି ସୂର୍ଯ୍ୟନାରାୟଣ ମଲ୍ଲିକ, କର୍ପୋରେଟର ଚୌଧୁରୀ ସୁବ୍ରତ ଘଡ଼ାଇ, ଓଡ଼ିଶା ପୋଲିସ ହାବିଲଦାର, ସିପାହି ଓ କନ୍‌ଷ୍ଟେବଲ୍ ମହାସଂଘର ସଭାପତି ଅନିଲ କୁମାର ଷଣ୍ଡ ଏବଂ ସମ୍ପାଦକ କିଶୋର କୁମାର ମହାନ୍ତି ମଞ୍ଚାସୀନ ଥିଲେ। ସଂଘ ସଭାପତି ଅଶୋକ କୁମାର ବେହେରା ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ବିମଳ ପାତ୍ର ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର




ଚିରସନ୍ଧାନ ପକ୍ଷରୁ ଶୁକ୍ରବାର ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।




ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ଶୁକ୍ରବାର ଅନୁଷ୍ଠିତ ଶହୀଦ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ମା'ଙ୍କ ମୃତ୍ୟୁର ୩ ଦିନ ପରେ ପୁଅର ଜୀବନଗଲା

ବେଗୁନିଆ,୪।୪(ସନ୍ଧ୍ୟାରାଣୀ ମିଶ୍ର)

ମା'ଙ୍କ ମୃତ୍ୟୁର ତିନିଦିନ ପରେ ବିଦ୍ୟୁତ୍ ଆଘାତରେ ବଡ଼ପୁଅର ଜୀବନ ଯାଇଛି। ମୃତକ ହେଲେ ବେଗୁନିଆର ତୋଫାନ ସାହୁ। ସୂଚନା ମୁତାବକ, ତୋଫାନ ଘର ଲିପୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି।

### ଏଏସ୍ଆଇ ତୁଷାରକାନ୍ତ ସମ୍ମାନିତ

ବୋଲଗଡ଼,୩।୪(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ବାଙ୍କୋଇ ଫାଣ୍ଡିର ତୁଷାରକାନ୍ତ ନାୟକଙ୍କୁ ଜିଲାର ଶ୍ରେଷ୍ଠ ପୋଲିସ ଏଏସ୍ଆଇଭାବେ ସମ୍ମାନିତ କରାଯାଇଛି। ଗତ ୧ତାରିଖରେ ଖୋର୍ଦ୍ଧାସ୍ଥିତ ରିଜର୍ଭ ପୋଲିସ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍ପି ସାଗରିକା ନାଥ ଏଏସ୍ଆଇ ତୁଷାରକାନ୍ତଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ଥାନାର ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟଦକ୍ଷତା, କର୍ତ୍ତବ୍ୟନିଷ୍ଠା ଓ ଉତ୍ତମ ବ୍ୟବହାର ସହ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସୁରକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟକରୀ ସମସ୍ତଙ୍କର ପ୍ରିୟଭାଜନ ହୋଇଛନ୍ତି। ଏହି ପୁରସ୍କାର ତାଙ୍କୁ ଅଧିକ ଦକ୍ଷତାର ସହ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ତୁଷାରକାନ୍ତ କହିଛନ୍ତି।

### ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦେବୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କଳାପଥର, ୪।୪ (ଗଙ୍ଗାଧର ସାହୁ)

ଠଣାପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦେବୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରତ୍ନାକର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ବିଷ୍ଣୁ ଚରଣ ମିଶ୍ର, ପଦ୍ମ ଚରଣ ବେହେରା, ଯଶୋଦା ସାହୁ, ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର, ଭାଗୀରଥି ଦାଶ, ଶୈଳେନ ପଟ୍ଟନାୟକ, ଅପର୍ତ୍ତି ଅଛି ପ୍ରମୁଖ ଯୋଗଦେଇ ପ୍ରତିମା ଦେବୀଙ୍କ କର୍ମମୟ ଜୀବନର ଗୁଣାବଳୀ ବର୍ଣ୍ଣନା କରିଥିଲେ। ପିଲାମାନଙ୍କ ଦ୍ୱାରା ବିଦାୟ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷକ ପ୍ରଫୁଲ୍ଲ ସିଂହ ଧନ୍ୟବାଦ ଦେଇଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

ବୋଲଗଡ,୪।୪(ଦେବବ୍ରତ ହୋତା)

ବୋଲଗଡ ଶିକ୍ଷାବ୍ଲକ ଅନ୍ତର୍ଗତ ସାନପଦର ଭକ୍ତଚରଣ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକ ଡ.ବିଭୂତି ଭୂଷଣ ଦଳେଇଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ, ମୁଖ୍ୟ ବକ୍ତା ବ୍ଲକ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ଶିକ୍ଷାବିତ୍ ରାଜକିଶୋର ବ୍ରହ୍ମା, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସହଶିକ୍ଷାଧିକାରୀ କୈଳାସ ନାଥ ସ୍ୱାଇଁ, ଏବିଇଓ ଅମିତା ମିଶ୍ର, ସିଆରସିସି ପ୍ରଫୁଲ୍ଲ ଦାସ, ପ୍ରଫୁଲ୍ଲ ଚନ୍ଦ୍ର ସିଂହ, ବୈକୁଣ୍ଠ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା

- ପୁରୀରୁ ଆସିଲା ଆଜ୍ଞାମାଳ
- ଅପରାହ୍ନ ୫ଟାରେ ରଥଟଣା

ନିରାକାରପୁର,୪।୪(ମାନସ ଚନ୍ଦ୍ର ପଟ୍ଟନାୟକ)



ରଥଖଳାରେ ରହିଥିବା ବିଜୟା ରଥ।



ପୁରୀରୁ ଆସିଥିବା ଠାକୁରଙ୍କ ଆଜ୍ଞାମାଳ।

ଅଶୋକାଷ୍ଟମୀ ଅବସରରେ ଶନିବାର ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଅନ୍ତର୍ଗତ ବିଜେ ଡିଆଠାରେ ଥିବା ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଅନୁଷ୍ଠିତ ହେବ। ରଥଖଳାରେ ରଥ ପ୍ରସ୍ତୁତ ହୋଇଥିବା ବେଳେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଟାଙ୍ଗୀ ତହସିଲଦାର ମିତାଲି ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ଶାନ୍ତନୁ ମଲ୍ଲିକ ଏବଂ କପିଳେଶ୍ୱର ଦେବ ପରିଚାଳନା କମିଟିର ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ ଶୁକ୍ରବାର ପୁରୀ ଶ୍ରୀଜଗନ୍ନାଥଙ୍କ ପାଖରୁ ଆଜ୍ଞାମାଳ ଆଣି କପିଳେଶ୍ୱର ଦେବଙ୍କ ନିକଟରେ ପହଞ୍ଚିଥିଲେ। ତେବେ ଶନିବାର ପ୍ରତ୍ୟୁଷରୁ ମାନସିକ ପୂର୍ଣ୍ଣାର୍ଥେ ସ୍ୱତନ୍ତ୍ର ସ୍ନାନ ଓ ପ୍ରାର୍ଥନା, ସକାଳ ୬ଟାରେ ମଙ୍ଗଳ ଆଳତି, ବାଳଧୂପ ଓ ଅଶୋକଫୁଲ ଲାଗି ହେବ। ସକାଳ ୭ଟାରେ ସର୍ବସାଧାରଣ ଦର୍ଶନ ଓ ଶୁଖିଲି ଭୋଗ ସମର୍ପଣ, ପୂର୍ବାହ୍ନ ୧୦ଟାରେ ରଥ ପ୍ରତିଷ୍ଠା, ସାଢେ ୧୧ଟାରେ ଶ୍ରୀଜଗନ୍ନାଥଙ୍କ ପାଖରୁ ଆସିଥିବା ପାଟପତନୀ, ଚନ୍ଦନ କିଳା କପିଳେଶ୍ୱର ଦେବଙ୍କୁ ଲାଗିହେବ। ମଧ୍ୟାହ୍ନ ୧୨ଟାରେ ଶଙ୍ଖୁଡ଼ି ଭୋଗଲାଗି ଓ ମଧ୍ୟାହ୍ନ ଧୂପ, ଅପରାହ୍ନ ୧ଟାରେ କପିଳେଶ୍ୱର ଦେବ ବିଜୟା ମଣ୍ଡପକୁ ଯାତ୍ରା, ସାଢ଼େ ୧ଟାରେ ଆରେଡ଼ି ଗ୍ରାମରୁ ଗ୍ରାମେଶ୍ୱର ଦେବଙ୍କ ଆଗମନ, ଅପରାହ୍ନ ସାଢେ ୨ଟାରେ ଗ୍ରାମେଶ୍ୱର ଦେବଙ୍କ ଆଳତି ଓ କୋଠ ଭୋଗ, ଅପରାହ୍ନ ୪ଟାରେ ଶ୍ରୀଜୀଉମାନଙ୍କ ରଥାରୂଢ଼, ଅପରହ୍ନ ୪ଟା ୩୫ରେ ସାରଥି ଭଗବାନ ବ୍ରହ୍ମାଙ୍କ ରଥାରୂଢ଼, ରଥରେ ଅଶ୍ୱ ଓ ଦଉଡ଼ି ସଂଯୋଗ, ଅପରାହ୍ନ ୫ଟାରେ ଶ୍ରୀଜୀଉମାନଙ୍କ ରଥ ଟଣା ଆରମ୍ଭ, ଅପରାହ୍ନ ସାଢେ ୫ଟାରେ ପଣାକିଆରିରେ ରଥ ଉପରେ ପଣା ଭୋଗ, ସନ୍ଧ୍ୟା ସାଢେ ୬ଟାରେ ଶ୍ରୀଜୀଉମାନଙ୍କ ରଥ ଉପରେ ବେଦବାଡ଼ିରେ ବିଶ୍ରାମ କାର୍ଯ୍ୟକ୍ରମ ରହିଛି ବୋଲି କପିଳେଶ୍ୱର ଦେବଙ୍କ ପରିଚାଳନା କମିଟି ସଭ୍ୟ କିଶୋର କୁମାର ଦାଶ, ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି ।



ଜଟଣୀ କୁଦିଆରୀ ଗ୍ରାମସ୍ଥିତ ମା'ଜାଗୁଳାଇ ଏବଂ ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ କାଳରାତ୍ରି ବେଶ। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼/ମାନସ ଚନ୍ଦ୍ର ପଟ୍ଟନାୟକ)

# ଓଡ଼ିଆରେ ନାମଫଳକ ଲେଖିବା ଅଭିଯାନ

ବାଣପୁର,୪।୪(ଦିଲୀପ କୁମାର ସ୍ୱାଇଁ )

ଓଡ଼ିଆ ପକ୍ଷ ପାଳନର ୪ର୍ଥ ଦିବସରେ ବାଣପୁରସ୍ଥିତ ସାହିତ୍ୟ ସିନ୍ଧୁରା ଓ ବାଲୁଗାଁ-ବାଣପୁର ଶାଖା ଭାଷା ସାହିତ୍ୟ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନର ନାମଫଳକ, ବିଜ୍ଞାପନ ଓ ହୋର୍ଡିଂ ଆଦି ନିର୍ଭୁଲ ଓଡ଼ିଆରେ ଲେଖିବା ଆହ୍ୱାନ ଦିଆଯାଇ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ସାହିତ୍ୟ ସିନ୍ଧୁରାର ପ୍ରତିଷ୍ଠାତା ସମ୍ପାଦକ ଗୋଲକ ବିହାରୀ ପରିଡ଼ା, ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ରଙ୍ଗନାଥ ସେଠୀଙ୍କ ନେତୃତ୍ୱରେ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାହିତ୍ୟିକ ଓ ଭାଷାପ୍ରେମୀଙ୍କ ଗହଣରେ ଏହି ପଦଯାତ୍ରା ପଲଟଣ ପଡିଆ ସନ୍ନିକଟ ମା' ଚିଙ୍କିରାଇ ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରୁ ବାହାରି ବଡ଼ହନୁଆଡ଼ ଛକ, ଗାଲୁଆ ଛକ, ଥାନା ଛକ, କଲେଜ ଛକ ଦେଇ ବାଣପୁର ସହର ପରିକ୍ରମା କରି ବିଷରପାଟଣା ଛକଠାରେ ଏହି ଅଭିଯାନ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷକ ଲକ୍ଷ୍ମୀ ଚରଣ ପ୍ରଧାନ, ଶିକ୍ଷକ ଶିଶିର କୁମାର ଦାସ, ବ୍ରଜ କିଶୋର ଜେନା, ଭଗବତୀ କଳା ନିକେତନର ସମ୍ପାଦିକା ବିଷ୍ଣୁପ୍ରିୟା ବାରିକ, ଭାଷା ସୁରକ୍ଷା ସମ୍ମିଳନୀର ସମ୍ପାଦକ ଶେଷଦେବ ମହାରଣା, ଆଇନଜୀବୀ ରବୀନ୍ଦ୍ର ନାଥ ମାନସିଂହ, ଏକତା ପରିଷଦ ଟ୍ରଷ୍ଟର ସମ୍ପାଦିକା ସୁଶ୍ରୀ ସନ୍ଧ୍ୟା ଦେବୀ, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।




ଓଡ଼ିଆରେ ନାମଫଳକ ଲେଖିବା ଅଭିଯାନ କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ।

### ତ୍ରିନାଥ ବଜାର ବଣିକ ସଂଘ ପକ୍ଷରୁ ଜଳଛତ୍ର

ବୋଲଗଡ଼,୪।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ରାଜସୁନାଖଳା ଦେଇଯାଇଥିବା ଜାତୀୟ ରାଜପଥର ତ୍ରିନାଥ ବଜାର ଛକଠାରେ ଶୁକ୍ରବାର ତ୍ରିନାଥ ବଜାର ବଣିକ ସଂଘ ପକ୍ଷରୁ ଜଳଛତ୍ର ସେବା ଆରମ୍ଭ ହୋଇଛି। ପ୍ରଥମ ଦବସରେ ଦହିପଣା, ଥଣ୍ଡା ପାନୀୟ ଓ ମିଶ୍ରି ପଣା ଆଦି ବଣ୍ଟନ କରାଯାଇଛି। ଏହି ଅବସରରେ ଶତାଧିକ ବାଟୋଇମାନେ ଅଟକି ରହି ନିଜର ତୃଷା ମେଣ୍ଟାଇଥିଲେ। ଏହି ଜଳଛତ୍ର କାର୍ଯ୍ୟକ୍ରମକୁ ବଜାର କମିଟି ସମ୍ପାଦକ ନିରଞ୍ଜନ ପ୍ରଧାନଙ୍କ ସମେତ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

### ବିଶ୍ୱଶାନ୍ତି ଯଜ୍ଞ ପାଇଁ ପ୍ରସ୍ତୁତି

ବେଗୁନିଆ,୪।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ବୋତଲମା ଗ୍ରାମର ମା'ବାଉତୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଯୁଧିଷ୍ଠିର ଜେନାଙ୍କ ଅଧ୍ୟକ୍ଷତାରେ ବ୍ଲକ ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ସରପଞ୍ଚ ଦେବାଶିଷ ବେହେରା, ସୁଶାନ୍ତ କୁମାର ମହାପାତ୍ର, ନୀଳାମ୍ବର ବୈରିଗଞ୍ଜନଙ୍କ ସମେତ କମିଟିର ସଦସ୍ୟମାନେ ଯୋଗଦେଇ ଶୃଙ୍ଖଳିତ ଭାବେ ଯଜ୍ଞ କାର୍ଯ୍ୟ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୪।୪ (ମାନସ ଚନ୍ଦ୍ର ପଟ୍ଟନାୟକ )

ସ୍ଥାନୀୟ ରାମେଶ୍ୱର ଗ୍ରାମର ଇଷ୍ଟଦେବ ଶ୍ରୀରାମନିଧି ଦେବଙ୍କ ପୀଠରେ ଆରମ୍ଭ ହୋଇଛି ଚତ୍ୱାରିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ। ଏହି ଉପଲକ୍ଷେ ଗ୍ରାମର ମାନସିକଧାରୀ ମହିଳା ପୁରୁଷ ମଲାଗୁଣି ନଦୀରୁ ପାଣି ଉଠାଇ ପଟୁଆରରେ ଆସି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପରେ ରୀତିନୀତି ଅନୁସାରେ ଯଜ୍ଞକର୍ମ ସହ ଧେନୁପୂଜା, ସୂର୍ଯ୍ୟପୂଜା ଆଦି ପାରମ୍ପରିକ ପୂଜାବିଧି ଅନୁଷ୍ଠିତ ହେଉଛି। ଅନୁରୂପଭାବେ ଦୈନିକ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଆହୁତ ଦିଆଯିବା ସହ ରୁଦ୍ରାଭିଷେକ, ବିଷ୍ଣୁସହସ୍ରନାମ, ଚଣ୍ଡୀପାଠ ଓ ଶ୍ରୀମଦ ଭଗବତଗୀତା ମଧ୍ୟ ପଠନ କରାଯାଉଛି।

# ମୋରମ ଖନନ ନେଇ ଗ୍ରାମବାସୀ-ମାଫିଆ ମୁହାଁମୁହିଁ

ଯାଁଳା,୪।୪(ବୁଲା ବାରିକ)

**୪ ଜେସିବି, ୫ ହାଇୱା ଜବତ**

ଇନ୍ଫୋସିଟି ଥାନା ମଦନପୁର ପଞ୍ଚାୟତ ଅଧୀନ ଦେଉଳିଆ ମୁଣ୍ଡିଆ ଜଙ୍ଗଲ ଜମିରୁ ମୋରମ ଖନନ ନେଇ ସ୍ଥାନୀୟ ଗ୍ରାମବାସୀ ଏବଂ ମାଫିଆଙ୍କ ମଧ୍ୟରେ ବଚସା ସହ ମୁହାଁମୁହିଁ ହୋଇଥିଲେ। ଜଙ୍ଗଲ ବିଭାଗ କର୍ମଚାରୀ ଏବଂ ଇନ୍ଫୋସିଟି ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ପୋଲିସ ଘଟଣାସ୍ଥଳରୁ ୪ଟି ଜେସିବି ମେଶିନ ଓ ୫ଟି ହାଇୱା ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଦେଉଳିଆ ମୁଣ୍ଡିଆ ଜଙ୍ଗଲ ଜମିରୁ ମୋରମ ଖନନ ନେଇ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ମାଫିଆମାନେ ଉକ୍ତ ସ୍ଥାନରୁ ମୋରମ ଖନନ କରୁଥିବା ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୋରମ ଖନନକୁ ଗ୍ରାମବାସୀ ବିରୋଧ କରିବାରୁ ମାଫିଆମାନେ ଧମକ ଦେଇଥିଲେ। ପରେ ଉଭୟ ପକ୍ଷ ମଧ୍ୟରେ ବଚସା ଓ ମୁହାଁମୁହିଁ ହୋଇଥିଲେ। ପରେ ଜଙ୍ଗଲ ବିଭାଗ କର୍ମଚାରୀ ଏବଂ ଇନ୍ଫୋସିଟି ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ପରିସ୍ଥିତି ଶାନ୍ତପଡିଥିଲା। ୪ଜେସିବି, ୫ଟି ହାଇୱା ଜବତ ହୋଇଥିବା ବେଳେ ଚାଳକଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି।

# ଶିକ୍ଷା ସଚେତନତା ରଥକୁ ସ୍ୱାଗତ



ଶିକ୍ଷା ସଚେତନତା ରଥକୁ ସ୍ୱାଗତ ଜଣାଉଛନ୍ତି ।

ନିରାକାରପୁର,୪।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଶିକ୍ଷା ହେଉଛି ଦେଶର ମେରୁଦଣ୍ଡ ତଥା ବିକାଶର ଚାବିକାଠି। ବିଶେଷକରି ପ୍ରାଥମିକ ଶିକ୍ଷା ଯେଉଁଠି ଯେତେ ସୁଦୃଢ଼ ସେଠାରେ ବିକାଶ ସେତେ ଅଧିକ ତ୍ୱରାନ୍ୱିତ। ଏହି ଉକ୍ତିକୁ ନେଇ ଟାଙ୍ଗୀ ମଣ୍ଡଳର ଶିକ୍ଷା ସଚେତନତା ରଥ ଶୁକ୍ରବାର ସ୍ଥାନୀୟ ଭୂଷଣ୍ଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲା। ରଥ ରହିବା ସ୍ଥାନରେ ମୁରୁଜ ଦ୍ୱାରା ସମଗ୍ର ଶିକ୍ଷା ଅଭିଯାନର ପ୍ରତୀକ, ଝୋଟି ଚିତା ଅଙ୍କନ କରି ପୂର୍ଣ୍ଣକୁମ୍ଭରେ ସଜାଯାଇଥିଲା। ବିଦ୍ୟାଳୟର ପିଲାମାନେ ଶିକ୍ଷା ସଚେତନତା ଉପରେ ଆଧାରିତ ସଙ୍ଗୀତକୁ ନାଚ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା, ଟାଙ୍ଗୀ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅମ୍ଳାନ ପ୍ରହରାଜ, ସାଧନକେନ୍ଦ୍ର ସଂଯୋଜକ ସପନ ସର୍ଦ୍ଦାର, ଶିକ୍ଷକ ପବିତ୍ର ସାହୁ, ତପନ ହାଲଦାର, ବନ ବିହାରୀ ପ୍ରତିହାରୀ, ରମାକାନ୍ତ ପ୍ରହରାଜ, ସୁଶୀଲ ସର୍କାର, ରମେଶ ପଲେଇ, ପ୍ରତାପ ଜେନା, ରାକେଶ ଜେନା, ସୁବାସ ଚନ୍ଦ୍ର ସାମନ୍ତରାୟ, ଜ୍ଞାନେନ୍ଦ୍ର ପାଣିଗ୍ରାହୀ, ଶିକ୍ଷୟିତ୍ରୀ ରୁକ୍ମଣି ଦାଶ, ଜ୍ୟୋତ୍ସ୍ନାମୟୀ ବେହେରା, ଜ୍ୟୋତ୍ସ୍ନା ଭୋଇ, ନୀଳିମା ପଣ୍ଡା, ଶିବାନୀ ଦାସ, ଝୁମୁକି ବେହେରା, ନିରୁପମା ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଗାଇଡ୍ସର ରାଜ୍ୟ ପୁରସ୍କାର ପରୀକ୍ଷା



ପରୀକ୍ଷାରେ ଭାଗ ନେଇଥିବା ଛାତ୍ରମାନେ।

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାସ୍ଥିତ ବିଜେବି ଉଚ୍ଚ ବିଦ୍ୟାଳୟଠାରେ ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଗାଇଡ୍ସର ରାଜ୍ୟ ପୁରସ୍କାର ପରୀକ୍ଷା ଜିଲା ଶିକ୍ଷାଧିକାରୀ ସୋନାମିକା ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ୬୭ଜଣ ସ୍କାଉଟ୍ସ ଏବଂ ୯୨ଗାଇଡ୍ସ ୧୪ଟି ବିଦ୍ୟାଳୟର ମୋଟ ୧୬୯ଜଣ ଭାଗନେଇଥିବା ବେଳେ ୧୦ଜଣ ସ୍କାଉଟ ମାଷ୍ଟର ଓ ୪ଜଣ ଗାଇଡ୍ କ୍ୟାପ୍ଟେନ ଯୋଗଦେଇଛନ୍ତି। ପରୀକ୍ଷା ପରିଚାଳନା ପାଇଁ ଓଡ଼ିଶା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ଚନ୍ଦନ କୁମାର ଦାସ ନିୟୋଜିତ ହୋଇଛନ୍ତି। ଜିଲା ସ୍କାଉଟ କମିଶନର ପ୍ରଭାକର ସାହୁ ପରୀକ୍ଷା କାର୍ଯ୍ୟକୁ ଆରମ୍ଭ କରିଥିଲେ। ପୀତବାସ ପଟ୍ଟନାୟକ, ଦିବାକର ପଟ୍ଟନାୟକ, ରମେଶ ଚନ୍ଦ୍ର ବଳବନ୍ତରାୟ ପରୀକ୍ଷା କାର୍ଯ୍ୟରେ ଯୋଗଦେଇଥିବା ବେଳେ ଜିଲା ସମ୍ପାଦକ ସୁଧାକର ମହାପାତ୍ର, ସହ ସମ୍ପାଦକ ପ୍ରକାଶ କୁମାର ପଲାଇ, ଜିଲା ଗାଇଡ କମିଶନର ଜୟନ୍ତୀ ହୋତା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦିଲୀପ କୁମାର ମୋଦି, ଅଫିସ ଆସିଷ୍ଟାଣ୍ଟ ସଞ୍ଜୟ କୁମାର ବଳବନ୍ତରାୟ, ଜିଲା ତାଲିମ କମିଶନର ମାନସ କୁମାର ସେଠୀ, ଚିତ୍ତରଞ୍ଜନ ବରାଳ, ତପସ୍ୱିନୀ ପଟ୍ଟନାୟକ, ରଚିତା ପଟ୍ଟନାୟକ, ସସ୍ମିତା ଜେନା, ନୃସିଂହ ପ୍ରସାଦ ସିଂ ପ୍ରମୁଖ ପରୀକ୍ଷା କାର୍ଯ୍ୟରେ ସହଯୋଗ କରିଥିଲେ। ଖୋର୍ଦ୍ଧା ବ୍ଲକ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ପରୀକ୍ଷା ଶିବିର ପରିଦର୍ଶନ କରିଥିଲେ।

## ମହାବୀର ଦେବ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# କଳିଙ୍ଗ ସ୍ପୋର୍ଟିଂ ଫାଇନାଲରେ

ବୋଲଗଡ଼,୪।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ୧୩ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ନାରାୟଣୀପଡ଼ା ସ୍କୁଲ ପଡିଆରେ ଅନୁଷ୍ଠିତ ମହାବୀର ଦେବ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଟଣୀ ଗୋଡ଼ପାଟଣାର ବାବା ସ୍ପୋର୍ଟିଂକୁ ୨-୧ ଗୋଲରେ ହରାଇ ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଶରତ ଚନ୍ଦ୍ର ଛୋଟରାୟ ମ୍ୟାଚ୍ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍ସରେ ସୁଶାନ୍ତ ମିଶ୍ର ଓ ଚିତ୍ତରଞ୍ଜନ ପରିଡ଼ା ସହଯୋଗ କରିଥିଲେ। ମ୍ୟାଚ୍ କମିଶନର ଭାବେ ଏମ୍.ଏସ୍. ବେଗ ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥିଭାବେ ସ୍ଥାନୀୟ ସମିତିସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଆରିକିଲା ସରପଞ୍ଚ ପ୍ରମୋଦ ରାଉତରାୟ, ଫାସିଓଦା ସମିତିସଭ୍ୟ ପ୍ରଦୀପ ପ୍ରଧାନ, ପୂର୍ବତନ ସରପଞ୍ଚ ବିଜୟ କୁମାର ଗୁମାନସିଂ, ବ୍ରଜରାଜ ରାଉତ, ଅଧ୍ୟାପକ ପ୍ରଦୀପ କୁମାର ସାହୁ, ସାମାଜିକ କର୍ମୀ ଦ୍ୱିଜରାଜ ରାଉତ, ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ବାରିକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ କୁହୁଡ଼ିର ବାବା ସ୍ପୋର୍ଟିଂ ଏବଂ କଳିଙ୍ଗ ସ୍ପୋର୍ଟିଂ ଟିମ୍ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# ରଘୁ-ଦିବାକରଙ୍କ ବଳିଦାନ ଅତୁଳନୀୟ

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ରଣପୁର ପ୍ରଜା ଆନ୍ଦୋଳନର ମହାନ୍ ବିପ୍ଳବୀ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଶହୀଦ ରଘୁ-ଦିବାକର ୧୯୨୮ ମସିହାରେ ଖୋର୍ଦ୍ଧା ହାଇସ୍କୁଲର ଛାତ୍ର ଥିଲେ। ତାଙ୍କ ଅମର ଗାଥା ଦେଶ ଓ ଜାତି ସ୍ମରଣ କରୁଥିବା ବେଳେ ତାଙ୍କୁ ମନେପକାଇ ବିଜେବି ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ପ୍ରଧାନ ଶିକ୍ଷକ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭାରେ ଐତିହ୍ୟ ଗବେଷକ ସତ୍ୟବାଦୀ ବଳିଆରସିଂହ କହିଥିଲେ, ରଘୁ-ଦିବାକର ଗଡ଼ବାଣୀକିଲରୁ ପ୍ରାଥମିକ ଓ ରଣପୁର ଗଡ଼ରୁ ମାଇନର ପାସ୍ କଲାପରେ ଖୋର୍ଦ୍ଧା ହାଇସ୍କୁଲରେ ମାଟ୍ରିକ୍ ପଢ଼ିଥିଲେ। ସେମାନେ ରଣପୁର ରାଜା ଶାସନର ଅନ୍ୟାୟ ଅନୀତି ବିରୋଧରେ ପ୍ରଜା ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ଭୟଙ୍କର ହେବାରୁ ଦମନ ପାଇଁ ପଲିଟିକାଲ ଏଜେଣ୍ଟ ମେଜର ବେଜଲଗେଟ ରଣପୁର ଆସିଥିଲେ। କିନ୍ତୁ ପ୍ରଜାଙ୍କ ଠେଙ୍ଗା ମାଡ଼ରେ ସେ ନିହତ ହୋଇଥିଲେ। ଏହି ହତ୍ୟାକାଣ୍ଡରେ ଉଭୟଙ୍କୁ ଅଭିଯୁକ୍ତ କରାଯାଇ ରଘୁ-ଦିବାକରଙ୍କୁ ୧୯୪୧ ଏପ୍ରିଲ ୪ରେ ବିହାର ଭାଗଲପୁର ଜେଲରେ ଫାଶୀ ଦିଆଯାଇଥିଲା। ଏହି ଦୁଇ ଶହୀଦଙ୍କ ଜୀବନୀ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବ ବୋଲି ସେ କହିଥିଲେ। ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଆଲୁମ୍ନି କମିଟି ସଦସ୍ୟ ବିମଳ କୁମାର ଷଡ଼ଙ୍ଗୀ, ରାଜେନ୍ଦ୍ର କୁମାର ନରେନ୍ଦ୍ର, ଇତିଶ୍ରୀ ସାହୁ, ଡ.ବୃନ୍ଦାବନ ପଣ୍ଡା, କୃଷ୍ଣଚନ୍ଦ୍ର ହରିଚନ୍ଦନ, କବି ଗୋବିନ୍ଦ ଚନ୍ଦ୍ର ମହାରଣା, ଅବିନାଶ ପ୍ରଧାନ, ସମରେନ୍ଦ୍ର ବଳିୟାରସିଂହ ପ୍ରମୁଖ ଯୋଗଦେଇ ସ୍ତୁତିଚାରଣ କରିଥିଲେ।



ଶହୀଦ୍ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ମା' ମଙ୍ଗଳାଙ୍କ ସିଂହବାହିନୀ ବେଶ**

କାକଟପୁର,(ଶୁଭଦର୍ଶନ ମିଶ୍ର) ବାସନ୍ତୀକ ମହାସପ୍ତମୀ ଅବସରରେ ଶୁକ୍ରବାର କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ସିଂହବାହିନୀ ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୪ଟା ୩୦ରେ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ସକାଳ ଧୂପ, ଦ୍ୱିପହର ଧୂପ, ସନ୍ଧ୍ୟାଧୂପ ଆଦି ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ସନ୍ଧ୍ୟା ୭ଟାରେ ସ୍ୱତନ୍ତ୍ର ନୀତିକାନ୍ତି ପରେ ମା' ମଙ୍ଗଳାଙ୍କୁ ସିଂହବାହିନୀ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦେଖିବାକୁ ମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୪।୨୦୨୫

| | |
|---|---|
| ୪,୨୮,୯୩୦ ଟଙ୍କା | |
| ସୁନା | ୧.୬୦୦ ଗ୍ରାମ୍ |
| ରୁପା | ୫୦୦ ମିଲି ଗ୍ରାମ୍ |

## ସଂକ୍ଷେପରେ

### କୋଣାର୍କ ଶିରିଡ଼ି ସାଇ ବାବାଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

କୋଣାର୍କ,୪।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଲାବନ୍ୟଲଜ ଛକ ଠାରେ ଥିବା ଶିରିଡ଼ି ସାଇନାଥଙ୍କ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଯେ, ଶ୍ରୀ ଶ୍ରୀ ଶିରିଡ଼ି ସାଇ ସଂସ୍ଥାନ ଟ୍ରଷ୍ଟ ଆନୁକୂଲ୍ୟରେ ଗୁରୁବାର ଶିରିଡ଼ି ସାଇନାଥଙ୍କ ମନ୍ଦିର ଠାରେ ନୂତନ ବିଗ୍ରହ ପ୍ରତିଷ୍ଠା ଅବସରରେ କଳସ ଶୋଭାଯାତ୍ରା ଓ ଅଧିବାସ କାର୍ଯ୍ୟ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ସମ୍ପାଦିତ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନ ସମୟରେ ଶିରିଡ଼ି ସାଇନାଥଙ୍କ ମନ୍ଦିର ଠାରେ ନୂତନ ବିଗ୍ରହ ପ୍ରତିଷ୍ଠା ପୂଜ୍ୟ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ପରେ ପରେ ମନ୍ଦିର ପରିସରରେ ହୋମ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେବା ସହିତ ପୂର୍ଣ୍ଣାହୁତି କାର୍ଯ୍ୟ ଧାର୍ମିକ ରୀତିନୀତି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା। କାର୍ଯ୍ୟକ୍ରମ ଶ୍ରୀ ଶ୍ରୀ ଶିରିଡ଼ି ସାଇ ସଂସ୍ଥାନ ଟ୍ରଷ୍ଟର ଦେବରାଜ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ବିଷ୍ଣୁ ପ୍ରସାଦ ଜେନା, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ସଞ୍ଜୟ କୁମାର ବେହେରା ସମେତ ଟ୍ରଷ୍ଟର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

### ସରସ୍ୱତୀ ବିଦ୍ୟାମନ୍ଦିରର ୩ୟ ବାର୍ଷିକୋତ୍ସବ

ଉତ୍ତମ ଛାତ୍ର ଗଠନରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ପିପିଲି,୪।୪(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ଜଇଶପାଟଣାସ୍ଥିତ ଶାନ୍ତି ମଇଦାନଠାରେ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରର ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପିପିଲି ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ନନ୍ଦ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ବହୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ପିପିଲିର ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ, ରାଜକିଶୋର ସ୍ୱାଇଁ, ପୁରୀ ଜିଲା ଶିକ୍ଷା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଅଧକ୍ଷ ସନ୍ତୋଷ ପରିଡ଼ା ମୁଖ୍ୟବକ୍ତା ଏବଂ ଶିକ୍ଷାବିତ ଚରଣ ନାୟକ ଯୋଗଦେଇ ଉତ୍ତମ ଛାତ୍ର ଗଠନରେ ମାତାପିତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିସହ ଉକ୍ତ ବିଦ୍ୟାଳୟ ପ୍ରତି ସହାୟତାର ହାତ ବଢ଼ାଇଥିବା ବ୍ୟକ୍ତିବିଶେଷଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମ୍ପାଦକ ସଞ୍ଜିତ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସନ୍ତାପ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଅଶ୍ୱିନୀ ପାଣ୍ଡେ ଧନ୍ୟବାଦ ଦେଇଥିଲେ।

# ଘରୋଇ ଉଦ୍ୟୋଗ ପାଇଁ ଜମି ଲିଜ୍ ଦେବାକୁ ବିରୋଧ

ସାକ୍ଷୀଗୋପାଳ,୪।୪(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)




ସତ୍ୟବାଦୀରେ ଥିବା ଉପଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଏବଂ ଆଞ୍ଚଳିକ ନାରିକେଳ ଗବେଷଣା କେନ୍ଦ୍ର ଭୂସମ୍ପତ୍ତିରୁ ଏକ ଘରୋଇ ଉଦ୍ୟୋଗ ପାଇଁ ଜମି ଲିଜ ଦିଆଯିବାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ତୁରନ୍ତ ଏହି ନିଷ୍ପତ୍ତିରୁ ସରକାର ଓହରିଯିବାକୁ ଦାବି କରାଯାଇଛି। ନଚେତ ଆନ୍ଦୋଳନ କରାଯିବ ବୋଲି ସତ୍ୟବାଦୀର ଆଇନଜୀବୀ ଓ ବୁଦ୍ଧିଜୀବୀଙ୍କ ସମେତ ଯୁବସଂଗଠନ, କୃଷକ ସଙ୍ଗଠନ, ବିଭିନ୍ନ ରାଜନୈତିକ ସଂଗଠନ, ବରିଷ୍ଠ ନାଗରିକ ମଞ୍ଚ, ସତ୍ୟବାଦୀ ବିକାଶ ପରିଷଦ ଆଦି ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନା ଅନୁଯାୟୀ, ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ୧୨୪ ଏକର ଜମିରେ ଉପଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଓ ଆଞ୍ଚଳିକ ନାରିକେଳ ଗବେଷଣା କେନ୍ଦ୍ର ରହିଛି। ଏଠାକୁ ଦେଶର ବିଭିନ୍ନ ରାଜ୍ୟରୁ ନଡ଼ିଆ ଅଣାଯାଇ ଗବେଷଣା କରାଯାଉଥିଲା। କାର୍ଯ୍ୟାଳୟ ପରିସରସ୍ଥ ବିସ୍ତୃତ ଜମିରେ ପ୍ରାୟ ୧୦.୦୦୦ରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ଲଗାଯାଇ ଉନ୍ନତମାନର ନଡ଼ିଆ ଉତ୍ପାଦନ କରାଯାଉଥିଲା। ସେ ସମୟରେ ସହସ୍ରାଧିକ ଲୋକ କର୍ମ ନିଯୁକ୍ତି ପାଇଥିବାବେଳେ ବହୁ ନଡ଼ିଆ ଚାଷୀଙ୍କ ଆର୍ଥିକ ପରିବର୍ତ୍ତନ ଘଟିଥିଲା। ତେବେ ୨୦୧୨ରେ ଉପଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ବାଲିଗୁଆଳିକୁ ସ୍ଥାନାନ୍ତର ନିମନ୍ତେ ଉଦ୍ୟମ ହୋଇଥିଲା। ସେତେବେଳେ ଅଞ୍ଚଳବାସୀଙ୍କ ଦୃଢ଼ ବିରୋଧ ପରେ ସ୍ଥାନାନ୍ତର ପ୍ରକ୍ରିୟା ବନ୍ଦ ରହିଥିଲା।

ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟାଳୟ ପରିସରରେ ଥିବା ଜମିରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟକୁ ୪୩ ଏକର, କୃଷି ବିଭାଗକୁ ୮ ଏକର ଏବଂ ଆଦର୍ଶ ବିଦ୍ୟାଳୟକୁ ୧୦ ଏକର ଜମି ପ୍ରଦାନ କରାଯାଇଛି। କାର୍ଯ୍ୟାଳୟକୁ ବାଦ୍ ଦେଇ ଏହା ପରିସରରେ ଥିବା ୬୪ ଏକର ଜମିକୁ ସମ୍ପ୍ରତି ଏକ ଘରୋଇ ସଂସ୍ଥାକୁ ଦିଆଯିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଉପଉଦ୍ୟାନ କୃଷି ଅଧିକାରୀ ମଞ୍ଜୁଳା ତ୍ରିପାଠୀ କହିଛନ୍ତି, ଏହି କାର୍ଯ୍ୟାଳୟ ପରିସରରେ ଥିବା ସମସ୍ତ ଭୂସମ୍ପତ୍ତିକୁ ଲିଜ୍ ଭାବେ ଅଧିଗ୍ରହଣ କରିବା ପାଇଁ କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ଆମ ପକ୍ଷରୁ ଉଭୟ କାର୍ଯ୍ୟାଳୟ ନିମନ୍ତେ ଆବଶ୍ୟକୀୟ ଜମି ଛାଡ଼ି ଅବଶିଷ୍ଟ ଜମିକୁ ଲିଜ୍ ଭାବେ ଅଧିଗ୍ରହଣ କରିବା ପାଇଁ ଚିଠି ଦ୍ୱାରା ଅନୁରୋଧ କରାଯାଇଛି। ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା ଏ ନେଇ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, କୃଷି ଓ ଉଦ୍ୟାନ ବିଭାଗର ନିର୍ଦ୍ଦେଶକ, ପୁରୀ ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସତ୍ୟବାଦୀ ଚାଷୀ ସଙ୍ଗଠନର ସଭାପତି ଗୋବିନ୍ଦ ମହାପାତ୍ର କହିଛନ୍ତି, ସତ୍ୟବାଦୀକୁ ଶ୍ରୀହୀନ କରିବା ପାଇଁ ଏହା ସରକାରଙ୍କ ଚକ୍ରାନ୍ତ। ଭଲ ନଡ଼ିଆ ଉତ୍ପାଦନ ନିମନ୍ତେ ବିଶ୍ୱ ଦରବାରରେ ସତ୍ୟବାଦୀର ସ୍ୱତନ୍ତ୍ର ପରିଚୟ ରହିଛି। ଏହାକୁ ପ୍ରୋତ୍ସାହନ ଦିଆଯିବା ବଦଳରେ ଆମ ଭାତହାଣ୍ଡିକୁ ନାତ ମରାଯାଉଛି। ସରକାର ଯଦି ଏହି ନିଷ୍ପତ୍ତିରୁ ନ ଓହରନ୍ତି ତେବେ ଚାଷୀମାନେ ରାସ୍ତାକୁ ଓହ୍ଲାଇବେ। ସେହିପରି ସତ୍ୟବାଦୀ ବିକାଶ ପରିଷଦ ତଥା ବରିଷ୍ଠ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ କହିଛନ୍ତି, ନଡ଼ିଆ ଚାଷ ଓ କତା ଉତ୍ପାଦନ ତଥା ଏହାକୁ ନେଇ କଳାକୃତି କରି ବଞ୍ଚୁଥିବା ସହସ୍ରାଧିକ ଲୋକେ ପ୍ରଭାବିତ ହେବେ। ତେଣୁ ଏହି ପ୍ରକ୍ରିୟା ଶୀଘ୍ର ବନ୍ଦ ହେବା ଆବଶ୍ୟକ। ନଚେତ ଜନଆନ୍ଦୋଳନ ହେବ ବୋଲି ସେ ଚେତାଇ ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ଅମର ନନ୍ଦ କହିଛନ୍ତି, ଏହି କାର୍ଯ୍ୟାଳୟ ପରିସରରେ ଏବେବି ହଜାର ହଜାର ନଡ଼ିଆ ଗଛ ରହିଛି। କୃଷି ନିମନ୍ତେ ବିଭିନ୍ନ ଗବେଷଣା କରାଯାଉଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଚାଷୀମାନେ ଦୈନିକ ଏଠାକୁ ଆସି ଉନ୍ନତମାନର ଚାରା ନେଇଥାନ୍ତି। ସରକାର କୃଷି ଓ କୃଷକଙ୍କ ବିକାଶ ପାଇଁ ଅନେକ ଯୋଜନା କରୁଥିବା ବେଳେ ଏଠାରୁ ଜମିକୁ ଲିଜ୍ ଭାବେ ଅନ୍ୟ ସଂସ୍ଥାକୁ ଟେକିଦେବା ନିନ୍ଦନୀୟ ଘଟଣା। ସେହିପରି ନିଖିଳ ଓଡ଼ିଶା ନାରିକେଳ କୃଷକ ସଙ୍ଗଠନର ସଭାପତି ହୃଷୀକେଶ ମିଶ୍ର କହିଛନ୍ତି, ସରକାର ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ସତ୍ୟବାଦୀର ବିଭିନ୍ନ ଅନୁଷ୍ଠାନ ବିଶେଷକରି ଚାଷୀ ସଙ୍ଗଠନଗୁଡ଼ିକର ପରାମର୍ଶ ନେବା ଉଚିତ ଥିଲା। ସରକାର ଶୀଘ୍ର ଏହି ନିଷ୍ପତ୍ତିରୁ ଓହରନ୍ତୁ ବୋଲି ସେ ଦାବି କରିଛନ୍ତି। ବରିଷ୍ଠ ଭାଜପା ନେତା ତ୍ରିଲୋଚନ ରଥ କହିଛନ୍ତି, ଏହା ସତ୍ୟବାଦୀର ଏକ ପ୍ରମୁଖ ସଂସ୍ଥା। ଏହାକୁ ବିକଶିତ କରିବା ଆମ ସରକାରଙ୍କର ଯୋଜନା ରହିଛି। ମାତ୍ର ଏହି ସମ୍ପତ୍ତିକୁ ଅନ୍ୟ ସଂସ୍ଥାକୁ ଲିଜ୍ ଦିଆଯିବା ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ।

**ନିଷ୍ପତ୍ତିରୁ ସରକାର ନ ଓହରିଲେ ଜନ ଆନ୍ଦୋଳନ ଚେତାବନୀ**




ଶିଳ୍ପୀ ମାନସ ସାହୁ ସ୍ୟାଣ୍ଡ ଆନିମେଶନ ମାଧ୍ୟମରେ ଗୁରୁବାର ଦିବଂଗତ ବଲିଉଡ୍ ଅଭିନେତା ମନୋଜ କୁମାରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

# ଉତ୍ତମ ସମ୍ପର୍କ, ଶାନ୍ତିଶୃଙ୍ଖଳାର ସହ ଚଳିବା




କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ ।

ଅସ୍ତରଙ୍ଗ,୪।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

ସମୁଦ୍ରକୂଳ ଦେଇ ଅନୁପ୍ରବେଶ ଭୟ ସର୍ବଦା ରହିଛି। ସମୁଦ୍ର ଭିତରେ ସନ୍ଦିଗ୍ଧ ବ୍ୟକ୍ତି, ଅନୁପ୍ରବେଶକାରୀ ଅବା ସନ୍ଦେହଜନକ ସାମଗ୍ରୀ ନଜର ପଡ଼େ, ତୁରନ୍ତ ପୋଲିସକୁ ସୂଚନା ଦେବାକୁ ମୁଖ୍ୟ ଅତିଥି ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ସଚେତନତା କାର୍ଯ୍ୟକ୍ରମରେ କହିଥିଲେ। ଶୁକ୍ରବାର ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ଼ ସାମୁଦ୍ରିକ ଥାନା ପକ୍ଷରୁ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ଉପଖଣ୍ଡ ଅଧିକାରୀ ପାଢ଼ୀ, ମୁଖ୍ୟବକ୍ତା ନୂଆଗଡ଼ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ନୂଆଗଡ଼ ସମିତିସଭ୍ୟା ରାମଚନ୍ଦ୍ର ନାୟକ, ଟେକ୍ନିକାଲ ଷ୍ଟାଫ୍ ମାଷ୍ଟର ପ୍ରକାଶ ଦାଶ, ବିପ୍ରଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ଓ ସାଧାରଣ ଜନତା ହେଉଛନ୍ତି ପରସ୍ପର ବନ୍ଧୁ। ସ୍ଥାନୀୟ ଅଞ୍ଚଳରେ ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ରଖିବା ଓ ଶାନ୍ତିଶୃଙ୍ଖଳାର ସହ ଚଳିବା ପାଇଁ ମୁଖ୍ୟବକ୍ତା ଜିତେନ୍ଦ୍ର ସ୍ୱାଇଁ କହିଛନ୍ତି। ସରକାରଙ୍କ ନିର୍ଦ୍ଦେଶକ୍ରମେ ନୂଆଗଡ଼ ସାମୁଦ୍ରିକ ଥାନା ପରିସରରେ ବୃକ୍ଷରୋପଣ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ସାଂସ୍କୃତିକ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଏସ୍ଆଇ ଯୁଧିଷ୍ଠିର ସାହୁ ଧନ୍ୟବାଦ ଦେଇଥିଲେ।

**ପୋଲିସ ଓ ସାଧାରଣ ଜନତା ମଧ୍ୟରେ ବନ୍ଧୁତ୍ୱ ସମ୍ପର୍କ**

# ଖାଉଟିଙ୍କୁ ଅପମିଶ୍ରିତ ଖାଦ୍ୟପଦାର୍ଥରୁ ଦୂରେଇ ରହିବାକୁ ପରାମର୍ଶ

ସାକ୍ଷୀଗୋପାଳ,୪।୪(ଭରତ ରାଉତ)

ନ୍ୟାଶନାଲ ଇଣ୍ଟିଗ୍ରେଟେଡ୍ ହ୍ୟୁମାନ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ଡେଭ୍‌ଲପମେଣ୍ଟ ଏଜେନ୍ସି (ନିହିଡା) ଖାଉଟି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ସତ୍ୟବାଦୀ ବ୍ଲକ ଅଧୀନ ବିଦ୍ୟାଧରପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ସହକାରୀ ନିୟନ୍ତ୍ରକ ଅକ୍ଷୟ କୁମାର ଭୋଇ ଓଜନ ଓ ମାପ ବିଭାଗଙ୍କ ଅଧକ୍ଷତାରେ କର୍ମଶାଳା ଆରମ୍ଭ ହୋଇଥିଲା। ନିହିଡ଼ାର ସମ୍ପାଦକ ଭକ୍ତ ବିହାରୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଦୁଃଶାସନ ପ୍ରଧାନ ଯୋଗଦେଇ ଖାଉଟି ସୁରକ୍ଷା ଆଇନ ପ୍ରତ୍ୟେକ ସମୟରେ ଖାଉଟିଙ୍କ ଅଧିକାରକୁ ସୁନିଶ୍ଚିତ କରିବାକୁ ଜିଲାସ୍ତରରୁ ଜାତୀୟସ୍ତର ପର୍ଯ୍ୟନ୍ତ ଅଭିଯୋଗ ଦାଖଲ ନିମନ୍ତେ ଆବଶ୍ୟକ ରସିଦ ସଂଗ୍ରହ ପୂର୍ବକ ମାଗଣାରେ ଦାଖଲ ପରାମର୍ଶ ଦେଇଥିଲେ। ସହକାରୀ ନିୟନ୍ତ୍ରକ ଭୋଇ ଖାଉଟିଙ୍କୁ ଉପଭୋକ୍ତା ସୁରକ୍ଷା ଆଇନ ସମ୍ପର୍କିତ ସମସ୍ତ କ୍ଷତିଗ୍ରସ୍ତ ଖାଉଟି ଓ ଠକାମିର ଶିକାର ହୋଇଥିବା ବ୍ୟକ୍ତିବିଶେଷଙ୍କୁ ମିଥ୍ୟା ବିଜ୍ଞାପନ ଓ ଅପମିଶ୍ରଣ ଖାଦ୍ୟପଦାର୍ଥଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଓଜନ ଓ ମାପ ସମ୍ବନ୍ଧୀୟ ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ପଦ୍ମଚରଣ ସେଠୀ ଓ କୃଷ୍ଣଚରଣ ଉପସ୍ଥିତ ଥିଲେ। କର୍ମଶାଳାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସହ ଖାଉଟିଙ୍କୁ ଧୈର୍ଯ୍ୟର ସହିତ ସରକାରୀ ଅନୁମୋଦିତ ଚିହ୍ନ ଦେଖି ସାମଗ୍ରୀ ବିକ୍ରି କରିବାକୁ ସମ୍ପାଦକ ମିଶ୍ର ପରାମର୍ଶ ଦେଇଥିଲେ। ଶଶୀଶେଖର ପଣ୍ଡା ଓ ଟୁଲୁଲୁ ବେହେରା ପରିଚାଳନା ପୂର୍ବକ ଧନ୍ୟବାଦ ଦେଇଥିଲେ।

## ରାମନବମୀରେ ହେବ ଶ୍ରୀକ୍ଷେତ୍ର ପରିକ୍ରମା

ପୁରୀ, ୪।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ଶ୍ରୀରାମ ମହୋତ୍ସବ ସମିତି ପକ୍ଷରୁ ଆସନ୍ତା ୬ତାରିଖ ପବିତ୍ର ରାମନବମୀରେ ଭବ୍ୟ ଶୋଭାଯାତ୍ରା ସହ ଶ୍ରୀକ୍ଷେତ୍ର ପରିକ୍ରମା କାର୍ଯ୍ୟକ୍ରମ ଆୟୋଜନ ହେବ। ଏ ନେଇ ଶୁକ୍ରବାର ସମିତି ପକ୍ଷରୁ ସୂଚନା ଦିଆଯାଇଛି। ୬ତାରିଖ ଅପରାହ୍ନ ୩ଟାରେ ଶ୍ରୀକ୍ଷେତ୍ର ପରିକ୍ରମା ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଶ୍ରୀରାମ ମନ୍ଦିରରୁ ବାହାରି ମୋଚି ସାହି ଛକ, ଦୋଳମଣ୍ଡପ ସାହି, ସିଂହଦ୍ୱାର, ମାର୍କେଟ ଛକ, କୁମ୍ଭାରପଡ଼ା, ଗୁଣ୍ଡିଚା ମନ୍ଦିର ଦେଇ ହାତୀ ଆଖଡ଼ା ମଠରେ ଶେଷ ହେବ। କାର୍ଯ୍ୟକ୍ରମରେ ପୁରୀରେ ପାଞ୍ଚ ସମ୍ପ୍ରଦାୟର ମଠାଧୀଶ, ସାଧୁସନ୍ଥ ଯୋଗଦେଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଜୀବନୀ ସମ୍ପର୍କରେ ପଥପ୍ରାନ୍ତ ସଭା ମାଧ୍ୟମରେ ବକ୍ତବ୍ୟ ଦେବେ। ଶୋଭାଯାତ୍ରାରେ ୫୦୦ରୁ ଅଧିକ ମୋଟରସାଇକେଲ ସାମିଲ ହେବ। ବ୍ୟବସ୍ଥା ପ୍ରମୁଖ ଭାବେ ଗୌରବ କୁମାର କର, ଦିଲୀପ ମିଶ୍ର, ଶାନ୍ତନୁ ପାଣ୍ଡେ, ବ୍ୟବସ୍ଥା ନିରୀକ୍ଷକ ଭାବେ ସୁମନ୍ତ ପ୍ରଧାନ, ଅଭିଷେକ ମେକାପ, ଦିବାକର ମହାରଣା, ଯୁଧିଷ୍ଠିର ଓ ମନୋଜ ପ୍ରମୁଖ ଦାୟିତ୍ୱରେ ରହିଛନ୍ତି। ଆବଶ୍ୟକ ପୂର୍ତ୍ତି ଅଧିକାରୀ ଭାବେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ସଭାପତି ଗିରିଶ ଚନ୍ଦ୍ର ନାୟକ କହିଛନ୍ତି।

# ଘରେ ପଶି ଦମ୍ପତିଙ୍କୁ ଆକ୍ରମଣ କରି ଟଙ୍କା, ସୁନାଗହଣା ଲୁଟ

ବଳଙ୍ଗା,୪।୪(କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ କମଦରୀ ଗାଁରେ ଗୁରୁବାର ବିଳମ୍ବିତ ରାତ୍ରିରେ ଟେଣ୍ଟ ମାଲିକ କୁମର ଛାଟୋଇଙ୍କ ଘରେ ଲୁଟ୍ ହୋଇଛି। ଦୁଇରୁ ଊର୍ଦ୍ଧ୍ୱ ମୁଖାପିନ୍ଧା ଦୁର୍ବୃତ୍ତ କୁମରଙ୍କ ଘରେ ପଶି ତାଙ୍କୁ ଓ ତାଙ୍କ ସ୍ତ୍ରୀ ଶୈଳବାଳାଙ୍କୁ ଲୁହା ରଡ୍‌ରେ ମରଣାନ୍ତକ ଆକ୍ରମଣ କରି ଏକଲକ୍ଷ ଟଙ୍କା, ୪ଟି ସୁନାହାର ଆଦି ଲୁଟି ନେଇଥିବା ଅଭିଯୋଗ ହୋଇଛି। ମୁଣ୍ଡରେ ଗଭୀର ଆଘାତ ଲାଗି ଗୁରୁତର ହୋଇଥିବା ଏହି ଦମ୍ପତିଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସାଇଣ୍ଟିଫିକ ଟିମ୍ ସହ ବଳଙ୍ଗା ପୋଲିସ ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ତଦନ୍ତ ଜାରି ରଖିଛି। କୁମରଙ୍କ ଘରକାମ ଚାଲୁଥିବା ବେଳେ ସେ, ତାଙ୍କ ସ୍ତ୍ରୀ ଓ ନାତୁଣୀ ଗୋଟିଏ ଘରେ ଶୋଇଥିବା ବେଳେ ପୁଅ, ବୋହୂ ଅନ୍ୟ ଘରେ ଶୋଇଥିଲେ। ବାଉିପଟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ କୁମରଙ୍କ ଶୋଇବା ଘର କବାଟ ଭାଙ୍ଗି ପଶିଥିଲେ। କୁମର ଓ ତାଙ୍କ ସ୍ତ୍ରୀ ଉଠିପଡ଼ିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ନାତୁଣୀ ଖଟ ତଳେ ପଶିଯାଇ ଜୀବନ ରକ୍ଷା କରିଥିଲେ। ଦୁର୍ବୃତ୍ତମାନେ ଲୁଟ୍ କରି ଫେରାର ହୋଇଯିବା ପରେ ସଙ୍କଟାପନ୍ନ ଅବସ୍ଥାରେ କୁମର ଓ ତାଙ୍କ ସ୍ତ୍ରୀଙ୍କୁ ଉଦ୍ଧାର କରାଯାଇ ମେଡିକାଲକୁ ନିଆଯାଇଥିଲା।

# କୁଶୁପୁରକୁ ହରାଇ ଭିଲିଗ୍ରାମ କ୍ରିକେଟ କ୍ଲବ୍ ବିଜୟୀ




କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

ନିମାପଡ଼ା,୪।୪(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବ୍ଲକ୍ ଭିଲିଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଖେଳପଡ଼ିଆରେ ୩ୟ ବାଇଧର ବଳରାମ ସ୍ମାରକୀ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଦିଲୀପ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ନିମାପଡ଼ା ଏବଂ ଗୋପ ବ୍ଲକ୍‌ର ଭିଲିଗ୍ରାମ, ବିଷ୍ଣୁପୁର, ତୁଳସୀପୁର, ଅଂସାଲୋ, ହରିପୁର, ବଳଙ୍ଗା, ରେଞ୍ଚ ଓ ଗୋପ ଆଦି ୮ଟି ଟିମ୍ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚରେ ବିଷ୍ଣୁପୁର ଏବଂ କୁଶୁପୁର ପରସ୍ପରକୁ ଭେଟିଥିଲେ। ଗ୍ରାଣ୍ଡ ଫିନାଲେରେ କୁଶୁପୁର କ୍ରିକେଟ ଟିମ୍‌କୁ ହରାଇ ଭିଲିଗ୍ରାମ କ୍ରିକେଟ କ୍ଲବ୍ ବିଜୟୀ ହୋଇଛି। ସମ୍ମାନିତ ଅତିଥି ଭାବେ ଯୁବନେତା ରଘୁନାଥ ଗିରି ଯୋଗଦେଇଥିଲେ। ଭିଲିଗ୍ରାମ କ୍ରିକେଟ କ୍ଲବ ଏହି ମେଗା ଟୁର୍ନାମେଣ୍ଟର ଆୟୋଜକ ହୋଇଥିବାବେଳେ ନିମାପଡ଼ା ହୋଟେଲ ଏହାର ପ୍ରାୟୋଜକ ଥିଲେ। ଚଳିତବର୍ଷର ଚାମ୍ପିୟନ ଦଳ ଭିଲିଗ୍ରାମ କ୍ରିକେଟ କ୍ଲବକୁ ଟ୍ରଫି ସହ ୫ହଜାର ଏବଂ ରନର୍‌ଅପ କୁଶୁପୁର କ୍ରିକେଟ ଦଳକୁ ୩ହଜାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା।

# ନୟାହାଟରେ ଆଇନଶୃଙ୍ଖଳା ପରିସ୍ଥିତି ବିଗୁଡୁଥିବା ଅଭିଯୋଗ

ଯୋଗେଶ୍ୱରପୁର, ୪।୪(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ନୟାହାଟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଥିବା ଭାଜପା ଅଭିଯୋଗ ଆଣି ଏସ୍‌ପିଙ୍କ ଦୃଷ୍ଟି ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ନୟାହାଟ ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ଦାବି ହେଉଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇନାହିଁ। ୬ଟି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଆଇନ୍ ସହାୟତା ପାଇଁ ଫାଣ୍ଡି ଉପରେ ନିର୍ଭର କରିଥାନ୍ତି। ଫାଣ୍ଡିରେ କର୍ମଚାରୀ ଅଭାବ ଥିବାବେଳେ ପୋଲିସ ଭ୍ୟାନ ନାହିଁ। ତେଣୁ ନୟାହାଟରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ନୟାହାଟ ବଜାରରେ ଜବରଦଖଲ ଉଚ୍ଛେଦ କରାଯାଉ ନ ଥିବାରୁ ପ୍ରତିଦିନ ଶିଙ୍ଗପାନିଆଁ ଗ୍ରାମଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତା ଜାମ୍ ହେଉଛି। ଯାନବାହନ ଚଳାଚଳ ସ୍ୱାଭାବିକ କରାଇବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡୁଛି। ଅନ୍ୟପକ୍ଷରେ ଆଗାମୀ ଦିନରେ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଗୋପ ତହସିଲଦାର ଅନିଲ କୁମାର ମହାନ୍ତି କହିଛନ୍ତି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ନୟାହାଟ ଫାଣ୍ଡିକୁ ଥାନାରେ ପରିଣତ କରିବା ଓ ପୋଲିସ ଭ୍ୟାନ ଯୋଗାଇଦେବା ସହ ନୂତନ କର୍ମଚାରୀ ନିଯୁକ୍ତି ଦେବାକୁ ଭାଜପା ମଣ୍ଡଳ ସଭାପତି ରକ୍ତପଳ ନାୟକ, ବରିଷ୍ଠ କର୍ମୀ ଅନନ୍ତ ସାହୁ ଓ କେଦାର ସାହୁ ପ୍ରମୁଖ ଏସ୍‌ପିଙ୍କୁ ଦାବି ଜଣାଇଛନ୍ତି। ନଚେତ ଆଗାମୀ ଦିନରେ ଭାଜପା ରାସ୍ତାକୁ ଓହ୍ଲାଇବ ବୋଲି ସମ୍ପୃକ୍ତ ନେତାମାନେ କହିଛନ୍ତି।

**ଏସ୍‌ପିଙ୍କ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା**

# ଅଭିଯୁକ୍ତଙ୍କ ଗିରଫ ଦାବି: ଥାନାରେ ଗ୍ରାମବାସୀଙ୍କ ଧାରଣା

ଡେଲାଙ୍ଗ, ୪।୪(ରଶ୍ମିରଞ୍ଜନ ପ୍ରଧାନ)

ମରଣାନ୍ତକ ଆକ୍ରମଣ କରି ପ୍ରାୟ ୨ଲକ୍ଷ ଟଙ୍କା, ସୁନାଚେନ୍, ହିସାବ ଖାତା ଆଦି ଲୁଟ୍ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁନାହିଁ। ତେଣୁ ଏହାର ପ୍ରତିବାଦରେ ବସନ୍ତପୁର ଗ୍ରାମର ପୀଡ଼ିତ ପରିବାର ଓ ଗ୍ରାମବାସୀ ଡେଲାଙ୍ଗ ଥାନା ସମ୍ମୁଖରେ ଶୁକ୍ରବାର ମଧ୍ୟାହ୍ନରେ ଧାରଣା ଦେଇଛନ୍ତି। ଖବରପାଇ ପିପିଲି ଆରକ୍ଷୀ ଉପଖଣ୍ଡ ଅଧିକାରୀ ଡେଲାଙ୍ଗ ଥାନାରେ ପହଞ୍ଚି ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଶ୍ୱାସନା ଦେବାରୁ ଗ୍ରାମବାସୀ ଗାଁକୁ ଫେରିଯାଇଥିଲେ।

ସୂଚନାଯୋଗ୍ୟ, ନଦୀବନ୍ଧ ସଡ଼କ ସଂଯୋଗ ରାସ୍ତା ମାଟିକାମକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ୧୭।୨।୨୦୨୫ରେ ମାର୍‌ପିଟ ହୋଇଥିଲା। ଏହି ଘଟଣାରେ ପୋଲିସ ୨ ଗୋଷ୍ଠୀରୁ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଅଭିଯୁକ୍ତମାନେ ଜାମିନରେ ଆସି ଠିକାଦାର ଜୟକୃଷ୍ଣ ସ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ବର୍ତ୍ତମାନ ସ୍ୱାଇଁ ଅଦ୍ୟାବଧି ଭୁବନେଶ୍ୱର ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

**ମରଣାନ୍ତକ ଆକ୍ରମଣ କରି ଟଙ୍କା, ସୁନା ଲୁଟ୍ ଘଟଣା**




ଥାନା ଆଗରେ ଗ୍ରାମବାସୀ ଧାରଣା ଦେଇଛନ୍ତି ।

# ଓଡ଼ିଆରେ ନାମଫଳକ ଅଭିଯାନ: ସଚେତନତା ରଥର ଶୁଭାରମ୍ଭ

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ପକ୍ଷ ପାଳନ ଅବସରରେ ୪ର୍ଥ ଦିନରେ ଶୁକ୍ରବାର ଓଡ଼ିଆ ନାମଫଳକ ଅଭିଯାନ ଓ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୀ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ରଥର ଶୁଭାରମ୍ଭ କରି କହିଥିଲେ, ଆମ ଓଡ଼ିଆ ପରମ୍ପରା ଓ ଐତିହ୍ୟ ଅତ୍ୟନ୍ତ ଗୌରବମୟ। ଏହାର ପ୍ରଚାର ପ୍ରସାର ଆମ ସମସ୍ତଙ୍କ ଦାୟିତ୍ୱ। ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନର ନାମ ଫଳକର ସର୍ବାଗ୍ରେ ଓଡ଼ିଆ ରହିବା ବିଧେୟ। ଏହାର ଉଲ୍ଲଂଘନ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ନେବା ସହ ସମସ୍ତଙ୍କୁ ସଚେତନ କରାଇବାକୁ ବେହେରା ଡିଭିଜନାଲ ଶ୍ରମ ଆୟୁକ୍ତ (ଡିଏଲ୍‌ସି)ଙ୍କୁ ପରାମର୍ଶ ଦେଇଥିଲେ। ଏହି ରଥ ସହର ପରିକ୍ରମା କରିବା ସହ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସମସ୍ତଙ୍କୁ ସଚେତନ କରାଇବେ ବୋଲି ଜଣାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଡିଏଲ୍‌ସି ଚୌଧୁରୀ ସୁବ୍ରତ କୁମାର ଜେନା, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଏଏଲ୍‌ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିକ୍ରମ କେଶରୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରେ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ବାଣିଜ୍ୟିକ ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କୁ ସଚେତନ କରାଯାଇଥିଲା।




ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ।

ସମ୍ମୁଖରେ ଶୁକ୍ରବାର ମଧ୍ୟାହ୍ନରେ ଧାରଣା

# ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିର୍ମାଣକୁ ବିରୋଧ

■ଉତ୍ତ୍ୟକ୍ତ ଲୋକଙ୍କ ସହ ରାସ୍ତାରେ ଆଲୋଚନା କଲେ ଉପଜିଲାପାଳ

■ଜନଶୁଣାଣି ନ କରି ଫେରିଗଲେ ଅଧିକାରୀ

ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୪।୪ (ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ସ୍ଥିତ ଇଡ୍‌କୋର ପ୍ଲଟ୍ ନଂ-୮୦ରେ ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିର୍ମାଣ ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ ଗୋପାଳପୁର ଗ୍ରାମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଶୁକ୍ରବାର ଆୟୋଜନ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ଉପଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୪ ଜଣିଆ ଟିମ୍ ପହଞ୍ଚିଥିଲେ। ହେଲେ ଏହା ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ଜନଶୁଣାଣି ସ୍ଥାନରେ ପହଞ୍ଚି ବିନା ସୂଚନାରେ ଏବଂ ଗ୍ରାମଠାରୁ ପ୍ରାୟ ୩ କି.ମି. ଦୂରରେ କାହିଁକି ଭିତିରିଆ ଜନଶୁଣାଣି ବ୍ୟବସ୍ଥା କରାଯାଇଛି ବୋଲି କହି ପାଟିତୁଣ୍ଡ କରିଥିଲେ। ଏପରି କି ସେଠାରେ ଟେଣ୍ଟ ନିର୍ମାଣ କରାଇ ଦେଇ ନ ଥିଲେ। ଫଳରେ ଜନଶୁଣାଣିକୁ ଆସିଥିବା ଉପଜିଲାପାଳ ଓ ଅନ୍ୟ ଅଧିକାରୀ ବସିବା ପାଇଁ ଚେୟାର ନ ପାଇ ରାସ୍ତାରେ ଆଲୋଚନାକରି ଫେରିଯାଇଥିଲେ।

ଅଭିଯୋଗ ଅନୁଯାୟୀ, ଉକ୍ତ ପ୍ରକଳ୍ପ ନିର୍ମାଣ ପାଇଁ ନିର୍ଦ୍ଧାରିତ ହୋଇଥିବା ସ୍ଥାନଠାରୁ ମାତ୍ର ୩୦ ମିଟର ଦୂରରେ ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲ ରହିଥିବାବେଳେ ୫୦ ମିଟର ଦୂରରେ ମେଗା ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି। ଏଠାରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିର୍ମାଣ ହେଲେ ପରିବେଶ ପ୍ରଦୂଷଣ ହେବ। ସେହିପରି ଜଳ ଦୂଷିତ ହେବା ସହ ଛାତ୍ରୀଛାତ୍ରଙ୍କ ପାଠପଢାରେ ପ୍ରଭାବ ପଡିବ। ୨ ବର୍ଷ ପୂର୍ବେ ତତ୍କାଳୀନ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ବିରୋଧ ସତ୍ତ୍ୱେ ସରକାର ପୁଣିଥରେ ପ୍ରକଳ୍ପ ନିର୍ମାଣ ପାଇଁ ମନ ବଳାଇଛନ୍ତି। ଆଗାମୀ ଦିନରେ ଏହି ପ୍ରକଳ୍ପ ନିର୍ମାଣ କରାଗଲେ ତୀବ୍ର ବିରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ୩୦ ଦିନ ପରେ ବାଣୀପଦାସ୍ଥିତ କଲ୍ୟାଣ ମଣ୍ଡପରେ ଜନଶୁଣାଣି କରାଯିବ। ସେଠାରେ ଗ୍ରାମବାସୀ ମୌଖିକ ଓ ଲିଖିତ ଅଭିଯୋଗ କରିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରିସ୍ଥିତି ଶାନ୍ତ ପଡ଼ିଥିଲା। ବିରୋଧ ସମୟରେ ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ଗଣେଶ୍ୱର ବେହେରା, ବରିଷ୍ଠ ଭାଜପା ନେତା ଜୟନ୍ତ ସ୍ୱାଇଁ, ସମିତି ସଭ୍ୟ ସୁରେନ୍ଦ୍ର ସାମଲ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ଉଦୟ ରାଉଳ, ଅଜୟ ପ୍ରଧାନ, ସରୋଜ ଚନ୍ଦ୍ର ଦାସ, କେଦାର ସୁବୁଦ୍ଧିରାୟଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ୩ ପ୍ଲାଟୁନ୍ ଫୋର୍ସ ଉପସ୍ଥିତ ଥିଲେ।



ଉପଜିଲାପାଳ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

# ନାରୀ ଋଷିଙ୍କ ବୈଶିଷ୍ଟ୍ୟ ସ୍ୱତନ୍ତ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବୈଦିକ ନାରୀ ଋଷି ଶୀର୍ଷକ ଆଲୋଚନାଚକ୍ର**

କଟକ,୪।୪(କାର୍ତ୍ତିକ ସାହୁ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ବୈଦିକ ନାରୀ ଋଷି ଶୀର୍ଷକ ବାର୍ଷିକ ଆଲୋଚନାଚକ୍ର ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ. ବିଚିତ୍ରା ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରକୁ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସଂସ୍କୃତ ପ୍ରଫେସର ଡ. ଗୋପାଳକୃଷ୍ଣ ଦାଶ ଉଦ୍‌ଘାଟନ କରି ବୈଦିକ ଋଷି ପରମ୍ପରାରେ ନାରୀ ଋଷିମାନଙ୍କର ସାମାଜିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ବୈଶିଷ୍ଟ୍ୟ ସ୍ୱତନ୍ତ୍ର ବୋଲି କହିଥିଲେ। ମୁଖ୍ୟ ଅତିଥି ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. କାଦମ୍ବିନୀ ଦାଶ, ମୁଖ୍ୟବକ୍ତା ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପିକା ଡ. ଇନ୍ଦିରା ପଟ୍ଟନାୟକ ଯୋଗଦେଇ ବୈଦିକ ନାରୀ ଋଷି ତଥା ସାବିତ୍ରୀଙ୍କ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭାଗ ମୁଖ୍ୟା ଡ. ମେନକାରାଣୀ ସାହୁ ସ୍ୱାଗତ ଭାଷଣ, ଅଧ୍ୟାପିକା ସ୍ମୃତିରାଣୀ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଜୁହିରାଣୀ ଠାକୁର ଆଲୋଚନାଚକ୍ର ପରିଚାଳନା କରିଥିବାବେଳେ ଅଧ୍ୟାପିକା ବନିତା ଦଳାଇ, ଅଧ୍ୟାପିକା ସାନୁ ସାହୁ ସହଯୋଗ କରିଥିଲେ। ଅଧ୍ୟାପିକା ଡ. ଜ୍ୟୋତିର୍ମୟୀ ପରିଡ଼ା ଧନ୍ୟବାଦ ଦେଇଥିଲେ। ଏଥିରେ ଅଧ୍ୟାପିକା ଡ. ବନ୍ଦନା ପାଠକ, ଡ. ପ୍ରଣତି ପ୍ରିୟଦର୍ଶିନୀ, ଡ. ଯୋଗମାୟା ପଣ୍ଡା ଯୋଗଦେଇଥିଲେ।

## ସଂକ୍ଷେପରେ

### ରାମନବମୀ ଶୋଭାଯାତ୍ରା ପାଇଁ ପୋଲିସର ତତ୍ପରତା

କଟକ ସଦର,୪।୪(ସୁଶାନ୍ତ କୁମାର ଜେନା)

ରାମନବମୀ ଉପଲକ୍ଷେ କିଶନ ନଗର ଥାନା ଅନ୍ତର୍ଗତ ମାଣପୁର ପଞ୍ଚାୟତର କଲରାବାଙ୍କ ରାମମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ପ୍ରହରାଜପୁର ଓ ମାଣପୁର ପଞ୍ଚାୟତ ପରିକ୍ରମା କରିବ। ରାଜ୍ୟ ସଭାରେ ୱାକଫ ସଂଶୋଧନ ବିଲ୍ ଗୃହୀତ ହେବା ପରିପ୍ରେକ୍ଷୀରେ ଶୁକ୍ରବାର ସାଲେପୁର ଡିଏସ୍‌ପି ବିରଞ୍ଚି ନାରାୟଣ ପତି ଶୋଭାଯାତ୍ରା ସମ୍ପର୍କରେ ସରପଞ୍ଚମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଶୋଭାଯାତ୍ରା ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକମାନେ ବସବାସ କରୁଥିବା ବସ୍ତି ବାଟେ ଯିବ। ସେଥିପାଇଁ କିଶନ ନଗର ଥାନା ଅଧିକାରୀ ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ସହିତ ଡିଏସ୍‌ପି ପତି ବିସ୍ତୃତ ଭାବେ ଆଲୋଚନା କରିଥିଲେ।

### ବିଧାୟିକାଙ୍କୁ ସମସ୍ୟା ଜଣାଇଲେ ୱାର୍ଡ ବାସିନ୍ଦା

କଟକ,୪।୪(ଶିଲ୍ପା ପ୍ରିୟଦର୍ଶିନୀ)

ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ସିଏମ୍‌ସିର ୧ ନମ୍ବର ୱାର୍ଡ ଅଞ୍ଚଳ ପରିଦର୍ଶନ କରିଥିଲେ। ବିଶେଷକରି କୁମ୍ଭାର ସାହି, ଲକ୍ଷ୍ମୀନଗର, ଗାୟତ୍ରୀ ନଗର, ଗୋପାଳ ସାହି, ବଉଳା ଛକ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ମୁରବି, ବରିଷ୍ଠ ନାଗରିକ, ଯୁବକ ଓ ମହିଳାଙ୍କ ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଧାୟିକା ଉନ୍ନୟନ ପାଣ୍ଠିରୁ କୁମ୍ଭାର ସାହିସ୍ଥିତ କମ୍ୟୁନିଟି ସେଣ୍ଟର, ଜ୍ୟୋତିବିହାରସ୍ଥିତ କମ୍ୟୁନିଟି ସେଣ୍ଟର, ବିଡାନାସୀ ହାଇସ୍କୁଲ କନ୍‌ଫରେନ୍ସ ହଲ୍ ନିର୍ମାଣ, ଜଗନ୍ନାଥ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ପାଇଁ ବିଧାୟିକାଙ୍କୁ ସାହି ମୁରବି ଅନୁରୋଧ କରିଥିଲେ। ଏହି କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର କରାଯିବ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନବେଳେ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, କର୍ପୋରେଟର ଭାନୁ ସେନାପତି, ବରିଷ୍ଠ କଂଗ୍ରେସ ନେତା କିଶୋର କୁମାର କର, ଟୁକୁନା ସେନାପତି, ଶିବେନ୍ଦ୍ର ବେହେରା, ପ୍ରତାପ ବେହେରା, ଅଜୟ ସେନାପତି, ପ୍ରଭାକର ସାସମଲ, କେଦାର ସାସମଲ, ସତ୍ୟବ୍ରତ ବେହେରା, ବିଜୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଲିସ ବିଭାଗର ସବୁ ଦାବି ପୂରଣ ହେବ: ଉପମୁଖ୍ୟମନ୍ତ୍ରୀ



ଉତ୍ସବକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରୁଛନ୍ତି।

କଟକ,୪।୪(କାର୍ତ୍ତିକ ସାହୁ)

ଓଏସ୍ଏପି ଷଷ୍ଠ ବାଟାଲିୟନ ହାବିଲଦାର, କନ୍‌ଷ୍ଟେବଲ୍ ଓ ସିପାହି ଶାଖା ସଂଘର ୪୬ତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ବାଟାଲିୟନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ସରକାର ପୋଲିସ ବିଭାଗ ପ୍ରତି ସଚେତନ ଅଛନ୍ତି। ଆସନ୍ତା ଆର୍ଥିକ ବର୍ଷରେ ସରକାର ସମସ୍ତ ଦାବି ପୂରଣ କରିବେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉତ୍ସବକୁ ଉଦ୍‌ଘାଟନକରି ବାଟାଲିୟନ୍‌ର ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ ନିମନ୍ତେ ଆବେଦନ କଲେ ସରକାର ତାହାକୁ ପୂରା କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇଦେବାକୁ ଘୋଷଣା କରିଥିଲେ। ନବରଙ୍ଗପୁର ବିଧାୟକ ଗୌରିଶଙ୍କର ମାଝୀ, ଦୁର୍ଗର ମୁଖ୍ୟ ଦୁର୍ଗପତି ସୂର୍ଯ୍ୟନାରାୟଣ ମଲ୍ଲିକ, କର୍ପୋରେଟର ଚୌଧୁରୀ ସୁବ୍ରତ ଘଡ଼ାଇ, ଓଡ଼ିଶା ପୋଲିସ ହାବିଲଦାର, ସିପାହି ଓ କନ୍‌ଷ୍ଟେବଲ୍ ମହାସଂଘର ସଭାପତି ଅନିଲ କୁମାର ଷଣ୍ଢ ଏବଂ ସମ୍ପାଦକ କିଶୋର କୁମାର ମହାନ୍ତି ମଞ୍ଚାସୀନ ଥିଲେ। ସଂଘ ସଭାପତି ଅଶୋକ କୁମାର ବେହେରା ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ବିମଳ ପାତ୍ର ଧନ୍ୟବାଦ ଦେଇଥିଲେ।

# ସନାତନୀ ସେନା ପକ୍ଷରୁ ସାଧୁସନ୍ଥ ସମାବେଶ

କଟକ ସଦର,୪।୪(ସୁଶାନ୍ତ କୁମାର ଜେନା)

ବାସନ୍ତୀ ଦୁର୍ଗାପୂଜା ଉପଲକ୍ଷେ ୪୨ ମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମର ଥାନପତି ପୀଠରେ ସନାତନୀ ସେନା ପକ୍ଷରୁ ସାଧୁସନ୍ଥ ସମାବେଶ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସନାତନୀ ସେନାର ରାଜ୍ୟ ସଭାପତି ସମୀର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ପାରାଦୀପର ଡଃ ସ୍ମୃତି ସାଗର ମହାରାଜ, ବାବାଜୀ ବିଶ୍ୱନାଥ ଦାସ ମହାରାଜାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଯୋଗଦେଇଛନ୍ତି। ରଘୁନାଥ ଚୌଧୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ସାଧୁସନ୍ଥମାନେ ରଣେଷଣ୍ଢ ମନ୍ଦିରରୁ ସଙ୍କୀର୍ତ୍ତନ ଓ ଲଉଡ଼ି ଖେଳ ଶୋଭାଯାତ୍ରାରେ ବାହାରି ପ୍ରବଚନ ସ୍ଥଳରେ ପହଞ୍ଚିଥିଲେ। ଏହି ପରିପ୍ରେକ୍ଷୀରେ ଥାନପତି ମନ୍ଦିର ନିକଟରେ ସନାତନୀ ସେନା କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା।

# ୧୩ରୁ ମା' ହାଡ଼ବାଈଙ୍କ ଯାତ୍ରା ମହୋତ୍ସବ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

ଫୁଲନଖରା,୪।୪(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମର ୫୮ ନମ୍ବର ୱାର୍ଡ ଅନ୍ତର୍ଗତ ନୂଆଗଡ଼ ଗ୍ରାମରେ ମା' ହାଡବାଈଙ୍କ ଯାତ୍ରା ଆସନ୍ତା ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ମା' ହାଡବାଈ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆଗଡ଼ ଗ୍ରାମ୍ୟ କମିଟି ସଭାପତି ବିକ୍ରମ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଟକ ଜୋନ୍-୪ ଏସିପି ଅମିତାଭ ମହାପାତ୍ର, ସଦର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି, ସମ୍ପାଦକ ସନ୍ତୋଷ ସାମନ୍ତରାୟ, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ମୁରବି ପୀତବାସ ମହାପାତ୍ର, ଶିକ୍ଷାବିତ୍ ଶରତ ଚନ୍ଦ୍ର ରଥ, ଯାତ୍ରା କମିଟି ଅଧ୍ୟକ୍ଷ ଶିଶିର ରାଉତରାୟ, ମହନ୍ତ ଡମ୍ବରୁଧର ସାମନ୍ତରାୟ, କେଦାର ନାଥ ସିଂ, ପ୍ରସନ୍ନ ସାହୁ, ଭାଜପା ଗୋପାଳପୁର ମଣ୍ଡଳ ସଭାପତି ନୀହାର ରଞ୍ଜନ ପଣ୍ଡା, ପ୍ରଦୀପ ଖୁଣ୍ଟିଆ, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ମହୋତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଟକ ସଦର ଥାନା ପକ୍ଷରୁ ମହୋତ୍ସବ ପଡିଆରେ ପୋଲିସ ମୁତୟନ ରହିବେ।

# 'ଅନୁସନ୍ଧାନମୂଳକ ଶିକ୍ଷା ରାଷ୍ଟ୍ରୀୟ ଶିକ୍ଷାନୀତିର ପୃଷ୍ଠଭୂମି'



ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୪।୪(କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମାଜ ଶାସ୍ତ୍ର ବିଭାଗ ପକ୍ଷରୁ ଜାତୀୟ ନୂତନ ଶିକ୍ଷାନୀତି ୨୦୨୦: ସମାଜଶାସ୍ତ୍ରୀୟ ପ୍ରତିଫଳନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ସମାଜ ଶାସ୍ତ୍ର ବିଭାଗ ପ୍ରଫେସର ଡ. ନାଗାର୍ଜୁ ଗୁଣ୍ଡିମେଦା ଯୋଗଦେଇ କହିଛନ୍ତି, ଅନୁସନ୍ଧାନମୂଳକ ଶିକ୍ଷା ହିଁ ରାଷ୍ଟ୍ରୀୟ ଶିକ୍ଷା ନୀତିର ପୃଷ୍ଠଭୂମି। ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ ଏବଂ ଅନୁଭୂତିକୁ ଭିତ୍ତିକରି ପାଠନ ପ୍ରକ୍ରିୟା ସୁଚାରୁ ରୂପେ ରୂପାୟନ ହୋଇପାରିବ ବୋଲି ସେ କହିଛନ୍ତି। ବିଭାଗ ମୁଖ୍ୟ ଡ. ବିକ୍ରମ କେଶରୀ ମିଶ୍ର ବିଷୟ ବସ୍ତୁ ସମ୍ପର୍କରେ ସୂଚନା ଦେଇଥିଲେ। ସହାୟକ ପ୍ରଫେସର ଡା. ଜେମ୍ସ କିଣ୍ଡୋ ଏବଂ ଡା. ମନୋସ୍ମିତା ମହାପାତ୍ର ମୁଖ୍ୟ ଅତିଥିଙ୍କୁ ମାନପତ୍ର ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଡ. ଜ୍ଞାନ ରଞ୍ଜନ ପୃଷ୍ଟି, ଅଧ୍ୟାପିକା ଚିନ୍ମୟୀ ମହଲ, ଅଭିପ୍ସା ରାୟ, ଦେବାରତୀ ସେନଗୁପ୍ତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉଜ୍ଜ୍ୱଳା ରାୟ, ଆଦିତ୍ୟ ଆର୍ଯ୍ୟନ ସାହୁ, ଦେବାଶିଷ ଲେଙ୍କା, ଆଲୋକ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ, ଗବେଷିକା, ଗବେଷକ ଏବଂ ଛାତ୍ରୀଛାତ୍ର ଏଥିରେ ଉପସ୍ଥିତ ଥିଲେ। ଡା. ଈଶ୍ୱର ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# ଜଗତପୁରରେ ହେବ ବାୟୋଗ୍ୟାସ୍ କାରଖାନା

**ଓଆଇଏଲ୍-ସିଏମ୍‌ସି ଚୁକ୍ତିପତ୍ର ସ୍ୱାକ୍ଷରିତ**

କଟକ,୪।୪(କାର୍ତ୍ତିକ ସାହୁ)

କଟକ ଚହଟାସ୍ଥିତ ଏକ ହୋଟେଲରେ କଟକ ମହାନଗର ନିଗମ (ସିଏମ୍‌ସି) ଓ ଅଏଲ୍ ଇଣ୍ଡିଆ ଲିମିଟେଡ୍ (ଓଆଇଏଲ୍) ମଧ୍ୟରେ ଚୁକ୍ତିନାମା ଶୁକ୍ରବାର ସ୍ୱାକ୍ଷରିତ ହୋଇଛି। ଓଆଇଏଲ୍ ଜଗତପୁରରେ ଏକ କଂପ୍ରେସ୍‌ଡ ବାୟୋ ଗ୍ୟାସ୍ (ସିବିଜି) କାରଖାନା ନିର୍ମାଣ କରିବ। ସହରରୁ ବାହାରୁଥିବା ଆବର୍ଜନାକୁ ବ୍ୟବହାର ଉପଯୋଗୀ କରାଯିବା ସହ ଏଥିରୁ ଶକ୍ତି ଉତ୍ପାଦନ କରାଯିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି ପ୍ରକଳ୍ପର ସଫଳ ରୂପାୟନ ନିମନ୍ତେ ମାର୍ଗଦର୍ଶନ କରିଥିଲେ।

ସୂଚନାନୁସାରେ, କଟକ ସହରରେ ବର୍ଷକୁ ପ୍ରାୟ ୭୨ ହଜାର ମେଟ୍ରିକ୍ ଟନ୍ ଆବର୍ଜନା ନଷ୍ଟ ହୋଇ ନ ପାରି ପରିବେଶ ପ୍ରଦୂଷିତ କରୁଛି। ସିଏମ୍‌ସି ତଥ୍ୟ ଅନୁସାରେ ୫୯ଟି ୱାର୍ଡରୁ ଦୈନିକ ପ୍ରାୟ ୩୦୦ ଟନ୍ (ଟିପିଡି) ଆବର୍ଜନା ବାହାରୁଛି। ଏଥିରୁ ୬୦ ଟିପିଡି ଆବର୍ଜନା ଖତରେ ପରିଣତ ହୋଇପାରୁଛି। ଘରୁ ସଂଗ୍ରହ ହେଉଥିବା ଏହି ଆବର୍ଜନାକୁ ୧୩ଟି ଖତ କେନ୍ଦ୍ରରେ ନଷ୍ଟ କରାଯାଉଛି। ମାତ୍ର କାରଖାନା ପ୍ରତିଷ୍ଠା ପରେ ଅତ୍ୟାଧୁନିକ ବୈଜ୍ଞାନିକ ପ୍ରଣାଳୀରେ ବର୍ଜ୍ୟ ନଷ୍ଟ କରାଯିବ। ସିଏମ୍‌ସି ପକ୍ଷରୁ ଜଗତପୁରରେ ୧୧.୮୮ ଏକର ଜମି ଚିହ୍ନଟ କରାଯାଇଛି। ଏଠାରେ ୨୦୦ ଟନ୍ ପର୍ ଡେ (ଟିପିଡି) ଆବର୍ଜନା ନଷ୍ଟ ହେବା ଭଳି କଂପ୍ରେସ୍‌ଡ ବାୟୋ ଗ୍ୟାସ୍ କାରଖାନା ଓଆଇଏଲ୍ ନିର୍ମାଣ କରିବ। ଦୁଇ ବର୍ଷ ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରାୟ ୭୦ରୁ ୮୦ ଜଣ ଏଠାରେ ନିଯୁକ୍ତି ପାଇପାରିବେ। ପ୍ଲାଣ୍ଟ ତିଆରି ହେବା ପରେ ଏହାର ପରିଚାଳନା ଦାୟିତ୍ୱ ଓଆଇଏଲ୍ ନେବ। ଏହାପରେ ରାଉରକେଲା, ବ୍ରହ୍ମପୁର, ବୌଦ୍ଧ, ସୋନପୁର, ପୁରୀ, କୋଣାର୍କ ଏବଂ ସମ୍ବଲପୁର ଆଦି ସ୍ଥାନରେ ଏଭଳି ପ୍ଲାଣ୍ଟ ନିର୍ମାଣ କରିବାର ଯୋଜନା ରହିଛି। ଏହି ପ୍ଲାଣ୍ଟ ନିର୍ମାଣ ହେବା ପରେ ସହରରେ ଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)ଗୁଡ଼ିକର ଆବଶ୍ୟକତା ଆଉ ପଡ଼ିବ ନାହିଁ।

ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ସ୍ୱାଗତ ଭାଷଣ ଓ ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୁଳିଆ ଧନ୍ୟବାଦ ଦେଇଥିଲେ। ଏଥିରେ ସିଏମ୍‌ସିର କର୍ପୋରେଟର, ଓଆଇଏଲ୍‌ର ପଦାଧିକାରୀମାନେ ଯୋଗଦେଇଥିଲେ।




ଚୁକ୍ତିପତ୍ର ସ୍ୱାକ୍ଷରବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

## ଫଟୋ ରେ ଖ ବ ର



କଟକ ଗଡ଼ଖାଇସ୍ଥିତ ସିଏମ୍‌ସି ମେୟରଙ୍କ ସରକାରୀ କ୍ୱାର୍ଟର୍ସ ପରିସରରେ ଅନୁଷ୍ଠିତ ଇଦ୍ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ମେୟର ସୁବାସ ସିଂ ଏବଂ ପୂଜା କମିଟିର ସଦସ୍ୟମାନେ।




କଟକ ମାତୃଭବନଠାରେ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଉଦ୍‌ଘାଟନୀ ସନ୍ଧ୍ୟାରେ ବିଶ୍ୱମ୍ଭର ସାମନ୍ତଙ୍କ ରଚିତ ଗ୍ରନ୍ଥ 'ପୂର୍ଣ୍ଣଯୋଗ ପ୍ରବାହ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ନାବାଳିକା ଅସଦାଚରଣ ମାମଲା: ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ଭୁବନେଶ୍ୱର,୪।୪ (ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ଥାନାଞ୍ଚଳରେ ୨୦୧୭ରେ ଘଟିଥିବା ଏକ ନାବାଳିକା ଅସଦାଚରଣ ମାମଲାର ରାୟ ଶୁକ୍ରବାର ଭୁବନେଶ୍ୱରର ଆଡ୍‌ହକ ଆଡିଶନାଲ ସେସନ୍ସ ଜଜ୍ ତଥା ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍ସୋ)ରେ ପ୍ରକାଶ ପାଇଛି। ବିଚାରପତି ସରୋଜ କୁମାର ସାହୁ ସମ୍ପୃକ୍ତ ଅଭିଯୁକ୍ତ ଜୟକୃଷ୍ଣ ବାହୁବଳେନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏହାସହ ଏକ ହଜାର ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଜୟକୃଷ୍ଣ ଅଧିକ ଏକମାସ ଜେଲ ଭୋଗିବେ। ୮ ଜଣ ସାକ୍ଷୀ ଓ ୨୨ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ବିଚାରପତି ଏହି ଦଣ୍ଡ ଶୁଣାଇଛନ୍ତି।

ଘଟଣା ଅନୁଯାୟୀ, ପୀଡିତା ନାବାଳିକା ଘରେ ଗାଧୋଉଥିବା ସମୟରେ ଅଭିଯୁକ୍ତ ଜୟକୃଷ୍ଣ ନିଜ ମୋବାଇଲ ଫୋନରେ ଗୋପନ ଭାବରେ ତାଙ୍କର ଆପତ୍ତିଜନକ ଭିଡିଓ ରେକର୍ଡ କରିଥିଲେ। ଉକ୍ତ ଭିଡିଓ ଦ୍ୱାରା ସେ ପୀଡିତା ଓ ତାଙ୍କ ପିତାମାତାଙ୍କୁ ବ୍ଲାକ୍‌ମେଲ କରିବା ଆରମ୍ଭ କରିଦେଇଥିଲେ। ଏହାସହ ନାବାଳିକା କଲେଜ ଯିବା ରାସ୍ତାରେ ଅଭିଯୁକ୍ତ ବଳପୂର୍ବକ ଅଟକାଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିଲେ। ଏପରିକି ତାଙ୍କ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ଓ ସପରିବାରଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏନେଇ ପୀଡିତାଙ୍କ ମା’ କ୍ୟାପିଟାଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବଳରାମ ଦେଓ ପରିଚାଳନା କରିଥିଲେ।

### ଦିଲ୍ଲୀ ଓଡ଼ିଶା ଭବନରେ ଖୋଲିବ ସ୍ଥାୟୀ ଓମ୍‌ଫେଡ୍ ପାର୍ଲର

ଭୁବନେଶ୍ୱର,୪।୪ (ଅନୁରାଧା ମହାରଣା)

ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଭବନରେ ସ୍ଥାୟୀ ଓମଫେଡ୍ ପାର୍ଲର୍ ଖୋଲିବ। ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଏବଂ ଦିଲ୍ଲୀ ରେସିଡେଣ୍ଟ କମିଶନର ବିଶାଲ ଗଗନଙ୍କ ମଧ୍ୟରେ ଏନେଇ ଆଲୋଚନା କରାଯାଇଛି। ହଜଖାସ୍ ଜଗନ୍ନାଥ ମନ୍ଦିର ସମେତ ଆଖପାଖ ଜଗନ୍ନାଥ ମନ୍ଦିରକୁ ଓମ୍‌ଫେଡ୍ ଘିଅ ଯୋଗାଣ କରାଯାଇଛି। ଏହାସହ ଓଡ଼ିଶା ଦିବସ ଅବସରରେ ନେହେରୁ ଇନଡୋର ଷ୍ଟାଡିୟମ୍‌ଠାରେ ଓମଫେଡ୍ ଷ୍ଟଲ୍ ଖୋଲାଯାଇଛି। ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଏବଂ ଦିଲ୍ଲୀ ରେସିଡେଣ୍ଟ କମିଶନର ବିଶାଲ ଗଗନଙ୍କ ସହଯୋଗରେ ଏହି ଷ୍ଟଲ୍ ଖୋଲାଯାଇଛି। ୧୨ ହଜାରରୁ ଅଧିକ ଓଡ଼ିଆ ପ୍ରବାସୀ ଏହି ଷ୍ଟଲ୍ ପରିଦର୍ଶନ କରିବା ସହ ଜଗନ୍ନାଥ ମନ୍ଦିରରେ ଓମଫେଡ୍ ଘିଅ ବ୍ୟବହାର ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ତେବେ ଏ ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା ଯୋଗଦେଇଥିଲେ। ଗୁଣନିଧି ଜେନା, ଦୀପକ କୁମାର ପଣ୍ଡା ଏବଂ ମନୋରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଷ୍ଟଲର ପରିଚାଳନା କରାଯାଇଥିଲା। ଓମଫେଡ୍ ଘିଅ ଜଗନ୍ନାଥ ମନ୍ଦିରରେ ଉପଲବ୍ଧ ହେଉଥିବା ହଜଖାସ୍ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗଜେନ୍ଦ୍ର ସାମନ୍ତ କହିଛନ୍ତି।

# ରୁକୁଣା ରଥଯାତ୍ରା, ବାହୁଡ଼ା ଯାତ୍ରା ପାଇଁ ଟ୍ରାଫିକ୍ କଟକଣା

ଭୁବନେଶ୍ୱର,୪।୪ (ସୂର୍ଯ୍ୟକାନ୍ତ ବେହେରା)

- ୪ ଦିନ ମାଉସୀ ମା’ ଛକରୁ ରଥରୋଡ୍ ଦେଇ ଯାତାୟାତ ବନ୍ଦ
- ନିୟମ ଉଲ୍ଲଂଘନ କଲେ ୧ ହଜାର ପର୍ଯ୍ୟନ୍ତ ଜରିମାନା

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ବା ରୁକୁଣା ରଥଯାତ୍ରା ୫ ତାରିଖ ଶନିବାର ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ରଥଯାତ୍ରା ୫ ଓ ୬ ତାରିଖ ଏବଂ ବାହୁଡ଼ା ଯାତ୍ରା ୯ ଓ ୧୦ ତାରିଖରେ କୌଣସି ପ୍ରକାର ଯାନବାହନ ମାଉସୀ ମା’ ଛକଠାରୁ ରଥରୋଡ୍‌ରେ ଯିବାକୁ ଦିଆଯିବ ନାହିଁ। ସେହି ଗାଡ଼ିଗୁଡ଼ିକ ମ୍ୟୁଜିୟମ ଛକ ଆଡକୁ କିମ୍ବା ବିବେକାନନ୍ଦ ମାର୍ଗ ରାସ୍ତାରେ ଯିବା ଆସିବା କରିପାରିବେ। ସେହିପରି ବାରିକ ସାହି ଗଳି, ମହାରଣା ସାହି ଗଳି, ଗୋସାଗରେଶ୍ୱର ଛକ, ଶୀତଳଷଷ୍ଠୀ ଗଳି, ତିନିମୁଣ୍ଡିଆ ଛକ, ହରଚଣ୍ଡୀ ଗଳି, ପୁନା ମେଡିକାଲ ଗଳି, ପୁନାମା ଗେଟ୍ ଗଳିପଟୁ ଏବଂ ଅନ୍ୟ ସାହି ଅଥବା ଗଳି ରାସ୍ତାରୁ କୌଣସି ପ୍ରକାର ଯାନବାହନ ରଥରୋଡ୍ ଦେଇ ଯିବାଆସିବା କରିପାରିବ ନାହିଁ। ରଥ ଖଳାଠାରୁ ରଥରୋଡ୍‌କୁ କୌଣସି ଗାଡ଼ି ପ୍ରବେଶ କରିବାକୁ ଦିଆଯିବ ନାହିଁ। ସେସବୁ ଗାଡ଼ି ବାଟ ମହାଦେବ ମନ୍ଦିର ରାସ୍ତା ଦେଇ ଯାଇପାରିବେ। ଏହି ନିୟମକୁ ଖିଲାପ କଲେ ଓଡିଶା ଅର୍ବାନ ପୋଲିସ ଆକ୍ଟ ୨୦୦୩ ଓ ଧାରା ୯୬ ଅନୁସାରେ ୫୦୦ ଟଙ୍କା କିମ୍ବା ସର୍ବାଧିକ ୧ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ। ତେବେ ଏହି କଟକଣା ଜରୁରିକାଳୀନ ସେବାରେ ନିୟୋଜିତ ଯାନବାହନ(ପୋଲିସ,ଫାୟାର ଓ ଆମ୍ବୁଲାନ୍ସ) ପାଇଁ ଲାଗୁ ହେବନାହିଁ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ଲଳିତ କଳା ଏକାଡେମୀଠାରେ ଧଉଳି ଆର୍ଟ ଆଣ୍ଡ୍ କ୍ରାଫ୍ଟ ମହାବିଦ୍ୟାଳୟର ଶେଷ ବର୍ଷ ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଚିତ୍ରକଳା ଓ ସ୍ଥାପତ୍ୟ ପ୍ରଦର୍ଶନୀକୁ କଳାପ୍ରେମୀ ବୁଲି ଦେଖୁଛନ୍ତି।

## ବିଜେଇଏମ୍ ସ୍କୁଲ ଫି’ ବୃଦ୍ଧି ଅଭିଯୋଗର ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)

ବିଜେଇଏମ୍ ସ୍କୁଲ୍ ଫି’ ବୃଦ୍ଧିକୁ ନେଇ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଦୁଇଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିରେ ୟୁନିଟ୍-୧ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରୀନା ମଲ୍ଲିକ ଓ ଚନ୍ଦ୍ରଶେଖରପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଗୋବିନ୍ଦ ହେମ୍ବ୍ରମ ରହିଛନ୍ତି। ଏହି କମିଟି ଆସନ୍ତା ୮ ତାରିଖରେ ବିଜେଇଏମ୍ ସ୍କୁଲରେ ପହଞ୍ଚି ତଦନ୍ତ କରିବ। ଫି’ ବୃଦ୍ଧି ସମ୍ପର୍କିତ ସମସ୍ତ ଆଇନଗତ ତଥା ଅନ୍ୟାନ୍ୟ ପ୍ରମାଣ ପତ୍ର ଦାଖଲ କରିବା ପାଇଁ କୁହାଯାଇଛି। ଏହି ଅବସରରେ ସ୍କୁଲ ଅଭିଭାବକ ମହାସଂଘ ପକ୍ଷରୁ ୪ଜଣ ସଦସ୍ୟ ତଦନ୍ତବେଳେ ଉପସ୍ଥିତ ରହିବେ ବୋଲି ସଭାପତି ରଞ୍ଜନ କୁମାର ଦାସ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ସମସ୍ତ ତଦନ୍ତକୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଉଛି ବୋଲି ବିଜେଇଏମ୍ ସ୍କୁଲ ମ୍ୟାନେଜର ପ୍ରତାପ ଜେନା କହିଛନ୍ତି। ଯେଉଁ ଅଭିଭାବକ ମହାସଂଘ ସଦସ୍ୟମାନେ ବିଦ୍ୟାଳୟକୁ ମିଛରେ ବଦନାମ କରୁଛନ୍ତି ତଦନ୍ତରେ ସେମାନେ ଉପସ୍ଥିତ ରହିଲେ, ବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିରେ ସାମିଲ ହେବନାହିଁ ବୋଲି ସେ ଜଣାଇଛନ୍ତି।

# ୨୧ ହଜାର ଟଙ୍କାରେ ମରୀଚି କୁଣ୍ଡ ପାଣି ନିଲାମ ନେଲେ ଜ୍ୟୋତ୍ସ୍ନା

ପୁରୁଣା ଭୁବନେଶ୍ୱର,୪।୪(ସୁବାସ ଚନ୍ଦ୍ର ପ୍ରଧାନ)

ରୁକୁଣା ରଥ ପ୍ରତିଷ୍ଠା ପାଇଁ ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ମରୀଚି କୁଣ୍ଡରୁ ପାଣି ଆସିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଏହି ପାଣି ନିଲାମ କରାଯାଇଛି। ଏହି ନିଲାମର ପ୍ରଥମ ଗରାପାଣିକୁ କଟକ ଦାମୋଦରପୁରର ଜ୍ୟୋତ୍ସ୍ନା ମହାରାଣା ୨୧ହଜାର ଟଙ୍କାରେ କିଣିଥିଲେ। ତେବେ ରାତି ୨ଟା ପର୍ଯ୍ୟନ୍ତ ଦ୍ୱିତୀୟ ଏବଂ ତୃତୀୟ ଗରାପାଣିକୁ କେହି କିଣି ନ ଥିବା ଜଣାପଡ଼ିଛି। ବିଶ୍ୱାସ ରହିଛି ଯେ, ଏହି ମରୀଚି କୁଣ୍ଡ ପାଣିକୁ ନେଇ ଗାଧୋଇ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ନିଃସନ୍ତାନ ମହିଳା ସନ୍ତାନ ପ୍ରାପ୍ତ ହେବା ସହ ମନସ୍କାମନା ପୂରଣ ହୋଇଥାଏ।



## ତହସିଲ ଏକାଦଶ ଚାମ୍ପିୟନ

### ବାଲିପାଟଣା ପ୍ରିମିୟର ଲିଗ

ବାଲିପାଟଣା,୪।୪(ଅଭିମନ୍ୟୁ ନାୟକ)

ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍କୁଲ ଖେଳପଡ଼ିଆଠାରେ ପ୍ରଶାସନ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ତହସିଲ୍‌ଦାର କଳ୍ପନା ଦାସ ଓ ବିଡିଓ ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅତିରିକ୍ତ ତହସିଲ୍‌ଦାର ମିଳନ ଜୟସ୍ୱାଲ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଏକାଦଶ ସହିତ ତହସିଲ୍ ଏକାଦଶର ପ୍ରଥମ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ତହସିଲ ଏକାଦଶ ବିଜୟୀ ହୋଇଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ପ୍ରେସ କ୍ଲବ ସହିତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମଧ୍ୟରେ ହୋଇଥିଲା। ପରେ ଚୁଡ଼ାନ୍ତ ପର୍ଯ୍ୟାୟରେ ପ୍ରେସ କ୍ଲବ ସହିତ ତହସିଲ୍‌ଦାର ଏକାଦଶ ଖେଳିଥିଲେ। ଏଥିରେ ତହସିଲଦାର ଏକାଦଶ ଚାମ୍ପିୟନ ଟ୍ରଫି ହାସଲ କରିଥିଲା ବେଳେ ପ୍ରେସ କ୍ଲବ ରନରଅପ ଟ୍ରଫି ପାଇଛନ୍ତି। ମ୍ୟାନ୍ ଅଫ ଦି ସିରିଜ ସସ୍ମିତ୍ ମିଶ୍ର ହୋଇଥିଲେ। ବେଷ୍ଟ ବ୍ୟାଟ୍‌ସ ମ୍ୟାନ ଭାବରେ ଚିରଞ୍ଜିବୀ ଓ ବେଷ୍ଟ ବୋଲର ଭାବରେ ଆଲୋକଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ତହସିଲ ଦଳର ଅଧିନାୟକ କାଳନ୍ଦୀ ବେହେରା ବିଜୟୀ ସିଲ ଗ୍ରହଣ କରିଥିବା ବେଳେ ରନରଅପ୍ କପକୁ ପ୍ରେସ କ୍ଲବ ସଭାପତି ତଥା ଅଧିନାୟକ ଦିଲୀପ କୁମାର ଓଝା ଗ୍ରହଣ କରିଥିଲେ। ପଞ୍ଚାୟତ ପ୍ରତିନିଧି ଦଳର ଅଧିନାୟକ ସରପଞ୍ଚ ବାହନ ଭୋଇ ଓ ବ୍ଲକ ଦଳ ଅଧିନାୟକ ପ୍ରଭାତ ଜେନା ଉପସ୍ଥିତ ଅକ୍ଷୟ ସାହୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

## ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡିଆ ନାମଫଳକ ଅଭିଯାନ

ଭୁବନେଶ୍ୱର,୪।୪ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଶୁକ୍ରବାର କେନ୍ଦ୍ରୀୟ କମିଟି ଓ ଭୁବନେଶର ଶାଖା ପକ୍ଷରୁ ଓଡିଆ ନାମଫଳକ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରସୁଲଗଡ ସୁଭାଷଚନ୍ଦ୍ର ବୋଷ ଛକରୁ ବମିଖାଲ ପର୍ଯ୍ୟନ୍ତ ସମସ୍ତ ଦୋକାନର ଇଂଲିଶରେ ଲେଖାଯାଇଥିବା ନାମଫଳକକୁ ଓଡ଼ିଆରେ ଲେଖିବାକୁ ଅନୁରୋଧ କରାଯାଇଥିଲା। ଏଥିରେ ଖିଲାପ କଲେ ଜରିମାନା ଦେବାକୁ ନିର୍ଦ୍ଦେଶ ଜାରି କରାଯାଇଥିବା ସରକାରୀ ବିଜ୍ଞପ୍ତିର ନକଲ ବଣ୍ଟନ ହୋଇଥିଲା। ଏହି ଅବସରରେ କୋଷାଧ୍ୟକ୍ଷ ଭୀମସେନ ମହାପାତ୍ର, ଭୁବନେଶର ଶାଖା ଉପସଭାପତି ନିରଞ୍ଜନ ପଣ୍ଡା, ସମ୍ପାଦକ ସରୋଜିନୀ ମହାନ୍ତି, କୋଷାଧ୍ୟକ୍ଷ ଅମରଜ୍ୟୋତି ମିଶ୍ର, ଖଗେଶ୍ୱର ବଳ, ସୋମେଶ ମହାପାତ୍ର, କାର୍ତ୍ତିକ ଜେନା, ପ୍ରିୟନାଥ ଆଚାର୍ଯ୍ୟ, ଦେବରାଜ ନାୟକ ପ୍ରମୁଖ ଅଭିଯାନରେ ସାମିଲ ହୋଇ ଦୋକାନୀମାନଙ୍କୁ ପରାମର୍ଶ ଦେଇଥିଲେ।




ଉତ୍କଳ ସମ୍ମିଳନୀ ପକ୍ଷରୁ ରସୁଲଗଡ଼ ଛକରୁ ବାହାରିଥିବା ‘ଓଡ଼ିଆରେ ନାମ ଫଳକ ଅଭିଯାନ’।

# ୪ ଦଫା ଦାବି ନେଇ ପିଏଚ୍‌ଆଇଇଭିଙ୍କ ଧାରଣା




ଧାରଣାରେ ବସିଥିବା ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀମାନେ।

ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)

ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ(ପିଏଚ୍‌ଆଇଇଭି)ଙ୍କ ଛଟେଇ ବନ୍ଦ କରାଯାଇ ସ୍ଥାୟୀ ନିଯୁକ୍ତି ପ୍ରଦାନ ସହ ସମସ୍ତଙ୍କୁ ସିଏଲ, ଇଏଲ୍, ଏସିଏଲ୍ ଏବଂ ମାତୃତ୍ୱ ଛୁଟି ଦିଆଯାଉ। ସେହିଭଳି ସମସ୍ତ ଭିନ୍ନକ୍ଷମ ଆଇଇଭିଙ୍କୁ ମାସିକ ୩୦ ହଜାର ଟଙ୍କା ପ୍ରଦାନ କରାଯାଉ ବୋଲି ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଦାବି କରାଯାଉଛି। ଏନେଇ ଶୁକ୍ରବାର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ଶୋଭାଯାତ୍ରା ଓ ଧାରଣା ଦିଆଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ସଙ୍ଗଠନର ସଭାପତି ପ୍ରତାପ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀମାନେ ଦୀର୍ଘ ୧୪ ବର୍ଷ ଧରି ୬ରୁ ୧୪ ବର୍ଷ ବୟସ ଭିନ୍ନକ୍ଷମ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ପ୍ରତିଦିନ ୨ଟି ଭିନ୍ନକ୍ଷମ ପିଲାଙ୍କୁ ସେମାନଙ୍କ ଘରେ ପାଠ ପଢ଼ାଇବା ସହିତ ୨ଟି ବିଦ୍ୟାଳୟକୁ ଯାଇ ସାଧାରଣ ପିଲାଙ୍କୁ ପଢ଼ାଉଛନ୍ତି। ତେବେ ମାସିକ ୧୦ ହଜାର ଟଙ୍କା ଦରମାରେ ଅସ୍ଥାୟୀ କର୍ମଚାରୀ ଭାବେ କାମ କରିବାକୁ ପଡୁଛି। ଆଜିର ମହଙ୍ଗା ଯୁଗରେ ଏତେ କମ୍ ଟଙ୍କାରେ ଚଳିବା ସମ୍ଭବ ହେଉନାହିଁ ବୋଲି ସଙ୍ଗଠନର ସମ୍ପାଦକ ସୁଷମା ପ୍ରଧାନ କହିଛନ୍ତି।

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 817 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of P.M. SHRI Logo Badge for Teachers and Students of PM-SHRI Schools of Subarnapur Distrct for the year 2024-25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 824 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools of Subarnapur Distrct for the year 2024- 25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

भारतीय बीमा संस्थान
INSURANCE INSTITUTE OF INDIA
**NOTICE INVITING TENDER**
We are pleased to invite applications for a commercial space on rental basis ideally situated within a 15-kilometer radius of the **Sachivalaya, Bhubaneswar.** The details of Bid requirements are published on our website. Kindly visit **www.insuranceinstituteofindia.com → Tender → Bid for renting premises at Bhubaneswar.** The last date for submission of applications is **21st April, 2025.** For any queries, send email to lanjekar@iii.org.in
SECRETARY GENERAL

**ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ**
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୭୩୩୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
**ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍‌ଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨**
ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ‘‘ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଭେସେଲ୍ ଏମ୍‌ଭି ଭୁପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ’’ ପାଇଁ ଅଭିଜ୍ଞତାସମ୍ପନ୍ନ, ଖ୍ୟାତନାମା ଲୋକଶକ୍ତି ଯୋଗାଣ ଏଜେନ୍ସିଗୁଡ଼ିକଠାରୁ ଅନଲାଇନ୍ ବିଡ୍/ଟେଣ୍ଡର ଆହ୍ୱାନ କରୁଛନ୍ତି। ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ **ତା୦୪।୦୪।୨୦୨୫ରିଖରୁ ତା୧୭।୦୪।୨୦୨୫ରିଖ** ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ ‘**www.iwai.nic.in**’ ଏବଂ ସିପିପିପି ପୋର୍ଟାଲ ‘‘**https://eprocure.gov.in/eprocure/app**’ରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଅନଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି **ତା୧୭।୦୪।୨୦୨୫ରିଖ ୧୫.୦୦ ଘଟିକା** ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲାଯିବାର ତାରିଖ ହେଉଛି **ତା୧୮।୦୪।୨୦୨୫ରିଖ ୧୫.୩୦ ଘଟିକା**। ଅନଲାଇନ୍ ବିଡ୍ **https://eprocure.gov.in/eprocure/app** ମାଧ୍ୟମରେ ଦାଖଲ କରାଯିବ।
**(ନିର୍ଦ୍ଦେଶକ)**

**FAKIR MOHAN UNIVERSITY**
VYASA VIHAR, NUAPADHI - 756020, BALASORE, ODISHA, INDIA, www.fmuniversity.nic.in
No.FMU/Pur-16/2025 2455 Date : 04.04.2025
**Quotation Call Notice**
Sealed Quotations are inviting from Jewellers having valid PAN and GST Registration No. copy with experience in the field to supply 107 numbers of Gold Medals to the University. The details of specification, regarding quality, weight etc. are available in the University Website (www.fmuniversity.nic.in).
Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 16.04.2025 at 01.00 P.M. and the same will be opened at 03.30 P.M. on the same day in the Office of the Registrar, F.M. University, Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reason thereof.
Sd./- Registrar

**ଆବଶ୍ୟକ**
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ – 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

**APPOINTMENT**
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

**J O B O P P O R T U N I T I E S**

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

**कार्यपालक अभियन्ता का कार्यालय**
**पेयजल एवं स्वच्छता प्रमण्डल सं.1, धनबाद**
अति अल्पकालीन ई–प्रोक्योरमेंट निविदा सूचना
(प्रथम आमंत्रण)
निविदा सूचना संख्या– DHANBAD-1/OandM/01/2025-26
दिनांक – 03.04.2025

| | | |
|---|---|---|
| 1 | कार्य का नाम | Operation and Maintenance of 13.50 MLD WTP at Kandra, Intake works at river Damodar (Chasnala), Raw water rising mains D.I. K-9 from Intake well to WTP, Clear water rising mains D.I. K-7 from WTP at Kandra to 5 Nos. ESR and distribution main of allied area under Dhanbad water supply project under JnNURM for 3 year including the cost of chemical but Excluding the cost of energy charges in the district of Dhabad. |
| 2 | प्राक्कलित राशि | रू0 234.90378 लाख |
| 3 | अग्रधन की राशि | रू0 4.70 लाख |
| 4 | कार्य पूर्ण करने की अवधि | 36 माह |
| 5 | वेबसाईट पर निविदा प्रकाशन की तिथि एवं समय | 07.04.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 15.04.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई–प्रोक्योरमेंट कार्यालय का सम्पर्क नं0 | 0326–2311259 |
| 11 | ई–प्रोक्योरमेंट सेल का हेल्प लाईन नं0 | 0651–1280345 |

विस्तृत जानकारी हेतु वेबसाईट नं0– http://jharkhandtenders.gov.in पर देखा जा सकता है।
कार्यपालक अभियंता,
पेयजल एवं स्वच्छता प्रमण्डल सं.1, धनबाद
PR 349673 (Drinking Water and Sanitation) 25-26 (D)

## ସ୍କୁଟି ଡିକିରୁ ୨ ଲକ୍ଷ ଟଙ୍କା ଚୋରି

ବାଙ୍କୀ, ୪।୪ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ କନ୍ତକାଇ ଗ୍ରାମର ରୁଦ୍ର ମୋହନ ଭଞ୍ଜଙ୍କ ସ୍କୁଟି ଡିକିରୁ ୨ ଲକ୍ଷ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେ ବାଙ୍କୀ ଷ୍ଟେଟବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇବା ପରେ ଗାଡ଼ିରେ ଚାବି ଲଗାଇ ବଜାରରୁ ବିଭିନ୍ନ ସାମଗ୍ରୀ କିଣୁଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଦୁର୍ବୃତ୍ତ ତାଙ୍କ ଗାଡ଼ି ଡିକି ଖୋଲି ବ୍ୟାଗ ଭିତରେ ଥିବା ଦୁଇ ଲକ୍ଷ ଟଙ୍କା, ବ୍ୟାଙ୍କ ପାସ ବୁକ ଓ ଅନ୍ୟାନ୍ୟ କାଗଜପତ୍ର ଚୋରି କରି ଚମ୍ପଟ ମାରିଥିଲେ। ଏହା ଜାଣିବାପରେ ରୁଦ୍ର ପାଟି କରିଥିଲେ ମଧ୍ୟ କୌଣସି ସଫଳତା ମିଳ ନଥିଲା। ଶେଷରେ ସେ ଏନେଇ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି ବୋଲି ବାଙ୍କୀ ଥାନା ଏସ୍‌ଡିପିଓ ବାଳକୃଷ୍ଣ କହଁର କହିଛନ୍ତି।

# ଗାଡ଼ି ଡିକିରୁ ଚୋରି: ଗଞ୍ଜାମରୁ ଧରାପଡ଼ିଲେ ୨ ଅଭିଯୁକ୍ତ

### ୫୦ ହଜାର ଟଙ୍କା ଜବତ

ବଡ଼ମ୍ବା, ୪।୪(ମାୟାଧର ମଲ୍ଲିକ)

ବଡ଼ମ୍ବା ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଗାଡ଼ି ଡିକି ଭାଙ୍ଗି ଚୋରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗଞ୍ଜାମ ଜିଲାରୁ ଧରିବାରେ ସଫଳ ହୋଇଛି। ସେମାନେ ହେଲେ ଗଞ୍ଜାମ ଜିଲା ସୋରଡ଼ା ଥାନା ଅନ୍ତର୍ଗତ କଇଣ୍ଡପଲ୍ଲି ସାହିର ସୁରେଶ ଦାସ(୨୩) ଓ କୋଟିନାଡ଼ା ଥାନା ଅନ୍ତର୍ଗତ ନୂଆସାହାପୁରର ଏ. ସନ୍ତୋଷ(୨୩)। ଉଭୟଙ୍କଠାରୁ ୫୦ ହଜାର ଟଙ୍କା ସମେତ ଗୋଟିଏ ବାଇକ ଓ ଚୋରା ଡିକି ଚାବି ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଜବତ କରାଯାଇଛି। ଗୋଟିଏ ବାଇକ ଓ ଚୋରା ଡ଼ିକି ଚାବି ଓ



ଖବରଦାତା ସମ୍ମିଳନୀରେ ଗିରଫ ଦୁଇ ଅଭିଯୁକ୍ତ ଓ ଜବତ ଟଙ୍କା ପ୍ରଦର୍ଶନ କରାଯାଉଛି।

ଅନ୍ୟାନ୍ୟ ଯନ୍ତ୍ରାଂଶ ଜବତ କରାଯାଇଛି। ଉଭୟଙ୍କୁ ଗିରଫ ପରେ ଶୁକ୍ରବାର ବଡ଼ମ୍ବା ଥାନାରେ ଏକ ଖବରଦାତା ସମ୍ମିଳନୀ ଡକାଯାଇ ଆଠଗଡ଼ ଡିଏସ୍‌ପି ବିଶ୍ୱଜିତ ମହାନ୍ତି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ମାର୍ଚ୍ଚ ୧୧ରେ ବଡ଼ମ୍ବା ଶଙ୍ଖାମେରୀ କଲେଜର ଅଧ୍ୟକ୍ଷ ନରସିଂହ ରାଉତଙ୍କ ବାଇକ ଡିକିରୁ ୩୦ ହଜାର ଟଙ୍କା ଚୋରି ହୋଇଥିଲା। ଉକ୍ତ ଘଟଣାରେ ୧୫ ହଜାର ଟଙ୍କା ଜବତ ହୋଇଛି। ସେହିପରି ମାର୍ଚ୍ଚ ୨୫ରେ ବଡ଼ମ୍ବା ତେଲିସାହିରେ ରହୁଥିବା ସେନା କର୍ମଚାରୀ ସୁକାନ୍ତ ରାଉତଙ୍କ ଗାଡି ଡିକିରୁ ୫୦ ହଜାର ଟଙ୍କା ଚୋରି ହୋଇଥିଲା। ପୋଲିସ ଏହି ଘଟଣାରେ ୩୫ ହଜାର ଟଙ୍କା ଜବତ କରିଛି। ଉଭୟ ଘଟଣାରେ ପୃଥକ ଭାବେ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିଲା। କଟକ ଜିଲା ଗ୍ରାମାଞ୍ଚଳ ପୋଲିଏ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ନେତୃତ୍ୱରେ ଗଞ୍ଜାମ ଜିଲାରେ ଚଢ଼ାଉ କରାଯାଇ ଉଭୟ ଅଭିଯୁକ୍ତଙ୍କୁ ଧରାଯାଇଥିଲା। ଏନେଇ ଥାନାରେ ମାମଲା (ନଂ. ୫୪/୨୫ ଓ ୬୯/୨୫) ରୁଜୁ କରାଯାଇଛି। ଏହି ଘଟଣାରେ ଆଉ କାହାର ସଂଶ୍ଳିଷ୍ଟ ରହିଛି ସେନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

## ପାଞ୍ଚଗାଁ ଶିଶୁବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ତିଗିରିଆ, ୪।୪ (ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ୟ ବାର୍ଷିକ ଉତ୍ସବ ଶୁକ୍ରବାର ପାଞ୍ଚଗାଁ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ଅଧ୍ୟକ୍ଷ ତଥା ଆଇନଜୀବୀ ରଘୁନାଥ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଇତିହାସ ବିଭାଗ ଅଧ୍ୟାପକ ଡ. ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥିଭାବେ ତିଗିରିଆ ଓକିଲ ସଂଘ ସଭାପତି ମଙ୍ଗଳକୃଷ୍ଣ ଦାସ, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ସେରିଫେଡର ଅଧ୍ୟକ୍ଷ ତଥା ପ୍ରାକ୍ତନ ତିଗିରିଆ ବ୍ଲକ ଅଧ୍ୟକ୍ଷ ଭାଗିରଥି ନନ୍ଦ, ପାଞ୍ଚଗାଁ ପଞ୍ଚାୟତ ସରପଞ୍ଚ ନିରଞ୍ଜନ ଦଳେଇ, ଜିଲା ପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲୀକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର କୁନି ଶିଶୁ ଉଦ୍‌ଘାଟନୀ ସଂଗୀତ ପରିବେଷଣ କରିବା ପରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ବିଭିନ୍ନ ଖେଳ, କସରତ, ସାଧାରଣ ଜ୍ଞାନ, ବକ୍ତୃତା ଓ ସଙ୍ଗୀତ ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ତପସ୍ୱିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମକୁ ଗାଁରେ ପହଞ୍ଚାଅ

### ୬ରେ ଭାଜପାର ପ୍ରତିଷ୍ଠା ଦିବସ

ଆଠଗଡ଼, ୪।୪(ସତ୍ୟ ପ୍ରସାଦ ରଥ)

ଏପ୍ରିଲ ୬ରେ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ଉପଲକ୍ଷେ କଟକ ଜିଲା ଭାଜପା ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପରେ ଆୟୋଜିତ ଏହି ବୈଠକରେ ବୁଥ୍‌ସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ପ୍ରତିଷ୍ଠା ଦିବସ ପାଳନ କରିବା ଉପରେ ଆଲୋଚନା ହୋଇଥିଲା। ଓଡ଼ିଆ ଅସ୍ମିତାକୁ ନେଇ ରାଜ୍ୟ ସରକାରଙ୍କ ତରଫରୁ ପାଳନ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରତି ଗାଁରେ ପହଁଞ୍ଚାଇବା ପାଇଁ ରୂପ ରେଖ ସ୍ଥିର କରାଯାଇଥିଲା। ବୈଠକରେ କଟକ ଜିଲା ସଭାପତି ରାମନାରାୟଣ ମହାନ୍ତି ସଭାପତିତ୍ୱ କରିଥିବାବେଳେ ରାଜ୍ୟ ପର୍ଯ୍ୟବେକ୍ଷକଭାବେ ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଲାଟେନ୍ଦୁ ବଡୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାୟ, ପୂର୍ବତନ ବିଧାୟକ ରମେଶ ରାଉତ, ବିକ୍ରମ ଦାସ, ବିଚିତ୍ରା ନନ୍ଦ ଜେନା, ସ୍ମୃତି ରଞ୍ଜନ ମହାନ୍ତି, ଲକ୍ଷ୍ମୀଧର ପ୍ରଧାନ, ମନରଞ୍ଜନ ରାଉତ ରାୟ, କୈଳାସ ବେହେରା, ହେମନ୍ତ କୁମାର ମହାନ୍ତି, ଲକ୍ଷ୍ମୀପ୍ରିୟା ଲେଙ୍କା ଓ ଜିଲାର ସମସ୍ତ ମଣ୍ଡଳ ସଭାପତିମାନେ ଯୋଗ ଦେଇଥିଲେ।

# ନାଚ, ଗୀତରେ ଝୁମିଲେ ଦର୍ଶକ

### ସାଲେପୁର ମହୋତ୍ସବର ତୃତୀୟ ସନ୍ଧ୍ୟା

ସାଲେପୁର,୪।୪ (ଅରବିନ୍ଦ ଭୂୟାଁ)





କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ବ୍ୟାରେଜ ପଡ଼ିଆରେ ଚାଲିଥିବା ସାଲେପୁର ମହୋତ୍ସବ ଏବଂ ଓଡିଶା ଦିବସ ସମାରୋହର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଦସ୍ୟ ତଥା ପୂର୍ବତନ ଉପାଧ୍ୟକ୍ଷ ରମେଶ ଜେନାଙ୍କ ସଭାପତିତ୍ୱରେ ସାଲେପୁର ମଧୁସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ସନ୍ଧ୍ୟାରେ ରାଜ୍ୟର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ନାଚ ଓ ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଅନ୍ୟତମ ଅତିଥିଭାବେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବ୍ଲକ ବିଜେଡି ସଭାପତି ଅନନ୍ତ ପ୍ରଧାନ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ରଜନ୍ତୀ କାନ୍ତ ଦାଶ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଧୁସ୍ମୃତି ପରିଷଦ ସମ୍ପାଦକ ତଥା ଆମ୍ବ କମିଟି ସଭାପତି ଦିଲୀପ କୁମାର ଦାଶ, ତୃପ୍ତିରେଖା ପରିଡ଼ା, ରାଜଶ୍ରୀ ଜେନା, ଜ୍ୟୋତିରେଖା ନାୟକ, ରାକେଶ ପଣ୍ଡା, ବାଲିସାହି ସରପଞ୍ଚ ପବିତ୍ର ସାମଲ, ସମିତିସଭ୍ୟା ଗୌତମୀ ମଲ୍ଲିକ, ସରପଞ୍ଚ ଜ୍ଞାନ ପଟ୍ଟନାୟକ, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ କର, ଯୁବ ବିଜେଡି ସଭାପତି ସଞ୍ଜିତ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ ଦାଶ ପ୍ରମୁଖ ଯୋଗଦେଇଥିଲେ।

## ଆହତ ହରିଣ ଛୁଆ ଉଦ୍ଧାର

ବାଙ୍କୀ, ୪।୪ (ଶୁଭେନ୍ଦୁ ମହାପାତ୍ର)

ଡମପଡା-ଚନ୍ଦକା ଜଙ୍ଗଲରୁ କୌଣସି କାରଣବଶତଃ ଏକ ହରିଣ ଛୁଆ ଜଙ୍ଗଲରୁ ବାହାରି ଶୁକ୍ରବାର ମୁଣ୍ଡଳୀ ଆଡ଼କୁ ଚାଲିଆସିଥିଲା। ତାକୁ କୁକୁରମାନେ ଗୋଡ଼ାଇ କାମୁଡ଼ିବାକୁ ଚେଷ୍ଟା କରିଥିଲେ। ଜୀବନ ବିକଳରେ ହରିଣ ଛୁଆଟି ବଡ଼ ମୁଣ୍ଡଳୀର ପବିତ୍ର ଜେନାଙ୍କ ଗାଇ ଗୁହାଳରେ ପଶିଯାଇଥିଲା। ପବିତ୍ର ଓ ତାଙ୍କ ପୁଅ ଏହା ଦେଖିବାପରେ ନିକଟସ୍ଥ ଭଗିପୁର ବନବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ହରିଣ ଛୁଆକୁ ଉଦ୍ଧାର କରିଛନ୍ତି। ଉକ୍ତ ହରିଣର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଡମପଡା-ଚନ୍ଦକା ଅଭୟାରଣ୍ୟରେ ଛାଡି ଦିଆଯାଇଥିବା ସୂଚନା ମିଳିଛି।

# ଏସ୍‌ସିବିରେ କର୍ମଚାରୀଙ୍କ ଅସହଯୋଗ



ଏସ୍‌ସିବିରେ ରୋଗୀଙ୍କୁ ଅଲଟ୍ରାସାଉଣ୍ଡ ଗୃହକୁ ନେବା ପାଇଁ ସାହାଯ୍ୟ ଅପେକ୍ଷାରେ ସମ୍ପର୍କୀୟ।

କଟକ,୪।୪(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଛନ୍ତି। ସେହିପରି ମେଡିକାଲରେ ରୋଗୀଙ୍କୁ ସାହାଯ୍ୟ କରିବା ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ ପାଇଁ ଆଟେଣ୍ଡାଣ୍ଟ ଓ କର୍ମଚାରୀଙ୍କୁ ଅନେକ ସମୟରେ କର୍ତ୍ତୃପକ୍ଷ ତାଗିଦ କରୁଛନ୍ତି। ତଥାପି ରୋଗୀମାନେ ଠିକ୍ ଭାବେ ସାହାଯ୍ୟ ପାଉନାହାନ୍ତି। ଏଭଳି ଅବ୍ୟବସ୍ଥା ଶୁକ୍ରବାର ଏସ୍‌ସିବି ମେଡିକାଲରେ ଦେଖିବାକୁ ମିଳିଛି। ଢେଙ୍କାନାଳରୁ ଆସିଥିବା ଜଣେ ରୋଗୀଙ୍କୁ ଏସ୍‌ସିବି ମେଡିକାଲ କର୍ମଚାରୀ ସାହାଯ୍ୟ କରିବାକୁ ମନା କରିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଅନୁଯାୟୀ, ଢେଙ୍କାନାଳ ଅଞ୍ଚଳର ଗୁରୁବାରିଆ ନାୟକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାରୁ ଗତ ୨୪ ତାରିଖରେ ଏସ୍‌ସିବିର ନେଫ୍ରୋଲୋଜି ବିଭାଗରେ ଭର୍ତ୍ତି ହୋଇଥିଲେ। ତାଙ୍କର ଦେଖାଶୁଣା କରିବା ପାଇଁ ସ୍ତ୍ରୀ ରଜନୀ ନାୟକ ତାଙ୍କ ପାଖରେ ଥିଲେ। ଗୁରୁବାରିଆଙ୍କ ଚିକିତ୍ସା ଚାଲିଥିବାବେଳେ ୫ ଦିନ ତଳେ ଅଲଟ୍ରାସାଉଣ୍ଡ କରାଇବା ପାଇଁ ଡାକ୍ତର କହିଥିଲେ। ହେଲେ ସେ ଚାଲିପାରୁ ନ ଥିବାରୁ ଷ୍ଟ୍ରେଚରରେ ତାଙ୍କୁ ନେବା ପାଇଁ ଉକ୍ତ ବିଭାଗରେ ଥିବା ଆଟେଣ୍ଡାଣ୍ଟ ଓ କର୍ମଚାରୀଙ୍କୁ ରଜନୀ ୪ ଦିନ ହେବ ସାହାଯ୍ୟ ମାଗୁଛନ୍ତି। ମାତ୍ର ସେମାନେ ସାହାଯ୍ୟ କରିବା ପାଇଁ ମନା କରିଥିବା ରଜନୀ କହିଛନ୍ତି। ଶେଷରେ ନିରାଶ ହୋଇ ରଜନୀ ନିଜ ସମ୍ପର୍କୀୟ ପୁତୁରାଙ୍କୁ ଏ ବିଷୟରେ ଜଣାଇଥିଲେ। ଶୁକ୍ରବାର ସକାଳେ ସମ୍ପର୍କୀୟ ଜଣକ ମେଡିକାଲରେ ପହଞ୍ଚି ରୋଗୀଙ୍କୁ ରଞ୍ଜନରଶ୍ମି ବିଭାଗକୁ ନେବା ପାଇଁ ବ୍ୟାଟେରି ଗାଡ଼ିକୁ ଯୋଗାଯୋଗ କରିଥିଲେ। ହେଲେ ଗାଡ଼ି ନ ଆସିବାରୁ ଷ୍ଟ୍ରେଚର ଯୋଗେ ଅନ୍ୟ ରୋଗୀଙ୍କ ସମ୍ପର୍କୀୟଙ୍କ ସହାୟତାରେ ଗୁରୁବାରିଆଙ୍କୁ ନେଇ ରଞ୍ଜନରଶ୍ମି ବିଭାଗରେ ପହଞ୍ଚିଥିଲେ। ଅଲଟ୍ରାସାଉଣ୍ଡ ଗୃହକୁ ଟେକି ନେବା ପାଇଁ ସେଠାରେ ଥିବା ୨ ସୁରକ୍ଷାକର୍ମୀ ଓ କର୍ମଚାରୀଙ୍କୁ ରଜନୀ ସାହାଯ୍ୟ ମାଗିଥିଲେ ମଧ୍ୟ ସେମାନେ ମନା କରିଥିଲେ। ଫଳରେ ଜଣେ ରୋଗୀ ସମ୍ପର୍କୀୟ ରଜନୀଙ୍କୁ ସାହାଯ୍ୟ କରିଥିଲେ। ସେଠାରେ ପରୀକ୍ଷା ପରେ ଗୁରୁବାରିଆଙ୍କୁ ଉକ୍ତ ବିଭାଗରେ ଛାଡିଥିଲେ। ଏନେଇ ରଜନୀ କହିଛନ୍ତି, ମେଡିକାଲରେ ରୋଗୀଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କଲେ କର୍ମଚାରୀ ବିରକ୍ତି ପ୍ରକାଶ କରୁଛନ୍ତି। ଏପରି କି କେତେକ ସମୟରେ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବା ନିହାତି ଆବଶ୍ୟକ। ଅପରପକ୍ଷରେ ମେଡିକାଲର କୁଳସଚିବ ସୁବାସ ରାଏଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସାଇକେଲ ରାଲି କରି ଲଣ୍ଠନ ଧରି ପ୍ରତିବାଦ, ଧାରଣା

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା ଅଭିଯୋଗ

ବାଙ୍କୀ, ୪।୪
(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା ଅଭିଯୋଗ ହୋଇଛି। ଜଣେ ପୂର୍ବତନ ଜିଆରଏସ୍‌ଙ୍କ ମା'ଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ଟଙ୍କା ହଡ଼ପ କରାଯାଇଛି ବୋଲି ଅଭିଯୋଗ କରାଯାଇଛି। ଏନେଇ ମାନବ ଅଧିକାର ସୁରକ୍ଷା ସମିତି ଆବାହକ ମନୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ସାଇକେଲ୍ ରାଲି କରି ଲଣ୍ଠନ ଧରି ପ୍ରତିବାଦ କରାଯିବା ସହ ଧାରଣା ଦିଆଯାଇଛି। ଏଥିସହ ବିଡିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ପୂର୍ବତନ ଜିଆର୍‌ଏସ୍ ଏହି ବ୍ଲକ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତର ଅଧିବାସୀ। ୨୦୨୩ରେ ସେ ଏହି ପଞ୍ଚାୟତରେ ଜିଆରଏସ୍ ଭାବେ କାର୍ଯ୍ୟ କରିଥିଲେ। ସେତେବେଳେ ସେ ଉପରିସ୍ଥ ଅଧିକାରୀଙ୍କୁ ହାତବାରିସ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ (ନଂ. ଓଆର୧୫୩୧୯୮୧୦୯) ନିଜ ମା'ଙ୍କ ନାଁରେ ସମସ୍ତ କିସ୍ତି ହାତେଇ ନେଇଥିଲେ। ଏନେଇ ସରକାରୀ ୱେବସାଇଟ୍‌ରୁ ଜଣାପଡ଼ିବା ପରେ ମନୋଜଙ୍କ ନେତୃତ୍ୱରେ ପବିତ୍ର ମୋହନ ରାଉତ, ଶ୍ରୀକାନ୍ତ ପରିଡ଼ା ବିଜୟ କୁମାର ପରିଡ଼ା, ସନ୍ତୋଷ ମନ୍ତ୍ରୀଙ୍କ ସମେତ ବହୁ ସାମାଜିକ କର୍ମୀ ସାଇକେଲ ରାଲି କରି ବାଙ୍କୀରେ ପହଞ୍ଚିଥିଲେ। ବାଟରେ ଯାଉଥିବା ସମୟରେ ସୁବର୍ଣ୍ଣପୁର ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହାଳି ତାଙ୍କୁ ଅଟକାଇବା ସହ ବିନା ଅନୁମତିରେ ଏଭଳି ରାଲି କାହିଁକି କରୁଛନ୍ତି ବୋଲି ପଚାରିଥିଲେ। ଆବାସ ଯୋଜନାରେ ଚଞ୍ଚକତା ହୋଇଥିବା କହିଥିଲେ। ଅଭିଯୋଗକାରୀମାନେ ବିଡିଓ ସଂଗ୍ରାମ ଭୋଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଏହାର ବିଧିବଦ୍ଧ ତଦନ୍ତ କରିବା ପାଇଁ ଦାବି କରିବା ସହ ସେଠାରେ ଧାରଣା ଦେଇଥିଲେ। ତଦନ୍ତ ପରେ ସତ୍ୟତା ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ଭୋଳ କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।





ପ୍ରଧାନମନ୍ତ୍ରୀ ଆବାସ ଗୃହ ଖୋଜିବା ଲାଗି ଲଣ୍ଠନ ଦେଖାଇ ଅଭିନବ ପ୍ରତିବାଦ କରାଯାଉଛି।

OFFICE OF THE DISTRICT PROJECT COORDINATOR
SAMAGRA SIKSHYA, SUBARNAPUR
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 817 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of P.M. SHRI Logo Badge for Teachers and Students of PM-SHRI Schools of Subarnapur Distrct for the year 2024-25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

OFFICE OF THE DISTRICT PROJECT COORDINATOR
SAMAGRA SIKSHYA, SUBARNAPUR
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 824 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools of Subarnapur Distrct for the year 2024- 25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

INSURANCE INSTITUTE OF INDIA
NOTICE INVITING TENDER
We are pleased to invite applications for a commercial space on rental basis ideally situated within a 15-kilometer radius of the Sachivalaya, Bhubaneswar. The details of Bid requirements are published on our website. Kindly visit www.insuranceinstituteofindia.com → Tender → Bid for renting premises at Bhubaneswar. The last date for submission of applications is 21st April, 2025. For any queries, send email to lanjekar@iii.org.in
SECRETARY GENERAL

ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୭୩୩୪, ଇ-ମେଲ: dirbhubaneswar@iwai.gov.in ଓ iwainw5@gmail.com
ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି
ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍‌ଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨
ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ''ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଭେସେଲ୍ ଏମ୍‌ଭି ଭୂପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ'' ପାଇଁ ଅଭିଜ୍ଞତାସମ୍ପନ୍ନ, ଖ୍ୟାତନାମା ଲୋକଶକ୍ତି ଯୋଗାଣ ଏଜେନ୍ସିଗୁଡ଼ିକଠାରୁ ଅନଲାଇନ୍ ବିଡ୍/ଟେଣ୍ଡର ଆହ୍ୱାନ କରୁଛନ୍ତି। ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ ତା୦୪।୦୪।୨୦୨୫ରିଖରୁ ତା୧୭।୦୪।୨୦୨୫ରିଖ ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ 'www.iwai.nic.in' ଏବଂ ସିପିପି ପୋର୍ଟାଲ ''https://eprocure.gov.in/eprocure/app'ରୁ ଡାଉନଲୋଡ୍ କରାଯାଇପାରିବ । ଅନଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି ତା୧୭।୦୪।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲାଯିବାର ତାରିଖ ହେଉଛି ତା୧୮।୦୪।୨୦୨୫ରିଖ ୧୫.୩୦ ଘଟିକା। ଅନଲାଇନ୍ ବିଡ୍ https://eprocure.gov.in/eprocure/app ମାଧ୍ୟମରେ ଦାଖଲ କରାଯିବ।
(ନିର୍ଦ୍ଦେଶକ)

FAKIR MOHAN UNIVERSITY
VYASA VIHAR, NUAPADHI - 756020, BALASORE, ODISHA, INDIA, www.fmuniversity.nic.in
No.FMU/Pur-16/2025 2455 Date : 04.04.2025
Quotation Call Notice
Sealed Quotations are inviting from Jewellers having valid PAN and GST Registration No. copy with experience in the field to supply 107 numbers of Gold Medals to the University. The details of specification, regarding quality, weight etc. are available in the University Website (www.fmuniversity.nic.in).
Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 16.04.2025 at 01.00 P.M. and the same will be opened at 03.30 P.M. on the same day in the Office of the Registrar, F.M. University, Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reason thereof.
Sd./- Registrar

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ - 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

APPOINTMENT
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

ଆବଶ୍ୟକ
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

WANTED
SALES EXECUTIVE
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

JOB OPPORTUNITIES

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

कार्यपालक अभियन्ता का कार्यालय
पेयजल एवं स्वच्छता प्रमण्डल सं.1, धनबाद
अति अल्पकालीन ई-प्रोक्योरमेंट निविदा सूचना
(प्रथम आमंत्रण)
निविदा सूचना संख्या- DHANBAD-1/OandM/01/2025-26
दिनांक - 03.04.2025

| | | |
|---|---|---|
| 1 | कार्य का नाम | Operation and Maintenance of 13.50 MLD WTP at Kandra, Intake works at river Damodar (Chasnala), Raw water rising mains D.I. K-9 from Intake well to WTP, Clear water rising mains D.I. K-7 from WTP at Kandra to 5 Nos. ESR and distribution main of allied area under Dhanbad water supply project under JnNURM for 3 year including the cost of chemical but Excluding the cost of energy charges in the district of Dhabad. |
| 2 | प्राक्कलित राशि | रू0 234.90378 लाख |
| 3 | अग्रधन की राशि | रू0 4.70 लाख |
| 4 | कार्य पूर्ण करने की अवधि | 36 माह |
| 5 | वेबसाईट पर निविदा प्रकाशन की तिथि एवं समय | 07.04.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई-गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 15.04.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई-प्रोक्योरमेंट कार्यालय का सम्पर्क नं0 | 0326-2311259 |
| 11 | ई-प्रोक्योरमेंट सेल का हेल्प लाईन नं0 | 0651-1280345 |

विस्तृत जानकारी हेतु वेबसाईट नं0- http://jharkhandtenders.gov.in पर देखा जा सकता है।
कार्यपालक अभियंता,
पेयजल एवं स्वच्छता प्रमण्डल सं.1,
धनबाद
PR 349673 (Drinking Water and Sanitation) 25-26 (D)

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବେଗୁନିଆ,୪।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ ସିମୋର ଗ୍ରାମର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ସହକାରୀ ଉଦ୍ୟାନ କୃଷି କାର୍ଯ୍ୟାଳୟ ପକ୍ଷରୁ ପଞ୍ଚାୟତସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଚିନ୍ମୟୀ କୁମାରୀ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ବୋଲଗଡ଼ ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିକ୍ରମ କେଶରୀ ସାହୁ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାଧିକାରୀ ବନ୍ଦିତା ବେହେରା, ଖାଦ୍ୟ ପ୍ରକ୍ରିୟାକରଣ କର୍ମଚାରୀ ସୁଶୀଲ ରାଉଳ ଓ ମତ୍ସ୍ୟ ବିଭାଗ ଅଧିକାରୀ ଅତିଥି ଭାବେ ଯୋଗଦେଇ ମହୁ, ଫୁଲ, ସୋରିଷ, ରାଶି, ଆଳୁ, ପ୍ରାଣୀ ଏବଂ ମତ୍ସ୍ୟ, ନଡ଼ିଆ, ଆମ୍ବ, ଲେମ୍ବୁ, ପିଜୁଳି ଆଦି ବିଭିନ୍ନ ପନିପରିବା ଚାଷ ଉପରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଉତ୍ପାଦିତ ଖାଦ୍ୟକୁ କିଭଳି ଅଧିକ ଦିନ ସୁରକ୍ଷିତ ରଖାଯାଇପାରିବ, ସେ ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ କହିଥିଲେ। ସହକାରୀ ଉଦ୍ୟାନ କୃଷି ବିଭାଗ ଓଭରସିଅର ହୁଲାସ ଦେଇ ଧନ୍ୟବାଦ ଦେଇଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ଆଶିଷ କୁମାର ଦଳବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ପ୍ରଧାନଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

କାଇପଦର ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗେଣୀ ପ୍ରାଥମିକ ବିଦ୍ୟାଳୟରେ ପୂର୍ବତନ ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ରଞ୍ଜିତଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସନ୍ତୋଷ କୁମାର ଦାସ, ସତ୍ୟବାନ ଶ୍ରୀଚନ୍ଦନ, ଶିକ୍ଷକ ବଟକୃଷ୍ଣ ପରିଡା, ଅଗାଧୁ ସେଠୀ, ବୈଦ୍ୟନାଥ ବରାଳ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ସମ୍ପର୍କରେ କହିଥିଲେ। ଶିକ୍ଷାବିତ୍ ନିତ୍ୟାନନ୍ଦ ଛୋଟରାୟ, ପୂର୍ଣ୍ଣଚନ୍ଦ୍ର ଦାସ, ଶିକ୍ଷକ ବେଣୁଧର ମହାପାତ୍ର, ପ୍ରଭାକର ପଣ୍ଡା, ନବକିଶୋର ମହାପାତ୍ର, ଦୁର୍ଗାପ୍ରସାଦ ମଙ୍ଗରାଜ, ଶିକ୍ଷକ ଅଭିରାମ ବେହେରା, ସନ୍ତୋଷ କୁମାର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ପ୍ରତାପସିଂହ, ପ୍ରହ୍ଲାଦ ବାରିକ, ଜୟକୃଷ୍ଣ ପାଲଟାସିଂହ, ସୁଶାନ୍ତ କୁମାର ସାହୁ, ଶିକ୍ଷୟିତ୍ରୀ ମୋନାଲିସା ଦାସ, ନିରୋଜ ନଳିନୀ ଦାସ, ପ୍ରଜ୍ଞାସ୍ମିତା ଚୌଧୁରୀ, ସଲିଳା ଗୁମାନସିଂହ, ପ୍ରସନ୍ନ କୁମାର ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ରଣା ସଂଯୋଜନା କରିଥିଲେ।

### ସ୍କୁଟି ଡିକିରୁ ୨ ଲକ୍ଷ ଟଙ୍କା ଚୋରି

ବାଙ୍କୀ,୪।୪( ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ କନ୍ତକାଇ ଗ୍ରାମର ରୁଦ୍ର ମୋହନ ଭଞ୍ଜଙ୍କ ସ୍କୁଟି ଡିକିରୁ ୨ ଲକ୍ଷ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେ ବାଙ୍କୀ ଷ୍ଟେଟବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇବା ପରେ ଗାଡ଼ିରେ ଚାବି ଲଗାଇ ବଜାରରୁ ବିଭିନ୍ନ ସାମଗ୍ରୀ କିଣୁଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଦୁର୍ବୃତ୍ତ ତାଙ୍କ ଗାଡ଼ି ଡିକି ଖୋଲି ବ୍ୟାଗ ଭିତରେ ଥିବା ଦୁଇ ଲକ୍ଷ ଟଙ୍କା, ବ୍ୟାଙ୍କ ପାସ ବୁକ ଓ ଅନ୍ୟାନ୍ୟ କାଗଜପତ୍ର ଚୋରି କରି ଚମ୍ପଟ ମାରିଥିଲେ। ଏହା ଜାଣିବାପରେ ରୁଦ୍ର ପାଟି କରିଥିଲେ ମଧ୍ୟ କୌଣସି ସଫଳତା ମିଳି ନଥିଲା। ଶେଷରେ ସେ ଏନେଇ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବିଙ୍କୁଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଦ୍ୟୁଲତା ଦେବୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଦୀର୍ଘ ୨୦ବର୍ଷ ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। କାର୍ଯ୍ୟକ୍ରମରେ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ନରହରି ନନ୍ଦ ସଭାପତିତ୍ୱ କରିଥିଲେ। ସିଆର୍‌ସିସି ପୂର୍ଣ୍ଣଲକ୍ଷ୍ମୀ ମହାରଣା, ଓଷ୍ଟାର ପୁରୀ ଜିଲା ଉପସଭାପତି ପ୍ରକାଶ କୁମାର ପଲେଇ, ଶିକ୍ଷକ ସୁରେଶ ବିଶ୍ୱାଳ, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସରପଞ୍ଚ, ଛାତ୍ରୀଛାତ୍ର, ଆଞ୍ଚଳିକ ସାଧନକେନ୍ଦ୍ରର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ବିଦ୍ୟୁଲତା ଦେବୀଙ୍କ ସହ ସେମାନଙ୍କର ଅନୁଭୂତି ପ୍ରକାଶ କରିଥିଲେ। ମୁକ୍ତାପୁର ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ପୋଲିସ ବିଭାଗର ସବୁ ଦାବି ପୂରଣ ହେବ: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

**ଓଏସ୍‌ଏପି ଷଷ୍ଠ ବାଟାଲିୟନ ହାବିଲଦାର, କନ୍‌ଷ୍ଟେବଲ୍ ଓ ସିପାହି ଶାଖା ସଂଘର ବାର୍ଷିକ ଉତ୍ସବ**

କଟକ,୪।୪(କାର୍ତ୍ତିକ ସାହୁ)

ଓଏସ୍‌ଏପି ଷଷ୍ଠ ବାଟାଲିୟନ ହାବିଲଦାର, କନ୍‌ଷ୍ଟେବଲ୍ ଓ ସିପାହି ଶାଖା ସଂଘର ୪୬ତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ବାଟାଲିୟନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ସରକାର ପୋଲିସ ବିଭାଗ ପ୍ରତି ସଚେତନ ଅଛନ୍ତି। ଆସନ୍ତା ଆର୍ଥିକ ବର୍ଷରେ ସରକାର ସମସ୍ତ ଦାବି ପୂରଣ କରିବେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉତ୍ସବକୁ ଉଦ୍‌ଘାଟନକରି ବାଟାଲିୟନ୍‌ର ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ ନିମନ୍ତେ ଆବେଦନ କଲେ ସରକାର ତାହାକୁ ପୂରା କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇଦେବାକୁ ଘୋଷଣା କରିଥିଲେ। ନବରଙ୍ଗପୁର ବିଧାୟକ ଗୌରିଶଙ୍କର ମାଝୀ, ଦୁର୍ଗର ମୁଖ୍ୟ ଦୁର୍ଗପତି ସୂର୍ଯ୍ୟନାରାୟଣ ମଲ୍ଲିକ, କର୍ପୋରେଟର ଚୌଧୁରୀ ସୁବ୍ରତ ଘଡ଼ାଇ, ଓଡ଼ିଶା ପୋଲିସ ହାବିଲଦାର, ସିପାହି ଓ କନ୍‌ଷ୍ଟେବଲ୍ ମହାସଂଘର ସଭାପତି ଅନିଲ କୁମାର ଷଣ୍ଢ ଏବଂ ସମ୍ପାଦକ କିଶୋର କୁମାର ମହାନ୍ତି ମଞ୍ଚାସୀନ ଥିଲେ। ସଂଘ ସଭାପତି ଅଶୋକ କୁମାର ବେହେରା ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ବିମଳ ପାତ୍ର ଧନ୍ୟବାଦ ଦେଇଥିଲେ।



ଉତ୍ସବକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରୁଛନ୍ତି।

# ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ



କୃଷ୍ଣପ୍ରସାଦ,୪।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ କମଳାସିଂହ ଓ ବିରିପଦରର ବାର୍ଷିକ ଉତ୍ସବ ଏବଂ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ପାହାଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସିଆର୍‌ସିସି ପ୍ରଦୀପ କୁମାର ପଲେଇ, ରଘୁନାଥ ଦେବ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ପ୍ରଧାନ, ସଭ୍ୟ କମଳ ବେହେରା, ପ୍ରଶାନ୍ତ ଦାସ, ବାନାମ୍ବର ବେହେରା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ଏବଂ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷୟିତ୍ରୀ ସବିତା ପତି, ପ୍ରଦୀପ କୁମାର ଜେନା, ସୋନାଲି ଶୁଭଶ୍ରୀ ସ୍ୱାଇଁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଫେସବୁକ୍‌ରେ ଭିଡିଓ ଅପ୍‌ଲୋଡକରି ଜୀବନ ହାରିଲେ ଯୁବକ

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ପାରିବାରିକ ଅଶାନ୍ତିର ଏକ କରୁଣ ଚିତ୍ର ଖୋର୍ଦ୍ଧାରେ ଦେଖିବାକୁ ମିଳିଛି। ଜଣେ ଯୁବକ ଫେସ୍‌ବୁକରେ ଲାଇଭ୍ ଭିଡିଓ ଅପ୍‌ଲୋଡ କରି ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା କୁମାରବସ୍ତ ଗ୍ରାମର ରାମଚନ୍ଦ୍ର ବଡ଼ଜେନା। ଏନେଇ ତାଙ୍କ ବଡ଼ଭାଇ ହୃଦାନନ୍ଦ ତାପଙ୍ଗ ଷ୍ଟେଶନ ମାଷ୍ଟରଙ୍କୁ ଲିଖିତ ଅଭିଯୋଗ କରି ସାନଭାଇର ମୃତଦେହ ଚିହ୍ନଟ କରିଛନ୍ତି। ଆତ୍ମହତ୍ୟା ପାଇଁ ଶାଶୁ, ଶ୍ୱଶୁର, ଶାଳକ, ଶାଳୀ ଓ ସ୍ତ୍ରୀଙ୍କୁ ଭିଡିଓରେ ଦାୟୀ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ରାମଚନ୍ଦ୍ରଙ୍କ ବର୍ଷକର ଝିଅ ରହିଛି। ଗୁରୁବାର ସକାଳେ ମେଡିକାଲ ଯାଉଛି କହି ରାମଚନ୍ଦ୍ର ଘରୁ ବାହାରି ଯାଇଥିଲେ। ହୃଦାନନ୍ଦ ଫେସ୍‌ବୁକରେ ସାନଭାଇ ଏକ ଭିଡିଓ ଅପଲୋଡ କରି ଶ୍ୱଶୁରଘର ପରିବାରକୁ ଦାୟୀ କରି ଆତ୍ମହତ୍ୟା କରିବାକୁ ଯାଉଥିବା ଦେଖି ପରିବାର ଓ ସମ୍ପର୍କୀୟଙ୍କୁ ଖବର ଦେଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ତାପଙ୍ଗ ଓ ଧଉଳିମୁହଁ ଷ୍ଟେଶନ ମଧ୍ୟରେ ରାମଚନ୍ଦ୍ରଙ୍କ ମୃତଦେହ ପଡିଥିବା ଦେଖିଥିଲେ। ଖୋର୍ଦ୍ଧାରୋଡ୍ ଜିଆର୍‌ପି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଗୁରୁଜନ, ମାତାପିତାଙ୍କ ଆଶୀର୍ବାଦ ସଫଳତା ଆଣେ

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କୁରାଡ଼ମଲ୍ଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସିନ୍ଧୁସୁତା ପ୍ରିୟଦର୍ଶିନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, କୃପାସିନ୍ଧୁ ରାଉତ, ଅବିର ପରିଡା, ଦୁର୍ଗାଚରଣ ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭଲ ପାଠ ପଢି ବିଦ୍ୟାଳୟର ଗୌରବ ରଖିବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଛାତ୍ରୀଛାତ୍ରଙ୍କ ପ୍ରଥମ କର୍ତ୍ତବ୍ୟ ବିଦ୍ୟାଧ୍ୟୟନ। ଗୁରୁଜନଙ୍କୁ ଭକ୍ତି, ମାତାପିତାଙ୍କ ଆଶୀର୍ବାଦ ରହିଲେ ସଫଳତା ହାସଲ କରିବ ବୋଲି କହିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ରାଉତ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



କୁରାଡ଼ମଲ୍ଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବରେ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# କୁଳାଧିପତି କପ୍ ବକ୍ତୃତା ପ୍ରତିଯୋଗିତା

ଖୋର୍ଦ୍ଧା,୪।୪(ପ୍ରଭାତ ପାଣିଗ୍ରାହୀ): ପ୍ରାଣନାଥ (ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆନ୍ତଃ ମହାବିଦ୍ୟାଳୟ ଜୋନ୍‌ସ୍ତରୀୟ ଚାନସେଲର୍ସ(କୁଳାଧିପତି) କପ୍ ଓଡ଼ିଆ, ଇଂଲିଶ ଓ ହିନ୍ଦୀ ବକ୍ତୃତା ପ୍ରତିଯୋଗିତା ମୈତ୍ରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଇଂଲିଶ ବକ୍ତୃତାରେ ପିଏନ୍ କଲେଜର ଅନିନ୍ଦିତା ରଣସିଂହ ପ୍ରଥମ, ଏମ. ସମ୍ପତ୍ ଶ୍ରୀକର ୨ୟ ଓ ଆଶୀର୍ବାଦ ବିଡିଏସ୍ ରାୟବର୍ମା ୩ୟ ସ୍ଥାନ ହାସଲ କରିଛନ୍ତି। ଓଡ଼ିଆରେ ବିଜେବି ମହାବିଦ୍ୟାଳୟର କୁମାରୀ ପ୍ରଜ୍ଞା ଦାଶ ୧ମ, ପିଏନ୍ କଲେଜର ଶୁଭସ୍ମିତା ସେନା ୨ୟ ଏବଂ ଅର୍ପିତା ପ୍ରିୟଦର୍ଶିନୀ ସାହୁ ୩ୟ ସ୍ଥାନରେ ରହିଛନ୍ତି। ହିନ୍ଦୀ ପ୍ରତିଯୋଗିତାରେ ପିଏନ୍ କଲେଜର ଆଶୀର୍ବାଦ ବିଡିଏସ୍ ରାୟବର୍ମା ୧ମ, ଅର୍ପିତା ସ୍ୱାଇଁ ୨ୟ ଏବଂ ଅନିନ୍ଦିତା ରଣସିଂହ ୩ୟ ସ୍ଥାନ ହାସଲ କରିଛନ୍ତି। ବିଚାରକ ଭାବେ ଡ.ପ୍ରମୋଦ ଚନ୍ଦ୍ର ଦାଶ, ଡ.ମଦନ ମୋହନ ବେହେରା, ଡ.ସୌମେନ୍ଦ୍ର ମିଶ୍ର, ବଭୂତି ଭୂଷଣ ଜେନା, ଡ.ଲଳିତ ହୋତା, ଡ.ଆଶିଷ ରାୟ, ଡ.ସୁବୋଧ ଚନ୍ଦ୍ର ପ୍ରହରାଜ, ଡ.ପ୍ରଦୀପ ସାମନ୍ତରାଏ, ପ୍ରାଧାପକ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷା ଡ.ବିନ୍ଦୁଶ୍ରୀ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରି ପିଲାଙ୍କୁ ମାର୍ଗଦର୍ଶନ କରିଥିଲେ।

# ରଘୁ-ଦିବାକର ଶହୀଦ ଦିବସ ପାଳିତ

ଟାଙ୍ଗୀ,୪।୪(ରଘୁନାଥ ସାହୁ)

କନ୍ଧନୟାଗଡ଼ ପଞ୍ଚାୟତ ପକ୍ଷରୁ ରଘୁ-ଦିବାକରଙ୍କ ଶହୀଦ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରଯାଇଥିଲା। ଆଞ୍ଚଳିକ ପୂଜ୍ୟପୂଜା ପରିଷଦ ସଭାପତି ତଥା ପୂର୍ବତନ ଖାଉଟି ସୁରକ୍ଷା ଅଦାଲତର ଅଧ୍ୟକ୍ଷ ନାରାୟଣ ମହାପାତ୍ର, ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ନୟାଗଡ଼ ଜିଲା ଭାଜପା ସଭାପତି ତାପସ ରଞ୍ଜନ ମାର୍ଥା, ପୂର୍ବତନ କନ୍ଧନୟାଗଡ଼ ସରପଞ୍ଚ ଅରୁଣ ସୁବୁଦ୍ଧି, ରଘୁଦିବାକର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବେହେରା, ସୁବର୍ଣ୍ଣ ସିଂ, ଲକ୍ଷ୍ମୀଧର ବେହେରାଙ୍କ ସମେତ ରଘୁଦିବାକର କ୍ଲବର ସଭ୍ୟମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ରଘୁ-ଦିବାକର ଅମରରହେ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଯାଇ ରଘୁ-ଦିବାକର ସ୍ମୃତି ମଣ୍ଡପଠାରେ ପହଞ୍ଚିଥିଲେ। ସମ୍ପାଦକ ନାୟକଙ୍କ ସଂଯୋଜନାରେ ପୁଷ୍ପମାଲ୍ୟାର୍ପଣ ପରେ ଛାତ୍ରୀ ଅମିତା ସ୍ୱାଇଁ, ନିର୍ମଳା ପରିଡା ସ୍ୱରଚିତ କବିତା ପାଠ କରିଥିଲେ। ଭଗବାନ ଗୁରୁ ଧନ୍ୟବାଦ ଦେଇଥିଲେ। ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ଏବଂ ନୟାଗଡ ଜିଲା ଭାଜପା ସଭାପତି ତାପସ ରଞ୍ଜନ ମାର୍ଥା ମଧ୍ୟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥିମାନେ।

# ପରେଡ୍‌ରେ ଭାଗନେବେ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ର

**ରାଜଧାନୀ ପ୍ରତିଷ୍ଠା ଦିବସ ନେଇ ପ୍ରସ୍ତୁତି ବୈଠକ**

ଭୁବନେଶ୍ୱର, ୪।୪ (ବନ୍ଦନା ସେଠୀ)

ଏବର୍ଷ ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଆସନ୍ତା ୧୩ ଓ ୧୪ ତାରିଖ ଦୁଇଦିନ ଧରି ପାଳନ ହେବ। ଏନେଇ ଶୁକ୍ରବାର ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ କ୍ୟାପିଟାଲ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି କେବଳ ବିଭିନ୍ନ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରେଡ୍ ଅନୁଷ୍ଠିତ ହେବ। ସେହିଭଳି ବିଦ୍ୟାଳୟ ଓ ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ମଧ୍ୟରେ 'ଆମ ରାଜଧାନୀ' ପ୍ରସଙ୍ଗରେ ନୃତ୍ୟ ଓ ସଙ୍ଗୀତକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତା ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହେବା ସହ ଉକ୍ତ ଦୁଇଦିନ ସନ୍ଧ୍ୟାରେ ଉତ୍କଳ ମଣ୍ଡପଠାରେ ସଭାକାର୍ଯ୍ୟ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମରେ ଆଇନ୍ ଶୃଙ୍ଖଳା, ପାନୀୟ ଜଳ ଏବଂ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ସରକାରୀ, ବେସରକାରୀ, ବାଣିଜ୍ୟିକ ପ୍ରତିଷ୍ଠାନ କୋଠାଗୁଡିକୁ ଆଲୋକୀକରଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବୈଠକରେ ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ଓ ରାଜଧାନୀ ପ୍ରତିଷ୍ଠା ଦିବସ ଆୟୋଜନ କମିଟି ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ପ୍ରତିଷ୍ଠା ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ବିଏମ୍‌ସି ଆସିଷ୍ଟାଣ୍ଟ କମିଶନର ଏନ୍. ଗଣେଶ ବାବୁ, ମାଧ୍ୟମିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ହିମାଂଶୁ ଶେଖର ବେହେରା, ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା, ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ମଙ୍ଗରାଜ, ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 817 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of P.M. SHRI Logo Badge for Teachers and Students of PM-SHRI Schools of Subarnapur Distrct for the year 2024-25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 824 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools of Subarnapur Distrct for the year 2024- 25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

भारतीय बीमा संस्थान
INSURANCE INSTITUTE OF INDIA
**NOTICE INVITING TENDER**
We are pleased to invite applications for a commercial space on rental basis ideally situated within a 15-kilometer radius of the **Sachivalaya, Bhubaneswar.** The details of Bid requirements are published on our website. Kindly visit **www.insuranceinstituteofindia.com → Tender → Bid for renting premises at Bhubaneswar.** The last date for submission of applications is **21st April, 2025.** For any queries, send email to lanjekar@iii.org.in
SECRETARY GENERAL

**ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ**
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୬୩୩୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
**ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍‌ଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨**
ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) "ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଭେସେଲ୍ ଏମ୍‌ଭି ଭୂପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ" ପାଇଁ ଅଭିଜ୍ଞତାସମ୍ପନ୍ନ, ଖ୍ୟାତନାମା ଲୋକଶକ୍ତି ଯୋଗାଣ ଏଜେନ୍ସିଗୁଡ଼ିକଠାରୁ ଅନଲାଇନ୍ ବିଡ୍/ଟେଣ୍ଡର ଆହ୍ୱାନ କରୁଛନ୍ତି। ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ **ତା୦୪।୦୪।୨୦୨୫ରିଖରୁ ତା୧୭।୦୪।୨୦୨୫ରିଖ** ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ '**www.iwai.nic.in**' ଏବଂ ସିପିପିପି ପୋର୍ଟାଲ "**https://eprocure.gov.in/eprocure/app**'ରୁ ଡାଉନ୍‌ଲୋଡ୍ କରାଯାଇପାରିବ। ଅନଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି **ତା୧୭।୦୪।୨୦୨୫ରିଖ ୧୫.୦୦ ଘଟିକା** ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲାଯିବାର ତାରିଖ ହେଉଛି **ତା୧୮।୦୪।୨୦୨୫ରିଖ ୧୫.୩୦ ଘଟିକା**। ଅନଲାଇନ୍ ବିଡ୍ **https://eprocure.gov.in/eprocure/app** ମାଧ୍ୟମରେ ଦାଖଲ କରାଯିବ।
**(ନିର୍ଦ୍ଦେଶକ)**

**FAKIR MOHAN UNIVERSITY**
VYASA VIHAR, NUAPADHI - 756020, BALASORE, ODISHA, INDIA, www.fmuniversity.nic.in
No.FMU/Pur-16/2025 2455 Date : 04.04.2025
**Quotation Call Notice**
Sealed Quotations are inviting from Jewellers having valid PAN and GST Registration No. copy with experience in the field to supply 107 numbers of Gold Medals to the University. The details of specification, regarding quality, weight etc. are available in the University Website (www.fmuniversity.nic.in).
Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 16.04.2025 at 01.00 P.M. and the same will be opened at 03.30 P.M. on the same day in the Office of the Registrar, F.M. University, Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reason thereof.
Sd./- Registrar

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ – 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

**APPOINTMENT**
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

**JOB OPPORTUNITIES**

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

**कार्यपालक अभियन्ता का कार्यालय**
**पेयजल एवं स्वच्छता प्रमण्डल सं.1, धनबाद**
अति अल्पकालीन ई–प्रोक्योरमेंट निविदा सूचना
(प्रथम आमंत्रण)
निविदा सूचना संख्या– DHANBAD-1/OandM/01/2025-26
दिनांक – 03.04.2025

| | | |
|---|---|---|
| 1 | कार्य का नाम | Operation and Maintenance of 13.50 MLD WTP at Kandra, Intake works at river Damodar (Chasnala), Raw water rising mains D.I. K-9 from Intake well to WTP, Clear water rising mains D.I. K-7 from WTP at Kandra to 5 Nos. ESR and distribution main of allied area under Dhanbad water supply project under JnNURM for 3 year including the cost of chemical but Excluding the cost of energy charges in the district of Dhabad. |
| 2 | प्राक्कलित राशि | रू0 234.90378 लाख |
| 3 | अग्रधन की राशि | रू0 4.70 लाख |
| 4 | कार्य पूर्ण करने की अवधि | 36 माह |
| 5 | वेबसाईट पर निविदा प्रकाशन की तिथि एवं समय | 07.04.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 15.04.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई–प्रोक्योरमेंट कार्यालय का सम्पर्क नं0 | 0326–2311259 |
| 11 | ई–प्रोक्योरमेंट सेल का हेल्प लाईन नं0 | 0651–1280345 |

विस्तृत जानकारी हेतु वेबसाईट नं0– http://jharkhandtenders.gov.in पर देखा जा सकता है।
कार्यपालक अभियंता,
पेयजल एवं स्वच्छता प्रमण्डल सं.1, धनबाद
PR 349673 (Drinking Water and Sanitation) 25-26 (D)

**ସଂକ୍ଷେପରେ**

## ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ୍‌ରେ ଅଭିଯୋଗପତ୍ର ଦେଇହେବ

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ଆସନ୍ତା ୭ ତାରିଖରେ ଅସ୍ତରଙ୍ଗ ବ୍ଲକ ପରିସରରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏହା ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ଅବଗତ କରାଇଛନ୍ତି। ଅନ୍‌ଲାଇନ (https//janasunani.odisha.gov/) ମାଧ୍ୟମରେ ଲୋକମାନେ ନିଜ ଅଭିଯୋଗ ଶନିବାର ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲାପାଳ ଓ ଏସ୍‌ପିଙ୍କୁ ଜଣାଇପାରିବେ। ଏତ୍‌ଦବ୍ୟତୀତ ଅଣପଞ୍ଜୀକୃତ ଆବେଦନକାରୀ ସିଧାସଳଖ ଯୁଗ୍ମଶୁଣାଣି ଶିବିରରେ ଅଭିଯୋଗପତ୍ର ଦେଇପାରିବେ ବୋଲି ସୂଚନା ଦିଆଯାଇଛି।

## 'ଗୁଣ୍ଡିଚା ମନ୍ଦିର ଜନ୍ମବେଦି ନିଲାମ ପରିସରଭୁକ୍ତ ନ ହେଉ'

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)

ବହୁଦିନ ଧରି ନିଲାମ ହେଉ ନ ଥିବା ରୋହିଣୀକୁଣ୍ଡ, ନରେନ୍ଦ୍ର ପୁଷ୍କରିଣୀ, କୋଇଲିବୈକୁଣ୍ଠକୁ ଶ୍ରୀମନ୍ଦିର ପ୍ରଶାସନ ନିଲାମ ଦେଲାଣି। ହୁଏତ ଗୁଣ୍ଡିଚା ମନ୍ଦିର ନିଲାମ ହେବ। ତେବେ ଗୁଣ୍ଡିଚା ମନ୍ଦିର ଜନ୍ମବେଦିକୁ ନିଲାମ ପରିସରଭୁକ୍ତ ନ କରିବା ପାଇଁ ଓଡ଼ିଶା ଯୁବ ଚେତନା ସଂଗଠନ ଦାବି କରିଛି। ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର କହିଛନ୍ତି, ଗୁଣ୍ଡିଚା ମନ୍ଦିର ଜନ୍ମବେଦି ତଳେ ଲକ୍ଷେ ଶାଳଗ୍ରାମ ରହିଛି। ନିଲାମ ପରେ ଏହି ବେଦି ଉପରେ ସେବକ ବେଶରେ ଅବ୍ରାହ୍ମଣ ଓ ଅଣସେବାୟତ ବସି ଭକ୍ତଙ୍କୁ ପ୍ରଭାବିତ କରନ୍ତି। ଏଣୁ ଧର୍ମ ସଂସ୍କୃତି ତଥା ଶ୍ରୀଜଗନ୍ନାଥ ଚେତନାର ସୁରକ୍ଷା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏ ଦିଗରେ ବିଚାର କରିବା ଆବଶ୍ୟକ ବୋଲି ମିଶ୍ର କହିଛନ୍ତି।

# ସପ୍ତମ ବାର୍ଷିକ ବାଇଦେଇ ମହୋତ୍ସବ ଉଦ୍‌ଘାଟିତ

ଚାରିଛକ,୪।୪(ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଅମରପ୍ରସାଦଠାରେ ସପ୍ତମ ବାର୍ଷିକ ବାଇଦେଇ ମହୋତ୍ସବ-୨୦୨୫ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିଜବର ମୁଦୁଲିଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପିଙ୍କ ନିମାପଡ଼ା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ମୁଖ୍ୟବକ୍ତା ଆଇନଜୀବୀ ରଣଜିତ୍ ସାହୁ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ମଞ୍ଜୁଶ୍ରୀ ଭୋଇ, ସମିତିସଭ୍ୟା ଝରଣା ସାହୁ, ତୁଳସୀପୁର ପଞ୍ଚାୟତ ଭାଜପା ସଭାପତି ଜୈଳେସ କର, ପୂର୍ବତନ ସରପଞ୍ଚ ଭଗବାନ୍ ମିଶ୍ର, ଛଣିଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ କୁମାର ପରିଡ଼ା, ବାହାରଣା ପଞ୍ଚାୟତ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ସାହୁ, ଦିଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅମରେନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ ପ୍ରତାପ କୁମାର ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ଡ. ମନମୋହନ ଶର୍ମା ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମରେ ଆଙ୍କରିଂ କରିଥିଲେ। ସମଗ୍ର ଭାରତବର୍ଷରେ ଆଧ୍ୟାତ୍ମିକ ବିଚାର ଓ ଚେତନା ଭକ୍ତି, ସୁଖଶାନ୍ତି ଯୋଗାଇଦେଉଛି ବୋଲି ମୁଖ୍ୟ ଅତିଥି କହିଥିଲେ। ଶେଷରେ ଏହି ଅଞ୍ଚଳରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନରେ ୨୦୨୪ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଇଣ୍ଡିଆନ ଏକାଡେମୀ ଭୁବନେଶ୍ୱରର ଗନ୍ଧର୍ବ ପରିଷଦ ଓ କଟକ ଫିଫା ବ୍ୟାଣ୍ଡ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସପ୍ତମ ବାର୍ଷିକ ବାଇଦେଇ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ସାକ୍ଷୀଗୋପାଳ କଲେଜରେ ପ୍ରକଳ୍ପ ଉପସ୍ଥାପନ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସାକ୍ଷୀଗୋପାଳ,୪।୪(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ଶୁକ୍ରବାର ସଂସ୍କୃତ ବିଭାଗ +୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ଡି.ଏସ୍.ଇ- ୪ ପ୍ରକଳ୍ପ ଉପସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାହ୍ୟ ପରୀକ୍ଷକ ଭାବେ ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ସଂସ୍କୃତ ପ୍ରାଧ୍ୟାପିକା ପ୍ରଫେସର ହରପ୍ରିୟା ମହାରଣାଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରମାନେ ନିଜ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ପ୍ରଫେସର ମହାରଣା ସେମାନଙ୍କୁ ପ୍ରକଳ୍ପ ବିଷୟ ସମ୍ବନ୍ଧରେ କିଛି ମୌଖିକ ପ୍ରଶ୍ନ ପଚାରିଥିଲେ। ପରେ ସମ୍ମାନ ବିଭାଗ +୩ ଦ୍ୱିତୀୟ ବର୍ଷ ଓ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ସତ୍ୟଶିବ ସୁନ୍ଦର ମିଶ୍ର ସଭାପତିତ୍ୱ କରି ବିଦାୟୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ସଫଳତା କାମନା କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ସୁଜାତା ମହାପାତ୍ର, ପ୍ରାଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର, ପ୍ରାଧ୍ୟାପିକା ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। +୩ ଦ୍ୱିତୀୟ ବର୍ଷର ଛାତ୍ର ବାସୁଦେବ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଆମିଳିଗାଁ, ଶିରିପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ

କୋଣାର୍କ,୪।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟ ଆମିଳିଗାଁ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଶିରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଖେଳଣା' ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆମିଳିଗାଁ ସ୍କୁଲରେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର, ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ସାମାଜିକ କର୍ମୀ ନିଲମ ପରିଡ଼ା, ବନମାଳୀ ସ୍ୱାଇଁ ଓ ସ୍କୁଲ ପରିଚାଳନା କମିଟି ସଭାପତି ଦିଲୀପ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଉଥିବା ଶିଶୁଙ୍କ ନିମନ୍ତେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରିଷ୍ଠ ସହକାରୀ ଶିକ୍ଷକ ଯୋଗେନ୍ଦ୍ରନାଥ ଦାସ, ଗୋବିନ୍ଦ ଛାଟୋଇ ଓ ଶିକ୍ଷୟିତ୍ରୀ ମୋନାଲିସା ପ୍ରଧାନ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ଶିରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମରେ ସିମିଳି ସରପଞ୍ଚ ବିଶ୍ୱଜିତ ସ୍ୱାଇଁ ମୁଖ୍ୟ ଅତିଥି, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଅଲେଖ ଦାସ ଓ ସାମାଜିକ କର୍ମୀ ତୁଳସୀ ପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଆୟୋଜିତ ବିଭିନ୍ନ ଶୈକ୍ଷିକ ତଥା ସହଶୈକ୍ଷିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ବନ୍ଦନା ଆଚାର୍ଯ୍ୟ, ଶିକ୍ଷକ ଜିତେନ୍ଦ୍ର କାଣ୍ଡି ଓ ସାମାଜିକ କର୍ମୀ ଈଶାନ ମହାନ୍ତି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ବୃନ୍ଦ ।

# ଗଡ଼ିଶାଗୋଦାରେ ଜଳଯୋଗାଣ ୩ ଦିନ ବନ୍ଦ

କଣାସ,୪।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ୍‌ରେ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗି ରହୁଛି। ଏହି ସମସ୍ୟା ସୁଧୁରିବା ପାଇଁ ଜଳଯୋଗାଣ ବିଭାଗ ପକ୍ଷରୁ କେତୋଟି ହାତଗଣତି ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି। ଗଡ଼ିଶାଗୋଦା ଗ୍ରାମରେ ସାଧାରଣ ବଟସାରୁ ୩ ଦିନ ହେଲା ପାନୀୟଜଳ ଯୋଗାଣ ବନ୍ଦ ହୋଇଥିବାରୁ ଗଡ଼ିଶାଗୋଦା, ଶାସନ, ବିଲପାଟଣା, ଯାମଳଗୋଦା, ନଈକୂଳପାଟଣା ଗ୍ରାମକୁ ଜଳଯୋଗାଣ ବନ୍ଦ ରହିଥିବା ହେତୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ, ଗଡ଼ିଶାଗୋଦାଠାରେ ଥିବା ପମ୍ପ ହାଉସ୍ ନିକଟ ସରକାରୀ ସ୍ଥାନରେ ଗଡ଼ିଶାଗୋଦାର ଜଣେ ବ୍ୟକ୍ତି କ୍ୟାବିନ ପକାଇବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପମ୍ପ ହାଉସ୍ ଚଳାଉଥିବା ବ୍ୟକ୍ତିମାନେ କାହାରିକୁ କିଛି ନ ଜଣାଇ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ ନ ଜଣାଇ ପାଇପ୍ ଜଳଯୋଗାଣ ବନ୍ଦ କରିଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ କହିଛନ୍ତି, କ୍ୟାବିନ ପକାଇବା କଥାକୁ ନେଇ ଜଳଯୋଗାଣ କର୍ମଚାରୀମାନେ ଜଳ ଯୋଗାଣ ବନ୍ଦ କରିଛନ୍ତି। ପମ୍ପ ହାଉସ୍ ଚାବି ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଥିବାରୁ ସେ ତାଙ୍କୁ ବାରମ୍ବାର ଟେଲିଫୋନ କରି ଜଳଯୋଗାଣ କାର୍ଯ୍ୟ ଚାଲୁକରିବାକୁ କହିଛନ୍ତି। ଏ ନେଇ ସ୍ଥାନୀୟ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ କହିଛନ୍ତି, ତାଙ୍କ ପାଖରେ ଖବର ପହଞ୍ଚିଛି। ଘଟଣାସ୍ଥଳକୁ ଯାଇ ଜଳଯୋଗାଣ ବ୍ୟବସ୍ଥା କରୁଛି ବୋଲି ସେ କହିଛନ୍ତି।

# ମେଘନାଦ ପାଚେରିରେ ମଗରମୁଣ୍ଡ ପୁନଃ ସଂଯୋଗ କରାଯିବ: ଜିଲାପାଳ

ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟ ମେଘନାଦ ପାଚେରିରେ ଲାଗିଥିବା ମଗରମୁଣ୍ଡ ଭଙ୍ଗାଯାଇଥିବାବେଳେ ଏହାକୁ ପୁନଃସଂଯୋଗ କରାଯିବ ବୋଲି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

ସୂଚନାଯୋଗ୍ୟ, ଗୁରୁବାର ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ମେଘନାଦ ପାଚେରିରେ ଥିବା ଏକ ମଗରମୁଣ୍ଡକୁ ଭଙ୍ଗାଯାଇ ସେଠାରେ ଏକ ପାଇପ ସଂଯୋଗ କରାଯାଇଥିଲା। ଯାହାକୁ ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଜିଲାପାଳ ସ୍ୱାଇଁ କହିଛନ୍ତି, କିଛି ମାସ ତଳେ ମେଘନାଦ ପାଚେରିରେ ଲିକେଜ୍ ହୋଇଥିବା ଜଣାପଡ଼ିଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ଏଏସ୍‌ଆଇକୁ ଅବଗତ କରାଯାଇଥିଲା। ଯେପରି ଶ୍ରୀମନ୍ଦିରରୁ ପାଣି ନିଷ୍କାସନରେ ସମସ୍ୟା ନ ହେବ ସେଥିପାଇଁ ନୂତନ ପାଇପ୍ ବିଛାଯାଇଥିବାରୁ ଏହି ମଗରମୁଣ୍ଡକୁ ଭଙ୍ଗାଯାଇଥିଲା। ତେବେ କାର୍ଯ୍ୟ ଶେଷ ହେବା ପରେ ଉକ୍ତ ମଗରମୁଣ୍ଡକୁ ପୁନର୍ବାର ଲଗାଯିବ। ଏଏସ୍‌ଆଇ ସହ ଯୋଗାଯୋଗ ମାଧ୍ୟମରେ କାର୍ଯ୍ୟ କରାଯାଇଛି। ତେବେ ଯୋଗାଯୋଗରେ କିଛି ଗ୍ୟାପ୍ ରହିଯାଇଥାଇପାରେ। ଶ୍ରୀମନ୍ଦିର ପ୍ରଶାସନ ଏବଂ ଏଏସ୍‌ଆଇ ମିଳିମିଶି ଶ୍ରୀମନ୍ଦିର କାର୍ଯ୍ୟ କରିଥାନ୍ତି। ତେବେ ଉଭୟ ପକ୍ଷ କ୍ଷେତ୍ରରେ ଯେଉଁ ଦ୍ୱନ୍ଦ୍ୱ ଥିଲା ତାହା ଦୂର ହୋଇସାରିଛି।

# ୫୦ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ

## ପିପିଡବ୍ଲ୍ୟୁଓ ପକ୍ଷରୁ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ

ନିମାପଡ଼ା,୪।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲ୍‌ଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ଦ୍ୱାର ପରିଚାଳିତ ପିଙ୍ଗଳାକ୍ଷୀ କଲେଜ ଅଫ୍ ସ୍ପେଶାଲ ଏଜୁକେଶନ ଦ୍ୱାରା ୨ଦିନିଆ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। କାର୍ଯ୍ୟକ୍ରମରେ ଭାରତୀୟ ପୁନର୍ବାସ ପରିଷଦ ଦ୍ୱାରା ୫୦ଜଣ ସ୍ୱତନ୍ତ୍ର ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ପିପିଡବ୍ଲ୍ୟୁଓର ସାଧାରଣ ସମ୍ପାଦକ ଗଗନ ବିହାରୀ ଦାସ, ଯୁଗ୍ମ ସମ୍ପାଦକ ପବିତ୍ର ମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ଶିକ୍ଷା କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ତାଲିମଦାତା ଭାବେ ରାଜ୍ୟ ଶିକ୍ଷକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ଅବସରପ୍ରାପ୍ତ ସହାୟକ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରଥ, ସ୍ୱତନ୍ତ୍ର ବିଦ୍ୟାଳୟ ଅଧ୍ୟକ୍ଷ ମନତୋଷ ବେହେରା, ପ୍ରଜ୍ଞାପାରମିତା ବେହେରା, ପ୍ରିୟଙ୍କ ପ୍ରିୟଦର୍ଶିନୀ, ମୌସୁମୀ ରାୟସିଂହ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ୫୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ସ୍ୱତନ୍ତ୍ର ଶିକ୍ଷକମାନେ ନିଜର ବୃତ୍ତିକୁ ବ୍ରତ ଭାବେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ପିପିଡବ୍ଲ୍ୟୁଓର ଗୀତିନନ୍ଦା ପଟ୍ଟନାୟକ, ପ୍ରଭାତ ବେହେରା, ପ୍ରଜ୍ଞାପାରମିତା ପରିଡ଼ା, ଭବାନୀ ଶଙ୍କର ମହାରଣା କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ପଦ୍ମଲୋଚନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଉନ୍ନୟନ କାର୍ଯ୍ୟରେ ପାତରଅନ୍ତର କରାଗଲେ ବିଜେଡି ରାସ୍ତାକୁ ଓହ୍ଲାଇବ

ନିମାପଡ଼ା,୪।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ୍ କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ପାତରଅନ୍ତର ନୀତି ଅବଲମ୍ବନ କରାଯାଉଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ବିଭିନ୍ନ ଭତ୍ତା ବାବଦରେ ଚୟନରେ ପକ୍ଷପାତିତା କିମ୍ବା ଅନିୟମିତତା କରାଗଲେ କିମ୍ବା କୌଣସି କାର୍ଯ୍ୟ ଦଳୀୟ ଭିତ୍ତିରେ କରାଗଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ବରିଷ୍ଠ ବିଜେଡି ନେତା ଦିଲୀପ ନାୟକ ଚେତାବନୀ ଦେଇଛନ୍ତି। ବିଜେଡି ନେତା ନାୟକଙ୍କ ସମେତ ଦଳର ବରିଷ୍ଠ ନେତା ଦିଲୀପ ପାତ୍ର, ମାନସ ପ୍ରଧାନ, ଭାଗ୍ୟଧର ଖଟୋଇ, ରବୀନ୍ଦ୍ର ମଲ୍ଲିକ, ରଘୁନାଥ ଗିରି, ଚିନ୍ମୟ ସାହୁ, ସୌମ୍ୟରଞ୍ଜନ ପରିଜା, ଧନୁର୍ଦ୍ଧର ଦାସ ଓ ଦୀପକ ଦାସଙ୍କ ସମେତ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ନେତୃବୃନ୍ଦ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ବିଡିଓ ଅଭିଜିତ ଷଡ଼ଙ୍ଗୀଙ୍କୁ ଭେଟି ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ନିମାପଡ଼ା ବ୍ଲକ୍‌ରେ ଯେକୌଣସି ଉନ୍ନୟନ, ବିକାଶମୂଳକ କାର୍ଯ୍ୟ ବେଆଇନ ଭାବେ ଦଳୀୟ ଭିତ୍ତିରେ କରାଯାଏ, ତେବେ ବିଜେଡି ଏହାକୁ କଦାପି ବରଦାସ୍ତ କରିବ ନାହିଁ। ଏହାର କଡ଼ା ଜବାବ ବିଜେଡି ଦେବ ବୋଲି ଦଳର ନେତୃବୃନ୍ଦମାନେ କହିଛନ୍ତି। ପରେ ଦଳର ନେତୃବୃନ୍ଦମାନେ ଗ୍ରାମ୍ୟ ଉନ୍ନୟନ ବିଭାଗର ଡିଭିଜନ ଅଫିସ୍‌ଠାରେ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ସତ୍ୟଜିତ୍ ଦଳେଇଙ୍କୁ ଭେଟି ବିଭାଗର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟର ଭାଜପା ନେତୃତ୍ୱାଧୀନ ସରକାର ଗଠନ ହେବା ପରେ ନିମାପଡ଼ାରେ ବିଜେଡିର ନେତୃବୃନ୍ଦମାନଙ୍କ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରିବା, ସରକାରୀ ଅଧିକାରୀଙ୍କ ସହ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ଘଟଣା ବିଭିନ୍ନ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।



ବିଜେଡି ନେତୃବୃନ୍ଦ ବ୍ଲକ୍ କାର୍ଯ୍ୟାଳୟରେ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।


**OFFICE OF THE DISTRICT PROJECT COORDINATOR
SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 817 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of P.M. SHRI Logo Badge for Teachers and Students of PM-SHRI Schools of Subarnapur Distrct for the year 2024-25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**OFFICE OF THE DISTRICT PROJECT COORDINATOR
SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 824 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools of Subarnapur Distrct for the year 2024- 25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

भारतीय बीमा संस्थान
INSURANCE INSTITUTE OF INDIA
**NOTICE INVITING TENDER**
We are pleased to invite applications for a commercial space on rental basis ideally situated within a 15-kilometer radius of the **Sachivalaya, Bhubaneswar.** The details of Bid requirements are published on our website. Kindly visit **www.insuranceinstituteofindia.com → Tender → Bid for renting premises at Bhubaneswar.** The last date for submission of applications is **21st April, 2025.** For any queries, send email to lanjekar@iii.org.in
**SECRETARY GENERAL**

**ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ**
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୦୩୩୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
**ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍‌ଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨**
ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) "ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଭେସେଲ୍ ଏମ୍‌ଭି ଭୂପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ" ପାଇଁ ଅଭିଜ୍ଞତାସମ୍ପନ୍ନ, ଖ୍ୟାତନାମା ଲୋକଶକ୍ତି ଯୋଗାଣ ଏଜେନ୍ସିଗୁଡ଼ିକଠାରୁ ଅନଲାଇନ୍ ବିଡ୍/ଟେଣ୍ଡର ଆହ୍ୱାନ କରୁଛନ୍ତି। ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ **ତା୦୪।୦୪।୨୦୨୫ରିଖରୁ ତା୧୭।୦୪।୨୦୨୫ରିଖ** ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ '**www.iwai.nic.in**' ଏବଂ ସିପିପିପି ପୋର୍ଟାଲ "**https://eprocure.gov.in/eprocure/app**'ରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଅନଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି **ତା୧୭।୦୪।୨୦୨୫ରିଖ ୧୫.୦୦ ଘଟିକା** ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲାଯିବାର ତାରିଖ ହେଉଛି **ତା୧୮।୦୪।୨୦୨୫ରିଖ ୧୫.୩୦ ଘଟିକା**। ଅନଲାଇନ୍ ବିଡ୍ **https://eprocure.gov.in/eprocure/app** ମାଧ୍ୟମରେ ଦାଖଲ କରାଯିବ।
**(ନିର୍ଦ୍ଦେଶକ)**

**FAKIR MOHAN UNIVERSITY**
VYASA VIHAR, NUAPADHI - 756020, BALASORE, ODISHA, INDIA, www.fmuniversity.nic.in
No.FMU/Pur-16/2025 2455 Date : 04.04.2025
**Quotation Call Notice**
Sealed Quotations are inviting from Jewellers having valid PAN and GST Registration No. copy with experience in the field to supply 107 numbers of Gold Medals to the University. The details of specification, regarding quality, weight etc. are available in the University Website (www.fmuniversity.nic.in).
Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 16.04.2025 at 01.00 P.M. and the same will be opened at 03.30 P.M. on the same day in the Office of the Registrar, F.M. University, Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reason thereof.
**Sd./- Registrar**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ – 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

**APPOINTMENT**
Digitomesh, a leading Software Company required **TECHNICAL / NON TECHNICAL, RETIRED OFFICIALS.**
Contact : 8093008289
Bhubaneswar, Puri

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

**JOB OPPORTUNITIES**

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

**कार्यपालक अभियन्ता का कार्यालय
पेयजल एवं स्वच्छता प्रमण्डल सं.1, धनबाद**
अति अल्पकालीन ई–प्रोक्योरमेंट निविदा सूचना
(प्रथम आमंत्रण)
निविदा सूचना संख्या– DHANBAD-1/OandM/01/2025-26
दिनांक – 03.04.2025

| | | |
|---|---|---|
| 1 | कार्य का नाम | Operation and Maintenance of 13.50 MLD WTP at Kandra, Intake works at river Damodar (Chasnala), Raw water rising mains D.I. K-9 from Intake well to WTP, Clear water rising mains D.I. K-7 from WTP at Kandra to 5 Nos. ESR and distribution main of allied area under Dhanbad water supply project under JnNURM for 3 year including the cost of chemical but Excluding the cost of energy charges in the district of Dhabad. |
| 2 | प्राक्कलित राशि | रू0 234.90378 लाख |
| 3 | अग्रधन की राशि | रू0 4.70 लाख |
| 4 | कार्य पूर्ण करने की अवधि | 36 माह |
| 5 | वेबसाईट पर निविदा प्रकाशन की तिथि एवं समय | 07.04.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 15.04.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई–प्रोक्योरमेंट कार्यालय का सम्पर्क नं0 | 0326–2311259 |
| 11 | ई–प्रोक्योरमेंट सेल का हेल्प लाईन नं0 | 0651–1280345 |

विस्तृत जानकारी हेतु वेबसाईट नं0– http://jharkhandtenders.gov.in पर देखा जा सकता है।
कार्यपालक अभियंता,
पेयजल एवं स्वच्छता प्रमण्डल सं.1,
धनबाद
PR 349673 (Drinking Water and Sanitation) 25-26 (D)

## ପୋଖରୀରେ ବୁଡ଼ି ଛାତ୍ରୀ ମୃତ

କଣାସ,୪।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ୍ ଆଳିବାଡ଼ ପଞ୍ଚାୟତର ଆଳିବାଡ଼ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରଦୀପ ପରିଡ଼ାଙ୍କ ୬ଷ୍ଠ ଶ୍ରେଣୀରେ ପଢୁଥିବା ସାନଝିଅ ପ୍ରଜ୍ଞାସିନୀ ପରିଡ଼ା। ସୂଚନାଯୋଗ୍ୟ, ପ୍ରଜ୍ଞାସିନୀ ଗାଁ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିବାବେଳେ ସକାଳୁଆ ସ୍କୁଲ ହୋଇଥିବାରୁ ପ୍ରଭାତରୁ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗଭୀର ଜଳକୁ ଚାଲିଯିବାରୁ ବୁଡ଼ିଯାଇଥିଲା। କିଛି ସମୟ ଧରି ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ପୋଖରୀକୁ ଯାଇ ଖୋଜାଖୋଜିକରି ଝିଅକୁ ଉଦ୍ଧାରକରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କଇଁଛ ପିଠିରେ ରାସାୟନିକ ରଙ୍ଗରେ ଶ୍ରୀଜଗନ୍ନାଥ

ଭୁବନେଶ୍ୱର, ୪।୪ (ବନ୍ଦନା ସେଠୀ)

ସୋସିଆଲ୍ ମିଡିଆରେ ଚର୍ଚ୍ଚାକୁ ଆସିବା ସହିତ ଭିୟୁର୍ସ ବଢାଇବା ପାଇଁ ବ୍ଲଗରମାନେ କିଛି ବି କରିବାକୁ ପଛାଉ ନାହାନ୍ତି। ଏପରିକି ନିରୀହ ବନ୍ୟପ୍ରାଣୀଙ୍କୁ ଅତ୍ୟାଚାର କରିବା ତଥା ସେମାନଙ୍କୁ ମାରିବା ପାଇଁ ମଧ୍ୟ କୁଣ୍ଠାବୋଧ କରୁନାହାନ୍ତି। ନିକଟରେ ଅନୁଗୋଳ ଆଠମଲ୍ଲିକ ଅଞ୍ଚଳରେ ଜଣେ ଯୁବକ ବିରି ଖାଇଦେବାରୁ ଏକ ଶୁଆକୁ ଫାଶୀ ଦେଇ ତାହାର ଭିଡିଓକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ଗିରଫ ହୋଇଥିଲେ। ଏବେ ଏଭଳି ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ଲଗର ଏକ କଇଁଛକୁ ଧରି ତା' ଉପରେ ରାସାୟନିକ ରଙ୍ଗ ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ଛବି ଆଙ୍କି ତାକୁ ପୋଷ୍ଟ କରିଛନ୍ତି। ଚିତ୍ର ଆଙ୍କିବା ସମୟରେ କଇଁଛ ମୁହଁକୁ ଜବରଦସ୍ତ ଚାପି


ସୋସିଆଲ ମିଡ଼ିଆରେ ଅପ୍‌ଲୋଡ୍ ହୋଇଥିବା ପୋଷ୍ଟ।

ଧରିଥିବା ସେଥିରେ ଦେଖିବାକୁ ମିଳୁଛି। ଉକ୍ତ ପୋଷ୍ଟଟି ବିଶ୍ୱଜିତ୍ ଜେନା ନାମରେ ଥିବା ଫେସ୍‌ବୁକ୍ ଆକାଉଣ୍ଟରେ ଏବଂ ମି. ବିଶ୍ୱ ବ୍ଲଗ୍‌ସ ନାମରେ ଥିବା ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ପୋଷ୍ଟ ହୋଇଛି। ଏହି ଘଟଣା ବନ୍ୟପ୍ରାଣୀ ଆଇନ୍‌କୁ ଉଲ୍ଲଂଘନ କରିବା ସହିତ ଧାର୍ମିକ ଭାବନାକୁ

### ବ୍ଲଗରଙ୍କୁ ଗିରଫ ଦାବିକଲେ ପ୍ରାଣୀପ୍ରେମୀ

କୁଠାରାଘାତ କରୁଛି। ହିନ୍ଦୁଧର୍ମରେ କଇଁଛକୁ ବିଷ୍ଣୁଙ୍କ ଅବତାର ଭାବେ ବର୍ଣ୍ଣନା କରାଯାଇଛି। କଇଁଛକୁ ଏଭଳି ଧରି ଚିତ୍ର ଆଙ୍କିବା ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି ନୁହେଁ, ବରଂ ସୋସିଆଲ ମିଡିଆରେ ଟଙ୍କା ଅର୍ଜନ କରିବାର ଏକ ମାଧ୍ୟମ। ତେଣୁ କଇଁଛ ଉପରେ ଚିତ୍ର ଆଙ୍କିଥିବା ବ୍ୟକ୍ତି, ଭିଡିଓ ଶୁଟ୍ କରିଥିବା ବ୍ୟକ୍ତି ଏବଂ ଏଥିରେ ସାମିଲ୍ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାଣୀପ୍ରେମୀମାନେ ଦାବି କରିଛନ୍ତି। ସବୁ ଭାରତୀୟ କଇଁଛ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ ଅନୁଯାୟୀ ସଂରକ୍ଷିତ। ଭିଡିଓରେ ଦେଖାଯାଇଥିବା କଇଁଛ ଇଣ୍ଡିଆନ୍ ଫ୍ଲାପ୍‌ସେଲ୍ ଟର୍ଟଲ (ପଙ୍କୁଆ କଇଁଛ), ଯାହାକି ସିଡ୍ୟୁଲ୍-୧ ତାଲିକାଭୁକ୍ତ। ତେଣୁ ଏମାନଙ୍କୁ ଧରିବା ଅର୍ଥ ଶିକାର କରିବା। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୭ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ୧ଲକ୍ଷ ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି। ମାତ୍ର ଏସବୁ ଆଇନ୍‌କୁ ଜଳାଞ୍ଜଳି ଦେଇ ବିଶ୍ୱଜିତ୍ ଏହି ସିଡ୍ୟୁଲ୍-୧ କଇଁଛକୁ ଧରି, ତାକୁ ରାସାୟନିକ ରଙ୍ଗ ଦେଇ ସମ୍ପୂର୍ଣ୍ଣ ପ୍ରଣାଳୀକୁ ଭିଡିଓ ଶୁଟିଂ କରି ପୋଷ୍ଟ କରିବା ଦେଖିବାକୁ ମିଳିଛି। ଅପରପକ୍ଷେ ବାରମ୍ବାର ବନ୍ୟପ୍ରାଣୀଙ୍କୁ ଏଭଳି ଅତ୍ୟାଚାର କରାଯାଉଥିବାବେଳେ ବନ ବିଭାଗ ପକ୍ଷରୁ ସେଭଳି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନେକ ସମୟରେ ଅଭିଯୋଗ ହେଲେ କେବଳ ଅପରାଧୀଙ୍କୁ ଗିରଫ କରି ଚୁପ୍ ବସିଯାଉଛି। ଫଳରେ ବାରମ୍ବାର ଏଭଳି ଘଟଣା ଘଟି ଚାଲିଛି।


ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଉତ୍ସବ।

# ବିଦେଶ ମାଟିରେ ଓଡ଼ିଆ ଖାଦ୍ୟର ଆଦର ବଢୁଛି

### ବିଦେଶ ଯାଉଛି କଳାହାଣ୍ଡି କଦଳୀ, ଢେଙ୍କାନାଳ ଆମ୍ବ ଓ ପନିପରିବା, ବଲାଙ୍ଗୀର ଡ୍ରାଗନ ଫ୍ରୁଟ୍

ଭୁବନେଶ୍ୱର,୪।୪ (ସୌମ୍ୟରଞ୍ଜନ ରାଉତ)





ଓଡ଼ିଆ ଖାଦ୍ୟର ଆଦର ବିଦେଶ ମାଟିରେ ବଢ଼ିବାରେ ଲାଗିଛି। କଳାହାଣ୍ଡି କଳମ୍ପୁରର କଦଳୀ, ଢେଙ୍କାନାଳର ଆମ୍ବ ଓ ପନିପରିବା ସହ ଉପକୂଳ ଏବଂ ପଶ୍ଚିମ ଓଡ଼ିଶାରୁ ମଧ୍ୟ ପରିବା ରପ୍ତାନି ହେଉଛି। ସେହିପରି ବଲାଙ୍ଗୀର ପାଟଣାଗଡ଼ରୁ ଡ୍ରାଗନ୍ ଫ୍ରୁଟ୍ ମଧ୍ୟ ଦୁବାଇ ଯିବା ପରେ ବର୍ତ୍ତମାନ କଲରା, ଭେଣ୍ଡି, ସଜନା ଛୁଇଁ ଓ ପୋଟଳ ବିଦେଶକୁ ପଠାଯାଉଛି। ଏହା ଭଲ ରୋଜଗାର ଦେଉଥିବାରୁ ଚାଷୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଆଗାମୀ ଦିନରେ ଅନ୍ୟ ପନିପରିବା ବିଦେଶକୁ ରପ୍ତାନି କରି ଚାଷୀଙ୍କୁ ଆହୁରି ରୋଜଗାରକ୍ଷମ କରାଯିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ଚାଷୀମାନଙ୍କୁ ଉନ୍ନତ ଚାଷ ପ୍ରଣାଳୀ ଉପରେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ଆଗକୁ ଓଡ଼ିଶାରୁ ଉନ୍ନତମାନର କୃଷି ଉତ୍ପାଦ ବିପୁଳ ପରିମାଣର ବିଦେଶକୁ ରପ୍ତାନି କରାଯିବାକୁ ଲକ୍ଷ୍ୟ ରହିଥିବା ଡ. ପାଢ଼ୀ ମତବ୍ୟକ୍ତ କରିଛନ୍ତି।

# ଦୁଗ୍ଧଚାଷୀଙ୍କ ପାଇଁ ଜୀବନ ବୀମା କଲା ଓମ୍‌ଫେଡ୍

ଭୁବନେଶ୍ୱର, ୪।୪ (ବନ୍ଦନା ସେଠୀ)

ଓମଫେଡ୍‌ର ୧୧୪ତମ ପରିଚାଳନା ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଶୁକ୍ରବାର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓମ୍‌ଫେଡକୁ ଦୁଗ୍ଧ ଯୋଗାଉଥିବା ଚାଷୀଙ୍କୁ ଦୁର୍ଘଟଣାଜନିତ ବୀମା ପରିସରଭୁକ୍ତ କରାଯାଇଛି। ଏହାଦ୍ୱାରା ରାଜ୍ୟର ୨.୫ ଲକ୍ଷରୁ ଅଧିକ ପରିବାର ଉପକୃତ ହେବେ। ଚାଷୀଙ୍କ ବୀମା ପ୍ରିମିୟମ ଓମ୍‌ଫେଡ ଦେବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏହି ଅବସରରେ ଚାଷୀଙ୍କଠାରୁ ସଂଗ୍ରହ ହେଉଥିବା ଦୁଗ୍ଧ ଦର ବୃଦ୍ଧି କରିବା ପାଇଁ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ଜରିଆରେ ସରକାରଙ୍କୁ ଅବଗତ କରାଯାଇଥିଲା। ଚାଷୀଙ୍କଠାରୁ ଗୁଣାତ୍ମକ ଦୁଗ୍ଧ ସଂଗ୍ରହ କରିବା ଏବଂ ସଂଗ୍ରହ ପରିମାଣ ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଏବେ ଦୈନିକ ୫ ଲକ୍ଷ ୪୦ ହଜାର ଲିଟର ଦୁଗ୍ଧ ସଂଗ୍ରହ ହେଉଛି। ମାତ୍ର ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ପରିମାଣ ୬ ଲକ୍ଷ ଲିଟରକୁ ବୃଦ୍ଧି କରିବା ପାଇଁ ବୈଠକରେ

### ୧୧୪ତମ ପରିଚାଳନା ନିର୍ଦ୍ଦେଶକ ମଣ୍ଡଳୀ ବୈଠକ

ନିଷ୍ପତ୍ତି ନିଆଯାଇଛି। ଏଥିସହ ଓମ୍‌ଫେଡ ଉତ୍ପାଦଗୁଡିକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ପାଇଁ ମାର୍କେଟ ବିସ୍ତାର କରିବାକୁ ନେଇ ଆଲୋଚନା ହୋଇଥିଲା। ସେହିପରି ଗୁଣାତ୍ମକ ଦୁଗ୍ଧ ସଂଗ୍ରହ ପାଇଁ ପ୍ରତ୍ୟେକ ସୋସାଇଟିକୁ ଅତ୍ୟାଧୁନିକ ପରୀକ୍ଷା ଯନ୍ତ୍ର ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ଅଞ୍ଚଳରେ ସୋଲାର ପ୍ଲାଣ୍ଟ ଓ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ହେବ ବୋଲି କୁଲାଙ୍ଗେ ସୂଚନା ଦେଇଥିଲେ। ଓମ୍‌ଫେଡ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ପରିଚାଳନା ନିର୍ଦ୍ଦେଶକ ମଣ୍ଡଳୀର ସଦସ୍ୟ ଓ ରାଜ୍ୟ ସରକାରଙ୍କ ପ୍ରତିନିଧି ଯୋଗଦେଇଥିଲେ।

## କବିତା ପୁସ୍ତକ 'ରତୁପର୍ଣ୍ଣା' ଲୋକାର୍ପିତ

ଭୁବନେଶ୍ୱର,୪।୪ (ସୌମ୍ୟରଞ୍ଜନ ରାଉତ)

ବର୍ଷା ପବ୍ଲିକେଶନ ପକ୍ଷରୁ ଯୁବକବି ସଂଗ୍ରାମ ମହାରଣାଙ୍କ ପ୍ରଥମ କବିତା ସଂକଳନ 'ରତୁପର୍ଣ୍ଣା' ଶୁକ୍ରବାର ଲୋହିଆ ଏକାଡେମୀଠାରେ ଲୋକାର୍ପଣ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାବନ୍ଧିକ ପ୍ରଫେସର ବୈଷ୍ଣବ ଚରଣ ସାମଲ, ସମ୍ମାନିତ ଅତିଥି ଭାବେ କଥାକାର ଡ. ଅଜୟ ସ୍ୱାଇଁ, ମୁଖ୍ୟବକ୍ତା ଭାବେ କଥାକାର ଭୀମ ପୃଷ୍ଟି, ସମ୍ମାନିତ ବକ୍ତା ତଥା ଶିଶୁ ସାହିତ୍ୟିକ ତ୍ରିଲୋଚନ ମଥାନ ଓ ଅନ୍ୟତମ ବକ୍ତା ଭାବେ ଯୋଗଦେଇଥିଲେ। କବି ପବିତ୍ର ମୋହନ କର ବହିଟିର ସମୀକ୍ଷା କରିଥିଲେ। ଏହି ଅବସରରେ ତରୁଣ କବିମାନେ କବିତା ସଂକଳନ 'ରତୁପର୍ଣ୍ଣା'ର କେତୋଟି କବିତା ଆବୃତ୍ତି କରିଥିଲେ।

# ଲାଞ୍ଚ ନେଇ ବାଲିଅନ୍ତା ବ୍ଲକ୍ ସହକାରୀ ଯନ୍ତ୍ରୀ ଗିରଫ

### ସହଯୋଗୀଙ୍କୁ ମଧ୍ୟ ଧରିଲା ଭିଜିଲାନ୍ସ

ବାଲକାଟୀ(ମନୋଜ ମଣ୍ଡଳ)/ ଭୁବନେଶ୍ୱର,୪।୪(ସତ୍ୟଜିତ୍ ରାଉତ)

ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବାଲିଅନ୍ତା ବ୍ଲକ୍‌ର ସହକାରୀ ଯନ୍ତ୍ରୀ(ଏଇ) ସଂଘମିତ୍ର ପଟ୍ଟନାୟକ ଓ ତାଙ୍କ ସହଯୋଗୀ ବେଣୁଧର ପରିଡ଼ା ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଟିମ୍ ସମସ୍ତ ଲାଞ୍ଚ ଟଙ୍କା ଜବତ କରି ଉଭୟଙ୍କୁ ଗିରଫ କରିଛି। ପରେ ଭିଜିଲାନ୍ସ ପକ୍ଷରୁ ସଂଘମିତ୍ରଙ୍କ ଭୁବନେଶ୍ୱର ପୋଖରୀପୁଟସ୍ଥିତ ବାସଭବନ ଓ ତାଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଛି। ଅଭିଯୁକ୍ତ


ସଂଘମିତ୍ର ପଟ୍ଟନାୟକ


ବେଣୁଧର ପରିଡ଼ା

ସଂଘମିତ୍ର ଓ ବେଣୁଧରଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ଦିଆଯାଇଛି।

ଭିଜିଲାନ୍ସର ସୂଚନା ଅନୁଯାୟୀ, ୨୦୨୩ରେ ବିଧାୟକ ପାଣ୍ଠିରୁ ଜଗୁଆପୁର ଗ୍ରାମର ଚିତ୍ରେଶ୍ୱର କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଏହି କୋଠା ଘର କାର୍ଯ୍ୟ ଠିକାଦାର ରଶ୍ମି ରଞ୍ଜନ ମହାପାତ୍ର କରିଥିଲେ। ତେବେ କାମ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ୪୨ ହଜାର ଟଙ୍କାର ଶେଷ ବିଲ୍ ପାଇଁ ରଶ୍ମିରଞ୍ଜନ ବାରମ୍ବାର ବ୍ଲକ୍ ଅଫିସକୁ ଦୌଡୁଥିଲେ। ହେଲେ ତାଙ୍କ କଥା ଶୁଣାଯାଉ ନ ଥିଲା। ଏହି ବିଲ୍ ପାସ୍ କରିବାକୁ ସହକାରୀ ଯନ୍ତ୍ରୀ ସଂଘମିତ୍ର ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ରଶ୍ମୀରଞ୍ଜନ ଏନେଇ ଗୁରୁବାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଭୁବନେଶ୍ୱର ଭିଜିଲାନ୍ସ ଥାନା ପକ୍ଷରୁ ଏକ ମାମଲା (ନଂ.୬/୨୦୨୫) ରୁଜୁ କରାଯିବା ସହ ସଂଘମିତ୍ରଙ୍କୁ ଧରିବାକୁ ଜାଲ ବିଛାଯାଇଥିଲା। ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟା ୩୦ରେ ବ୍ଲକ କାର୍ଯ୍ୟାଳୟରେ ବେଣୁଧରଙ୍କ ଜରିଆରେ ଠିକାଦାର ରଶ୍ମିରଞ୍ଜନଙ୍କଠାରୁ ସଂଘମିତ୍ର ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ପୂର୍ବପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ସେମାନଙ୍କୁ ଧରିଥିଲେ। ତେବେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ପରେ ବ୍ଲକ ଅଫିସ୍‌ର ଅନ୍ୟ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନନ୍ତ


@ ରିକିରାମ


@ ସୋନା


@ ସୀତାଂଶୁ


@ ଜୁହିରାଣୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମା' ବାସନ୍ତୀ ଦୁର୍ଗାଙ୍କ ମହାସପ୍ତମୀ ପୂଜା


କଟକ ମଙ୍ଗଳାବାଗ ପୂଜାମଣ୍ଡପରେ ପୂଜା ପାଉଥିବା ମା'।


ଚୌଧୁରୀ ବଜାର


ଚାନ୍ଦିନୀଚୌକ


ରାଣୀହାଟ

# ବର୍ଗର ସାମ୍ରାଜ୍ୟରେ ଓଡ଼ିଆ ଉଦ୍ୟୋଗୀ ବିରଜା

**ଏକ ସାଧାରଣ ପରିବାରରୁ 'ବିଗିଜ୍ ବର୍ଗର' ବ୍ରାଣ୍ଡ ପ୍ରତିଷ୍ଠା ପର୍ଯ୍ୟନ୍ତ ଓଡ଼ିଆ ପୁଅ ବିରଜା ରାଉତଙ୍କ ଯାତ୍ରା। ଏହି ଯାତ୍ରା କେବଳ ତାଙ୍କର ବ୍ୟବସାୟିକ ସଫଳତାକୁ ଦର୍ଶାଉନାହିଁ, ବରଂ ସୁଯୋଗର ସଦୁପଯୋଗ କରିବାର କଳା, ଆହ୍ୱାନର ମୁକାବିଲା କରିବା ସହ ସ୍ୱପ୍ନକୁ ସାକାର କରିବାର ପ୍ରୟାସକୁ ମଧ ଦର୍ଶାଉଛି।**

ଧରିତ୍ରୀ | OrissaPOST BUSINESS EMINENCE AWARDS

ଦେଶରେ ମ୍ୟାକ୍‌ଡୋନାଲ୍ଡ୍‌ସ୍, ଡୋମିନସ୍ ଏବଂ କେଏଫ୍‌ସି ଭଳି ଫାଷ୍ଟଫୁଡ୍ ବ୍ରାଣ୍ଡର ଚାହିଦା ରହିଥିବାବେଳେ ବର୍ଗର୍ ବଜାରରେ ହୋମଗ୍ରୋନ୍ ବ୍ରାଣ୍ଡ 'ବିଗିଜ୍ ବର୍ଗର୍' ନିଜର ସ୍ଥିତି ସୁଦୃଢ଼ କରିପାରିଛି। ଓଡ଼ିଆ ଉଦ୍ୟୋଗୀ ବିରଜା ରାଉତଙ୍କ ବର୍ଗର୍ ନିଶା ତାଙ୍କୁ ଏହି ବ୍ୟବସାୟିକ ସଫଳତା ଆଣିଦେଇଛି। କେନ୍ଦୁଝର ଜିଲାରେ ଜନ୍ମିତ ବିରଜା ଭୁବନେଶ୍ୱରସ୍ଥିତ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଶିକ୍ଷାଲାଭ କରିଛନ୍ତି। ପଢ଼ାସାରିବା ପରେ ଅନ୍ୟମାନଙ୍କ ପରି ସେ ମଧ ବେଙ୍ଗାଲୁରୁରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ତାଙ୍କୁ ଯେତେବେଳେ ୨୧ ବର୍ଷ ହୋଇଥିଲା ସେତେବେଳେ ସେ ପ୍ରଥମ ଥର ପାଇଁ ବର୍ଗର୍ ଚାଖିବାର ସୁଯୋଗ ପାଇଥିଲେ। ସେହି ବର୍ଗର୍ ଯେ ତାଙ୍କ ଭବିଷ୍ୟତ ବଦଳାଇଦେବ ତାହା କେହି କେବେ ଚିନ୍ତା କରି ନ ଥିଲେ। ଇଣ୍ଟରନ୍ୟାଶନାଲ ଫାଷ୍ଟଫୁଡ୍ ଚେନ୍ ଦେଶରେ ବ୍ୟବସାୟ ବିସ୍ତାର କରୁଥିବାବେଳେ ଭାରତୀୟ ଖାଦ୍ୟ ଶିଳ୍ପ ବିଶେଷକରି ଗରମେଟ୍, ଗ୍ରିଲଡ୍ ବର୍ଗର୍ କ୍ଷେତ୍ରରେ କୌଣସି ଭାରତୀୟ ବ୍ରାଣ୍ଡ ନ ଥିବା ସେ ହୃଦୟଙ୍ଗମ କରିଥିଲେ। ବର୍ଗର୍‌ର ଦେଶୀ ବିକଳ୍ପ ଭାବେ ହୋମଗ୍ରୋନ୍ ବର୍ଗର୍ ବଜାରରେ ଉପଲବ୍ଧ କରାଇବା ପାଇଁ ସେ ସ୍ଥିର କରିଥିଲେ।

## ଛୋଟ କିଓସ୍କରୁ ବିଗିଜ୍ ବର୍ଗର୍ ପାଲଟିଛି ନ୍ୟାଶନାଲ ଚେନ




ବିରଜା ୨୦୧୧ରେ ବିମର୍ ଫୁଡ୍ ଆଣ୍ଡ୍ ବେଭେରେଜସ୍ ପ୍ରାଇଭେଟ ଲିମିଟେଡ୍‌ର ମୂଳଦୁଆ ପକାଇଥିଲେ। ମାତ୍ର ୨୦ହଜାର ଟଙ୍କା ବିନିଯୋଗରେ ସେ ଏକ ଛୋଟ କିଓସ୍କରେ ବର୍ଗର ବ୍ୟବସାୟ ଆରମ୍ଭ କରିଥିଲେ। ବେଙ୍ଗାଲୁରରେ ନିଜ ଅଫିସ୍ ସାମନାରେ ସେ ଏହି କିଓସ୍କ ଖୋଲିଥିବାବେଳେ ଛୁଟିଦିନରେ ବିକ୍ରି ଆରମ୍ଭ କରିଥିଲେ। ସେହି ଛୋଟ କିଓସ୍କ ବର୍ତ୍ତମାନ ବାର୍ଷିକ ଶତାଧିକ କୋଟିର ବ୍ୟବସାୟର ରାସ୍ତା ଦେଖାଇଛି। ୨୦୧୬ରେ ସେ ଆଇଟି ଚାକରୀ ଛାଡ଼ି ବିଗିଜ୍ ବର୍ଗର୍‌କୁ ସମ୍ପ୍ରସାରଣ କରିବାର ନିଷ୍ପତ୍ତି ନେଇଥିଲେ। ଉତ୍ତମ ଗୁଣବତ୍ତାଯୁକ୍ତ, ଶୁଦ୍ଧ ଏବଂ ଗ୍ରିଲଡ୍ ବର୍ଗର୍ ପ୍ରତି ପ୍ରତିବଦ୍ଧତା ହେତୁ ବ୍ରାଣ୍ଡ ଖୁବ୍‌ଶୀଘ୍ର ଲୋକପ୍ରିୟତା ହାସଲ କରିଥିଲା। ବଜାରରେ ମିଳୁଥିବା ଫ୍ରାଏଡ୍ ବର୍ଗର୍ ତୁଳନାରେ ଏହା ସ୍ୱାସ୍ଥ୍ୟକର ବିକଳ୍ପ ଭାବେ ବିବେଚିତ ହେଉଛି। ବର୍ତ୍ତମାନ ୧୬ ରାଜ୍ୟରେ ବିଗିଜ୍ ବର୍ଗରର ୧୫୦ରୁ ଅଧିକ ଆଉଟଲେଟ୍ ସହ ଏହି ବ୍ରାଣ୍ଡ ଦେଶର ସର୍ବବୃହତ୍ ହୋମଗ୍ରୋନ୍ ବର୍ଗର୍ ଚେନ୍ ପାଲଟିଛି।




## ସ୍ମାର୍ଟ ବିଜ୍‌ନେସ ମଡେଲ୍

ବିରଜାଙ୍କ ସଫଳତା କେବଳ ତାଙ୍କ ବର୍ଗରରେ ନୁହେଁ, ବରଂ ତାଙ୍କର ବ୍ୟବସାୟିକ ପରିଯୋଜନାରେ ମଧ ପରିଲକ୍ଷିତ ହୋଇଥାଏ। ଆଇଟି ପ୍ରଫେସନାଲ, ଆର୍ମି ଭେଟେରାନ୍, ସରକାରୀ କର୍ମଚାରୀଙ୍କୁ ବିଗିଜ୍ ବର୍ଗରର୍ ଫ୍ରାଞ୍ଚାଇଜ୍ ପ୍ରଦାନ କରିଛି। ଉତ୍ତମ ଗୁଣବତ୍ତାକୁ ସର୍ବାଗ୍ରେ ରଖୁଥିବା ବିଗିଜ୍ ବର୍ଗର୍ ଉଚ୍ଚମାନର ସାମଗ୍ରୀ ବ୍ୟବହାର କରି ପୋଷଣଯୁକ୍ତ ଶୁଦ୍ଧ ବର୍ଗର୍ ବଜାରରେ ଉପଲବ୍ଧ କରାଇବା ଉପରେ ବିଶ୍ୱାସ ରଖେ। ଫାଷ୍ଟଫୁଡ୍ ବ୍ରାଣ୍ଡଗୁଡ଼ିକ ମେଟ୍ରୋ ସହରରେ ବ୍ୟବସାୟ ବିସ୍ତାର କରୁଥିବାବେଳେ ବିରଜା ଟାଏର-୨ ଓ ଟାଏର-୩ ସହରକୁ ଗୁରୁତ୍ୱ ଦେଇଥା'ନ୍ତି। ପ୍ରତି ତିନିମାସରେ ୨୫ ନୂଆ ଷ୍ଟୋର ଖୋଲିବାର ସେ ଲକ୍ଷ୍ୟ ରଖିଛନ୍ତି। ବର୍ଗର୍ ବ୍ୟତୀତ ବିଗ୍‌ଗାଏଜ୍ ୱିଙ୍ଗସ୍ ଆଣ୍ଡ୍ ବର୍ଗରସ୍ ନାମରେ ନୂଆ ଭେଞ୍ଚର ପ୍ରତିଷ୍ଠା କରି ବଗର୍ ସହ ଅନ୍ୟାନ୍ୟ ଖାଦ୍ୟ ଓ ପାନୀୟକୁ ସ୍ଥାନ ଦେଇଛନ୍ତି। ତାଙ୍କର ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ବିଭିନ୍ନ ବର୍ଗର ଗ୍ରାହକଙ୍କ ଚାହିଦା ମେଣ୍ଟାଇବାକୁ ରାସ୍ତା ପ୍ରଶସ୍ତ କରିଛି। ଦିନକୁ ଦିନ ବିଗିଜ୍ ବର୍ଗର ବ୍ୟବସାୟ ବିସ୍ତାର କରିଚାଲିଥିବାବେଳେ ଭାରତର ନିଜସ୍ୱ ବର୍ଗର୍‌କୁ ବିଶ୍ୱସ୍ତରରେ ପରିଚିତ କରାଇବା ବିରଜାଙ୍କ ଲକ୍ଷ୍ୟ ରହିଛି।

## ସାରା ଭାରତକୁ ଗର୍ବିତ କରିଛନ୍ତି ଓଡ଼ିଆ ଉଦ୍ୟୋଗୀ

କେନ୍ଦୁଝରରୁ ବେଙ୍ଗାଲୁରୁ ଏବଂ ଆଇଟି କ୍ଷେତ୍ରରୁ ଖାଦ୍ୟ ଶିଳ୍ପ ଯାଏ ବିରଜାଙ୍କ ଏହି ଯାତ୍ରା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। କେବଳ ଓଡ଼ିଶା ନୁହେଁତ୍, ସମଗ୍ର ଦେଶର ଯୁବଉଦ୍ୟୋଗୀଙ୍କୁ ସେ ସଫଳତାର ବାଟ ଦେଖାଇଛନ୍ତି। ଉତ୍ତମ ଭାବନା ସହ କାର୍ଯ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ରହିଲେ ସବୁ କିଛି ସମ୍ଭବ କରିପାରେ ବୋଲି ବିରଜା ପ୍ରମାଣିତ କରିଛନ୍ତି।



ବିରଜା ରାଉତ

# ବଲାଙ୍ଗୀରରେ ଆକାଶର ନୂତନ ଶାଖା



ମୁଖ୍ୟଅତିଥି ପୌରାଧକ୍ଷା ଲିକା ସାହୁ ଆକାଶର ବଲାଙ୍ଗୀର ଶାଖାକୁ ଉଦ୍‌ଘାଟନ କରୁଛନ୍ତି।

**ବଲାଙ୍ଗୀର,୪।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡ (ଆକାଶ)ର ନୂତ ଶାଖା ବଲାଙ୍ଗୀର ଠାରେ ଆରମ୍ଭ ହୋଇଛି। ପୌରାଧକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆକାଶର ଏକାଡେମିକ୍ ଡାଇରେକ୍ଟର ରାଜୀବ ନୟନଙ୍କ ସମେତ ଅଜୟ ଦାସ, ପ୍ରଭାତ କୁମାର ଛତୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ମେଡିକାଲ, ଆଇଆଇଟି, ଜେଇଇ ପରୀକ୍ଷା ପାଇଁ କୋଚିଂ ଦିଆଯିବା ସହ ଷଷ୍ଠରୁ ଦଶମ ଶ୍ରେଣୀର ପିଲାଙ୍କ ପାଇଁ ଫାଉଣ୍ଡେଶନ୍ କୋର୍ସ କୋଚିଂ ଆରମ୍ଭ କରାଯିବ।

# ମାର୍ଚ୍ଚରେ ୪,୨୭,୪୪୮ ୟୁନିଟ୍ ଗାଡ଼ି ବିକ୍ରି

**ଭୁବନେଶ୍ୱର,୪।୪**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ମାସିକ ଗାଡ଼ି ବିକ୍ରି ଫଳାଫଳକୁ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ମାର୍ଚ୍ଚରେ କମ୍ପାନୀର ମୋଟ୍ ୪,୨୭,୪୪୮ ୟୁନିଟ୍ ଗାଡ଼ି ବିକ୍ରି ହୋଇଛି। ବିଶେଷକରି ଘରୋଇ ବଜାରରେ ୪,୦୧,୪୧୧ ୟୁନିଟ୍ ବିକ୍ରି ହୋଇଥିଲାବେଳେ ୨୬,୦୩୭ ୟୁନିଟ୍ ଗାଡ଼ି ରପ୍ତାନି ହୋଇଛି। ସେହିଭଳି ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ମୋଟ୍ ୫୮,୩୧,୧୦୪ ୟୁନିଟ୍ ଗାଡ଼ି ବିକ୍ରି କରିଛି, ଯେଉଁଥିରେ ପୂର୍ବ ବର୍ଷ ତୁଳନାରେ ୧୯% ଅଭିବୃଦ୍ଧି ହାସଲ କରିଛି। ଏଥିମଧ୍ୟରେ ୫୩,୨୬,୦୯୨ ୟୁନିଟ୍ ଘରୋଇ ବଜାରରେ ବିକ୍ରି ହୋଇଥିଲାବେଳେ ୫,୦୫,୦୧୨ ୟୁନିଟ୍ ଗାଡ଼ି ରପ୍ତାନି ହୋଇଥିଲା।

# ଆଜିଠାରୁ ରିଲାଏନ୍ସ ଡିଜିଟାଲର 'ଡିଜିଟାଲ ଡିସ୍‌କାଉଣ୍ଟ ଡେଜ୍‌ସ'

**ଭୁବନେଶ୍ୱର,୪।୪**




ରିଲାଏନ୍ସ ଗ୍ରୁପ୍‌ର ସହାୟକ କମ୍ପାନୀ ତଥା ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ଅଫର 'ଡିଜିଟାଲ ଡିସ୍‌କାଉଣ୍ଟ ଡେଜ୍‌ସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଫର ଏବଂ ସ୍ୱତନ୍ତ୍ର ସେଲ୍‌ସ ୨୦୨୫ ଏପ୍ରିଲ ୫ରୁ ଆରମ୍ଭ ହେଉଛି। ସେହିଭଳି ଭାରତର ସବୁଠାରୁ ବଡ଼ ଇଲେକ୍ଟ୍ରୋନିକ୍ସ ସେଲ୍ ଉପରେ କମ୍ପାନୀ ଅଗ୍ରଣୀ ବ୍ୟାଙ୍କ କାର୍ଡ ଏବଂ ପେପର ଫାଇନାନ୍ସ ଉପରେ ପ୍ରାୟ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ଅଫରଗୁଡ଼ିକ ୨୦୨୫ ଏପ୍ରିଲ ୨୦ ପର୍ଯ୍ୟନ୍ତ ସମସ୍ତ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପାଇଁ ରିଲାଏନ୍ସ ଡିଜିଟାଲ୍‌ର ଅଫ୍‌ଲାଇନ ଷ୍ଟୋର ଏବଂ ମାଇ ଜିଓ ଷ୍ଟୋର ଏବଂ ଅନ୍‌ଲାଇନ ପ୍ଲାଟ୍‌ଫର୍ମ reliance-digital.in ରେ ବୈଧ ରହିଛି। ସେହିପରି ସହଜ ଫାଇନାନ୍ସିଂ, ଇଏମ୍‌ଆଇ ବିକଳ୍ପ ଏବଂ ଦ୍ରୁତତମ ବିତରଣ ଏବଂ ସଂସ୍ଥାପନ ସହ ଭାରତ ପାଇଁ ଅପ୍‌ଗ୍ରେଡ୍ କରିବାର ଠିକ୍ ସମୟ ଆସିଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଜେଏସ୍‌ଏଲ୍‌ରେ ପରିବେଶ ମାସ ପାଳିତ

**ଭୁବନେଶ୍ୱର,୪।୪**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ଯାଜପୁର ପ୍ଲାଣ୍ଟ ପରିସରରେ ପରିବେଶ ମାସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜେଏସ୍‌ଏଲ୍ ପକ୍ଷରୁ ପ୍ରମୁଖ ପରିବେଶ ଦିବସଗୁଡ଼ିକୁ ପାଳନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଯେଉଁଥିରେ ଅନ୍ତର୍ଜାତୀୟ ବନ ଦିବସ, ବିଶ୍ୱ ଜଳ ଦିବସ ଏବଂ ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସ ଅନ୍ତର୍ଭୁକ୍ତ ରହିଥିଲ। ଏପରିକି କମ୍ପାନୀର କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମଗୁଡିକର ମୂଳ ଲକ୍ଷ୍ୟ ଥିଲା। ବୃକ୍ଷରୋପଣ ଏବଂ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରି ଚାରା ବଣ୍ଟନ ଅଭିଯାନ ସହ ଏହି ଉତ୍ସବର ଶୁଭାରମ୍ଭ ହୋଇଥିଲା। ଜେଏସ୍‌ଏଲ୍ ପ୍ଲାଣ୍ଟ ପରିସରରେ ଏକ ମେଗା ବୃକ୍ଷରୋପଣ ଅଭିଯାନ ମଧ ଆୟୋଜନ କରାଯାଇଥିଲା, ଯେଉଁଠାରେ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ପ୍ଲାଣ୍ଟ ପରିସରର ସବୁଜିମାକୁ ଆହୁରି ବୃଦ୍ଧିକରି ୧୦୦ରୁ ଅଧିକ ଗଛ ରୋପଣ କରିଥିଲେ। ବିଶ୍ୱ ଜଳ ଦିବସରେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ହିମବାହ ତରଳିବା ଏବଂ ଜଳ ସଂରକ୍ଷଣ ଭଳି ବିଷୟବସ୍ତୁ ଉପରେ କେନ୍ଦ୍ରିତ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଯେପରିକି ସ୍ଲୋଗାନ ଲେଖା, ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସର ଅଂଶ ସ୍ୱରୂପ, ବ୍ରାହ୍ମଣୀ ନଦୀ କୂଳରେ ଏକ ନଦୀକୂଳ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ କର୍ମଚାରୀ, ସ୍ଥାନୀୟ ଯୁବଗୋଷ୍ଠୀ ଏବଂ ଜେଏସ୍‌ଏଲ୍‌ର ଏନ୍‌ଜିଓ ସହଭାଗୀ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେଶନର ସଦସ୍ୟମାନେ ପ୍ଲାଷ୍ଟିକ୍ ଏବଂ ଅଳିଆ ଆବର୍ଜନା ଅପସାରଣ ପାଇଁ ଏକାଠି ହୋଇଥିଲେ।

# ସୁନା ଦରରେ ସୁଧାର ସୁଯୋଗ ସୃଷ୍ଟି କରିବ : ସଞ୍ଜୟ

**ଭୁବନେଶ୍ୱର,୪।୪**

ସୁନାର ଦର ବଢ଼ି ଚାଲିଛି ଓ ପ୍ରତିଦିନ ନୂଆ ରେକର୍ଡ ସୃଷ୍ଟି କରୁଛି। ୨୪କ୍ୟାରେଟ୍‌ର ଦର ୯୩ ହଜାର ପାରକରି ସାରିଲାଣି ଏବଂ ଏହା ପୂର୍ବ ଅନୁମାନ ଅପେକ୍ଷା ଯଥେଷ୍ଟ ଶୀଘ୍ର ଅର୍ଥାତ୍ ଚଳିତ ବର୍ଷ ୧ଲକ୍ଷ ଟଙ୍କା ପାର୍‌ହେବା ସମ୍ଭାବନା ଦେଖାଦେଇଛି। ଲାଲ୍‌ଚାନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ଅଧକ୍ଷ ସଞ୍ଜୟ ହଂସଙ୍କ ମତରେ ଏଭଳି ପରିସ୍ଥିତିରେ ସୁନା କିଣିବା ପାଇଁ ଠିକ୍ ସମୟ ବାଛିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆମେରିକୀୟ ଫେଡେରାଲ ରିଜର୍ଭର ସୁଧ ହାର ହ୍ରାସ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନା କିଣିବା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ଇତ୍ୟାଦି ବିଶ୍ୱ ବଜାରରେ ସୁନାର ଦରକୁ ପ୍ରଭାବିତ କରୁଛି। ଫଳରେ ସୁନାର ଦର ୧ ଲକ୍ଷ ଟଙ୍କା ପାରହୋଇ ୧ ଲକ୍ଷ ୩୫ ହଜାର ସ୍ତରକୁ ଛୁଇଁବାର ସମ୍ଭାବନା ଦେଖାଦେଇଛି।

ତେବେ ଅକ୍ଷୟ ତୃତୀୟା ଅବସରରେ ଲାଲ୍‌ଚାନ୍ଦ ଜୁଏଲର୍ସ ଗ୍ରାହକମାନଙ୍କ ପାଇଁ ଆଣିଛନ୍ତି ସୁନା କିଣିବାର ସବୁଠୁ ସହଜ ବାଟ। ପ୍ରି-ବୁକିଂ ସୁବିଧା ଦ୍ୱାରା ଗ୍ରାହକମାନେ କିଛି ଅଗ୍ରିମ ଦେଇ ସୁନା ଦର ଲକ୍ କରିପାରିବେ। ଆଗକୁ କୌଣସି ଦିନ ଯଦି ସୁନା ଦରରେ ସୁଧାର ଦେଖାଦିଏ, ସେ ଦିନର ଦର ଅଥବା ଦର ବଢ଼ିଥିଲେ ବୁକିଂ ଦିନର ଦରରେ ସୁନା କିଣି ପାରିବେ। ଏହା ଗ୍ରାହକମାନଙ୍କୁ ଅସ୍ଥିର ସୁନା ଦରରୁ ସୁରକ୍ଷା ପ୍ରଦାନ କରିବ। ସୁନାରେ ନିବେଶ କରିବା ପାଇଁ ଲାଲ୍‌ଚାନ୍ଦର ପ୍ରତ୍ୟେକ ଷ୍ଟୋର୍‌ରେ ମିଳୁଛି ଏମ୍‌ଏମ୍‌ଟିସି ସ୍ୱର୍ଣ୍ଣମୁଦ୍ରା। ଆଗାମୀ ଦିନରେ ରୁପା ମଧ ଯଥେଷ୍ଟ ବଢ଼ିବାର ସମ୍ଭାବନା ଦେଖାଦେଇଛି ବୋଲି ହଂସ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ,ଗତବର୍ଷ ପ୍ରଥମ କରି ସୁନା ଦର ଲକ୍ଷେ ଟଙ୍କା ଛୁଇଁବା କଥା ହଂସ ପୂର୍ବାନୁମାନ କରିଥିଲେ।

ବିଗତ ୩ ଦଶକର ସୁନାର ଦରକୁ ଦେଖିଲେ ଜଣାପଡ଼େ ଯେ ଭାରତରେ ସୁନାର ଦର ୨୦୦୦ ମସିହାଠାରୁ ସାମୟିକ ଉତ୍‌ଥାନ ପତନ ସତ୍ତ୍ୱେ କ୍ରମାଗତ ଭାବେ ବଢ଼ି ଚାଲିଛି। ୨୦୦୦ରେ ୧୦ଗ୍ରାମ ସୁନାର ଦର ୪,୪୦୦ ଟଙ୍କା ଥିବାବେଳେ ୨୦୨୫ରେ ୯୩ ହଜାର ଟଙ୍କାରେ ପହଞ୍ଚିଛି। ସୁନାରେ ନିବେଶକଙ୍କ ସଂଖ୍ୟା ବଢ଼ିଛି । ତେଣୁ ସୁନାର ଚାହିଦା ମଧ ବଢ଼ି ଚାଲିଛି। ଏବେ ସୁନାକୁ କେବଳ ଏକ ଅଳଙ୍କାର ଭାବେ ନ ଦେଖି ଲୋକେ ଏକ ଉତ୍ତମ ନିବେଶର ମାଧ୍ୟମ ଭାବେ ବିବେଚନା କରୁଛନ୍ତି। ୨୦୦୮ରେ ବିଶ୍ୱ ଅର୍ଥନୈତିକ ସଙ୍କଟ କାରଣରୁ ସୁନା ଦର ୧୩,୫୦୦ହୋଇଥିଲା। ୨୦୧୧ ଏବଂ ୨୦୨୦ରେ ଦରରେ ତୀବ୍ର ବୃଦ୍ଧି ଦେଖାଦେଇଥିଲା। ୨୦୨୦ରେ କୋଭିଡ୍ ପାଇଁ ସୁନାର ଦର ୫୫ ହଜାର ଛୁଇଁଥିଲା।



ସଞ୍ଜୟ ହଂସ

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ, ୪।୪**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୩୧(୯୩୦.୬୭) ପଏଣ୍ଟ ହ୍ରାସ ଘଟି ୭୫,୩୬୫(୭୫,୩୬୪.୬୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୩୪୬(୩୪୫.୬୫) ପଏଣ୍ଟ କମି ୨୨,୯୦୪(୨୨,୯୦୪.୪୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲକ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ ହ୍ରାସ ଘଟିଛି।

# ଅଲ୍‌ଟ୍ରାଭାୟୋଲେଟି ପକ୍ଷରୁ ନୂତନ ମଡେଲର ଅନାବରଣ




**ଭୁବନେଶ୍ୱରରେ ବ୍ରାଣ୍ଡର ଉତ୍ପାଦ ବର୍ଗମାଳା ପ୍ରଦର୍ଶିତ**

**ଭୁବନେଶ୍ୱର,୪।୪**

ଅଲ୍‌ଟ୍ରାଭାୟୋଲେଟିର ନୂତନ ମଡେଲ ତଥା ଇଲେକ୍ଟ୍ରିକ୍ ସ୍କୁଟର 'ଟେସେରାକ୍ଟ' ଏବଂ ମୋଟରସାଇକଲ 'ସକ୍‌ୱେଭ'ର ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବ୍ରାଣ୍ଡ୍‌ର ଅତ୍ୟାଧୁନିକ ଉତ୍ପାଦ ବର୍ଗମାଳାର ଶୁଭାରମ୍ଭ ସହ ପ୍ରଦର୍ଶିତ କରାଯାଇଥିଲା। ସେହିଭଳି ଦୀର୍ଘଦିନ ଧରି ସାରା ଦେଶରେ ଗ୍ରାହକଙ୍କୁ ଆକର୍ଷିତ କରୁଥିବା ଅଲ୍‌ଟ୍ରାଭାୟୋଲେଟିର ଅତ୍ୟାଧୁନିକ ବର୍ଗମାଳା ଏବଂ କାର୍ଯ୍ୟଦକ୍ଷତା ବିଶିଷ୍ଟ ଦୁଇଚକିଆ ଯାନକୁ ଓଡ଼ିଶା ବର୍ତ୍ତମାନ ଅନୁଭବ କରିବାରେ ସକ୍ଷମ ହେବ। ଏପରିକି ଗ୍ରାହକ ସେବାକୁ ବଢ଼ାଇବା ପାଇଁ ଅଲ୍‌ଟ୍ରାଭାୟୋଲେଟି ଚଳିତ ବର୍ଷ ଭୁବନେଶ୍ୱରରେ ଅତ୍ୟାଧୁନିକ ଏକ୍ସପେରିଏନ୍ସ ସେଣ୍ଟର ପ୍ରତିଷ୍ଠା କରିବାକୁ ଯାଉଛି। ଏହି ୩ ଏସ୍ ଏକ୍ସପିରିଏନ୍ସ ସେଣ୍ଟର ଜରିଆରେ କମ୍ପାନୀ ବ୍ୟାପକ ମାଲିକାନା ସେବା ପ୍ରଦାନ କରିବ, ଯାହା ଭୁବନେଶ୍ୱର ଏବଂ ଓଡ଼ିଶାର ଆଖପାଖ ଅଞ୍ଚଳର ଗ୍ରାହକଙ୍କ ପାଇଁ ଏକ ଅତୁଳନୀୟ ଅନୁଭୂତି ସୁନିଶ୍ଚିତ କରିବ।

ଏ ସମ୍ପର୍କରେ ଅଲ୍‌ଟ୍ରାଭାୟୋଲେଟିର ସିଇଓ ତଥା ସହ-ପ୍ରତିଷ୍ଠାତା ନାରାୟଣ ସୁବ୍ରମଣ୍ୟମ କହିଛନ୍ତି, ଭୁବନେଶ୍ୱରରେ ଆମର ଉତ୍ପାଦ ବର୍ଗମାଳା ପ୍ରଦର୍ଶନ କରିବା ଅଲ୍‌ଟ୍ରାଭାୟୋଲେଟି ପାଇଁ ଏକ ନୂଆ ମାଇଲଖୁଣ୍ଟ। ଅତ୍ୟାଧୁନିକ ଡିଜାଇନ, କାର୍ଯ୍ୟଦକ୍ଷତା ଏବଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସମଗ୍ର ଭାରତରେ ଅସାଧାରଣ ଗମନାଗମନ ସୁବିଧା ପ୍ରଦାନ କରିବାକୁ ଆମର ପ୍ରତିବଦ୍ଧତାକୁ ଏହା ଦୋହରାଇଛି।

# ବଜାରରେ ବିୱାଇଡିର ଅଲ୍ ନ୍ୟୁ ସିଲାୟନ ୭




ଅନାବରଣ ଉତ୍ସବରେ ଶୋ'ରୁମ୍‌ର ଅଧିକାରୀ, କର୍ମଚାରୀ ଓ ଗ୍ରାହକମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୪।୪(ଅଭୟ ଦାଶ)**

ବିୱାଇଡି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ବିୱାଇଡି)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଇ କାର୍ 'ଅଲ୍ ନ୍ୟୁ ସିଲାୟନ ୭'ର ଅନାବରଣ ନିକଟରେ ହୋଇଯାଇଛି।

ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ସେଣ୍ଟ୍ରାଲ ବିୱାଇଡିର ପାହାଳ ଶୋ'ରୁମ୍‌ରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା।

ଏହି ଅବସରରେ ସେଣ୍ଟ୍ରାଲ ବିୱାଇଡିର ଏମ୍‌ଡି ଆଦର୍ଶ ଧାୱନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ 'ଅଲ୍ ନ୍ୟୁ ସିଲାୟନ ୭'କୁ ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ ବିୱାଇଡିର ଜିଏମ୍ ପ୍ରତୀକ ଝା ଏବଂ ଏସ୍‌ଏସ୍‌ଏମ୍ ମାନସ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ସିଲାୟନ ୭ ରେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ଅତ୍ୟାଧୁନିକ ଫିଚର ସାମିଲ ରହିଛି। ଏପରିକି ୨ଟି ଭାରିଆଣ୍ଟ (ପ୍ରିମିୟମ ଏବଂ ପରଫର୍ମାନ୍ସ)ରେ ଉପଲବ୍ଧ। ସେହିଭଳି ଏହି ମଡେଲ ୪ଟି ଆକର୍ଷଣୀୟ କଲରରେ ମିଳୁଥିବାବେଳେ ଏହାର ପ୍ରାରମ୍ଭିକ ମୂଲ୍ୟ ୪୮.୯୦ ଲକ୍ଷ ଟଙ୍କା ରହିଛି। ସେହିପରି ଏହି ମଡେଲର ବୁକିଂ ଜାରି ରହିଥିଲାବେଳେ ଶୁକ୍ରବାର ୫ଟି ଗାଡ଼ି ହସ୍ତାନ୍ତର କରାଯାଇଛି।

# ଶାଳକ ଆଗରେ ଭିଣୋଇଙ୍କୁ ହତ୍ୟା

■ ପୂର୍ବ ଶତ୍ରୁତାକୁ ନେଇ ହତ୍ୟା ସନ୍ଦେହ

■ ଅଭିଯୁକ୍ତଙ୍କୁ ଧରିବାକୁ ୩ ଟିମ ଗଠନ : ଡିସିପି

ଜଟଣୀ, (ରବୀନ୍ଦ୍ରନାଥ ମହାକୁଡ଼)/ ଭୁବନେଶ୍ୱର(ସୂର୍ଯ୍ୟକାନ୍ତ ବେହେରା), ୪।୪

ଶାଳକ ଆଗରେ ଭିଣୋଇଙ୍କୁ ଧାରୁଆ ଅସ୍ତ୍ରରେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ଖୋର୍ଦ୍ଧା ଜଟଣୀ ଥାନା ଅନ୍ତର୍ଗତ ଷଣ୍ଢପୁରରେ ଗୁରୁବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ହତ୍ୟାର ଶିକାର ବ୍ୟକ୍ତି ହେଲେ ଜଟଣୀ ଥାନା ଅଧୀନ ବିକାଶ ନଗର ନଟିମଙ୍ଗଳା ଅଞ୍ଚଳର ରାକେଶ ଦଳେଇ ଓରଫ ମାନସ (୪୧)। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବାବେଳେ ସମ୍ପୃକ୍ତ ୨ ଜଣଙ୍କୁ ଅଟକ ରଖାଯାଇଛି। ହତ୍ୟାକାଣ୍ଡରେ ସାମିଲ ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ୩ ଟିମ୍ ଗଠନ କରାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଥିବା ଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୋଲିସ ମାନସଙ୍କ ମୃତଦେହକୁ ଏମ୍‌ସରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ହତ୍ୟା ମାମଲା (ନଂ.୧୫୦/୨୦୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଶୁକ୍ରବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ଛାନ୍‌ଭିନ୍ କରିବା ସହ ଗୋଟିଏ ମୋବାଇଲ, ଗାଡି ଚାବି ପେନ୍ଥା, ଦୁଇ ହଳ ଚପଲ, ଗୋଟିଏ କାର ଏବଂ ଗୋଟିଏ ଇଲେକଟ୍ରିକ୍ ସ୍କୁଟିକୁ ଜବତ କରିଛି। ତେବେ ମୃତ ମାନସଙ୍କ ନାମରେ ଏନ୍‌ଡିପିଏସ୍, ବଟି ଆଦାୟ ଭଳି ଏକାଧିକ ମାମଲା ରହିଥିବା ପୋଲିସ କହିଛି।

ସୂଚନାନୁସାରେ, ମୃତ ମାନସଙ୍କ ସହ ଜଟଣୀ ଅଞ୍ଚଳର ଏକ ଗୋଷ୍ଠୀର ପୂର୍ବ ଶତ୍ରୁତା ରହିଥିଲା। ଅନେକ ସମୟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେଉଥିଲେ। ପ୍ରତିପକ୍ଷ ଗୋଷ୍ଠୀ ମାନସଙ୍କୁ ବାରମ୍ବାର ଧମକ ଦେଉଥିଲା। ଗୁରୁବାର ମଧ୍ୟ ଉକ୍ତ ଗୋଷ୍ଠୀର ସଦସ୍ୟଙ୍କ ସହ ମାନସଙ୍କର ଫୋନରେ ବଚସା ହୋଇଥିଲା। ଏହି ସମୟରେ ସେମାନେ ମାନସଙ୍କୁ ଉତ୍ତେଜିତ କରିବା ସହ ଜଟଣୀ–ଭୁବନେଶ୍ୱର ମୁଖ୍ୟ ରାସ୍ତାର ଷଣ୍ଢପୁରସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟକୁ ଆସିବାକୁ ଡାକିଥିଲେ। ରାତି ୧୨ଟା ୩୦ ପରେ ମାନସ ନିଜ କାରରେ ସେଠାକୁ ଯାଇଥିଲେ। ସେଠାରେ ଉକ୍ତ ଗୋଷ୍ଠୀର ଏକାଧିକ ବ୍ୟକ୍ତି ପୂର୍ବରୁ ଉପସ୍ଥିତ ଥିଲେ। ସେଠାରେ କୌଣସି କାରଣକୁ ନେଇ ମାନସଙ୍କର ଉକ୍ତ ଗୋଷ୍ଠୀଙ୍କ ସହ ଝଗଡା ହୋଇଥିଲା। ମାନସ ଏକୁଟିଆ ଥିବାରୁ ଭୟଭୀତ ହୋଇଯାଇଥିଲେ। ତେଣୁ ମାନସ ତୁରନ୍ତ ତାଙ୍କ ଶଳାଙ୍କୁ ଫୋନ୍ କରି ସେଠାକୁ ଡକାଇଥିଲେ। ଏହାପରେ ମାନସଙ୍କ ଶଳା ମଧ୍ୟ ଏକ ସ୍କୁଟି ଯୋଗେ ସେଠାକୁ ଯାଇଥିଲେ। ସେତେବେଳକୁ ଦୁର୍ବୃତ୍ତମାନେ ମାନସଙ୍କୁ ମାଡ ମାରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରୁଥିବା ଦେଖି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଭିଯୁକ୍ତମାନେ ମାନସଙ୍କ କାନମୁଣ୍ଡା ସହ ଶରୀରର ବିଭିନ୍ନ ଅଙ୍ଗକୁ ଧାରୁଆ ଅସ୍ତ୍ରରେ ହାଣି ଚାଲିଥିଲେ। ଏଥିରେ ଭୟଭୀତ ହୋଇ ମାନସଙ୍କ ଶଳା ଘଟଣାସ୍ଥଳରୁ ପଳାଇଆସି କିଛି ସମୟ ପରେ ପୋଲିସ ଟିମ୍ ସହ ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ପୋଲିସ ମାନସଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍‌ସରେ ଭର୍ତ୍ତି କରିଥିଲେ। ସେଠାରେ ମାନସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା। ସୂଚନାଯୋଗ୍ୟ, ଗୁରୁବାର ସନ୍ଧ୍ୟାରେ ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମରେ ବଟି ଆଦାୟକୁ ନେଇ ବୋମାମାଡ଼ ଓ ଖଣ୍ଡାରେ ଆକ୍ରମଣ ଘଟଣା ଘଟିଥିଲା। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ରାତିରେ ଏହି ହତ୍ୟା ଘଟଣା ଭୟର ବାତାବରଣ ସୃଷ୍ଟି କରିଛି।



ରାକେଶ ଦଳେଇ

# ଅପରାଧ ରେକର୍ଡର ଖୋଳତାଡ଼ କରୁଛି ପୋଲିସ

## ଭୁବନେଶ୍ୱରରେ ୨ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଏନ୍‌କାଉଣ୍ଟର ଘଟଣା

ଭୁବନେଶ୍ୱର,୪।୪ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଟଙ୍କପାଣି ବ୍ରିଜ୍ ନିକଟ ବାଙ୍କୁଆଳ ବାଲିଯାତ୍ରା ପଡ଼ିଆ ପାଖରେ ପୋଲିସ ଏନ୍‌କାଉଣ୍ଟରରେ ଆହତ ହୋଇଥିବା ଦୁଇ ଆନ୍ତଃରାଜ୍ୟ ଲୁଟେରା ସୋନୁ କୁମାର ଯାଦବ (୩୦) ଓ ମନୀଷ କୁମାର ଯାଦବ(୨୭) କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିବା ସହ ଫୁଟ୍‌ପ୍ରିଣ୍ଟ ଓ ବିଭିନ୍ନ ପ୍ରମାଣ ସଂଗ୍ରହ କରିଛି। ଏପଟେ କମିଶନରେଟ୍ ପୋଲିସ ଦୁଇ ଲୁଟେରାଙ୍କ ଅପରାଧ ରେକର୍ଡର ଖୋଳତାଡ଼ କରୁଛି। ଅଭିଯୁକ୍ତଦ୍ୱୟ ୧୩ ଦିନ ତଳେ ବିହାରରୁ ଓଡ଼ିଶା ଆସି ଚୋରା କଳା ପଲ୍‌ସରରେ ଭୁବନେଶ୍ୱରର ୫ଟି ଥାନା ଅଞ୍ଚଳରେ ୬ଟି ସୁନାଚେନ୍ ଲୁଟ୍ କରିଥିଲେ। ଏହାପରେ ଲୁଟ୍ ସୁନାଚେନ୍ ନେଇ ବିହାର କଟିହାର ଜିଲା ଖୋରା ଥାନା ଅଞ୍ଚଳର ନୟାଟୋଲା ଗାଁକୁ ଚାଲିଯାଇଥିଲେ। ତେବେ ସିସିଟିଭି ଫୁଟେଜ୍‌ରୁ କମିଶନରେଟ୍ ପୋଲିସ ସେମାନଙ୍କୁ ଚିହ୍ନଟ କରି କଡାନଜର ରଖିଥିଲା। ପୁଣିଥରେ ଗୁରୁବାର ଉଭୟ ଭୁବନେଶ୍ୱର ଆସି ଲୁଟ୍ କରିବାକୁ ଯୋଜନା କରୁଥିବାବେଳେ ପୋଲିସ ହାବୁଡ଼ରେ ପଡିଯାଇଥିଲେ ବୋଲି ଡିସିପି ଜଗମୋହନ ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗୁଳିମାଡ ହୋଇଥିବା ସ୍ଥାନରୁ ପୋଲିସ ଚୋରା ବାଇକ, ଦୁଇଟି ବନ୍ଧୁକ, ୩ଟି ଜୀବନ୍ତ ଗୁଳି, ଖୋକା ସହ ୩ଟି ଡିକିଭଙ୍ଗା ସାମଗ୍ରୀ, ଲୁଟ୍‌ରେ ବ୍ୟବହୃତ ଇଚିଙ୍ଗ୍ ପାଉଡର ଜବତ ହୋଇଛି। ତେବେ ଅଭିଯୁକ୍ତଦ୍ୱୟ ଲୁଟ୍ ସୁନାଚେନ୍‌କୁ ଘରେ ରଖିଛନ୍ତି ନା କେଉଁଠି ବିକ୍ରି କରିଛନ୍ତି, ତାହା ଯାଞ୍ଚ କରୁଛି ପୋଲିସ। ସେହିଭଳି ସେମାନେ ଭୁବନେଶ୍ୱରରେ ୬ଟି ଘଟଣା ଘଟାଇଥିବା ବେଳେ ଆଉକେଉଁଠି ଏଭଳି ଅପରାଧ ଘଟାଇଛନ୍ତି କି ନାହିଁ ପୋଲିସ ଖୋଳତାଡ କରୁଛି। ଅଭିଯୁକ୍ତଦ୍ୱୟ ସୁସ୍ଥ ହେବା ପରେ କୋର୍ଟଚାଲାଣ କରାଯିବ ଏବଂ ବାକି ମାମଲାରେ ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ଆପରାଧିକ ର୍‌ୟାକେଟର ଅଧିକ ତଥ୍ୟ ହାସଲ କରାଯିବ ବୋଲି ଡିସିପି ମୀନା କହିଛନ୍ତି।

ସୂଚନାଯୋଗ୍ୟ, ଗୁରୁବାର ରାତି ପ୍ରାୟ ୧୦ଟାରେ ଲୁଟେରାଦ୍ୱୟ କଟକ–ପୁରୀ ବାଇପାସ୍ ରୋଡ୍‌ରେ ବୁଲାବୁଲି କରୁଥିବା ପୋଲିସକୁ ସୂଚନା ମିଳିଥିଲା। ସ୍ୱତନ୍ତ୍ର ଟିମ୍ ଖୋଜାଖୋଜି କରୁଥିବା ବେଳେ ସାଇମନ୍ଦିର ଛକ ନିକଟରେ ଲୁଟେରାଙ୍କ ସହ ମୁହାଁମୁହିଁ ହୋଇଥିଲା। ପୋଲିସକୁ ଦେଖି ଉଭୟ ବାଇକରେ ଟଙ୍କପାଣି ବ୍ରିଜ୍ ଦେଇ ବାଙ୍କୁଆଳ ବାଲିଯାତ୍ରା ଆଡ଼କୁ ଯାଉଥିବାବେଳେ ତାଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସକୁ ଦେଖି ସେମାନେ ବନ୍ଧୁକ ଚଳାଇଥିଲେ। ଜବାବରେ ପୋଲିସ ଆତ୍ମରକ୍ଷା ପାଇଁ ଗୁଳି ଚଳାଇଥିଲା। ଏହି ଗୁଳିମାଡ଼ରେ ପୋଲିସ ବର୍ତ୍ତିଯାଇଥିବାବେଳେ ଲୁଟେରାଦ୍ୱୟ ଆହତ ହୋଇ ତଳେ ପଡ଼ିଯାଇଥିଲେ। ଉଭୟଙ୍କ ବାମଗୋଡ଼ରେ ଗୁଳି ବାଜିଥିଲା।

# ଖଣ୍ଡଗିରି ଅଞ୍ଚଳରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୪।୪ (ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ମୃତକ ହେଲେ ବାଲେଶ୍ୱରର ସଂକଳ୍ପ ମହାନ୍ତି (୨୪)। ଛାତରୁ ତଳକୁ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ଓଟିଭି ଡିଜିଟାଲ ସେଲ୍‌ସ ବିଭାଗରେ କାମ କରୁଥିଲେ। ତେବେ ତାଙ୍କର କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଖଣ୍ଡଗିରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ସଂକଳ୍ପଙ୍କ ସହ ରହୁଥିବା ସାଙ୍ଗଙ୍କୁ ପୋଲିସ ପଚରାଉଚରା କରୁଛି । ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ସାଙ୍ଗ ଗୁଳିରେ ସାଙ୍ଗ ମୃତ

## ଶିକାର ପାଇଁ ଏକାଠି ଜଙ୍ଗଲକୁ ଯାଇଥିବା ବେଳେ ଅଘଟଣ

ରାସୋଳ,୪।୪ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା କଦଳୀପାଳ ଗ୍ରାମର ମାନପୁର ଗ୍ରାମ ନିକଟରେ ଗୁଳିକାଣ୍ଡ ଘଟି ଜଣଙ୍କର ମୃତ୍ୟୁ ଘଟିଛି। ୫ଜଣ ସାଙ୍ଗ ଏକାଠି ପାଖ ଜଙ୍ଗଲକୁ ଶିକାର ପାଇଁ ଯାଇଥିବା ବେଳେ ସାଙ୍ଗକୁ ଜନ୍ତୁ ଭାବି ଜଣେ ସାଙ୍ଗ ଗୁଳି କରିଥିଲେ। ଫଳରେ ଘଟଣା ସ୍ଥଳରେ ବାବୁଲି ନାୟକ ଓରଫ କାଳିଆ (୪୦)ଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ରାତି ପ୍ରାୟ ୧୨ଟା ସମୟରେ ଏହି ଘଟଣା ଘଟିଛି। କଦଳୀପାଳ ଗ୍ରାମର ସନ୍ତୋଷ ନାୟକ, ବାବୁଲି ନାୟକ, ପ୍ରଶାନ୍ତ ନାୟକ ଓ ସଦର ଥାନା ଅନ୍ତର୍ଗତ କୋତମ ଗ୍ରାମର ନରେଶ ସ୍ୱାଇଁ, ଦଣ୍ଡୁଆ ଦେହୁରୀ ଶିକାର ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ପ୍ରଶାନ୍ତ ନାୟକ ଜନ୍ତୁ ଭାବି ଗୁଳି ଚଳାଇଥିବା ବେଳେ ସାଙ୍ଗ ବାବୁଲି ନାୟକଙ୍କ ଦେହରେ ବାଜିଥିଲା। ରାତିରେ ବାବୁଲିଙ୍କ ଘରକୁ ଯାଇ କେହି ଜଣେ ତାଙ୍କ ସ୍ତ୍ରୀ ଝିଲି ନାୟକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। କୌଣସି ସୂତ୍ରରୁ ଗାଁ ଲୋକେ ମଧ୍ୟ ଖବରପାଇ ରାସୋଳ ଥାନାକୁ ଖବର ଦେଇଥିଲେ। ରାସୋଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅନ୍ୟ ୪ଜଣଙ୍କୁ ଗିରଫ କରିଛି। ଏଥିସହିତ କୋତମ ଗ୍ରାମର ପରମାନନ୍ଦ ଛତାର ବନ୍ଧୁକ ଯୋଗାଇଥିବାରୁ ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ପ୍ରଶାନ୍ତ ନାୟକଙ୍କୁ ଦଫା–୩୦୨ରେ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ୱାଇଲ୍ଡ ଆନିମଲ ପ୍ରୋଟେକ୍ସନ ଆକ୍ଟରେ ଗିରଫ କରାଯାଇ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ କହିଛନ୍ତି, ଜନ୍ତୁ ଶିକାର ଉଦ୍ଦେଶ୍ୟରେ ଗୁଳିକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।



ଗିରଫ ଅଭିଯୁକ୍ତମାନେ।

# ମୁଖ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ପୋଲିସ

## ଚାକିରି ଦେବା ନାମରେ ଠକେଇ ମାମଲା

କେନ୍ଦୁଝର,୪।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାକିରି ଦେବା ନାଁରେ ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରମିଳା ପରିଡ଼ାଙ୍କୁ ଟାଉନ ପୋଲିସ ୨ ଦିନିଆ ରିମାଣ୍ଡରେ ନେଇଛି। ଏଥିସହ ପୋଲିସ ପ୍ରମିଳାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉକରି ବିଭିନ୍ନ ସାମଗ୍ରୀ ଜବତ କରିଛି। ଏଥିରେ ଡାକ୍ତରଖାନା କର୍ମଚାରୀ ସମ୍ପୃକ୍ତି ନେଇ ମଧ୍ୟ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି। ପ୍ରକାଶ ଯେ, ମାଷ୍ଟରମାଇଣ୍ଡ ପ୍ରମିଳାଙ୍କୁ ମାର୍ଚ୍ଚ ୨୬ରେ ପୋଲିସ ଗିରଫ କରିଥିଲା। ଗିରଫ ପରେ ତାଙ୍କ ଠକେଇର ଗୋଟିଏ ପରେ ଗୋଟିଏ ଫର୍ଦ୍ଦ ଖୋଲିବାରେ ଲାଗିଛି। ପ୍ରତିଦିନ ଠକେଇର ଶିକାର ଲୋକେ ଥାନାକୁ ଆସି ଅଭିଯୋଗ କରୁଛନ୍ତି। ଶୁକ୍ରବାର ପୋଲିସ ପ୍ରମିଳାଙ୍କୁ ରିମାଣ୍ଡରେ ନେଇଥିବା ବେଳେ ତାଙ୍କ ଅମୃତବିହାରସ୍ଥିତ ଘରେ ଚଢ଼ାଉ କରିଥିଲା।

# ରେଳ ଟିକେଟ ପାଇଁ ମଦ: ସୁପରଭାଇଜର ନିଲମ୍ବିତ

ପାରାଦୀପ, ୪।୪(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପର ମଧୁବନ କେନ୍ଦ୍ରୀୟ ବିଦ୍ୟାଳୟ ପାଖରେ ଥିବା ରେଲୱେ ଟିକେଟ କାଉଣ୍ଟରରେ ଶୁକ୍ରବାର ଏକ ଅପ୍ରୀତିକର ଘଟଣା ଘଟିଛି। କାଉଣ୍ଟରରେ ବସି ଟିକେଟ୍ ବୁକିଂ କରୁଥିବା ସୁପରଭାଇଜର ମଦ ନେଇ ଟିକେଟ ବିକିବା ଘଟଣାରେ ରେଲ୍‌ୱେ ଖୋର୍ଦ୍ଧା ମଣ୍ଡଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସମ୍ପୃକ୍ତ ସୁପରଭାଇଜରଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସେ ହେଲେ ହିମାଂଶୁ ଶେଖର ବେହେରା। ମଧୁବନ ଅଞ୍ଚଳର ଅକ୍ଷୟ କୁମାର ଗଜେନ୍ଦ୍ର ଏ ନେଇ ଅଭିଯୋଗ କରିଥିଲେ।

ଅଭିଯୋଗ ଅନୁଯାୟୀ, ଭୋର ପ୍ରାୟ ୫ଟାରେ ଅକ୍ଷୟ ଆସି କାଉଣ୍ଟର ପାଖରେ ଲାଇନ୍ ଦେଇଥିଲେ। ତାଙ୍କର ୩ ନମ୍ବର ସିରିୟଲ ଥିଲା। ସକାଳ ୧୦ଟା ବେଳେ କାଉଣ୍ଟର ଖୋଲିଥିଲା। ପୂର୍ବରୁ ଅପେକ୍ଷା କରିଥିବା ଅକ୍ଷୟ ନମ୍ବର ଆସିବା ବେଳକୁ ସୁପରଭାଇଜର ହିମାଂଶୁ ଟିକେଟ୍ ଶେଷ ହୋଇଗଲାଣି ବୋଲି ତାଙ୍କୁ କହିଥିଲେ। ଏହାମଧ୍ୟରେ କେତେଜଣ ଅନ୍ୟ ରାଜ୍ୟର ଲୋକ ବିଦେଶୀ ମଦ ବୋତଲ ନେଇ ପଛପଟେ ଦେବା ସହ ଟିକେଟ୍ ନେଇଯାଇଥିଲେ। ଏହି ଘଟଣାକୁ କାଉଣ୍ଟର ଆଗରେ ଠିଆ ହୋଇଥିବା ଲୋକମାନେ ମୋବାଇଲ ଯୋଗେ ରେକର୍ଡିଂ କରି ହିମାଂଶୁଙ୍କୁ ପଚାରିବା ସହ ଘର ଭିତରୁ ମଦ ବୋତଲ ଧରିଥିଲେ। ଅକ୍ଷୟ ଉକ୍ତ ଭିଡିଓକୁ ଖୋର୍ଦ୍ଧା ରେଲୱେ ଡିଏମ୍‌ଏମ୍ (ଡିଭିଜନାଲ ମାର୍କେଟିଂ ମ୍ୟାନେଜର)ଙ୍କ ପାଖକୁ ପଠାଇ ଅଭିଯୋଗ କରିଥିଲେ। ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସନ୍ଧ୍ୟାରେ ହିମାଂଶୁଙ୍କୁ ନିଲମ୍ବନ କରିଦିଆଯାଇଛି ବୋଲି ଡିଏମ୍‌ଏମ୍ ସୂଚନା ଦେଇଛନ୍ତି। ପୂର୍ବରୁ ହିମାଂଶୁଙ୍କ ନାମରେ ଏପରି ଅନେକ ଅଭିଯୋଗ ଥିବା ଜଣାପଡ଼ିଛି।



ହିମାଂଶୁ ଶେଖର ବେହେରା

## ରାଜ୍ୟ ଖବର

# ବିଧାନସଭା ଚଳାଇବାରେ ସରକାର ସକ୍ଷମ: ମୁକେଶ

ଭୁବନେଶ୍ୱର,୪।୪(ରବିନାରାୟଣ ଜେନା)

ରାଜ୍ୟରେ ବିଜେଡି ସରକାର ଗଣତନ୍ତ୍ରକୁ ଧ୍ୱଂସ କରି ଅଫିସରରାଜ୍ ଚଳାଇଥିଲେ। ଭାଜପା ସରକାର ତାକୁ ହଟାଇଦେଇଛନ୍ତି। ଆଗାମୀ ଦିନରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ସର୍ବସ୍ପର୍ଶୀ ହେବ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଯାହା ପଦ ପୂରଣ ହୋଇନି ତାହା ତ୍ୱରିତ ହୋଇପାରିବ। ଗଣତନ୍ତ୍ର ମନ୍ଦିରରେ ସମସ୍ତ ବିରୋଧୀ, ଶାସକ ବିଧାୟକଙ୍କ ସହଯୋଗ ଆବଶ୍ୟକ। ବିଧାନସଭା ଏକ ରଣକ୍ଷେତ୍ର ନୁହେଁ। ଯେଉଁମାନେ ଏଭଳି ଆଚରଣ କଲେ ତାଙ୍କୁ ଆଗାମୀ ଦିନରେ ଲୋକେ ଜବାବ ମାଗିବେ। କିନ୍ତୁ ମୋହନ ସରକାର ବିଧାନସଭାକୁ ସୁରୁଖୁରୁରେ ଚଳାଇବାକୁ ସକ୍ଷମ ହୋଇଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ଶୁକ୍ରବାର ବିଧାନସଭା ସଭାକକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁକେଶ କହିଥିଲେ, ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍ ଏବଂ ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍–୨୦୨୫ ଗୃହରେ ପାରିତ କରାଯାଇଛି। ରାତି ତମାମ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣଙ୍କ ସହିତ ବିରୋଧୀଦଳ ସଦସ୍ୟ ରହିଥିଲେ। ସାଢ଼େ ୧୨ଘଣ୍ଟା ଆଲୋଚନା ପରେ ବିଶ୍ୱବିଦ୍ୟାଳୟ ବିଲ୍ ଗୃହୀତ ହୋଇଥିଲା। ବିରୋଧୀଙ୍କୁ କହିବା ଲାଗି ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇଥିଲା ବୋଲି ମୁକେଶ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦକ୍ଷିଣ ଦୁଆରିଆ ଘର**
**ଯେ ନ ପଶିଲା ସେ ପଶିଲା**
**କାହାକୁ କରିବି ପର।**

ପ୍ରବେଶ ଦ୍ୱାର ଦକ୍ଷିଣ ଦିଗରେ ଥିଲେ, ଘରକୁ ବନ୍ଧୁ ଓ ଅତିଥିଙ୍କ ଆଗମନ ଅଧିକ ହୁଏ। ଜନସମ୍ପର୍କ ବୃଦ୍ଧିପାଇଥାଏ। ସମସ୍ତଙ୍କ ସହ ସଦ୍‌ଭାବ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୋଳ ଯାଏ ଭାତ**
**ବିଭା ଯାଏ ପାଠ।**

କୃଷିଧାନ ଦୋଳ ପରେ ନିଅଣ୍ଟିଆ ଅବସ୍ଥା ସୃଷ୍ଟି କରେ। ସେମିତି ବିଭାଘର ପରେ ପାଠର ଆଉ ସେତେଟା ଆବଶ୍ୟକତା ପଡ଼ି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବରଡ଼ା ଛପର ତଳେ ଭାଗ୍ୟ ଖୋଜୁଛନ୍ତି ୨ ବାଳୁତ

■ ରୋଗରେ ପଡ଼ି ପରପାରିକୁ ଚାଲିଗଲେ ବାପା

■ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଦେଇନି ପ୍ରଶାସନ

■ ଯୋଗ୍ୟତା ଥାଇ ମଧ୍ୟ ପରିବାରକୁ ମିଳୁନି ପକ୍କା ଘର

ଓଡ଼ାପଡ଼ା,୪।୪(ରଞ୍ଜିତ ନାୟକ)

ମୁଣ୍ଡ ଗୁଞ୍ଜିବାକୁ ଶକ୍ତ ଛାତ ନ ଥିଲା। ଅଭାବୀ ପରିବାରରେ ବଢ଼ିଥିଲେ ମଧ୍ୟ ପେଟକୁ ମୁଠେ ଭାତ ଓ ମୁଣ୍ଡ ଉପରେ ରୋଗୀଣା ବାପାଙ୍କ ହାତ ସେମାନଙ୍କ ପାଇଁ ଯଥେଷ୍ଟ ଥିଲା। କିନ୍ତୁ ନିୟତି ତାହା ମଧ୍ୟ ଛଡ଼ାଇ ନେଲା। ଗତ ୩୦ ତାରିଖରେ ଶଯ୍ୟାଶାୟୀ ବାପା ଆଖି ବୁଜିଦେବା ପରେ ଅସହାୟ ହୋଇଯାଇଛନ୍ତି ୯ ବର୍ଷର ଝିଅ ଓ ୭ ବର୍ଷର ପୁଅ। ଝାଟିମାଟି କାନ୍ଥ ଓ ତାଳ ବରଡ଼ା ଛପର ତଳେ ଭାଗ୍ୟ ଖୋଜୁଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ହାଣ୍ଡିଫୁଟା ହରିଜନ ବସ୍ତିର ମୃତ କାହ୍ନୁ ନାଏକଙ୍କ ୨ ବାଳୁତ ପିଲା।

କାହ୍ନୁଙ୍କ ମୃତ୍ୟୁ ପରେ ବିଧବା ବୋହୂ ପୁଷ୍ପାଞ୍ଜଳି ନାଏକ, ନାଉୁଣୀ ଦୀପ୍ତିମୟୀ ନାଏକ ଓ ନାତି ରିଷି ନାଏକଙ୍କୁ ନେଇ ଚିନ୍ତାରେ ପଡ଼ିଛନ୍ତି ବୃଦ୍ଧା ଚାହି ନାଏକ। ଚାହି କହିଛନ୍ତି, ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ପୁଅ ଯିବା ପରେ ଝାଟିମାଟି ଘର ଖଣ୍ଡେ ହିଁ ସେମାନଙ୍କ ସମ୍ବଳ। କିନ୍ତୁ ତାହା ବି ହାତୀ କବଳରୁ ସୁରକ୍ଷିତ ନୁହେଁ। ବାରମ୍ବାର ହାତୀ ତାଙ୍କ ଘରକୁ ଭାଙ୍ଗି ଦେଉଥିବାରୁ ପିଲାମାନଙ୍କୁ କିପରି ହାତୀ ମୁହଁରୁ ବଞ୍ଚାଇବେ ତାହାକୁ ନେଇ ଚିନ୍ତିତ ଥିବାବେଳେ ସରକାରୀ ଉପେକ୍ଷା ତାଙ୍କୁ ଅତ୍ୟନ୍ତ ଅସହାୟ କରିଦେଇଛି। ସରକାର ଗରିବ ଲୋକଙ୍କୁ ପକ୍କା ଘର ଯୋଗାଇ ଦେଉଥିଲେ ହେଁ ତାହା ତାଙ୍କ ଭାଗ୍ୟରେ ଏଯାଏ ତାହା ଜୁଟିନାହିଁ। ଏପରି କି ଆବାସ ଯୋଜନାରେ ସାମିଲ ହେବାକୁ ତାଙ୍କର ସମସ୍ତ ଯୋଗ୍ୟତା ଥିଲେ ମଧ୍ୟ ବ୍ଲକ ପ୍ରଶାସନ ତାଙ୍କ ନାମକୁ ବିଚାରକୁ ନେଉନାହିଁ। ବାରମ୍ବାର ପଞ୍ଚାୟତ ଓ ବ୍ଲକ ଅଫିସକୁ ଯାଇ ସେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଜନ ଅଭିଯୋଗ ଶୁଣାଣି ଶିବିରରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ ଏଯାଏ କୌଣସି ସୁଫଳ ତାଙ୍କୁ ମିଳିନାହିଁ। ଏପରି କି ପୁଅ କାହ୍ନୁର ମୃତ୍ୟୁ ପରେ ତାଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାର ଅର୍ଥ ମଧ୍ୟ ପ୍ରଦାନ କରାଯାଇ ନାହିଁ। ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ତାଙ୍କ ପରିବାର ଚଳୁଥିବାବେଳେ ସରକାରୀ ସହାୟତା ତ ଦୂରର କଥା ପ୍ରଶାସନର କୌଣସି ଅଧିକାରୀ କିମ୍ବା ଜନପ୍ରତିନିଧିଙ୍କ ଦୃଷ୍ଟି ତାଙ୍କ ଉପରେ ପଡୁ ନ ଥିବା କ୍ଷୋଭର ସହ ଚାହି ଅଭିଯୋଗ କରିଛନ୍ତି। ଗ୍ରାମର କେତେଜଣ ବୁଦ୍ଧିଜୀବୀ ମଧ୍ୟ ଉକ୍ତ ଅସହାୟ ପରିବାର ପ୍ରତି ସରକାରୀ ଉଦାସୀନତା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବଦାଲୁ ସରପଞ୍ଚ କ୍ରିଷ୍ଣା ମହାନ୍ତି କହିଛନ୍ତି, କାହ୍ନୁ ନାଏକ ପ୍ରାଣ ହରାଇଥିବା ଜାଣିନାହିଁ। ତଦନ୍ତ ପରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ଚଳିତବର୍ଷ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅଭିଯୋଗକାରୀଙ୍କୁ ଘର ପ୍ରଦାନ କରାଯିବ। ଓଡ଼ାପଡ଼ା ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ କହିଛନ୍ତି, ଏପରି ଘଟଣା ତାଙ୍କ ଦୃଷ୍ଟିକୁ ଆସି ନ ଥିଲା। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ।



ତାଳବରଡ଼ା ଛପର ଝାଟିମାଟି ଘର ସମ୍ମୁଖରେ ଅସହାୟ ୨ ପିଲା ଓ ପରିବାର।

# ଆଜିଠୁ ଘଟ ପରିକ୍ରମା

## ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା

ବ୍ରହ୍ମପୁର,୪।୪(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁରର ଆରାଧ୍ୟା ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଆରମ୍ଭ ହୋଇଛି। ଗୁରୁବାର ରାତି ୪ଟାରେ ମା' ନିଜ ବାପଘର ଦେଶୀ ବେହେରା ସାହି ସ୍ଥିତ ଅସ୍ଥାୟୀ ମଣ୍ଡପରେ ବିଜେ କରିଛନ୍ତି। ଏଥିପାଇଁ ସମଗ୍ର ସହର ଉତ୍ସବ ମୁଖର ହୋଇଉଠିଛି। ଶୁକ୍ରବାର ବିଶ୍ରାମରେ ଅସ୍ଥାୟୀ ପୀଠରେ ଦର୍ଶନ କରିବାକୁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଛନ୍ତି। ଶନିବାରଠାରୁ ମା'ଙ୍କ ଘଟ ବିଭିନ୍ନ ସାହି ପରିକ୍ରମା କରିବ।

ଗୁରୁବାର ରାତି ୧ଟା ୧୦ରେ ମା'ଙ୍କ ବାପା ତଥା ଯାତ୍ରା ପରିଚାଳକ ଦୁର୍ଗା ପ୍ରସାଦ ଦେଶୀ ବେହେରା ଓ ତାଙ୍କ ସ୍ତ୍ରୀ ଦେବକୀ ଆଜ୍ଞାମାଳ ପାଇଁ ମା'ଙ୍କ ମୁଖ୍ୟ ମନ୍ଦିରକୁ ବିରାଟ ଶୋଭାଯାତ୍ରାରେ ଯାଇଥିଲେ। ମୁଖ୍ୟ ମନ୍ଦିରଠାରେ ରାତି ୧ଟା ୫୧ରେ ଦେବକୀ ମୁଣ୍ଡେଇ ଆଣିଥିବା ଫୁଲ ଚାଙ୍ଗୁଡିକୁ ମା'ଙ୍କ ପ୍ରତିମୂର୍ତ୍ତି ନିକଟରେ ରଖି ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ରାତି ୨ଟା ୨୦ରେ ଆଜ୍ଞାମାଳକୁ ଅସ୍ଥାୟୀ ମଣ୍ଡପକୁ ନେବାବେଳେ ପ୍ରବଳ ଜନ ସମାଗମ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ବାଳ ଭୋଗରେ ଦହିଭାତ, ମଧ୍ୟାହ୍ନରେ ଅନ୍ନ ଭୋଗ କରାଯାଇଥିଲା। ଶନିବାର ଯାତ୍ରାର ୩ୟ ଦିନରେ ଫୁଲମାଳକୁ ଏକ ଚିତ୍ରିତ ମାଟିହାଣ୍ଡି ଘଟ ମଧ୍ୟରେ ରଖି ପୂଜା କରାଯିବ।

# ଆମ୍ବୁଲାନ୍ସରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ, ବୃଦ୍ଧା ଗୁରୁତର

## ବର୍ତ୍ତିଲେ ପ୍ରସୂତିଙ୍କ ସହ ଯାଆଁଳା ଶିଶୁକନ୍ୟା

ଟିଟିଲାଗଡ଼,୪।୪(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ସ୍ଥିତ ପିପିଲପଦରଠାରେ ଥିବା ମାତୃ ଓ ଶିଶୁ ଚିକିତ୍ସାଳୟ ପରିସରରେ ଶୁକ୍ରବାର ମଧ୍ୟାହ୍ନରେ ଏକ ୧୦୮ ଆମ୍ବୁଲାନ୍ସରେ ହଠାତ୍ ଅକ୍ସିଜେନ୍ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟିବାରୁ ଦୁତୀୟା ଯାନୀ ନାମ୍ନୀ ଜଣେ ମହିଳା ଗୁରୁତର ହୋଇଛନ୍ତି। ଏକ ଦମ୍ପତିଙ୍କ ନବଜାତ ଯାଆଁଳା ଶିଶୁ କନ୍ୟାକୁ ମାତୃ ଓ ଶିଶୁ ଚିକିତ୍ସାଳୟରୁ ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ସମୟରେ ଏହି ଘଟଣା ଘଟିଥିଲା। ବିସ୍ଫୋରଣରେ ଆହତ ଦୁତୀୟା ନବଜାତକଙ୍କ ଜେଜେମା' ବୋଲି ଜଣାଯାଇଛି। ତାଙ୍କ ଦୁଇ ଗୋଡ଼ ପୋଡ଼ିଯିବା ସହ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଛି। ତେବେ ୨ ଶିଶୁ କନ୍ୟା ଓ ପ୍ରସୂତିମହିଳା ଅଳ୍ପକେ ବର୍ତ୍ତିଯାଇଛନ୍ତି। ଶିଶୁକନ୍ୟାଙ୍କୁ ବଞ୍ଚାଇବାକୁ ଯାଇ ପିତା ଋଷବ ଯାନୀ ସାମାନ୍ୟ ଆହତ ହୋଇଛନ୍ତି।

ଋଷବଙ୍କ ଘର ମୁରିବାହାଲ ବ୍ଲକ୍ ଟିକିନିବାହାଲୀ ଗାଁରେ। ତାଙ୍କ ସ୍ତ୍ରୀ ରାଧାଙ୍କ ପ୍ରସବ ଯନ୍ତ୍ରଣା ହେବା ଯୋଗୁ ସେ ଗୁରୁବାର ମଧ୍ୟରାତ୍ରିରେ ତାଙ୍କୁ ଆଣି ଉକ୍ତ ମାତୃ ଓ ଶିଶୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଭୋର ସମୟରେ ରାଧା ଯାଆଁଳା ଶିଶୁ କନ୍ୟା ଜନ୍ମ ଦେଇଥିଲେ। କିନ୍ତୁ ଶିଶୁମାନଙ୍କ ଓଜନ କମ୍ ଥିବା ତଥା ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନା ନେବାକୁ କହିଥିଲେ। ଆମ୍ବୁଲାନ୍ସ ଯୋଗାଡ଼ ପରେ ଋଷବ ଦୁଇ ଶିଶୁ , ସ୍ତ୍ରୀ ଓ ମା' ଦୁତୀୟାଙ୍କ ସହ ଚଢ଼ିଯାଇଥିଲେ। ଗାଡ଼ି ଷ୍ଟାର୍ଟ ହେବାର କିଛି ସମୟ ପରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ ଘଟିଥିଲା।




କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଚାନ୍ଦିବାଉଁଶମୂଳ ବଜାରରେ ଥିବା ଠିପିଖୋଲା ବିଦେଶୀ ମଦ ଦୋକାନ। ଅବକାରୀ ବିଭାଗର ନୀତି ନିୟମକୁ ଉଲ୍ଲଂଘନ କରି ଜନଗହଳି ପୂର୍ଣ୍ଣ ସ୍ଥାନରେ ଖୋଲାଯାଇଛି। ଏହି ମଦ ଦୋକାନ ସ୍ଥାନୀୟ ଅଞ୍ଚଳବାସୀ ଓ ମହିଳାମାନେ ଉଚ୍ଛେଦ ଲାଗି ବାରମ୍ବାର ଜିଲା ପ୍ରଶାସନକୁ ଜଣାଇଲା ପରେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଶୁକ୍ରବାର ଶତାଧିକ ମହିଳା ଠିପିଖୋଲା ମଦ ଦୋକାନ ସମ୍ମୁଖରେ ପହଞ୍ଚି ହୋହଲ୍ଲା କରିବା ସହ ପୂର୍ବାହ୍ନ ୧୧ଟାରୁ ବସି ରହିଥିଲେ। **(ଫଟୋ: ଭାସ୍କର ରାଉତରାୟ)**

# କିଟ୍ ମହିଳା କ୍ରିକେଟ ଦଳ କ୍ୱାର୍ଟରରେ



ଅଫିସିଆଲଙ୍କ ସହ କିଟ୍ ମହିଳା କ୍ରିକେଟ ଦଳ।

ଭୁବନେଶ୍ୱର, ୪।୪ (ବିଜୟ ରଣା)

କିଟ୍ ବିଶ୍ୱବିଦ୍ୟାଳୟ ଏଠାରେ ଚାଲିଥିବା ଜାତୀୟ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ମହିଳା କ୍ରିକେଟ ଚାମ୍ପିୟନଶିପରେ ଓଡ଼ିଶାର ପ୍ରଥମ ଦଳ ଭାବେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଏହି ଦଳ ୨୩ ରନରେ ଶିବାଜୀ ୟୁନିଭର୍ସିଟିକୁ ହରାଇ ଦେଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ (ଏଆଇୟୁ) ଅଧୀନରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସହାୟତାରେ କିଟ୍ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଏହି ପ୍ରତିଯୋଗିତା ଏପ୍ରିଲ ୧୧ରେ ଶେଷ ହେବ। ଏଥିରେ ଦେଶର ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ କିଟ୍ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# 'ଦୃଷ୍ଟିବାଧିତ ଖେଳାଳିଙ୍କ ପ୍ରତି ସମ୍ବେଦନଶୀଳତା ଜରୁରୀ'

ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ (ଏଆଇସିଏଫବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ ଫର୍ ଭିଜୁଆଲି ଚ୍ୟାଲେଞ୍ଜଡ (ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ୍ ସ୍କୁଲ ପରିସରରେ ଅନୁଷ୍ଠିତ ହେଉଛି ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍। ଏଥିରେ ଦେଶର ୧୫ ରାଜ୍ୟରୁ ୨ ମହିଳା ଓ ୫୨ ପୁରୁଷ ଖେଳାଳି ଅଂଶଗ୍ରହଣ କରି ନିଜ ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ବାହାରୁ ସହଜ ମନେ ହେଉଥିଲେ ହେଁ ଏହି ଟୁର୍ଣ୍ଣାମେଣ୍ଟରେ ନିୟମ ଅନୁସାରେ ଗୋଟି ଚାଳନା ଏବଂ ଅନ୍ୟାନ୍ୟ ଔପଚାରିକତା ପୂରଣ କେତେ ଯେ କଷ୍ଟକର ତାହା କେବଳ ପ୍ରତ୍ୟକ୍ଷଦର୍ଶୀ ଅନୁଭବ କରିପାରିବ। ଏହି ଖେଳାଳିଙ୍କ ମଧ୍ୟରୁ ଅନେକେ ଉଚ୍ଚଶିକ୍ଷିତ। ତେଣୁ ସେମାନଙ୍କୁ ପ୍ରତିଭା ପ୍ରଦର୍ଶନ ପାଇଁ ଉପଯୁକ୍ତ ପ୍ଲାଟଫର୍ମ ଆବଶ୍ୟକ ବୋଲି ଏକ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି ସାଇ ଇଣ୍ଟରନ୍ୟାଶନାଲ ଏଜୁକେସନ ଗ୍ରୁପ୍‌ର ଚେୟାରପର୍ସନ ଶିଳ୍ପୀ ସାହୁ। "ଦୃଷ୍ଟିବାଧିତ ଖେଳାଳିଙ୍କ ପ୍ରତି ସମସ୍ତେ ସମ୍ବେଦନଶୀଳ ହେବା ଆବଶ୍ୟକ। ଦୃଷ୍ଟିଶକ୍ତି ନ ଥିଲେ ମଧ୍ୟ ସେମାନେ ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ବୋଲି ପ୍ରମାଣିତ କରୁଛନ୍ତି। ଅନ୍ତର୍ଜାତୀୟ ଦୃଶ୍ୟପଟରେ ସେମାନେ ନିଜ ଦକ୍ଷତା ପ୍ରଦର୍ଶନ କରି ପଦକ ହାସଲ କରୁଛନ୍ତି। ଏଠାରେ ଜାତୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ୪ ଖେଳାଳି ଏଥିରେ ଖେଳୁଛନ୍ତି। ସେମାନେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ବେଶ୍ ନାଁ କମାଇଛନ୍ତି। ଦୟା ନୁହେଁ, ଦୃଷ୍ଟିବାଧିତ ପିଲାମାନଙ୍କୁ କିପରି ସମବେଦନା ଭାବ ଦେଖାଯିବା ଆବଶ୍ୟକ ଏପରି ପ୍ରତିଯୋଗିତା ଆୟୋଜନ ଦ୍ୱାରା ଆମେ ସ୍କୁଲ ପିଲାମାନଙ୍କୁ ଶିଖାଇବାକୁ ଚାହୁଁଛୁ। ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ ପକ୍ଷରୁ ଅନୁରୋଧ ମିଳିବା ପରେ ଆମେ ପ୍ରଥମଥର ଆମ ସ୍କୁଲରେ ଏପରି ଏକ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ନିଷ୍ପତ୍ତି ନେଲୁ। ପାଠପଢ଼ା ସହ ସେମାନେ ଖେଳରେ ଯେ ଖୁବ୍ ପାରଙ୍ଗମ ତାହା ପ୍ରଦର୍ଶନ ମାଧ୍ୟମରେ ପ୍ରମାଣିତ କରିଛନ୍ତି'' ବୋଲି ଶିଳ୍ପୀ ପ୍ରକାଶ କରିଛନ୍ତି।



ଶିଳ୍ପୀ ସାହୁ

## ୩୬୦ ଡିଗ୍ରୀ ଡେଭଲପ୍‌ମେଣ୍ଟ ଉପରେ ଗୁରୁତ୍ୱ

''ସ୍କୁଲରେ ପିଲାମାନଙ୍କର ଅଲ୍‌ରାଉଣ୍ଡ ଅର୍ଥାତ୍ ୩୬୦ ଡିଗ୍ରୀ ଡେଭଲପ୍‌ମେଣ୍ଟ ଉପରେ ଗୁରୁତ୍ୱ ଦିଆଯାଉଛି। ଫିଜିକାଲ ଫିଟ୍‌ନେସ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସ୍କୁଲରେ ପିକେଲବଲ ଆରମ୍ଭ ହୋଇଯାଇଛି। ଇକ୍ୱେଷ୍ଟ୍ରେନ ସ୍ପୋର୍ଟ୍ସ ଆସନ୍ତା ବର୍ଷରୁ ଆରମ୍ଭ ହେବାକୁ ଯାଉଛି। ଏକ କ୍ରିକେଟ ଗ୍ରାଉଣ୍ଡ ଡେଭଲପ୍ କରାଯାଉଛି। ସେଠାରେ ଭଲ କୋଚ୍‌ଙ୍କ ମାଧ୍ୟମରେ ପିଲାଙ୍କୁ କୋଚିଂ ଦିଆଯିବ। ବ୍ୟାଡ୍‌ମିଣ୍ଟନ, ଚେସ୍, କ୍ୟାରମ ଆଦି କ୍ରୀଡ଼ା ସହ ନବନିର୍ମିତ ଇନ୍‌ଡୋର ହଲ୍‌ରେ ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ କ୍ରୀଡ଼ା ମଧ୍ୟ ଆରମ୍ଭ ହୋଇଛି। ଫିଫା ସାର୍ଟିଫାଏଡ୍ ଫୁଟବଲ ପଡ଼ିଆ ଉପଲବ୍ଧ ଅଛି। ଓଡ଼ିଶା ଏଫ୍‌ସି ସହିତ ଟାଏଅପ୍ ହୋଇଥିବାରୁ ସେମାନଙ୍କ କୋଚ୍ ଆମ ସ୍କୁଲ ପିଲାଙ୍କ ସହ ବାହାର ପିଲାଙ୍କୁ ମଧ୍ୟ ଉନ୍ନତ ମାନର କୋଚିଂ ଦେଉଛନ୍ତି। ପିଲାମାନଙ୍କୁ ପାଠ ସହ ଗୋମାତା ପ୍ରତି ଯତ୍ନଶୀଳ ହେବା ପାଇଁ ଆମେ ଏକ ଗୋଶାଳା ଆରମ୍ଭ କରିବାକୁ ଯାଉଛୁ। ଏହାଦ୍ୱାରା ପଶୁମାନଙ୍କ ପ୍ରତି ମଧ୍ୟ ପିଲାମାନଙ୍କର ସହାନୁଭୂତି ବଢ଼ିବ। ମୋଟାମୋଟି ଭାବେ ପାଠପଢ଼ା ସହ କ୍ରୀଡ଼ାର ଏକୀକରଣକୁ ଆମେ ଗୁରୁତ୍ୱଦେଉଛୁବୋଲିସେକହିଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲରେ ଜାତୀୟ ଚେସ୍ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧନା



ମୁଖ୍ୟ ଅତିଥି ଆଧାତ୍ମିକ ଗୁରୁ ଚନ୍ଦ୍ରଭାନୁ ଶତପଥୀଙ୍କ ସହ ସମ୍ବର୍ଦ୍ଧିତ ଚେସ୍ ଖେଳାଳିମାନେ।

ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)

ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲରେ ସମ୍ପ୍ରତି ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାଲିଥିବାବେଳେ ଶୁକ୍ରବାର ଜାତୀୟ ସ୍ତରର ଚେସ୍ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଶିଷ୍ଟ ଆଧାତ୍ମିକ ଗୁରୁ ଚନ୍ଦ୍ରଭାନୁ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, ସୌନ୍ଦର୍ଯ୍ୟ କୁମାର ପ୍ରଧାନ, ପ୍ରାଚୁର୍ଯ୍ୟ କୁମାର ପ୍ରଧାନ, ଶୁଭେନ୍ଦୁ କୁମାର ପାତ୍ର, କର୍ଣ୍ଣାଟକର କିଶନ ଗାଙ୍ଗୋଲି ଓ କୃଷ୍ଣ ଉଡୁପା, ମହାରାଷ୍ଟ୍ରର ଆର୍ଯ୍ୟନ ବି. ଜୋଶୀ, ସ୍ୱପ୍ନିଲ ଶାହା, ବୈଶାଳୀ ସାଲୱାକର, ଗୁଜରାଟର ଦର୍ପଣ ଇନାନି ଓ ମକୱାନା ଅଶ୍ୱିନ କେ.ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ''ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ଅଦମ୍ୟ ଇଚ୍ଛାଶକ୍ତି ଓ ବୁଦ୍ଧି ପ୍ରକୃତ ପ୍ରେରଣାଦାୟକ। ଚେସ୍ ଏପରି ଏକ ଖେଳ, ଯେଉଁଥିରେ ରଣନୀତି, ଧୈର୍ଯ୍ୟ ଓ ଦୃଢ଼ତା ଆବଶ୍ୟକ ଥାଏ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଚାମ୍ପିୟନମାନେ ଏହାକୁ ବଜାୟ ରଖିଛନ୍ତି'' ବୋଲି ଚନ୍ଦ୍ରଭାନୁ ପ୍ରକାଶ କରିଛନ୍ତି।

## ଇନାନୀ ଏକକ ଅଗ୍ରଣୀ

ପ୍ରତିଯୋଗିତାର ୬ ରାଉଣ୍ଡ ଶେଷସୁଦ୍ଧା ଗୁଜରାଟର ଇନାନୀ ଦର୍ଶପ ୫.୫ ପଏଣ୍ଟ ପାଇ ଏକକ ଅଗ୍ରଣୀ ଲାଭ କରିଛନ୍ତି। ମହାରାଷ୍ଟ୍ରର ଆର୍ଯ୍ୟନ ବି. ଜୋଶୀ ଓ କର୍ଣ୍ଣାଟକର କିଶନ ଗାଙ୍ଗୋଲି ୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଦୁଇ ଭାଇ ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ୪.୫ ଓ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ୪ ପଏଣ୍ଟ ପାଇ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନରେ ରହିଛନ୍ତି। ଶୁଭେନ୍ଦୁ କୁମାର ପାତ୍ର ୩.୫ ଓ ଦୀପକ କୁମାର ଭୋଇ ୨ ପଏଣ୍ଟ ପାଇଛନ୍ତି।

# ଗୋଟିଏ ଓଭରରେ ଦୁଇ ହାତରେ ବୋଲିଂ

**ନୂଆଦିଲ୍ଲୀ,୪।୪:** ଶ୍ରୀଲଙ୍କାର କାମିଣ୍ଡୁ ମେଣ୍ଡିସ ଗୁରୁବାର କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ପାଇଁ ଆଇପିଏଲ୍‌ରେ ପଦାର୍ପଣ କରିଥିଲେ। ପ୍ରଥମ ମ୍ୟାଚରେ ସେ ଦୁଇ ହାତରେ ସ୍ପିନ ବୋଲିଂ କରିବାର ଦକ୍ଷତା ଦ୍ୱାରା ଉଭୟ ବ୍ୟାଟର ଓ ଫ୍ୟାନ୍ସଙ୍କୁ ଚକିତ କରିଛନ୍ତି। କୋଲକାତା ଇନିଂସର ୧୩ତମ ଓଭରରେ ବୋଲିଂ କରିବାକୁ ଆସିଥିବା କାମିଣ୍ଡୁ ଡାହାଣ ହାତୀ ବ୍ୟାଟର ଅଙ୍ଗକ୍ରିଶ ରଘୁବଂଶୀଙ୍କୁ ବାମହାତୀ ଅର୍ଥଡକ୍ସ ସ୍ପିନ ବୋଲିଂ କରିଥିଲେ। ରଘୁବଂଶୀ ପ୍ରଥମ ବଲରେ ସିଙ୍ଗଲ ନେଇଥିଲେ। ପରବର୍ତ୍ତୀ ବଲ ଖେଳିବାକୁ ବାମହାତୀ ବ୍ୟାଟର ଭେଙ୍କଟେଶ ଆୟାର ଷ୍ଟ୍ରାଇକ୍‌କୁ ଆସିଥିଲେ। ଏହା ଦେଖି କାମିଣ୍ଡୁ ଡାହାଣ ହାତୀ ଅଫ ସ୍ପିନ ବୋଲିଂ କରିଥିଲେ। ଓଭରର ତୃତୀୟ ବଲରେ ରଘୁବଂଶୀଙ୍କୁ ଆଉଟ୍ କରି ତାଙ୍କ ଆଇପିଏଲ୍ ପଦାର୍ପଣକୁ ସ୍ମରଣୀୟ କରିଥିଲେ। ନୂଆ ବ୍ୟାଟର ରିଙ୍କୁ ସିଂଙ୍କୁ ସେ ପୁଣି ଡାହାଣ ହାତରେ ଅଫ ସ୍ପିନ ବୋଲିଂ କରିଥିଲେ।

# ଜଗମୋହନ ଉପସଭାପତି ନିର୍ବାଚିତ



ଓସିଏ କର୍ମକର୍ତ୍ତା ଓ ଅନ୍ୟମାନଙ୍କ ଗହଣରେ ନବନିର୍ବାଚିତ ଉପସଭାପତି ଜଗମୋହନ ପଟ୍ଟନାୟକ।

ଭୁବନେଶ୍ୱର, ୪।୪
(ବିଜୟ ରଣା)

କଟକରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ୱତନ୍ତ୍ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗମୋହନ ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ଆସୋସିଏଶନର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ମାର୍ଚ୍ଚ ୧୨ରୁ ଆରମ୍ଭ ହୋଇଥିବା ନିର୍ବାଚନ ପ୍ରକ୍ରିୟା କହିବାକୁ ଗଲେ ଏପ୍ରିଲ ୪ରେ ଶେଷ ହୋଇଛି। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଏମ୍.ଏଲ୍. ମଜୁମଦାର ନିର୍ବାଚନ ଅଧିକାରୀ ଭାବେ ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଏହି ବୈଠକରେ ପଙ୍କଜ ଲୋଚନ ମହାନ୍ତି (ସଭାପତି), ସଞ୍ଜୟ ବେହେରା (ସମ୍ପାଦକ), ପ୍ରଭାତ କୁମାର ଭୋଳ (ଯୁଗ୍ମ ସମ୍ପାଦକ) ଓ ବିକାଶ ପ୍ରଧାନ (କୋଷାଧ୍ୟକ୍ଷ)ଙ୍କ ସମେତ ଓସିଏର ସମସ୍ତ ପ୍ରମୁଖ ସଦସ୍ୟଗଣ ଉପସ୍ଥିତ ଥିଲେ।

**ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ**

# ବିହାରରେ ଇସ୍ପୋର୍ଟ୍ସର ପଦାର୍ପଣ

**ନୂଆଦିଲ୍ଲୀ,୪।୪(ଏପି):** ମେ' ୪ରୁ ୧୫ ପର୍ଯ୍ୟନ୍ତ ବିହାରରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସ (କେଆଇୱାଇଜି)ରେ ଇସ୍ପୋର୍ଟ୍ସ ପଦାର୍ପଣ କରିବ। ତେବେ ଏହା ପ୍ରଦର୍ଶନୀ ସ୍ପୋର୍ଟ୍ସ ଭାବେ ସ୍ଥାନ ପାଇବ। ଖେଲୋ ଇଣ୍ଡିଆର ସପ୍ତମ ସଂସ୍କରଣ କେଆଇୱାଇଜି ୨୦୨୫ ବିହାରର ୫ଟି ସହର ପାଟନା, ରାଜଗିର, ଗୟା, ଭାଗଲପୁର ଓ ବେଗୁସରାଇରେ ଅନୁଷ୍ଠିତ ହେବ। ନୂଆଦିଲ୍ଲୀରେ ଶୁଟିଂ, ଜିମ୍ନାଷ୍ଟିକ୍ସ ଓ ସାଇକ୍ଲିଂର ଟ୍ରାକ ଇଭେଣ୍ଟ ହେବ। 'ବିହାରର ୫ଟି ସହରରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ୨୦୨୫ରେ ଇସ୍ପୋର୍ଟ୍ସ ପ୍ରଦର୍ଶନୀ ସ୍ପୋର୍ଟ ଭାବେ ପଦାର୍ପଣ କରିବ। ଏହି ପ୍ରତିଯୋଗିତାରେ ୨୭ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଗୋଟିଏ ପ୍ରଦର୍ଶନୀ ସ୍ପୋର୍ଟ ଭାବେ ଇସ୍ପୋର୍ଟ୍ସ ସାମିଲ ରହିଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି।

# ହିତେଶ ଟାଇଟଲ ରାଉଣ୍ଡରେ

ନୂଆଦିଲ୍ଲୀ, ୪।୪(ପି.ଟି.)

ଜାତୀୟ ଚାମ୍ପିୟନ ହିତେଶ ଚଳିତ ବିଶ୍ୱ ବକ୍ସିଂ କପ୍ ବ୍ରାଜିଲ-୨୦୨୫ ଫାଇନାଲରେ ପ୍ରବେଶ କରିଛନ୍ତି। ୭୦ କେଜି ଶ୍ରେଣୀ ସେମିଫାଇନାଲ ବାଉଟ୍‌ରେ ସେ ଫ୍ରାନ୍ସର ମାକନ ଟ୍ରେଓରଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ଟାଇଟଲ ମୁକାବିଲାରେ ହିତେଶ ଇଂଲଣ୍ଡର ଓଡେଲ କାମାରାଙ୍କୁ ଭେଟିବେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଭାରତୀୟ ଯଦୁମଣି ସିଂ ମାନ୍‌ଦେଙ୍ଗବାମ୍ ୨୨ ବର୍ଷରୁ କମ୍ ପୂର୍ବତନ ଏସିଆନ୍ ଚାମ୍ପିୟନ ଉଜ୍‌ବେକିସ୍ତାନର ଏସିଲ୍‌ବେକ୍ ଜଲିଲୋଭଙ୍କଠାରୁ ପରାସ୍ତ ହୋଇଥିଲେ।

# ନକ୍ ଆଉଟ କାର୍ଯ୍ୟସୂଚୀ ଘୋଷିତ

**କଳାହାଣ୍ଡି କପ୍ କ୍ରିକେଟ**

ଭୁବନେଶ୍ୱର, ୪।୪ (ବିଜୟ ରଣା)

ଓସିଏ ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ୨୦୨୫ର ନକ୍‌ଆଉଟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଶୁକ୍ରବାର ଘୋଷଣା କରାଯାଇଛି। ୫୦ଓଭର ବିଶିଷ୍ଟ ତଥା ଦିନିକିଆ ଫର୍ମାଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟରଫାଇନାଲ ଏପ୍ରିଲ ୬ରେ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଇକୋର୍ସା ଓ ଭୁବନେଶ୍ୱର 'ବି' ମଧ୍ୟରେ ଖେଳାଯିବ। ସେଦିନ କଟକ 'ଏ' ଓ ଭଦ୍ରକ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟରଫାଇନାଲ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯିବ। ସେହିପରି ଏହି ଦିନ ବାରବାଟୀ ଷ୍ଟାଡିୟମରେ ତୃତୀୟ କ୍ୱାର୍ଟରଫାଇନାଲ ସୁନ୍ଦରଗଡ଼ ଓ ବାଲେଶ୍ୱର ମଧ୍ୟରେ ହେବ। ସନ୍ ସାଇନ୍ ଗ୍ରାଉଣ୍ଡରେ ରାଉରକେଲା ଓ ଭୁବନେଶ୍ୱର 'ଏ' ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଦୁଇଟି ଯାକ ସେମିଫାଇନାଲ ଏପ୍ରିଲ ୭ରେ ହେବ। ପ୍ରଥମଟି ରେଭେନ୍‌ଶା ଗ୍ରାଉଣ୍ଡ-୧ରେ କ୍ୱାର୍ଟରଫାଇନାଲ ୧ ଓ ୩ରୁ ବିଜେତାଙ୍କ ମଧ୍ୟରେ ଖେଳାଯିବାକୁ ଥିବାବେଳେ ଦ୍ୱିତୀୟଟି ବାରବାଟୀ ଷ୍ଟାଡିୟମରେ ୨ୟ ଓ ୪ର୍ଥ କ୍ୱାର୍ଟରଫାଇନାଲ ବିଜେତାଙ୍କ ମଧ୍ୟରେ ଖେଳାଯିବ। ଏପ୍ରିଲ ୯ରେ ଉଭୟ ସେମିଫାଇନାଲର ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ।


**Odisha State Legal Services Authority, "Aain Seva Bhawan", Sector-1, CDA, Cuttack**

**Advertisement No.01/2025 Dated : 03.04.2025**

**For the post of Chairperson of Permanent Lok Adalat (Public Utility Services)**

**No.W-01** : Applications are hereby invited from Judicial Officers retired in the rank of District Judge/Addl. District Judge, who have attained superannuation by **28.02.2025** and below the age of 65 years for being appointed as the Chairperson of Permanent Lok Adalat (PUS) in the cluster of PLAs (PUS).
Last date for submission of the application is **25.04.2025**
For further details, please visit our official website - www.oslsa.nic.in

Sd./- S.Acharya
Member Secretary,
Odisha State Legal Services Authority, Cuttack
OIPR-18008/11/0013/2425

Sambalpur University, Jyoti Vihar, Burla-768019, Sambalpur, Odisha
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା-768019, ସମ୍ବଲପୁର, ଓଡ଼ିଶା
(Accredited with Grade 'A' by NAAC)

No.1509/Estate & Maint. Date:29.3.25

**TENDER CALL NOTICE**

**No.CAD-02:** Sealed tenders are invited from intending reputed party/Agency/Firm/Company/Organization herein after referred to as Manpower Service provider, for Sambalpur University as mentioned in the Performa as per our terms and conditions so as to reach the undersigned on or before Dt.21.04.2025 by 11am through Speed Post/ Registered Post only and which will be opened on the prescribed date & time in presence of the party or their authorized representative (if any). The sealed cover should be super scribed with "Tender for providing Manpower service to Sambalpur University". Sambalpur University reserves all the right to cancel any or all the tenders without assigning any reason thereof. The Performa, terms and conditions can be obtained from the University website www.suniv.ac.in.

OIPR-11010/11/0023/2425 Sd./-Registrar

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ର ସଂଖ୍ୟା ୨୩ **ବିଜ୍ଞାପନ** ତା.୧୯.୨.୨୦୨୫

**No.CAD-22:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-ସ୍ୱ ଅରୁଣ କୁମାର ମହାନ୍ତି<br>ପିତା-ସ୍ୱ ଧନେଶ୍ୱର ମହାନ୍ତି<br>ସା/ପୋ-ଆନୋଲି ପାଟଣା,<br>ଥାନା-ତିର୍ତ୍ତୋଲ,<br>ଜିଲ୍ଲା-ଜଗତସିଂହପୁର | ଫ୍ଲାଟ ନଂ.ବି.୧୦୬ (B-106) ବ୍ଲକ-୪, ତୋଶାଳି ଆପାର୍ଟମେଣ୍ଟ ସ୍କିମ, ସତ୍ୟ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା। | ୧.ମନୋରମା ମହାନ୍ତି (ସ୍ତ୍ରୀ)<br>୨.ସନ୍ଦୀପ ମହାନ୍ତି (ପୁତ୍ର)<br>୩. ସୋମାନି ମହାନ୍ତି (ବି.କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0522/2425

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**
Tel.06766-258301 (O)
email: se_nerwkjr@rediffmail.com
e Procurement Notice for Road Work under SACI
Identification No.NCB-45/RWCKJR/2024-25
No.1571/ Date: 29.03.25

**No.O-03:** Name of the Work:- **Construction of road work under SACI in the District of Keonjhar**. 2. No. of Work:- 01 (One) No. 3. Estimated Cost:- As per Annexure in NIT. 4. Class of Contractor (Eligible) :- As per Annexure in NIT. 5. Period of Completion:- As per Annexure in NIT. 6. Other details:-

| Procurement Officer | Bid Identification No. | Availability of tender On-line for bidding | | Last date & Time of seek-ing Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Engineer, Rural Works Circle, Keonjhar | NCB-45/ RWCKJR/ 2024-25 | Dt.07.04.25 at 11.00 A.M. | Dt.21.04.25 upto 5.00 P.M. | Dt.19.04.25 upto 5.00 P.M. | Dt.22.04.25 at 11.00 A.M. | Will be intimated Later |

• Further details can be seen from the website: **www.tendersorissa.gov.in**
OIPR-25177/11/0062/2425 Sd./- Chief Construction Engineer, R.W. Circle, Keonjhar

**OFFICE OF THE BARIPADA MUNICIPAL COUNCIL, BARIPADA**
Phone:06792-252703, Fax:-06792-252703, Email:baripadam.hud@nic.in
Website:www.baripadamunicipality.in
No.636, Date:31.03.2025

**Tender Reference No.BPDM 1 of 2025-26 and BPDM 2 of 2025-26**
**CORRIGENDUM DETAILS**

**No.C-31:** In partial to this Office "e" Procurement Tender Reference No. BPDM 1 of 2025/26 and No.BPDM 2 of 2025/26 the following Terms and Conditions are incorporated in addition to the said Tender Call Notice.
The extension of last date and time submission of bids required due to unavoidable technical reason.

| Sl. No. | Description | Previously Critical Dates | Presently changed to Critical Dates |
|---|---|---|---|
| (i) | Period of availability of tenders online for bidding | From Dt.22.03.2025 (01.00 P.M.) to Dt.07.04.2025 (05.00 P.M.) & From Dt.24.03.2025 (01.00 PM) to Dt.08.04.2025 (05.00 P.M.) | From Dt.22.03.2025 (01.00 PM) to Dt.15.04.2025 (01.00 P.M.) |
| (ii) | Last Date and Time of bidding online (submission of Bids/ | Dt.07.04.2025 (05.00 P.M.) & Dt.08.04.2025 (05.00 P.M.) | Dt.15.04.2025 (01.00 P.M.) |
| (iii) | Date and Time of opening of the Bid Received online | Dt.08.04.2025 (11.30 A.M. onwards) & Dt.09.04.2025 (11.30 A.M. onwards) | Dt.16.04.2025 (10.30 A.M. onwards) |

The Tender Call Notice vide e_procurement Tender Reference No.BPDM-01 of 2025-26 and Tender Reference No.BPDM-02 of 2025-26 are being amended to the above extent through this 1st Corrigendum.
All other terms and conditions are remain unchanged. Further details may also be seen from the procurement portal i.e. www.tendersorissa.gov.in.
OIPR-13078/11/0034/2425 Sd./- Executive Officer, Baripada Municipality

**OFFICE OF THE SUPERINTENDING ENGINEER**
**UPPER INDRAVATI RIGHT CANAL DIVISION NO.II**
AT/PO. JUNAGARH, DIST. KALAHANDI, E-mail. : eeuircd2@gmail.com
QUOTATION/TENDER CALL NOTICE NO. 01/2025-26,
DT. 02.04.2025 FOR HIRING VEHICLE

**No.A-06** : Sealed Quotations/ Tenders are invited from interested reputed Travel Agents/ Tour operators/ Private individuals for providing Diesel driven vehicle (TUV300/Bolero/Sumo Gold/Ertiga) for official use in office of the
(i) **The Superintending Engineer, UI Right Canal Division No-II, Junagarh and UI Right Canal, Sub-Division-No. I, Junagarh**
(ii) **Sub-Divisional Officer, UI Right Canal Sub-Division-No. III, Bhawanipatna and UI Right Canal Sub-Division-No. II, Bhawanipatna**
on monthly rent basis with the following terms and conditions.
1) The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of up-to-date tax payment, PAN Card/GST etc. which are mandatory for plying of vehicle.
2) The Driver of the vehicle must have a valid Driving License for driving transport vehicle and should be sufficiently experienced in driving transport passenger vehicle. Preference will be given to the vehicles having previous experience in Government of Odisha and Central Government. Certificate from the concerned employer should be enclosed.
3) The Driver should be well behaved, gentle and obedient in nature.
4) A sum of **Rs.5000/-** shall be deposited by the intending bidders for the vehicle in shape of NSC/TDR/KVP from any nationalized bank pledged in favour of the **Superintending Engineer, UI Right Canal Division No.II, Junagarh** and **submitted in original** along with the tender as security deposit. After completion of tender process, the amount will be refunded to unsuccessful bidders.
5) The monthly rate of hire charge be quoted separately in the general bid information (excluding fuel and lubricants).
6) The vehicle must achieve a minimum fuel efficiency of **10 Km per litres**.
7) The details of the make and year of manufacture of the vehicle, registration no. mileage (Kms. covered per litre) and name of the Driver with Driving license No. and period of validity should be specifically provided in the general bid information to be furnished with the Quotation/Tender (Annexure-III).
8) The quotation completed in all respect should reach the undersigned on or before **11.04.2025 by 1.30 P.M. and shall be opened on 11.04.2025 at 4.00 P.M.** in presence of the quotationers or their authorized representatives in the office of the undersigned.
9) The quotation booklet containing general bid information and terms and conditions for Hiring of vehicles etc. will be available in the office of the Superintending Engineer, UI Right Canal Division No.II, Junagarh, Kalahandi, Odisha, Sub-Divisional Officer, UI Right Canal Sub-Division No-II, Bhawanipatna, Kalahandi, Odisha and UI Right Canal Sub-Division No-III, **Bhawanipatna, Kalahandi, Odisha** on payment of **Rs.100/- (Rupees one hundred)** only in shape of BC/DD/e-chalan from any nationalized bank pledged in favour of the **Superintending Engineer, UI Right Canal Division No.II, Junagarh, payable at State Bank of India, Junagarh ADB, from 04.04.2025 to 11.04.2025** during office hours.
10) The period of agreement for supplying the vehicle shall depend on the period for which estimate is sanctioned.
11) The authority reserves the right to reject any or all quotations without assigning any reason thereof.

Sd./- Superintending Engineer,
U.I. Right Canal Division No.II, Junagarh
OIPR-32016/11/0005/2425

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR**
E-mail : eeroads.khr@rediffmail.com
No. 1634 Date : 29.03.2025
No.B-04

**Invitation For Bids**
**Bid Identification No. S.E. (R&B) Khariar-11/2024-25**

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate composite bids in single cover system in ONLINE MODE only | |
| 2 | Nature of work | (Civil+EI+PH) works |
| 3 | No. of work | 01 No. work |
| 4 | Tender Paper cost | As specified in the notice for the respective Work, to be remitted online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 07.04.2025 to 17.00 hours of 16.04.2025 |
| 7 | Date of opening of Technical Bid | Dt. 17.04.2025 at 11:30 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website : https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer,
Khariar (R&B) Division,
Khariar
OIPR-34062/11/0017/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# 'ଆୟୁଷ୍ମାନ୍'ରେ ଦୁର୍ନୀତି: ୨୧ ସ୍ଥାନରେ ଇଡି ଚଢ଼ାଉ

**ରାଞ୍ଚି,୪।୪:** ଆୟୁଷ୍ମାନ୍ ଭାରତ ଯୋଜନାରେ ବଡ଼ଧରଣର ଜାଲିଆତି ଏବଂ ଅର୍ଥ ହେରଫେର ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ୨୧ ସ୍ଥାନରେ ଚଢ଼ାଉ କରିଛି। ଇଡି ଝାଡ଼ଖଣ୍ଡର ୧୭ ସ୍ଥାନରେ ଚଢ଼ାଉ କରିଥିବା ବେଳେ ପଶ୍ଚିମବଙ୍ଗର ୨ ଏବଂ ଦିଲ୍ଲୀ ଓ ଉତ୍ତରପ୍ରଦେଶର ଗୋଟିଏ ଲେଖାଏ ସ୍ଥାନରେ ଚଢ଼ାଉ କରିଛି। ରାଞ୍ଚିସ୍ଥିତ ଲାଲପୁର, ମୋରହାବାଦ, ପିପି କମ୍ପାଉଣ୍ଡ, ଅଶୋକ ନଗର, ଚିରୌନ୍ଦୀ ପରି ଅଞ୍ଚଳରେ ମେଡିକାଲ ସମ୍ବନ୍ଧୀୟ ବିଭିନ୍ନ କମ୍ପାନୀ, ବୀମା ସଂସ୍ଥା ଓ ଫାର୍ମା କମ୍ପାନୀଗୁଡ଼ିକରେ କେନ୍ଦ୍ରୀୟ ଏଜେନ୍ସି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଝାଡ଼ଖଣ୍ଡର ୨୧୨ଟି ବେସରକାରୀ ହସ୍ପିଟାଲ ରୋଗୀଙ୍କୁ ଭର୍ତ୍ତି କରି ଜାଲ୍ ଦସ୍ତାବିଜ ଦ୍ୱାରା ସେମାନଙ୍କୁ ଚିକିତ୍ସା କରୁଥିବାର ଦାବି କରି ସରକାରୀ ଟଙ୍କା ହଡ଼ପ କରୁଥିବାର ଅଭିଯୋଗ ରହିଛି।



## 'ଖତ୍‌ରୋଁ କା ଖିଲାଡି ୧୫'
# ମଲ୍ଲିକାଙ୍କୁ ନେଇ ଚର୍ଚ୍ଚା

**ମୁମ୍ବାଇ:** ଟିଭି ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଷ୍ଟଣ୍ଟ ରିୟଲିଟି ଶୋ' 'ଖତ୍‌ରୋଁ କା ଖିଲାଡି'ର ୧୫ଶ ସିଜନ୍‌କୁ ନେଇ କାଉଣ୍ଟଡାଉନ ଆରମ୍ଭ ହୋଇଛି। ପ୍ରତିଥର ପରି ଫିଲ୍ମ ନିର୍ଦ୍ଦେଶକ ରୋହିତ ଶେଟ୍ଟି ଚଳିତ ଥର ମଧ୍ୟ ଏହି ଶୋ'କୁ ହୋଷ୍ଟ କରିବେ। ତେବେ ଚଳିତ ସିଜନ୍‌ର ଅଂଶଗ୍ରହଣକାରୀଙ୍କୁ ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ନିକଟରେ ସାମ୍ନାକୁ ଆସିଥିବା ଏକ ରିପୋର୍ଟ ଅନୁଯାୟୀ, 'ଖତ୍‌ରୋଁ କା ଖିଲାଡି ୧୫'ରେ ଅଭିନେତ୍ରୀ ମଲ୍ଲିକା ଶେରାୱତ ଓ ଅଭିନେତା ସିଦ୍ଧାର୍ଥ ମାଲ୍ୟା ଅଂଶଗ୍ରହଣ କରିପାରନ୍ତି। ଟେଲି ମସାଲାର ଏକ ରିପୋର୍ଟ ଅନୁଯାୟୀ, 'ଖତ୍‌ରୋଁ କା ଖିଲାଡି ୧୫'ରେ ଭାଗନେବା ପାଇଁ ନିକଟରେ ଏହାର ନିର୍ମାତାଙ୍କ ପକ୍ଷରୁ ମଲ୍ଲିକାଙ୍କୁ ଅନୁରୋଧ କରାଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ ମଲ୍ଲିକାଙ୍କ ପ୍ରଶଂସକମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ସେହିପରି ଏହି ଶୋ'ରେ ଭାଗନେବାକୁ ସିଦ୍ଧାର୍ଥଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଏନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। 'ଖତ୍‌ରୋଁ କା ଖିଲାଡି'ର ୧୪ଶ ସଂସ୍କରଣ ୨୦୨୪ ଜୁଲାଇ ୨୭ରୁ ଆରମ୍ଭ ହୋଇ ସେହିବର୍ଷ ୨୯ ସେପ୍ଟେମ୍ବରରେ ଶେଷ ହୋଇଥିଲା। ଏଥିରେ ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ଗତ କିଛିବର୍ଷ ହେବ ମଲ୍ଲିକା ଖୁବ୍ କମ୍ ଫିଲ୍ମରେ ନଜରକୁ ଆସିଛନ୍ତି। ୨୦୨୪ରେ ରିଲିଜ୍ ହୋଇଥିବା ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ତୃପ୍ତି ଡିମରିଙ୍କ ଫିଲ୍ମ 'ଭିକି ବିଦ୍ୟା କା ୱୋ ୱାଲା ଭିଡିଓ'ରେ ମଲ୍ଲିକାଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା।


## ଜନ୍ମଦିନର ଶୁଭେଚ୍ଛା



**ଶ୍ରୀ ହରି ନାରାୟଣ ବେବର୍ତ୍ତା**
(Rly. Retd.)
Secretary Public Relation AICGPA-Cuttack
ସଭାପତି, ମା ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ
ପାଟରା ସାହି, କଟକ, ମୋ- ୯୪୩୭୦୪୮୨୧୨
ଅଜା, ଆଜି ତୁମର ଜନ୍ମଦିନ । ମୁଁ ଓ ଆଇ ବାବାଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୁମେ ଦୀର୍ଘାୟୁ ରୁହ ସ୍ୱାସ୍ଥ୍ୟବାନ ରୁହ । ଆଜି ତୁମେ ୭୩ବର୍ଷରେ ପଦାର୍ପଣ କରୁଛ ।
ଶୁଭେଚ୍ଛା ସହ: ନାତି- ସାତ୍ୱିକ ସେନାପତି,
ଧର୍ମପତ୍ନୀ- ଭାରତୀ ବେବର୍ତ୍ତା
ଧ-୦୪୪


# ଜଳସମ୍ପଦ ବିଭାଗରେ 'ପିସି' କାରବାର ଅଭିଯୋଗ

## ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ତଦନ୍ତ ଦାୟିତ୍ୱ

ଭୁବନେଶ୍ୱର,୪।୪(ରବିନାରାୟଣ ଜେନା)

ରାଜ୍ୟର ଜଳସମ୍ପଦ ବିଭାଗରେ 'ପିସି' କାରବାର ହେଉଥିବା ନେଇ ଅଭିଯୋଗ ଆସିଛି। ଏମିତି କି ଆବଶ୍ୟକସ୍ଥଳେ ଭିଜିଲାନ୍ସ ତଦନ୍ତ କରୁଥିବା ରେକର୍ଡକୁ ଟାମ୍ପରିଂ କରି ଦିଆଯାଉଛି। ଏହିଭଳି ଏକ ସଙ୍ଗିନ ଅଭିଯୋଗ ୨୦୨୩ରୁ ହୋଇଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାବେଳେ ନିକଟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏଥିରେ ହସ୍ତକ୍ଷେପ କରିଛି। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶକ୍ରମେ ମାର୍ଚ୍ଚ ୨୮ରେ ଅଭିଯୋଗର ତଦନ୍ତ ପାଇଁ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ପତ୍ର ଲେଖାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶକ୍ରମେ ଜଳସମ୍ପଦ ବିଭାଗ ଅନୁସଚିବ ଟିମୋ କହଁର ଅଭିଯୋଗକାରୀ ଆର୍ତ୍ତତ୍ରାଣ ଭୂୟାଁଙ୍କ ଅଭିଯୋଗକୁ ଆଧାରକରି ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଟିମୋ କହଁର ପତ୍ରରେ ଦର୍ଶାଇଛନ୍ତି, ଜଳସମ୍ପଦ ବିଭାଗର ଅଧୀକ୍ଷଣଯନ୍ତ୍ରୀ (ମେକାନିକାଲ ଡିଭିଜନ) ୨୦୧୫ରୁ ସୋଲମନ ନାୟକ ନାମକ ଜଣେ କ୍ୟାସିଅର ବିଭାଗରେ ରହି ଆସୁଛନ୍ତି। ସେ ବିଭିନ୍ନ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମୁଖ୍ୟଯନ୍ତ୍ରୀଙ୍କ ପାଇଁ ପିସି ଆଦାୟରେ ସହାୟକ ଭୂମିକା ନିର୍ବାହ କରୁଛନ୍ତି। ସେ କେତେକ କ୍ଷେତ୍ରରେ ସରକାରୀ ନଥି ଟାମ୍ପରିଂ ମଧ୍ୟ କରୁଥିବା ଏଥିରେ ଉଲ୍ଲେଖ କରାଯାଇଛି।

ଯେଉଁ ନିର୍ବାହୀ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି, ସେମାନଙ୍କ କାଗଜପତ୍ର ମଧ୍ୟ ସେ ଜାଲିଆତି କରୁଛନ୍ତି। ସେ ଗାଡ଼ି ବେପାର ମଧ୍ୟ କରୁଛନ୍ତି। ଏ ସଂକ୍ରାନ୍ତରେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ହେଁ ପଦକ୍ଷେପ ଗ୍ରହଣ କରୁ ନ ଥିବା ଆର୍ତ୍ତତ୍ରାଣ ଦର୍ଶାଇଛନ୍ତି। ସେ ଆହୁରି ଦର୍ଶାଇଛନ୍ତି, ମୁଖ୍ୟଶାସନ ସଚିବ ମନୋଜ ଆହୁଜା ୨୦୨୪ ନଭେମ୍ବର ୧୧ରେ ବଦଳି ସଂକ୍ରାନ୍ତରେ ଏକ ସ୍ୱଷ୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାତ୍ର ବିଭାଗରେ ଏସବୁ କିଛି କାଟୁ କରୁନାହିଁ। ୨୦୨୩ ଫେବୃଆରୀରୁ ଆର୍ତ୍ତତ୍ରାଣ ଏନେଇ ଅଭିଯୋଗ କରି ଆସୁଥିଲେ ହେଁ କେହି ଶୁଣୁ ନ ଥିବାବେଳେ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ଅଭିଯୋଗକୁ ଗ୍ରହଣ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ଆର୍ତ୍ତତ୍ରାଣଙ୍କ ଅଭିଯୋଗ କେତେ ସତ ପ୍ରମାଣିତ ହେଉଛି ଏବଂ ଜଳସମ୍ପଦ ବିଭାଗରେ ପିସି କାରବାର ହେଉଛି କି ନାହିଁ ତାହା ଉପରୁ ପରଦା ହଟିବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ୨୧ ସୂତ୍ରୀ କାର୍ଯ୍ୟ ଯୋଜନାର ପ୍ରସ୍ତାବ ଦେଲେ ମୋଦି

## ବିମ୍ସଟେକ୍ ସମ୍ମିଳନୀ

ବ୍ୟାଙ୍କକ୍, ୪।୪ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଥାଇଲାଣ୍ଡର ବ୍ୟାଙ୍କକରେ ଅନୁଷ୍ଠିତ ଷଷ୍ଠ ବିମ୍ସଟେକ୍ ଶିଖର ସମ୍ମିଳନୀରେ ଯୋଗଦେଇଛନ୍ତି। ଏହି ଅବସରରେ ମୋଦି ବିମ୍ସଟେକ୍ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧିକରିବା ପାଇଁ ଏକ ୨୧ ସୂତ୍ରୀ ବିଶିଷ୍ଟ କାର୍ଯ୍ୟ ଯୋଜନାର ପ୍ରସ୍ତାବ ଦେଇଛନ୍ତି। ପରସ୍ପର ମଧ୍ୟରେ ବାଣିଜ୍ୟକୁ ପ୍ରୋତ୍ସାହିତ କରିବାକୁ ଏବଂ ଆଇଟି କ୍ଷେତ୍ରର ସମୃଦ୍ଧ ସାମର୍ଥ୍ୟର ଲାଭ ଉଠାଇବାକୁ ଏହି ଅବସରରେ ମୋଦି ବିମ୍ସଟେକ୍ ଦେଶଗୁଡ଼ିକୁ ଅନୁରୋଧ କରିଥିଲେ। ସେହିପରି ନିକଟରେ ମ୍ୟାନ୍‌ମାର ଏବଂ ଥାଇଲାଣ୍ଡରେ ହୋଇଥିବା ଭୂମିକମ୍ପକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା ଉପରେ ଏକାଠି କାମ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସେହିପରି ଏହି ସମ୍ମିଳନୀରେ ମୋଦି ମହାକାଶ କ୍ଷେତ୍ରରେ କାର୍ଯ୍ୟ କରିବା ଓ ସୁରକ୍ଷା ତନ୍ତ୍ରକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିମ୍ସଟେକ୍‌କୁ ସାମୂହିକ ଭାବେ ଶକ୍ତିଶାଳୀ କରିବା ଦିଗରେ ପ୍ରୟାସ କରିବାକୁ ସେ ଜୋର୍ ଦେଇଥିଲେ। ସେହିପରି ସାଂସ୍କୃତିକ ସମ୍ପର୍କ ବିମ୍ସଟେକ୍ ଦେଶଗୁଡ଼ିକୁ ନିକଟତର କରିବ ବୋଲି ମୋଦି ଆଶାପ୍ରକଟ କରିଛନ୍ତି।


# Classified Everyday
**0674-2580101, 9692975378**



AUTOMOBILE
**SALE**

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D-76254



REAL ESTATE
**SALE**

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area- 2100sqft, 2250/- fix rate. 9556187814. D-014

**Duplex sale with gated Society near AIIMS Hospital, Bhubaneswar. 9777433701.** D-76253

Independent house valued 1.5 crore near K.E.C, Uttara Square, Bhubaneswar. Call- 8917520527. D-015

**Gharabari Plot sale near Sum Hospital-2, Trinath Bazar, Phulnakhara, 1250/- per sqft. Whatsapp: 9437011506, 6371462496.** D-041





Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

**Newly opened spa in puri. Professional body massage available. 9861984834.** D-3394

All types hair cutting, body massage by smart lady room services available. Contact: 7077240328. D-71396

Positively health benefited spa by expert female therapist, Bapujinagar. 8018429809 D-76906

Full body massage by Odia therapist in homely atmosphere. 9556498382. D-75375


## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated 04.04.2025, I, Trilochan Barik, At/P.O.- Dhanitri, P.S.- Konark, Dist.- Puri, Odisha, PIN- 752111 declare that I have changed my daughter's name from Barik Priyanka Trilochan to Priyanka Barik. Henceforth, my daughter shall be known as Priyanka Barik for all purposes. D-030

By virtue of an affidavit (No.-2284) dated 02.04.2025 sworn before the Executive Magistrate, Angul, I, Khirod Kumar Sahu, S/o- Keshab Sahu, R/o- Paranga, P.O.- Paranga, P.S.- Nisha, Dist.- Angul, PIN- 759143, declare that I have changed my minor daughter's name from AUROSHREE SAHOO to OURASHREEE SAHU. Henceforth, she shall be known as OURASHREE SAHU for all future purposes.
Khirod Kumar Sahu D-029

I, Smt. Lili Pradhan, W/o- Gundicha Pradhan, Vill/ P.O.- Pipalbahal, P.S.- Bagdia, Dist.- Angul, Odisha, affidavit No.- 498, dated 03.04.2025 sworn before the Executive Magistrate, Chhendipada. I have changed my old name Nilima Pradhan to Lili Pradhan. Lili & Nilima is one & same Person. Henceforth, shall be known as Lili Pradhan for all future purposes. D- 028

I, Tangudu Sneha Patra, D/o- Prasanta Kumar Patra, R/o- Village- Thidikajore, P.O.- Jhadrajing, P.S.- Purunakatak, Dist.- Boudh, declare by this affidavit No.-2580 dated 03.04.2025 that now onwards I shall be known as Sneha Patra for all future purposes. D-037

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before Notary Public, Patnagarh bearing No.-7083, on dtd 28.10.2024, that before my marriage I known as "Ayshmati Nag, D/o- Duryodhan Nag" which is mentioned in my S.B. Account of Bank of Baroda, Kantabanji Branch and after marriage to Satrughan Karuan of Village- Bharuapali, P.S.- Belpada, Dist.- Balangir, I known as Ashmati Karuan which is also mentioned in my Aadhaar card where as Ashmati Karuan, W/o- Shatrughan Karuan and Ayshmati Nag, D/o- Duryadhan Nag is same and one person. D-036

By virtue of an affidavit sworn before the Notary Public, Bhubaneswar, dated-02.04.2025, I, Rozalin Sukla, Address: At- Plot No.-748/9056, Lane-2, Puri Canal Road, Bharat Villa, P.O.- Balianta, Dist.-Khorda, PIN-752101, Odisha declare that I have changed my name from Rozalin Pani to Rozalin Sukla. Henceforth, I shall be known as Rozalin Sukla for all future purposes. D-76807

I, Samar Kumar Behera, S/o- Siba Behera, DOB- 12.05.1988, R/o. Village- Mahulburi, P.O.- Karadi, Dist.- Boudh declare by this affidavit No.-224, date 12.2.25 that now onwards I shall be known as Sartha Mahanandia, S/o- Siba Mahanandia and DOB- 12.05.1987 for all future purposes. D-038

I, Nibedita Mahapatra, W/o- Suresh Kumar Swain, resident of Duplex No.-4, Arya Home, Tankapani Road, Vill- Alarpur, P.O.- Rangabazar, Garasrirampur, Dist.- Khurda, Odisha, PIN- 752100 declare by this affidavit No.-11165, dated 26.03.2025 that now onwards I shall be known as Nibedita Mohapatra for all future purposes. D-042

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

Sworn before the Notary Public, Patnagarh, date- 11.12.2024, I, Pramita Gadtya, Ro/ P.O.- Gambhari, P.S.- Khaprakhol, Block- Belpada, Dist.-Balangir, PIN-767027, declare by the affidavit Sl. No.- 8229, I have changed my old name from Pratima Gadtya to new name Pramita Gadtya. Henceforth, I shall be known as Pramita Gadtya for all future purposes. D-031

By virtue of an affidavit sworn before Executive Magistrate, Bhubaneswar, on dtd 28.03.2025, Vide Sl No.- 111, I, Runi Seth, Wife of Sanatan Seth, permanent resident of At/ P.O.- Alipingal, P.S.- Nimapada, Dist.- Puri, Odisha- 752106, declare that I have changed my daughter's name from SAI SRADHA NAYAK (old name) to SAI SRADHA SETH (new name). Henceforth, my daughter shall be known as SAI SRADHA SETH (new name) for all purposes.
SAI SRADHA SETH
Signature of Applicant
Runi Seth D-034

I, AMARJIT, S/O- Late Gokulananda Sahu resident of At/PO/PS- Nihalprasad, Dist- Dhenkanal, Odisha- 759016 declare by this affidavit No.62, dtd.04.04.2025 that now onwards I shall be known as AMARJIT SAHU for all future purposes.


Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।


## LEGAL NOTICE

COURT OF ADDITIONAL COMMISSIONER (I), SETTLEMENT AND CONSOLIDATION, SAMBALPUR
Settlement Revision No. 66 of 2024
India Financial Association of Seventh day Adventist represented by Mr. Sudhir Tigga, Principal of SDA English School, Binjipali
....Petitioner
Vrs
Ebenezar Barla others
....Opposite Parties

To,
(1) Ebenezar Barla, (2) Geralad Barla, (3) Mervis Barla, (4) Susan Barla, sons of Late Jyotish Barla and grand sons of Late Jai Mashi Barla, (5) Babula Barla, (6) Palit Barla, sons of Late Nelson Barla and grand sons of Late Jai Mashi Barla, (7) Suman Barla, (8) Priyanka Barla, (9) Sweet Barla, son and daughter of Late Rolen Barla and grand son and daughter of Late Bijay Barla and great grand son of Late Jai Mshi Barla, (10) Rolen Barla, (11) Arnes Barla, (12) Molina Barla, son and daughter of Elin Barla and grand son and daughter of Kalyan Barla and great grand son and daughter of Late Manmasi Barla, (13) Ismail Barla son of Elizabeth Barla and grand son of Kaliana Barla and great grand son of Manmasi Barla, (14) Jab Barla son of Kalian Barla and grand son of Manmasi Barla, (15) Subasini Soren daughter of William Barla, all are by caste: Christian, Resident of Binjipali, P.S.- Katarbaga, Tah- Rengali, District.- Sambalpur, (16) Tahasildar, Rengali Sambalpur.
Opposite Parties

NOTICE UNDER ORDER 5 RULE 20 C.P.C

TAKE NOTICE THAT the above named petitioner has instituted this case against you for recording of the case land in favour of the petitioner and you have left the address without instructions for which notice Could not be served upon you. You are hereby directed to appear in person or by a pleader on 21 day of 04 2025 at 10 AM/PM to answer the claim. In default of your appearance, on the above mentioned date, the case will be determined in your absence.

Given under my hand and seal of this Court, this the 2nd day of April 2025.
Sd./- Addl. Commissioner (I), Settlement and Consolidation, Sambalpur D-4909

COURT OF ADDITIONAL COMMISSIONER (I), SETTLEMENT AND CONSOLIDATION, SAMBALPUR
Settlement Revision No. 52 Of 2023
Gani Chetty Krishna Murty
.....Petitioner
Versus
Dinabandhu Pati & Others
....Opposite Parties

To,
(1) Dinabandhu Pati, Son of Late Satyananda Pati, (2) Nirmal Chandra Pati, Son of Dinabandhu Pati, (3) Arbind Chandra Pati, Son of Dinabandhu Pati, (4) Arundhati Pati, Daughter of Dinabandhu Pati, (5) Digambar Pati, Son of Late Satyananda Pati, (6) Anand Chandra Pati, Son of Digambar Pati, (7) Sashi Bhusan Pati, Son of Digambar Pati, (8) Nalini Pati, Daughter of Digambar Pati, (9) Nirabini Pati, Daughter of Digambar Pati, (10) Saudamini Pati, Daughter of Digambar Pati & (11) Daitari Pati, Son of Late Satyananda Pati.
All are by Caste: Brahmin, Resident of Senhapali, P.O.- Chaurpur, P.S.- Burla, Tahasil and District.- Sambalpur.
...Opposite Parties

NOTICE UNDER ORDER 5 RULE 20 C.P.C.

TAKE NOTICE THAT the above named petitioner has instituted this case against you for recording of the case land in favour of the petitioner and you have left the address without instruction for which notice Could not be served upon you. You are hereby directed to appear in person or by a pleader on 21 day of 04, 2025 at 10A.M./ P.M. to answer the claim. In default your appearance, on the above mentioned date, the case will be determined in your absence.

Given under my hand and seal of this Court, this the 2nd day of April 2025.
Sd./- Addl. Commissioner (I), Settlement and Consolidation, Sambalpur D-040

# ରମାକାନ୍ତ ରଥଙ୍କ ପ୍ରଥମ ଗଳ୍ପ

ଅବଲୋକନ



ଫଣୀନ୍ଦ୍ର ଭୂଷଣ ନନ୍ଦ

ରମାକାନ୍ତ ରଥ (୧୩ ଡିସେମ୍ବର ୧୯୩୪-୧୬ ମାର୍ଚ୍ଚ ୨୦୨୫) ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ କବି। ପ୍ରାକୃତିକ ଓଡ଼ିଶାର ଜହ୍ନ ଆଲୁଅ, ଅସରନ୍ତି ପାହାଡ଼, ପରିବ୍ୟାପ୍ତ ସମୁଦ୍ର ମଧ୍ୟରେ ବିଛାଡ଼ି ହୋଇଥିବା ବୈଚିତ୍ର୍ୟମୟ ଅନ୍ଧାର ଭିତରେ ଦିଶୁଥିବା ଆକାଶର ଦୃଶ୍ୟ ହିଁ ତାଙ୍କର ସାରସ୍ୱତ ସୃଷ୍ଟି। କବିତା ଲେଖି ସେ ଯେତିକି ଚର୍ଚ୍ଚିତ, ସେ ତୁଳନାରେ ଗଳ୍ପସୃଷ୍ଟି ତାଙ୍କର ପାଠକୀୟ ସମ୍ବେଦନା ଆକର୍ଷଣରେ ସଫଳ ହୋଇନାହିଁ। ଏହାର ମୁଖ୍ୟ କାରଣ- ଗଳ୍ପଗୁଡ଼ିକର ଅପ୍ରାପ୍ତି ଏବଂ ଏହାର ନିରପେକ୍ଷ ବିଶ୍ଳେଷଣ। ତାଙ୍କ କବିତ୍ୱର ପରାକାଷ୍ଠା ଗାଳ୍ପିକର ଔଜ୍ଜ୍ୱଲ୍ୟକୁ ସ୍ତିମିତ କରିଦେଇଛି। ଓଡ଼ିଆ କବିତାର ଜଣେ ଅବିସ୍ମରଣୀୟ କବିଭାବେ ସେ ସର୍ବସ୍ୱୀକୃତ। ତାଙ୍କର ସାରସ୍ୱତ ସାଧନା ପ୍ରାୟ ଗତ ଶତାବ୍ଦୀର ଷଷ୍ଠ ଦଶକରୁ ଆରମ୍ଭ ହୋଇଛି। ସେ ସ୍କୁଲ ଓ କଲେଜରେ ଅଧ୍ୟୟନ କଲାବେଳେ ସାରସ୍ୱତ ସୃଷ୍ଟି ପ୍ରତି ମନୋନିବେଶ କରିଛନ୍ତି। ୧୯୬୨ରେ ତାଙ୍କର କବିତା ସଂକଳନ 'କେତେଦିନର' ପ୍ରକାଶ ପାଇ ଓଡ଼ିଆ ପାଠକଙ୍କୁ ମୁଗ୍ଧ ଚକିତ କରିଥିଲା। ତାଙ୍କ କାବ୍ୟସ୍ୱରର ସ୍ୱକୀୟତା ତୀବ୍ର ଓ ଦାର୍ଶନିକ ନିର୍ଲିପ୍ତତାରେ କାବ୍ୟ ପାଠକଙ୍କୁ ଆକୃଷ୍ଟ କରିଥିଲା।

ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ମେଘ ଓ ଅନ୍ୟାନ୍ୟ ଗଳ୍ପ' ୨୦୦୨ରେ ଗ୍ରନ୍ଥାଳୟ, ଭୁବନେଶ୍ୱର ଦ୍ୱାରା ପ୍ରକାଶ ପାଇ ଓଡ଼ିଆ ସାରସ୍ୱତ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଅଜସ୍ର କଳାତ୍ମକ କବିତାର ସ୍ରଷ୍ଟା ରମାକାନ୍ତ ରଥଙ୍କ ଏହି ସଂକଳନରୁ ୧୫ଗୋଟି ଗଳ୍ପର ସ୍ୱାଦ ଓଡ଼ିଆ ପାଠକେ ଲାଭ କରିଥିଲେ। ତାଙ୍କର ଏହି ପ୍ରଥମ ଓ ଶେଷ ଗଳ୍ପ ସଂକଳନଟି ଯେଉଁପରି ଚାଞ୍ଚଲ୍ୟ ସୃଷ୍ଟି କରିଥିଲା, ସେତେ ପରିମାଣରେ ସମାଲୋଚକୀୟ ଦୃଷ୍ଟି ଆକର୍ଷଣ କରିପାରି ନ ଥିଲା। କାଁ ଭାଁ କେଉଁଠି ତାଙ୍କ ଗଳ୍ପ ରଚନାର ସୂଚନା ବ୍ୟତିରେକେ ତା'ର ସୃଷ୍ଟିଭୂମିର ନିବିଡ଼ ଅଧ୍ୟୟନ କୌଣସି ଆଲୋଚକ କରିଥିବାର ଏହି ଲେଖକର ଦୃଷ୍ଟିକୁ ଆସିନାହିଁ। ୧୯୫୧(?)ରୁ ଗଳ୍ପ ଲେଖା ଆରମ୍ଭ କରିଥିବା ଏହି କୃତବିଦ୍ୟ ସାଧକଙ୍କର ପ୍ରଥମ ଗଳ୍ପ ସଂକଳନ ୨୦୦୨ରେ ପ୍ରକାଶ ପାଏ। ଏହି ପୁସ୍ତକର ଭୂମିକା 'ଏ ବାଟ ଅମଡ଼ା ବାଟ'ରେ ରମାକାନ୍ତ ସ୍ୱୀକାର କରନ୍ତି, "ମୁଁ ଗଳ୍ପ ଲେଖକ ନୁହେଁ। କଲେଜ ମାଡ଼ିବାର କେତେଦିନ ପରେ ଲେଖିବା ଆରମ୍ଭ କଲି। ସେତେବେଳେ କବିତା ଓ ଗଳ୍ପ ଉଭୟ ଲେଖୁଥିଲି। ଦୁଇ-ତିନିବର୍ଷ ପରେ ମୋର ହୃଦ୍‌ବୋଧ ହେଲା ଯେ ଗୋଟିଏ ମାଧ୍ୟମ ପାଇଁ ବି ମୋର ସାମର୍ଥ୍ୟ ନାହିଁ। ଗୋଟିଏକୁ ନ ଛାଡ଼ିଲେ ମୋର ଅବସ୍ଥା ଦୁଇ ନାଆରେ ଗୋଡ଼ ରଖିଥିବା ଲୋକର ଅବସ୍ଥା ପରି ହେବ। x x x ବହୁତ ବର୍ଷର ବ୍ୟବଧାନ ପରେ, ୧୯୭୭ ମସିହାରେ, ଏ ସଂକଳନର ପ୍ରଥମ ଗଳ୍ପ (ମହିଷାସୁର ବଧ) ଲେଖିଲି। ତା'ପରେ, ମଝିରେ ମଝିରେ ଯେଉଁ କେତୋଟି ଗଳ୍ପ ଲେଖିଥିଲି ସେଗୁଡ଼ିକ ଏ ସଂକଳନର ଅନ୍ତର୍ଭୁକ୍ତ।" (ଏ ବାଟ ଅମଡ଼ା ବାଟ)

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ତାଙ୍କ ସମ୍ପାଦିତ 'ପ୍ରଜ୍ଞା' ଦୋଳ-୧୯୭୭ ସଂଖ୍ୟାରେ 'ମହିଷାସୁର ବଧ'କୁ ପ୍ରକାଶ କରି ସମ୍ପାଦକୀୟରେ ସ୍ୱୀକାର କରନ୍ତି, "x x x ଏହି ସଂଖ୍ୟାରେ ଆମେ କବି ରମାକାନ୍ତଙ୍କର ଗୋଟିଏ ଗଳ୍ପ ପ୍ରକାଶ କରୁଛୁ। ଏଇଟି ତାଙ୍କର ପ୍ରଥମ ଗଳ୍ପ। କବି ଭାବରେ ରମାକାନ୍ତଙ୍କର ଦକ୍ଷତା ଏହି ଗଳ୍ପରେ ଅତୁଟ ରହିଛି ବୋଲି ଆମର ବିଶ୍ୱାସ। ଆଶା ରମାକାନ୍ତଙ୍କର ଗୁଣମୁଗ୍ଧ ପାଠକମାନେ ଏହି ଗଳ୍ପରେ ତାଙ୍କର ଏକ ନୂତନ ଦିଗ ଆବିଷ୍କାର କରି ଆନନ୍ଦିତ ହେବେ।" (ସମ୍ପାଦକୀୟ) ଏହି ଦୁଇଟି ଘୋଷଣାରୁ ଜଣାଯାଏ, ରମାକାନ୍ତ 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ର ପ୍ରଥମ ଗଳ୍ପ 'ମହିଷାସୁର ବଧ'କୁ ୧୯୭୭ରେ ଲେଖିଥିଲେ। ଯତୀନ୍ଦ୍ର ମୋହନଙ୍କ ସମ୍ପାଦକୀୟରେ କିନ୍ତୁ 'ମହିଷାସୁର ବଧ'କୁ ରମାକାନ୍ତଙ୍କର ପ୍ରଥମ ଗଳ୍ପ ବୋଲି ଘୋଷଣା କରାଯାଇଛି।

ରମାକାନ୍ତଙ୍କର 'ମହିଷାସୁର ବଧ' ସମେତ ୧୫ଗୋଟି ଗଳ୍ପ 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ର ପ୍ରଥମ ସଂସ୍କରଣ ୨୦୦୨ରେ ସ୍ଥାନିତ ହୋଇଛି। ଏଥିରେ ମହିଷାସୁର ବଧ, ଗୁରୁ, ସ୍ୱାଧୀନ ଚିନ୍ତା, କସ୍ତୁରୀମୃଗ, ରକ୍ଷୀ, ମିତ୍ର, କର୍ମବନ୍ଧନ, ଉତ୍ସର୍ଗପତ୍ର, ଝିଅ, ସୁନାହାର, ସୁପ୍ରଭା, ଜୀବନଦାନ, ଏକପାଖିଆ ବାଟ, ମେଘ ଓ ବିଦାୟ ଗଳ୍ପ ଅନ୍ତର୍ଭୁକ୍ତ। ୨୦୧୬ରେ କଟକର ଅଗ୍ରଦୂତ ପ୍ରକାଶନ ସଂସ୍ଥା ଏହି ପୁସ୍ତକର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରି ସେଥିରେ ୨୧ଗୋଟି ଗଳ୍ପ ସ୍ଥାନିତ କରନ୍ତି। ପ୍ରଥମ ସଂସ୍କରଣରେ ପ୍ରକାଶିତ ୧୫ଟି ଗଳ୍ପ ସହିତ ନୂତନ ଭାବରେ ୬ଗୋଟି ନୂଆ ଗଳ୍ପ ସଂଯୋଜିତ ହୋଇଛି। ସେଗୁଡ଼ିକ ହେଲା- ତୁ ଥା' ମୁଁ ଯାଉଚି ଚାଲି, ଦୂରରୁ ଦୂରରୁ, ମିଛୋଇ, ପ୍ରେମିକ, ପ୍ରେମିକା, ଚାରୁବାଳା ପ୍ରଭୃତି। ୨୦୨୩ରେ ବ୍ଲାକ୍ ଈଗଲ୍ ବୁକ୍‌ସ, ଭୁବନେଶ୍ୱର 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ର ଏକ ସଂକଳନ ପ୍ରକାଶ କରିଛନ୍ତି, ଯେଉଁଥିରେ ପ୍ରଥମ ସଂସ୍କରଣର ୧୫ଗୋଟି ଗଳ୍ପ ସ୍ଥାନିତ ହୋଇଛି। ଏ ତିନୋଟି ସଂସ୍କରଣର ପ୍ରକାଶକ୍ରମ ଓ ସ୍ଥାନିତ ଗଳ୍ପକୁ ନେଇ ପାଠକ ମନରେ ଅନେକ ଦ୍ୱିଧା ସୃଷ୍ଟି ହୋଇଥାଏ। ଏତଦ୍‌ଭିନ୍ନ ଫେସ୍‌ବୁକ୍ ମାଧ୍ୟମରେ ଅନେକ ଆଲୋଚକ ବିଭ୍ରାନ୍ତିକର ମନ୍ତବ୍ୟ ପ୍ରଦାନ କରି ଏ ପ୍ରସଙ୍ଗକୁ ଆହୁରି ରହସ୍ୟମୟ କରିଦିଅନ୍ତି। ସେ ଯାହାହେଉ, ଏହି ତିନୋଟି ସଂସ୍କରଣ କ୍ରମରେ ଆମେ ନିଶ୍ଚିତ ହେବା ଯେ ରମାକାନ୍ତ ରଥଙ୍କର ଗଳ୍ପ ସଂଖ୍ୟା ୨୨। ତିନୋଟିଯାକ ସଂସ୍କରଣରେ ରମାକାନ୍ତଙ୍କର ସେହି ସମାନ ଭୂମିକାକୁ ସ୍ଥାନିତ କରାଯିବା ଛଡ଼ା ଗଳ୍ପ ଓ ପ୍ରକାଶନ ସମ୍ପର୍କରେ ଅନ୍ୟ କୌଣସି ସୂଚନା ପ୍ରକାଶକମାନେ ଦେଇନାହାନ୍ତି।

ରମାକାନ୍ତ ପୁସ୍ତକର ଭୂମିକାରେ ଏ ସଂକଳନର ପ୍ରଥମ ଗଳ୍ପରୂପେ 'ମହିଷାସୁର ବଧ'କୁ ସ୍ୱୀକାର କରିଥିବା ଏବଂ ଯତୀନ୍ଦ୍ର ମୋହନ ମହାନ୍ତି ଏହାକୁ ତାଙ୍କର ପ୍ରଥମ ଗଳ୍ପଭାବେ ଘୋଷଣା କରିବା ଓଡ଼ିଆ ପାଠକଙ୍କୁ ବିଭ୍ରାନ୍ତ କରିଥାଏ। ଏଠାରେ ରମାକାନ୍ତ ରଥଙ୍କର ସମୟାନୁକ୍ରମେ ପ୍ରକାଶିତ କିଛି ପ୍ରାରମ୍ଭିକ ଗଳ୍ପ ସମ୍ପର୍କରେ ସାମାନ୍ୟ ସୂଚନା ପ୍ରଦାନ କରାଯାଉଛି।

ରମାକାନ୍ତ ରଥଙ୍କର ଏ ଲେଖକର ଦୃଷ୍ଟିକୁ ଆସିଥିବା ପ୍ରଥମ ଗଳ୍ପ ହେଲା ୧୯୫୧ ଡିସେମ୍ବର 'ଡଗର'ରେ ପ୍ରକାଶିତ 'ସିଷ୍ଟର' ଗଳ୍ପ। ଏତଦ୍‌ଭିନ୍ନ ସେହି 'ଡଗର'ରେ ୧୯୫୨ରେ ପ୍ରକାଶିତ ସହାନୁଭୂତି, ପ୍ରେମର ବୀଜସୂତ୍ର, ଲିଚେଷ୍ଟରର ହତଭାଗା ଯୁବକ ପ୍ରଭୃତି ଗଳ୍ପ ପ୍ରକାଶିତ। 'ଆସନ୍ତାକାଲି' ପତ୍ରିକାରେ ୧୯୫୧ ମସିହାର ବିଭିନ୍ନ ସଂଖ୍ୟାରେ ତାଙ୍କର କେତୋଟି ଗଳ୍ପ ପ୍ରକାଶିତ। ୧୯୭୭ ଏପ୍ରିଲ୍, ମେ ଓ ଜୁନ୍ ସଂଖ୍ୟା ସମାବେଶରେ ତାଙ୍କର 'ଏକ ସ୍ମରଣୀୟ ଦିବସ' ଗଳ୍ପ ପ୍ରକାଶିତ। ୧୯୮୦ ପାଞ୍ଚଜନ୍ୟ ରଥଯାତ୍ରା ବିଶେଷାଙ୍କରେ 'ଗଛ' ଶୀର୍ଷକରେ ତାଙ୍କର ଦୁଇଟି ଗଳ୍ପ ପ୍ରକାଶିତ। ଏ ସମସ୍ତଙ୍କୁ ତାଲିକାଭୁକ୍ତ କଲେ 'ମହିଷାସୁର ବଧ' (୧୯୭୭) ପୂର୍ବରୁ ରମାକାନ୍ତଙ୍କର ପ୍ରାୟ ୧୦ଗୋଟି ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। ୧୯୫୧ରୁ ମୃତ୍ୟୁ ପର୍ଯ୍ୟନ୍ତ ଚଳଚଞ୍ଚଳ ଥିବା ରମାକାନ୍ତଙ୍କ ଲେଖନୀରେ କେତେ ଯେ ଗଳ୍ପ ପ୍ରକାଶ ପାଇଥିବ ତା'ର ସୁମାରି କରିବା କଷ୍ଟସାଧ୍ୟ।







ରମାକାନ୍ତ ରଥଙ୍କ କବିତାର ସୃଷ୍ଟିଭୂମି ଭାବରେ ଗଳ୍ପଗୁଡ଼ିକୁ ଗ୍ରହଣ କରିନେବା ସର୍ବାଦୌ କର୍ତ୍ତବ୍ୟ। ତାଙ୍କ ଗଳ୍ପର ଆବେଦନ ଖୁବ୍ ତୀବ୍ର ଏବଂ ପ୍ରାଣବନ୍ତ। ତାଙ୍କ ଗଳ୍ପରେ ଜୀବନପ୍ରତି ଏକ ଦାର୍ଶନିକ ଦୃଷ୍ଟିଭଙ୍ଗୀ ପ୍ରକାଶ ପାଇବା ସହିତ ମାନସିକ ଚେତନାର ଚିତ୍ରମୟ ଅନ୍ଧାରିଗୁହାର ଆବିଷ୍କାର ଜଳଜଳ ହୋଇ ଦିଶିଥାଏ। ତାଙ୍କ ଗଳ୍ପରୁ ମୃତ୍ୟୁଚେତନା, ଅନ୍ଧାର ପ୍ରତି ପ୍ରେମ ଏବଂ ମାନବୀୟ ମାନସମନ୍ଥନର ଅପରୂପ ଔଜ୍ଜ୍ୱଲ୍ୟ ବିଚ୍ଛୁରିତ ହୋଇଥାଏ। ତାଙ୍କର କାବ୍ୟିକ ଠାଣି ଓ ଉତ୍କର୍ଷ ଗଳ୍ପର ବର୍ଣ୍ଣନାଭୂମିରେ ଦେଖାଦେଇଥାଏ। ତାଙ୍କ ଗଳ୍ପ ଓ କବିତାର ଆପେକ୍ଷିକ ତୁଳନା ଏକ ଭିନ୍ନ ପ୍ରସଙ୍ଗର ଅପେକ୍ଷା ରଖେ। ମାନବ ବ୍ୟକ୍ତିତ୍ୱର ବିଭିନ୍ନ ସ୍ତରର ଚିତ୍ରମୟ ଅଭିବ୍ୟକ୍ତି, ଅନୁଭୂତିର ବିଶ୍ଳେଷଣାତ୍ମକ ଅଭିବ୍ୟଞ୍ଜନା ତାଙ୍କ ଗଳ୍ପ ଓ କବିତାରେ ସମପରିମାଣରେ ଉପଲବ୍ଧ। ତାଙ୍କର ଗଳ୍ପଗୁଡ଼ିକ କବିତା ପରି ସୁଖପାଠ୍ୟ ଓ ମହନୀୟ ଆବେଗର ସାର୍ଥକ ଚିତ୍ରଲିପି। ଏଠାରେ କେବଳ ତାଙ୍କର ଏହି ଲେଖକ ଦ୍ୱାରା ଆବିଷ୍କୃତ ପ୍ରଥମ ଗଳ୍ପ 'ସିଷ୍ଟର' ସମ୍ପର୍କରେ ସାମାନ୍ୟ ଆଲୋକପାତ କରାଯାଉଛି। 'ସିଷ୍ଟର' ଗଳ୍ପର ନାୟିକା ମେରୀ ଡଗୁଲାସ୍ ଡାକ୍ତରଖାନାରେ ନର୍ସ କାମ କରନ୍ତି। ଆହତ ଓ ରୋଗଗ୍ରସ୍ତ ରୋଗୀମାନଙ୍କୁ ଚିକିତ୍ସା କରିବା, ସମବେଦନା ଜଣାଇବା ଏବଂ ମୃତ୍ୟୁମୁଖୀ ରୋଗୀକୁ ଜୀବନର ଅପୂର୍ବ ଆସ୍ୱାଦ ଆଣିଦେବା ମେରୀ ଡଗୁଲାସ୍‌ଙ୍କର ପରମ କର୍ତ୍ତବ୍ୟ। ନିଜ ଜଞ୍ଜାଳଗ୍ରସ୍ତ ଜୀବନ ଭିତରେ ଏବଂ ଡାକ୍ତରଖାନାର ତମସାଚ୍ଛନ୍ନ ନିର୍ଜନତା ଭିତରେ ଜଣେ ରୋଗୀ ନିଜର ନବଜାତ ଶିଶୁଟିକୁ ଆଗ୍ରହରେ ଛାତିକୁ କୋଳେଇ ନେଇଛି। ସେହି ଜନନୀ ଓ ଶିଶୁଟିର ଦୃଶ୍ୟ ସିଷ୍ଟରଙ୍କ ମନକୁ ଆନମନା କରିଛି। ତାଙ୍କ ମଧ୍ୟରେ ନାରୀତ୍ୱର ସ୍ୱାଭାବିକ ଶିହରଣ ପ୍ରକାଶ ପାଇଛି। ହୃଦୟର ନିଭୃତତମ ବୁଭୁକ୍ଷା ପ୍ରବଳତମ ହୋଇଛି। ସେ ଡକ୍ଟର ମହେନ୍ଦ୍ରଙ୍କଠାରୁ ଗୋଟିଏ ସନ୍ତାନ ସୃଷ୍ଟି ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏମିତି ଏକ ରହସ୍ୟମୟ ପୃଷ୍ଠଭୂମିରେ 'ସିଷ୍ଟର' ଗଳ୍ପ ପରିକଳ୍ପିତ ଓ ସିଦ୍ଧିପ୍ରାପ୍ତ। ରମାକାନ୍ତ ରଥଙ୍କର ଅନ୍ୟ କୌଣସି ପ୍ରାରମ୍ଭିକ ଗଳ୍ପ ଆବିଷ୍କାର ନ ହେବା ପର୍ଯ୍ୟନ୍ତ 'ମହିଷାସୁର ବଧ' ନୁହେଁ ବରଂ 'ସିଷ୍ଟର' ଗଳ୍ପକୁ ତାଙ୍କ ପ୍ରଥମ ଗଳ୍ପର ମାନ୍ୟତା ଦିଆଯାଇପାରେ।

ମୋ: ୯୪୩୭୨୫୬୧୭୬

## କବିତା

### ହୁଅନ୍ତା କି

ଶ୍ରୀଧର ପଟ୍ଟନାୟକ

ଏମିତି ବି ହୁଅନ୍ତା କି,
ଘଣ୍ଟା କଣ୍ଟା ପଛକୁ ଘୂରନ୍ତା
ପୁଣି ଫେରିଆସନ୍ତା ସେଇ ପିଲାବେଳ
ପ୍ରଜାପତି ଧରି ବୁଲନ୍ତି ବଗିଚାରେ,
ମନ କିନ୍ତୁ ଉଡ଼ିବୁଲନ୍ତା ନୀଳ ଆକାଶରେ!

ଏଇ ରିମ୍‌ଝିମ୍ ବର୍ଷାରେ,
ଓଦା ନ ହେବାର ଫତୱାରେ ବି
ବାପାଙ୍କ ହାତ ତିଆରି କାଗଜଡଙ୍ଗା
ଲଙ୍ଗର ପକାଇ ହାତ ଠାରି ଡାକନ୍ତା
ଗାଁ ଦାଣ୍ଡର ପାଣି ସୁଅରେ!

ସକାଳୁଆ ଚୁଡ଼ା ମୁଢ଼ି,
ଦି' ବେଳା ପାଠପଢ଼ା, ଗପଶୁଣା,
ସଂଧ୍ୟାର ଖେଳକୁଦ, ରବିବାର
ଚନ୍ଦ୍ରକାନ୍ତା,
ରେଡିଓରୁ କୋଠ ଭୋଗଖିଆ
ଶୁଣି ଶୁଣି ସମୟ ବିତିଯାଆନ୍ତା
ଖୁସି ମଉଜରେ!

ଆଉ ବେଳ କାହିଁ ଯେ,
ପରୀ କଥା ଶୁଣି ଶୁଣାଇବାକୁ,
ଘଣ୍ଟା କଣ୍ଟା ଘୂରୁଛି ତୀବ୍ର ବେଗରେ,
ଭଙ୍ଗା ଆଇନାଟା ଦେଖାଇଲା ବୟସ
ହାଉଲେ ହାଉଲେ ଦୁଇ ଦିନ ତଳେ!

ମୁହଁରେ ରଙ୍ଗ ମାଖୁଥିଲି,
ଦୁଇକେରା ଶୁଭ୍ର କେଶ ହସୁଥିଲା;
ଗଣ୍ଡିହୀନ ବେଲାଳସେନର
ମୁଣ୍ଡ ଉପରେ!

ମୋ: ୮୨୪୯୧୨୧୦୬୦

### ମିଛେଇ ପ୍ରେମିକା

ନରେଶ ମଣ୍ଡଳ

ସାରା ଆକାଶରେ
ଲୋଟିଛି ଦେଖୁଛ
ମାୟା ମେଘର ଫର୍ଦ୍ଦ

କୁଆଁରୀ ବୋହୂଟା ତରତର ହୁଏ
ମାଡ଼ି ଆସିଲାଣି
ଛାୟା ଆଲୁଅରେ
ନମ୍ର ଗୋଧୂଳି ସଞ୍ଜ

ରାତିର ଗଭାରେ
ବାରି ହୋଇଯାଏ
ଉଛୁଳା ଆବେଗ ଗନ୍ଧ

ସବୁ ସ୍ମୃତି ତା'ର
ମାୟାରେ ବୁଡ଼ିଛି
ଖୋଜୁଛି ସେ ଏଠିସେଠି
ଉଚ୍ଛନ୍ନ ମୁକୁଳା ଛନ୍ଦ।

ମୋ: ୯୪୩୮୩୨୧୪୫୪

### ସମ୍ପର୍କ

ଦୀପ୍ତି ମିଶ୍ର

ସମ୍ପର୍କ...
କେବେ ସ୍ୱପ୍ନାବିଷ୍ଟ ମଧୁର ରାତ୍ରିରେ
ଚନ୍ଦ୍ରମାର ଶୀତଳତାରେ ଭିଜା
ମୁଠାଏ ଅନୁରାଗର ବର୍ଷା,
କେବେ ପୁଣି ବିନିଦ୍ର
ରଜନୀରେ ଦୁଇ ନୀରବ
ହୃଦୟ ମଧ୍ୟରୁ ଝରି ଆସୁଥିବା
ମୁଗ୍ଧା ଶ୍ରାବଣୀର ଭାଷା...

ସମ୍ପର୍କ...
କେବେ ଭାବାବେଗର
ଶବ୍ଦାବଳୀରେ ଗୁନ୍ଥା
ପୁଳାଏ ବଉଳା ସ୍ନେହ,
କେବେ ପୁଣି ଆତ୍ମୀୟତାର
ନିଭୃତ କୋଣରୁ
ନିଗିଡ଼ି ପଡୁଥିବା ବୁନ୍ଦାଏ ଲୁହ...

ମୋ: ୯୪୩୮୪୦୪୩୦୮

ଗୀତି-କବିତା

### ପେନ୍ଥାଏ ପ୍ରୀତିଫୁଲ

ସୁଜିତ୍ କୁମାର ମିଶ୍ର

ବାସହୀନ ଏଇ ପ୍ରେମିକ ଜୀବନ
ଗିରିଷମ ତାତି ପରି,
ପ୍ରୀତିଫୁଲେ ତମ ସଜାଇଲେ ମୋତେ
ହୁଅନ୍ତି ଶ୍ରାବଣପୁରୀ।

ତମେ ଶ୍ରାବଣରେ ଭିଜା ମନ ମୁଁ ଯେ
ଶିହରିତ ସ୍ୱପ୍ନ ଗୀତି,
ତମ ବିନା ସବୁ ମଧୁର ଆବେଗ
ମିଛିମିଛି ମେଘରାତି।

ଛାତି ତଳେ ତମ ଲୁଚିଛି ଯାହା ବି
ଖାଲି ମେଞ୍ଚା ମେଞ୍ଚା ଲୁହ,
ସେସବୁ ମୋ' ପାଇଁ ନିର୍ମମ ଯାତନା
କେବେ ପୁଣି ମିଠା ମୋହ।

ବାରମ୍ବାର ତମେ ହୁଅ ଯେବେ ଏଠି
ହୃଦେ ବିରହିଣୀ ରାଧା,
ମନ ଯମୁନା ମୋ' ମୌନଗୀତ ସୁରେ
ଉଛୁଳେ ଲଙ୍ଘି ସେ ବାଧା।

କଥାରେ ତମର ମିଠା କଳରବ
ମୋ' ପାଇଁ କାଉଁରୀ ପ୍ରୀତି,
ବୋଧେ ସେଥିପାଇଁ ଚାହୁଁ ଚାହୁଁ ମୁହିଁ
ଛୁଏଁ ତମ ଉପସ୍ଥିତି।

ନଦିଅ ପଛକେ ନୀଳ ଜହ୍ନରାତି
ଅବା ନୀଳ ଶାଢ଼ି ଭାବ,
କିନ୍ତୁ ତମ ଲୁହ ମୋ' ସାଥିରେ ଥିଲେ
ଲକ୍ଷେ ପଦ୍ମ ବଇଭବ।

ଜାଣତରେ ଅବା ଅଜାଣତେ ମୋର
ଏକ ହିଁ ଚାହାଣି ତମେ,
ସେଇଠୁ ଲମ୍ବିଛି ଆମ ଏ କାହାଣୀ
କୋହର କଦମ୍ବ ବନେ।

ମୋ: ୭୬୮୩୮୬୭୭୪୨

## ପୁସ୍ତକ ପରିଚୟ

### ବ୍ରହ୍ମାଙ୍କ ନିଦ୍ରାଭଙ୍ଗ




**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୨୫/-

ଆଲୋଚ୍ୟ ଗଳ୍ପ ସଂକଳନରେ ମୋଟ ୧୬ଟି ଗଳ୍ପ ସ୍ଥାନିତ। 'ଉପକ୍ରମଣିକା'ରେ ଗାଳ୍ପିକ ଲେଖିଛନ୍ତି: "ଗୀତାନୁସାରେ ବ୍ରହ୍ମାଙ୍କ ଦିନ ଓ ରାତି ମିଶିଲେ ଗୋଟିଏ କଳ୍ପ ସୃଷ୍ଟି ହୁଏ। ବ୍ରହ୍ମାଙ୍କ ଦିନରେ ସୃଷ୍ଟିର ଉନ୍ମେଷ ଓ ଜୀବନ ସଞ୍ଚାର ହୁଏ। ରାତିରେ ଏହି ସୃଷ୍ଟିର ବିଲୟ ବା ବିନାଶ ଘଟିଥାଏ। × × ବ୍ରହ୍ମାଙ୍କ ଚେତନ ଅବସ୍ଥା × × ଦୃଶ୍ୟମାନ ଓ ଅଦୃଶ୍ୟ ବାସ୍ତବତାର ପ୍ରତିଫଳନ। ଏହା ମଣିଷର କ୍ଷଣଭଙ୍ଗୁର ସଂସାରର ଧନ ସମ୍ପତ୍ତି, କ୍ଷମତା ଓ ପଦପଦବୀ ମୋହରୁ ମୁକ୍ତ ହୋଇ ଏକ ଅନ୍ତହୀନ, ନିରନ୍ତର ଜୀବନର ସତ୍ୟ ଦିଗରେ ଅନୁଧାବନ କରାଏ।" ସୁତରାଂ ରମେଶଙ୍କ ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକରେ ଜୀବନର ଏହି ଅଳୀକତାକୁ ଦୃଷ୍ଟିରେ ରଖି ଜୀବନାନୁଭୂତିର ସ୍ୱରୂପ ପ୍ରଦର୍ଶିତ ହୋଇଛି। ବହିରେ ଥିବା 'ସ୍ମୃତିରେଖାର ପେଡ଼ି', 'ଉତ୍ତରାଧିକାରୀ', 'ପଶ୍ଚିମ ଦୁଆର', 'ବ୍ରହ୍ମାଙ୍କ ନିଦ୍ରାଭଙ୍ଗ', 'ସାଆନ୍ତାଣୀଙ୍କ ନିଜଲୋକ', 'ଫାଳେ ନଦୀ, ପୁଳାଏ ମାଟି', 'ଢୋକେ ପିଇ, ଦଣ୍ଡେ ଜିଇଁ', 'ଶ୍ୟାମଳୀର ରାତି', 'ଲକ୍ଷ୍ମୀ-ବିଷ୍ଣୁ ସମ୍ବାଦ' ଓ 'ରେବତୀ ସହ କିଛି ବର୍ଷ' ଆଦି ଗଳ୍ପଗୁଡ଼ିକ ଆକାରରେ ମଧ୍ୟମ ଧରଣର, ଅଥଚ ଆବେଦନରେ ଅନ୍ତଃସ୍ପର୍ଶୀ। 'ବ୍ରହ୍ମାଙ୍କ ନିଦ୍ରାଭଙ୍ଗ' ପୁସ୍ତକର ଶୀର୍ଷକ ଗଳ୍ପଟି ବ୍ୟଙ୍ଗାତ୍ମକ, ଯହିଁରେ ସାମ୍ପ୍ରତିକ ରାଜନୀତି ଓ ଶାସନ ବ୍ୟବସ୍ଥାକୁ ବିଦ୍ରୂପ କରାଯାଇଛି, ତାହା ପୁଣି ଅତି ସଫଳ ଢଙ୍ଗରେ। ଗଳ୍ପର ଆରମ୍ଭ ବାକ୍ୟ 'ସୂର୍ଯ୍ୟୋଦୟର ଦ୍ୱିତୀୟ ପ୍ରହରରେ ନିଦରୁ ଉଠିଲା ରାଜା' ଓ ଶେଷ ବାକ୍ୟ "ବ୍ରହ୍ମା ନିଦରୁ ଉଠିଲେ ଓ ଉଚ୍ଚାରଣ କଲେ: ଦା... ବତ୍ତା .... ଦୟାଧ୍ୱାମ୍, ଦମ୍ୟତା..."। ଏଇଥିରେ ଅଛି ଗଳ୍ପାଭିବ୍ୟକ୍ତିର ମଞ୍ଜି। ଆଶା ପୁସ୍ତକଟି ପାଠକ ମନ ଓ ଚେତନାକୁ ସାର୍ଥକ କରିବ।

### ଜହ୍ନରାତିର ଛାଇ




**କବି:** ଅରୁଣ କୁମାର ସାହୁ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୫/-

'ଉତ୍ସର୍ଗ'ରେ କବି ତାଙ୍କ ସମଗ୍ର କବିତା (ଯାହା ଆଲୋଚ୍ୟ ପୁସ୍ତକରେ ସ୍ଥାନିତ)ର ସାରମର୍ମକୁ ଉଜାଗର କରିଛନ୍ତି ଏହିପରି: "ଅନୁଭବ କରିଥିବା ଅନେକ ପ୍ରେମ, ଯାହା ତମାମ ଜୀବନ କାଳ ଭିତରେ ଅପ୍ରକାଶ ରହିଯାଏ ଓ ପାଇଥିବାର ହିସାବରେ ବି ଆସିପାରେ ନାହିଁ, ସେହିସବୁ ଅମୃତ ମୁହୂର୍ତ୍ତ ଓ ଅମର୍ତ୍ତ୍ୟ ପ୍ରେମିକାଙ୍କର ଚରଣ ବନ୍ଦନାରେ ମୋର ଏ ପ୍ରେମର କବିତା"। 'ମୁଖବନ୍ଧ'ରେ ପୁଣି କହନ୍ତି: "ଏଇ ସବୁ ପ୍ରେମ ବାରମ୍ବାର ଆସିଛନ୍ତି ମୋ' ଦୁଆରକୁ ଓ ଅନେକ ଅନେକ ଅପେକ୍ଷା ପରେ ପୁଣି ଫେରି ଯାଇଛନ୍ତି ସେମାନଙ୍କ ସଂସାରକୁ। ଭୁଲିନାହିଁ ସେମାନଙ୍କୁ ମୁଁ। ସେଦିନ ବି ଆଜି ବି।" ସୁତରାଂ କବି ଓ ପ୍ରେମ ମଧ୍ୟରେ ନିଭୃତ, ଏପରିକି କେବେ କେବେ ପ୍ରକାଶ୍ୟ ସାକ୍ଷାତ୍କାର ଗ୍ରନ୍ଥସ୍ଥ କବିତାଗୁଡ଼ିକର ଉପଜୀବ୍ୟ। ଏଥିରେ ଥିବା 'ବୈଶାଖର ଜହ୍ନରାତି', 'ଶରତର ଜହ୍ନରାତି', 'ବସନ୍ତର ଜହ୍ନରାତି' ଓ 'ଶ୍ରାବଣର ଜହ୍ନରାତି', 'ଅମିଠା ଚାହା', 'ଚତୁର୍ଦ୍ଦଶୀର ଜହ୍ନ', 'ପଚାଶ ଫଗୁଣର ପ୍ରେମିକା', 'ଆସୁନାହଁ ତୁମେ ଜମା କେତେଦିନ ଧରି', 'ଜଙ୍ଗଲରେ ପ୍ରେମ', 'ତାରାଭରା ଆକାଶ ତଳେ ମହୁଲ ଫୁଲର ଖୁସ୍‌ବୁ', 'ବିଗତ ପ୍ରିୟାର ଗାଁ', 'ପୁରୀ ବେଳାଭୂମି', 'ତୁମ ପାଦଚିହ୍ନ ଚିହ୍ନି ଚିହ୍ନି', 'ଧୂପ' ଓ 'ଆମ ଗାଁ ଜହ୍ନରାତି' ଭଳି କବିତା ଅନୁଭବର ଏକ ଏକ ପବିତ୍ର ଦଲିଲ। ଅନେକ କବିତାରେ କବି ଗୀତି-ମାଧୁର୍ଯ୍ୟର ଯେଉଁ ଆବହ ତୋଳିଛନ୍ତି, ତାହା ଚିର ଅଭୁଲା। ଯଥା: "ଦେଇଗଲ ସିନା ପ୍ରୀତିର ବାରତା/ ଆଜି ମୋର ଏହି ମରମେ/ ତା' ନୀଳ ଆଖିର/ ଦରିଆରେ ବୁଡ଼ି/ ମରେ ମୁହିଁ ଆଜି ସରମେ।" (ଶ୍ରାବଣ ଗୋ ତୁମେ ସାକ୍ଷୀ)। ପୁସ୍ତକଟି ପ୍ରେମ ପରି ଶାଶ୍ୱତ, ଜୀବନ ପରି ଅଛିଣ୍ଡା।

## କାଳକାଳକୁ



"ବହି କିଛି କହିବାକୁ ଚାହେଁ।
ତୁମ ପାଖରେ ରହିବାକୁ ଚାହେଁ।
ତୁମେ କ'ଣ ଶୁଣିବ ନାହିଁ ବହିର କଥା?"

-ସଫଦର ହାସମୀ

**ସଫଦର ହାସମୀଙ୍କ** ଜନ୍ମ ୧୨ ଏପ୍ରିଲ୍ ୧୯୫୪ରେ ନୂଆଦିଲ୍ଲୀରେ ଓ ମୃତ୍ୟୁ ୨ ଜାନୁଆରୀ ୧୯୮୯ରେ, ମାତ୍ର ୩୪ ବର୍ଷ ବୟସରେ। ଭାରତର ଏହି ବାମପନ୍ଥୀ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ପଥପାର୍ଶ୍ୱ ନାଟକ ରଚନା ଓ ଅଭିନୟ ପାଇଁ ଦେଶର କୋଣ ଅନୁକୋଣରେ ବିଖ୍ୟାତ। ସେ ଏକାଧାରରେ ଲେଖକ, ଅଭିନେତା ଓ ନାଟ୍ୟତତ୍ତ୍ୱ ବିଶାରଦ। ଆଜି ବି ତାଙ୍କୁ ଭାରତୀୟ ରାଜନୈତିକ ନାଟ୍ୟଧାରାର ଜଣେ ପ୍ରମୁଖ ସ୍ୱର ଭାବେ ଗଣାଯାଏ। 'ଜନନାଟ୍ୟମଞ୍ଚ'ର ସେ ଥିଲେ ପ୍ରତିଷ୍ଠାତା ସଭ୍ୟ। ୧୯୮୯ରେ ଝଣ୍ଡାପୁରରେ 'ହଲ୍ଲାବୋଲ' ନାଟକର ପଥପ୍ରାନ୍ତ ପରିବେଷଣ କାଳରେ ତାଙ୍କୁ ହତ୍ୟା କରାଯାଏ।

## ଅପରାହ୍ଣର ଅବସୋସ

ଲଘୁ ଗଳ୍ପ

ରାଜେଶ କୁମାର ବାରିକ

ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଜୁଳି ବି କଟିଯାଇଛି। ହାତରେ ହାତପଙ୍ଖାଟିଏ ଧରି ବାରିପଟକୁ ଅମ୍ବିକା ଦେବୀ ଟିକେ ଗଛମୂଳକୁ ଯିବା ସମୟରେ ପଛ ପାଖରୁ ଡାକ ଶୁଭିଲା- ମାଆ! ମାଆ! ଇନ୍‌ଭର୍ଟରଟା ଅନ୍ କରିଦେଇଛି। ଆସନ୍ତୁ ଘର ଭିତରକୁ, ଏସିଟା ବି ଚାଲୁ କରିଦେବି। ତୁମେ ବାରିପଟକୁ ଆସିଥିଲ ବୋଲି ଯଦି ସାନବାବୁ ଜାଣିବେ ମୋର ଚାକିରି ପୂରା ଖାଇଯିବେ।

ଏକଥା ସାନବାବୁ ଜାଣିବେ କିପରି, ସିଏ ତୋତେ କେତେବେଳେ କହିଲା ମୁଁ କାଇଁ ଜାଣିପାରିଲି ନାହିଁ!

ତାଙ୍କୁ କିଏ କହିବ ବା! ଏଇ ଘରର ଚାରି ପାଖରେ କେମେରା ସବୁ ଖଞ୍ଜି ଦେଇଛନ୍ତି। ସେ କ'ଣ କେମେରାରୁ ଦେଖିପାରୁ ନ ଥିବେ। ଗତକାଲି ଫୋନ୍‌ରେ ଭିଡିଓ କରି କଥା ହେଉଥିଲେ। ବୋହୂମା', କୁନିଛୁଆ ସମସ୍ତେ କଥା ହେଉଥିଲେ। ବୋହୂମା' ଆଉ ସାନବାବୁଙ୍କର ସବୁବେଳେ ଖାଲି ଗୋଟିଏ କଥା ମା'ବାପାଙ୍କର ଯେପରି କିଛି ଅସୁବିଧା ନ ହୁଏ, ସବୁବେଳେ ଧ୍ୟାନ ଦେବୁ। ନ ହେଲେ ଜାଣିଥିବୁ ଆଉ...!

ସେମାନେ କେବେ ଆସିବେ କିଛି କହୁଥିଲେ କି? ଉତ୍ତର ମିଳିଲା ନାହିଁ। ଅମ୍ବିକା ଦେବୀ ଆଉ କିଛି କହିବା ପୂର୍ବରୁ ଶୁଣିବା ପାଇଁ କେହି ନ ଥିଲେ। ମନ ଭିତରର ଅସୁମାରି ପ୍ରଶ୍ନ ସବୁ ମନ ଭିତରେ ଖାଲି ଦବି ହୋଇ ରହିଯାଉଥାଏ। ହେଲେ ନିରୁପାୟ ଅମ୍ବିକା ଦେବୀ। କିଛି ଗୋଟିଏ ଶବ୍ଦ ଶୁଣି ହଠାତ୍ ଚମକି ପଡ଼ିଲେ, ଟିଭିର ସୁଇଚ୍‌ଟା ବୋଧେ ବନ୍ଦ ହୋଇ ନ ଥିଲା। ତା' ସାଙ୍ଗକୁ ଏ ପକ୍ଷାଘାତୀ ବୁଢ଼ାଟା ବିଛଣା ଉପରୁ ଆରମ୍ଭ କରିଦେଲା।

କେହି ଟିଭିଟା ବନ୍ଦ କରରେ, ଯେତେବେଳେ ଦେଖିବ ଦିନରାତି ଚବିଶ ଘଣ୍ଟା ଖାଲି ରାଉରାଉ ହେଉଛି। ତାକୁ ତ ଟିକେ ଫୁର୍‌ସତ୍ ଦିଅ। ହେଇଟି ତୁମକୁ ଶୁଭୁଚି ନା ନାହିଁ। ପ୍ରଥମେ ଟିଭିଟା ବନ୍ଦ କରି ପାଣି ଗିଲାସେ ଆଣିଲ।



ଜୀବନର ଅପରାହ୍ଣରେ ଛିଡ଼ା ହୋଇଥିବା ଅମ୍ବିକା ଦେବୀ କିଛି ବି ଭାବି ପାରୁ ନ ଥିଲେ। ଏଇ ଟିଭି ତ ତାଙ୍କର ଏକମାତ୍ର ବଞ୍ଚିବାର ସାହାରା। ସେତକ ବି... ଛାଡ଼। ଚାଳଛପରରୁ ଶାନ୍ତି ମିଳିଲା ନାହିଁ ବୋଲି ଏସି ରୁମ୍ ତିଆରି କରାଗଲା। ଗାଁ ସ୍କୁଲରେ ଭଲ ପାଠ ପଢ଼ାଯାଉନାହିଁ ଭାବି ବିଦେଶୀ ସ୍କୁଲରେ ପାଠ ପଢ଼ାଗଲା। ଖାସ୍ ସେଇଥିପାଇଁ ତ ପୁଅ ବିଦେଶରେ ଥାଇ ମା'ବାପାଙ୍କର ଯତ୍ନ ନେଉଛି। ତା'ର କୁଆଡ଼େ ସମୟ ନାହିଁ!

ଅମ୍ବିକା ଦେବୀ ସ୍ୱାମୀଙ୍କ ହାତକୁ ପାଣିଗିଲାସ ବଢ଼ାଇ ଦେଇ କହିବାକୁ ଆରମ୍ଭ କରିଦେଲେ। ଜୀବନର ସବୁ ଖୁସିକୁ ଜଳାଞ୍ଜଳି ଦେଇ ପଇସା ରୋଜଗାର କଲ। ଛୁଆଟାକୁ ସମୟ ଦେଇପାରିଲ ନାହିଁ। ଏବେ ଛୁଆଟା ଗୋଟାପଣେ ତୁମରି ଗୁଣକୁ ଦେହରେ ଉତାରି ପକାଇଛି।

ଏସବୁ ତ ଖାଲି ତା'ରି ପାଇଁ ସାଇତି ରଖିଛି, ହେଲେ ସେ ମାନୁଛି କୋଉଠି। ପାକଳ ପତରଟିଏ, ଆଉବା କେତେଦିନ ଗଛଡାଳରେ ଝୁଲି ରହିବୁ। ଖାଲି ଟିକେ ପବନ ଲୋଡ଼ା। ଏଇ ଦେଖିପାରୁଛ, ପଶ୍ଚିମ ଆକାଶର ସୂର୍ଯ୍ୟକୁ, ପୂର୍ବାହ୍ଣର ତେଜ ଆଉ ତା' ଦେହରେ ନାହିଁ ଅପରାହ୍ଣରେ। ସିଏ ତ ପୁଣି କାଲି ସକାଳକୁ ଆସିଯିବ। ହେଲେ ଆମେ...! ଏତେ ପଇସା ଏତେ ସମ୍ମାନ ପାଖରେ ରଖି କରିବୁ କ'ଣ, ଯଦି ମରିବାବେଳକୁ ପୁଅ-ବୋହୂ, ନାତି-ନାତୁଣୀ ପାଖରେ ନ ରହିଲେ!

ଅମ୍ବିକା ଦେବୀ ନିଜ ପଣତରେ ସ୍ୱାମୀଙ୍କ ଲୁହକୁ ପୋଛି ଦେଇ କହିବାକୁ ଲାଗିଲେ- ହଁ, ଜୀବନରେ ଖାଲି ଏତିକି ତ ଅବସୋସ। ସେ କେବେ ପୂରା ହେବ ନାହିଁ।

ମୋ: ୯୯୩୮୬୨୨୩୩୬

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୫/୨୦୨୫ Bhubaneswar, Saturday, April 5/ 2025

# ଲକ୍ଷ୍ନୌର ଦ୍ୱିତୀୟ ବିଜୟ



ଶଟ୍ ଖେଳିବା ଅବସରରେ ମିଚେଲ ମାର୍ଶ।

**ଲକ୍ଷ୍ନୌ,୪।୪**

ଚଳିତ ଆଇପିଏଲ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ୧୨ ରନରେ ମୁମ୍ବାଇ ଇଣ୍ଡିଆ (ଏମ୍‌ଆଇ)କୁ ପରାସ୍ତ କରିଛି। ଏହା ଲକ୍ଷ୍ନୌର ଚତୁର୍ଥ ମ୍ୟାଚରେ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ମୁମ୍ବାଇ ଲାଗି ଏହା ଚତୁର୍ଥ ମ୍ୟାଚରେ ତୃତୀୟ ପରାଜୟ। ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୨୦ ଓଭରରେ ୮ ଉଇକେଟ ହରାଇ ୨୦୩ ରନ କରିଥିଲା। ଦଳ ପକ୍ଷରୁ ମାର୍ଶ ୩୧ ବଲରେ ୬୦ (୯ ଚୌକା ଓ ୨ ଛକା), ଏଡେନ ମାର୍କରାମ ୩୮ ବଲରେ ୫୩ (୨ ଚୌକା ଓ ୪ ଛକା), ଆୟୁଷ ବଦୋନୀ ୧୯ ବଲରେ ୩୦ (୪ ଚୌକା) ଓ ଡେଭିଡ ମିଲର ୧୩ ବଲରେ ୨୭ (୩ ଚୌକା ଓ ୧ ଛକା) ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୫ ଉଇକେଟ ସଫଳତା ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଗ୍ନେଶ ପୁଥୁର ଓ ଅଶ୍ୱନୀ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମୁମ୍ବାଇ ଖୁବ ଶସ୍ତାରେ ଦୁଇ ଓପନରଙ୍କୁ ହରାଇଥିଲା। ନମନ ଧିର ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୬୯ ରନ ଯୋଡ଼ିଥିଲେ। ବିସ୍ଫୋରକ ବ୍ୟାଟିଂ କରୁଥିବା ନମନ ୨୪ ବଲରେ ୪୬ (୪ ଚୌକା ଓ ୩ ଛକା) ରନ କରି ଆଉଟ ହୋଇଥିଲେ। ଏହାପରେ ତୀଲକ ବର୍ମାଙ୍କ ସହ ମିଶି ସୂର୍ଯ୍ୟକୁମାର ଦଳୀୟ ସ୍କୋରରେ ପଞ୍ଚମ ଉଇକେଟ ପାଇଁ ୬୬ ରନ ଯୋଡ଼ିଥିଲେ। ସୂର୍ଯ୍ୟକୁମାର ୪୩ ବଲରେ ୯ ଚୌକା ଓ ୧ ଛକା ସହିତ ୬୭ ରନ କରି ଆଉଟ ହୋଇଥିବା ବେଳେ ତୀଲକ ବର୍ମା ୨୩ ବଲରେ ୨୫ ରନ କରି ରିଟାୟର୍ଡ ଆଉଟ ହୋଇଥିଲେ। ଶେଷ ଆଡ଼କୁ ହାର୍ଦ୍ଦିକ ୧୬ ବଲରେ ୨ ଚୌକା ଓ ୧ ଛକା ସହିତ ୨୮ ରନ କରିଥିଲେ ମଧ୍ୟ ଦଳକୁ ଜିତାଇ ପାରିନଥିଲେ। ଲକ୍ଷ୍ନୌ ପକ୍ଷରୁ ଦିଗଭେଶ ସିଂ ରାଠୀ, ଆଭେଶ ଖାନ ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୦୩/୮ (ମିଚେଲ ମାର୍ଶ–୬୦, ଏଡେନ ମାର୍କରାମ–୫୩, ଆୟୁଷ ବଦୋନୀ–୩୦, ହାର୍ଦ୍ଦିକ ପାଣ୍ଡ୍ୟା–୫/୩୬, ଟ୍ରେଣ୍ଟ ବୋଲ୍ଟ–୧/୨୮, ବିଗ୍ନେଶ ପୁଥୁର–୧/୩୧)। ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୯୧/୫ (ସୂର୍ଯ୍ୟକୁମାର ଯାଦବ–୬୭, ନମନ ଧିର–୪୬, ହାର୍ଦ୍ଦିକ ପାଣ୍ଡ୍ୟା–୨୮, ଦିଗଭେଶ ସିଂ ରାଠୀ–୧/୨୧, ଆଭେଶ ଖାନ–୧/୪୦, ଶାର୍ଦ୍ଦୂଳ ଠାକୁର–୧/୪୦)।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ଚେନ୍ନାଇ ବନାମ ଦିଲ୍ଲୀ**

ସ୍ଥାନ: ଚେନ୍ନାଇ
ସମୟ: ଅପରାହ୍ନ ୩.୩୦

**ପଞ୍ଜାବ ବନାମ ରାଜସ୍ଥାନ**

ସ୍ଥାନ: ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୦୭୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୨ | ୨ | ୪ | +୦.୦୪୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | +୦.୧୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | –୦.୭୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | –୧.୧୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୧ | ୩ | ୨ | –୧.୬୧୨ |

# ରେଲୱେ ପୁରୁଷ, ମହାରାଷ୍ଟ୍ର ମହିଳା ଚାମ୍ପିୟନ



ପୁରୀରେ ଅନୁଷ୍ଠିତ ଜାତୀୟ ଖୋ ଖୋ ଚାମ୍ପିୟନ୍‌ଶିପ୍‌ରେ ପୁରୁଷ ବିଭାଗ ଚାମ୍ପିୟନ ରେଲ୍‌ୱେ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ଜାତୀୟ ସିନିୟର ଖୋ ଖୋ ଚାମ୍ପିୟନଶିପ୍

**ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)**

ପୁରୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପ୍ରଥମ ଥର ପାଇଁ ଆୟୋଜିତ ୫୭ତମ ଜାତୀୟ ସିନିୟର ଖୋ ଖୋ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ଖୋ ଖୋ ଆସୋସିଏଶନର ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଓଡ଼ିଶାରେ ଅନୁଷ୍ଠିତ ହୋଇଥିଲା। ପୁରୁଷ ବର୍ଗରେ ରେଲୱେ ଏବଂ ମହିଳା ବର୍ଗରେ ମହାରାଷ୍ଟ୍ର ଦଳ ଚାମ୍ପିୟନ ହୋଇ ଟ୍ରଫି ହାତେଇଛି।

ଅନ୍ତିମ ଦିବସର ପ୍ରାରମ୍ଭରେ ଓଡ଼ିଶା ଏବଂ ମହାରାଷ୍ଟ୍ର ମଧ୍ୟରେ ପୁରୁଷ ବିଭାଗ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାରାଷ୍ଟ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଖେଳି ମାତ୍ର ୨ପଏଣ୍ଟରେ ଜିତି ଫାଇନାଲରେ ପ୍ରବେଶ କରିଥିଲା। ପରେ ରେଲୱେ ଓ ମହାରାଷ୍ଟ୍ର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଲୱେ ଟିମ୍ ଜିତିବା ସହ ଚାମ୍ପିୟନ ହୋଇଛି। ସେହିପରି ମହିଳା ବିଭାଗର ଫାଇନାଲ ମ୍ୟାଚ୍ ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହାରାଷ୍ଟ୍ର ଦଳ ଓଡ଼ିଶାକୁ ହରାଇଥିଲା। ମହିଳା ବିଭାଗର ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ମହାରାଷ୍ଟ୍ର ୧ମ, ଓଡ଼ିଶା ୨ୟ, ଏଏଆଇ ୩ୟ, ଦିଲ୍ଲୀ ୪ର୍ଥ, କୋହ୍ଲାପୁର ୫ମ, ଗୁଜରାଟ ୬ଷ୍ଠ, କର୍ଣ୍ଣାଟକ ୭ମ ଏବଂ ଆନ୍ଧ୍ରପ୍ରଦେଶ ୮ମ ସ୍ଥାନରେ ରହିଛନ୍ତି। ସେହିପରି ପୁରୁଷ ବିଭାଗରେ ରେଲୱେ ୧ମ, ମହରାଷ୍ଟ୍ର ୨ୟ, କୋହ୍ଲାପୁର ୩ୟ, ଓଡ଼ିଶା ୪ର୍ଥ, କେରଳ ୫ମ, ପଶ୍ଚିମବଙ୍ଗ ୬ଷ୍ଠ, ଆନ୍ଧ୍ରପ୍ରଦେଶ ୭ମ ଏବଂ କର୍ଣ୍ଣାଟକ ୮ମ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ଆଠଟି ଦଳକୁ ଟ୍ରଫି ସହ ମାନପତ୍ର ଓ ପଦକ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ମହିଳା ବିଭାଗରେ ମହାରାଷ୍ଟ୍ରର ତନ୍‌ଭି ଘୋଷ୍‌ଲେଙ୍କୁ ରାଣୀ ଲକ୍ଷ୍ମୀବାଇ ଆୱାର୍ଡ୍ ଏବଂ ପୁରୁଷ ବିଭାଗରେ ରେଲୱେ ଦଳର ଟି. ଜଗନ୍ନାଥ ଦାସଙ୍କୁ ଏକଲବ୍ୟ ଆୱାର୍ଡ୍ ପ୍ରଦାନ କରାଯାଇଛି। ବେଷ୍ଟ ଆଟାକର ଭାବେ ମହିଳା ବିଭାଗରେ ମହାରାଷ୍ଟ୍ରର ରେଶ୍ମା ରାଥୋଡ ଓ ପୁରୁଷ ବିଭାଗରେ ରେଲୱେ ଦଳର ରାହୁଲ ମଣ୍ଡଳ, ବେଷ୍ଟ ଡିଫେଣ୍ଡର ଭାବେ ମହିଳା ବିଭାଗରେ ଓଡ଼ିଶାର ଅର୍ଚ୍ଚନା ମାଝି ଏବଂ ପୁରୁଷ ବିଭାଗରେ ମହାରାଷ୍ଟ୍ରର ଲକ୍ଷ୍ମଣ ଗୱାସଙ୍କୁ ଟ୍ରଫି ପ୍ରଦାନ କରାଯାଇଛି।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ସୁଧାଂଶୁ ମିତ୍ତଲ, ସମ୍ପାଦକ ଏମ୍.ଏସ୍. ତ୍ୟାଗୀ, ଟିମ୍ କୋଚ୍ ଅଶ୍ୱିନୀ ଶର୍ମା, ଓଡ଼ିଶା ଖୋ ଖୋ ସଂଘ ସଭାପତି ନାରାୟଣ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ